

‘ଧୁରନ୍ଧର’ର ସୁଟିଂ ସାରିଲେ ରଣବୀର

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-116 ◆THURSDAY ◆23 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୬ ◆ଗୁରୁବାର ◆୨୩ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କେରଳ ହେଲିପ୍ୟାଡ୍‌ରେ ଫସିଲା ରାଷ୍ଟ୍ରପତିଙ୍କ ହେଲିକପ୍ଟର



■ ଥିରୁଅନନ୍ତପୁରମ, ୨୨।୧୦ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କେରଳ ଗସ୍ତ ବେଳେ ତାଙ୍କର ହେଲିକପ୍ଟର ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ସବରିମାଲା ମନ୍ଦିର ଦର୍ଶନ ପାଇଁ ଯାଇଥିବା ରାଷ୍ଟ୍ରପତିଙ୍କ ହେଲିପକଟର ଏକ ନବନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଆଜି ଅବତରଣ କରୁଥିବା ବେଳେ ଫସିଯାଇଥିଲା। ଅବଶ୍ୟ ଏହି ଘଟଣାରେ ସେଭଳି କିଛି ବଡ଼ ଧରଣର କ୍ଷତି ହୋଇନାହିଁ ଓ ରାଷ୍ଟ୍ରପତି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଛନ୍ତି। ସେଠାରେ ଅବତରଣ କରିବା ପରେ ରାଷ୍ଟ୍ରପତି ସଡ଼କ ମାର୍ଗରେ ସବରିମାଲା ମନ୍ଦିର ଯାଇ ଦର୍ଶନ କରିଥିଲେ।

କେରଳର ପ୍ରମାଦାମ୍‌ସ୍ଥିତ ରାଜୀବ ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ବୁଧବାର ସକାଳେ ଏହି ଘଟଣା ଘଟିଥିଲା। ତରବରିଆ ଭାବେ ହେଲିପ୍ୟାଡ ତିଆରି କରାଯାଇଥିଲା। କଂକ୍ରିଟ ସଂପୂର୍ଣ୍ଣ ଭାବେ ଜମି ନଥିଲା ଓ ଟାଣ ହୋଇ ନଥିଲା। ତେଣୁ ହେଲିକପ୍ଟର ଓହ୍ଲାଇଲା ବେଳେ ଏହାର ଓଜନକୁ ସମ୍ଭାଳିପାରି ନଥିଲା। ଫଳରେ ହେଲିକପ୍ଟର ଗୋଟିଏ ପଟକୁ ଧସିଯାଇଥିଲା। ହେଲିକପ୍ଟରର ଭୂମିକୁ ଛୁଇଁବା ପରେ ଚକ କଂକ୍ରିଟ୍ ଭିତରେ ▶ପୃଷ୍ଠା-୭

## 'ଲିଭ୍-ଇନ୍'ରେ ଥିବା ଓଡ଼ିଆ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ



■ ବେଙ୍ଗାଲୁରୁ, ୨୨।୧୦ (ଏଜେନ୍ସି): ବେଙ୍ଗାଲୁରୁର ଜିଗାନି ଅଞ୍ଚଳରେ ଲିଭ୍ ଇନ୍‌ରେ ରହୁଥିବା ଓଡ଼ିଆ ଦମ୍ପତିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଦୁଇ ତିନିଦିନ ତଳେ ସେମାନଙ୍କର ମୃତ୍ୟୁ ହୋଇଥିବା ବେଳେ ଗତ ସୋମବାର ସେମାନଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ଏହି ଯୋଡ଼ି ହେଉଛନ୍ତି ଓଡ଼ିଶାର ୨୫ ବର୍ଷୀୟା ସୀମା ନାୟକ ଓ ୨୩ ବର୍ଷୀୟ ରାକେଶ ନାୟକ। ରାକେଶ ଏକ ସିକ୍ୟୁରିଟି ସର୍ଭିସ୍ ଫାର୍ମରେ କାମ କରନ୍ତି। ସେହିପରି ସୀମା ସୁପର ମାର୍କେଟ ଅଞ୍ଚଳରେ ଚାକିରି କରୁଥିଲେ ବୋଲି ଜଣାପଡ଼ିଛି।

ଦୁଇଦିନ ପୂର୍ବରୁ ଦୁହେଁ ମୃତ୍ୟୁବରଣ କରିଥିଲେ ମଧ୍ୟ ସୋମବରେ ଏହି ଘଟଣା ସାମ୍ନାକୁ ଆସିଥିଲା। ବନ୍ଦ ଘରୁ ଦୁର୍ଗନ୍ଧ ବାହାରିବା କାରଣରୁ ପଡୋଶୀ ପୁଲିସକୁ ସୂଚନା ଦେଇଥିଲେ। ରାକେଶ ନିୟମିତ ମଦ୍ୟପାନ କରୁଥିବା ବେଳେ ଦୁହିଁଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହେଉଥିଲା ବୋଲି ପ୍ରାଥମିକ ▶ପୃଷ୍ଠା-୭

## ପୁଲିସ ଏସ୍‌ଆଇ ନିଯୁକ୍ତି ଦୁର୍ନୀତି

# ତଦନ୍ତ କରିବ ସିବିଆଇ

■ ଭୁବନେଶ୍ୱର,୨୨।୧୦(ସମିସ): ବହୁଚର୍ଚ୍ଚିତ ପୁଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷା ଦୁର୍ନୀତି ଘଟଣାରେ ସିବିଆଇ ତଦନ୍ତ ହେବ। ଏହି ମାମଲାର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଏହି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ତଦନ୍ତରୁ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପି ଥିବାର ସୁରାକ ମିଳିଛି। ଏହାସହିତ ଏହି ଦୁର୍ନୀତିରେ ସଂଗଠିତ ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗର ସଂପୃକ୍ତି ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି। ଏସବୁକୁ ଦୃଷ୍ଟିରେ ରଖି, ଏହି ଦୁର୍ନୀତିର ସଂପୂର୍ଣ୍ଣ ଖୁଲାସା କରିବା ପାଇଁ ଏବଂ ଏଥିରେ ସଂପୃକ୍ତ ସମସ୍ତ ଅପରାଧୀଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସିବିଆଇକୁ ହସ୍ତାନ୍ତର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

### ସୁପାରିସ କଲେ ମୁଖ୍ୟମନ୍ତ୍ରୀ
### ଆନ୍ତଃରାଜ୍ୟ ଅପରାଧୀ ସଂଗଠନଙ୍କ ସଂପୃକ୍ତିର ଖୋଲିବ ରହସ୍ୟ




ଏହି ହାଇପ୍ରୋଫାଇଲ୍ ଘଟଣାରେ ପ୍ରଥମେ ଏସ୍‌ଆଇ ଲିଖିତ ପରୀକ୍ଷାର ଉତ୍ତର ଘୋଷିବା ପାଇଁ ଯାଉଥିବା ୧୧୪ ପରୀକ୍ଷାର୍ଥୀ ଓ ୩ ଜଣ ଦଲାଲଙ୍କୁ ଆନ୍ଧ୍ରରୁ ଗିରଫ କରାଯାଇଥିଲା। ଏହାପରେ ଧୀରେ ଧୀରେ ଏହି ନିଯୁକ୍ତି କେଳେଙ୍କାରୀକୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିଥିଲା। ଏହାପୂର୍ବରୁ ହୋଇଥିବା ଅନେକ ପରୀକ୍ଷାରେ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୋଇଥିଲେ ହେଁ, ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଏସବୁକୁ ଟପିଯାଇଛି। ପୁଲିସ ଏସ୍‌ଆଇ ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ ଥିବା ପଞ୍ଚସଫ୍ଟ କଂପାନୀର ମାଲିକ ଶଙ୍କର ପୃଷ୍ଟି ଏଯାଏଁ ଫେରାର ରହିଥିବାରୁ ବିଭିନ୍ନ ରାଜନୈତିକ ଦଳ ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ଯେଉଁଥିପାଇଁ ୧୬ ମାସର ସରକାରଙ୍କ ଛବି ଉପରେ ଏକ ବଡ଼ ସନ୍ଦେହ ସୃଷ୍ଟି ହୋଇଛି।

ଏହି ଦୁର୍ନୀତିରେ ଅନେକ ବଡ଼ ବଡ଼ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଉଠିଛି। ଆରମ୍ଭରୁ ନିଯୁକ୍ତି ଚୟନ ଦାୟିତ୍ୱରେ ଥିବା ଓପିଆର୍‌ବିର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଓପିଆର୍‌ବିଠାରୁ ▶ପୃଷ୍ଠା-୭

### ଶଙ୍କର ଓ ପତ୍ନୀଙ୍କ ଆଗୁଆ ଜାମିନ ଖାରଜ

■ କଟକ, ୨୨।୧୦ (ସମିସ): ବହୁଚର୍ଚ୍ଚିତ ଓଡିଶା ପୁଲିସ ଏସ୍‌ଆଇ (ସବ୍‌ଇନ୍ସପେକ୍ଟର) ନିଯୁକ୍ତି ପରୀକ୍ଷା ଜାଲିଆତି ଘଟଣାକୁ ନେଇ ଏବେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଏହି କଳେଙ୍କାରୀର ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ କମ୍ପାନୀ ମୁଖ୍ୟ ଶଙ୍କର ପୃଷ୍ଟି ଓ ପତ୍ନୀ ଦୀପ୍ତିମୟୀ ସାହୁଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଉଭୟଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏହାକୁ ଖାରଜ କରିଦେଇଛନ୍ତି। ବ୍ରହ୍ମପୁର ଗୋଲନ୍ଥରା ଥାନାରେ ରୁଜୁ ମାମଲାରେ ଉଭୟ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ଦୀପ୍ତିମୟୀଙ୍କୁ ନିମ୍ନ ଅଦାଲତରେ ହାଜର ହୋଇ ଜାମିନ ଆବେଦନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉକି ଉଭୟ ଶଙ୍କର ଓ ଦିପ୍ତିମୟୀ ଏବେ ବି ଫେରାର ଅଛନ୍ତି। ▶ପୃଷ୍ଠା-୭

## ଆମେରିକା ସଟ୍‌ଡାଉନ୍

# ୨୨ଦିନ ହେଲା ସରକାରୀ କାର୍ଯ୍ୟ ଠପ୍

### ଫୁଡ୍ ଡେଲିଭରୀ କରୁଛନ୍ତି ସରକାରୀ କର୍ମଚାରୀ
### ଏକାଦଶ ଥର ପାଇଁ ଟ୍ରମ୍ପଙ୍କ ପ୍ରସ୍ତାବ ଅଗ୍ରାହ୍ୟ
### ଅକ୍ଟୋବର ୧ ସୁଦ୍ଧା ଅର୍ଥ ବିଲ୍‌କୁ ମିଳିନି ମଞ୍ଜୁରୀ




■ ୱାସିଂଟନ୍, ୨୨।୧୦(ଏଜେନ୍ସି): ଆମେରିକାରେ ଜାରି ରହିଛି ସଟ୍‌ଡାଉନ୍। ଦୀର୍ଘ ୨୨ ଦିନ ହେବ ଦେଶବ୍ୟାପୀ ସରକାର କାର୍ଯ୍ୟ ଠପ୍। ସରକାରୀ କର୍ମଚାରୀଙ୍କୁ ଏଯାଏ ମିଳିନି ଦରମା। କର୍ମଚାରୀଙ୍କୁ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ ଏବଂ ଇଏମ୍‌ଆଇ ପଇଠ କରିବାରେ ବେଶ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଏଥିରେ ଅନେକ ସରକାରୀ କର୍ମଚାରୀ ଏବେ ଫୁଡ୍ ଡେଲିଭରୀ କରି ପରିବାର ଚଳାଉଛନ୍ତି। ଆଉ କେତେକ ଅସ୍ଥାୟୀ ଚାକିରି କରି ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଏହି ସଟ୍‌ଡାଉନ୍‌ରେ ୭,୫୦,୦୦୦ ସରକାରୀ କର୍ମଚାରୀଙ୍କ ଦରମା ବନ୍ଦ କରାଯାଇଛି। ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଏହି ସଟ୍‌ଡାଉନ୍ ଏବେ ୨୨ତମ ଦିନରେ ପହଞ୍ଚିଛି। ଏହାକୁ ଆମେରିକା ଇତିହାସରେ ଦ୍ୱିତୀୟ ସବୁଠାରୁ ଲମ୍ବା ସଟ୍‌ଡାଉନ୍ କୁହାଯାଉଛି।

ବର୍ତ୍ତମାନ ଦେଶର ପ୍ରାୟ ୭.୫ ଲକ୍ଷ ସରକାରୀ କର୍ମଚାରୀ ବିନା ଦରମାରେ ଛୁଟିରେ ଅଛନ୍ତି। ଏମିତିକି ସାମରିକ ବାହିନୀ, ପୋଲିସ, ସୀମା ସୁରକ୍ଷା ଏବଂ ବିମାନ ଟ୍ରାଫିକ୍ ନିୟନ୍ତ୍ରକ ଭଳି ଅତ୍ୟାବଶ୍ୟକ କର୍ମଚାରୀମାନଙ୍କୁ ବିନା ଦରମାରେ କାମ କରିବାକୁ ବାଧ୍ୟ କରାଯାଉଛି। ବିମାନଗୁଡ଼ିକର ଉଡ଼ାଣ ବିଳମ୍ବ ହେଉଥିବା ବେଳେ ନିମ୍ନ ଆୟକାରୀ ପରିବାରଗୁଡ଼ିକ ପାଇଁ ଏଭଳି ସମୟରେ ଖାଦ୍ୟ କାର୍ଯ୍ୟକ୍ରମରେ ସହାୟତା ବନ୍ଦ ହେବା ନେଇ ଆଶଙ୍କା ବଢ଼ୁଛି। ଦେଶର ଜାତୀୟ ପରମାଣୁ ସୁରକ୍ଷା ସଂସ୍ଥା ଏହାର ୧୪୦୦ କର୍ମଚାରୀଙ୍କୁ ଛୁଟିରେ ପଠାଇଛି। ଶକ୍ତି ସଚିବ କ୍ରିସ୍ ରାଇଟ୍ ▶ପୃଷ୍ଠା-୭

## ମହିଳା ପୁଲିସଙ୍କୁ ପ୍ରତାରଣା

## ଲଭ୍-ସେକ୍ସ-ଧୋକା

# ବନ୍ଧାହେଲେ ଇନ୍ସପେକ୍ଟର

■ ଭୁବନେଶ୍ୱର, ୨୨।୧୦(ସମିସ): ମହିଳା ସବ୍ ଇନ୍ସପେକ୍ଟରଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ମହଙ୍ଗା ପଡ଼ିଛି। ଇନ୍ସପେକ୍ଟର (ସଶସ୍ତ୍ର)ଙ୍କୁ ଗିରଫ କରିଛି ଭୁବନେଶ୍ୱର ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ତୋଷବନ୍ତ ଆଚାର୍ଯ୍ୟ (୩୬)।

ପୁଲିସ ସୂଚନା ଅନୁସାରେ, ମହିଳା ସବ୍ ଇନ୍ସପେକ୍ଟରଙ୍କ ଘର ବୌଦ୍ଧ ଜିଲ୍ଲାରେ ହୋଇଥିବା ବେଳେ ତୋଷବନ୍ତଙ୍କ ଘର ବଲାଙ୍ଗିରରେ। ଉଭୟ ଗୋଟିଏ କଲେଜରେ ପଢୁଥିବା ବେଳେ ପରସ୍ପର ମଧ୍ୟରେ ପରିଚୟ ହୋଇଥିଲା। ୨୦୧୩ ମସିହାରେ ଡେପୁଟି ସୁବେଦାର ଭାବେ ଚାକିରି ଆରମ୍ଭ କରିଥିବା ବେଳେ ଯୁବତୀ ଜଣକ ୨୦୧୭ରେ ସବ୍ ଇନ୍ସପେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ଚାକିରି ପାଇବା ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତୋଷବନ୍ତ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିବାହ ଆଳରେ ଉଭୟ ବିଭିନ୍ନ ସ୍ଥାନକୁ ବୁଲାବୁଲି କରିବାକୁ ଯାଉଥିଲେ। ଭୁବନେଶ୍ୱର, ପୁରୀ, ଭଦ୍ରକ, ଗଞ୍ଜାମ ଫୁଲବାଣୀ ଆଦି ଅଞ୍ଚଳରେ ବୁଲାବୁଲି କରିଥିଲେ। ତୋଷବନ୍ତ ଏହି ସମୟ ମଧ୍ୟରେ ଯୁବତୀଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲା।



**୮ ବର୍ଷ ଧରି ଥିଲା ପ୍ରେମ ସମ୍ପର୍କ**

**କଲେଜରୁ ହୋଇଥିଲା ଉଭୟଙ୍କ ପରିଚୟ**

**ପୂର୍ବରୁ ବିବାହ କରିଛନ୍ତି ଅଭିଯୁକ୍ତ**

ପୂର୍ବରୁ ମହିଳା ସବ୍ ଇନ୍ସପେକ୍ଟର ଜଣକ ଗଞ୍ଜାମ ଜିଲ୍ଲାରେ ଥିବାବେଳେ ତୋଷବନ୍ତ ଭୁବନେଶ୍ୱର ସ୍ଥିତ ସିକ୍ୟୁରିଟି ୱିଙ୍ଗରେ କାମ କରୁଥିଲେ। ନିକଟରେ ମହିଳା ସବ୍ ଇନ୍ସପେକ୍ଟର ଜଣକ କମିସନରେଟ ପୁଲିସକୁ ▶ପୃଷ୍ଠା-୭

## ପାଇକା ନଦୀରେ ଭାସିଗଲେ ୩ ନାବାଳକ

# ୨ ମୃତ, ଜଣେ ନିଖୋଜ

■ ତିର୍ତ୍ତୋଲ, ୨୨।୧୦ (ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ କୃଷ୍ଣାନନ୍ଦପୁର ନିକଟ ପାଇକା ନଦୀରେ ବୁଡ଼ିଯାଇ ୨ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ନିଖୋଜ ଥିବା ଜଣାପଡ଼ିଛି। ମୃତ ଦୁଇ ନାବାଳକ ହେଲେ ଶିଶିର ବେହେରା ଓ ସୌରଭ ମଲ୍ଲିକ ଏବଂ ନିଖୋଜ ନାବାଳକ ହେଲେ ଅମନ ଜିତ ମଲ୍ଲିକ।

ବୁଧବାର ଅପରାହ୍ଣରେ ସ୍ଥାନୀୟ କୃଷ୍ଣାନନ୍ଦପୁର ଗ୍ରାମ କେଉଟ ସାହି ଓ ମଲ୍ଲିକ ସାହିର ଏହି ୩ ନାବାଳକ ଗାଧୋଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଖବର ପାଇ ତିର୍ତ୍ତୋଲ ଓ ରଘୁନାଥପୁର ଦମକଳ ବାହିନୀର କର୍ମଚାରୀମାନେ ନାବାଳକ ଶିଶିର ବେହେରାକୁ ଉଦ୍ଧାର କରି ନିକଟସ୍ଥ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଶିଶିରକୁ ମୃତ ଘୋଷଣା କରିଥିଲେ। ପରେ ନାବାଳକ ସୌରଭ ମଲ୍ଲିକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ନିଖୋଜ ଅମନ୍ ଜିତର ପତ୍ତା ମିଳି ନ ଥିଲା।

# ଅଗ୍ନିକାଣ୍ଡରେ ୧ ନମ୍ବର ପରିବା ହାଟ ସ୍ୱାହା

■ ଭୁବନେଶ୍ୱର, ୨୨।୧୦ (ସମିସ): ରାଜଧାନୀ ଦୈନିକ ପରିବା ହାଟ (ଏକ ନମ୍ବର ପରିବା ମାର୍କେଟ)ରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପ୍ରାୟ ୪୦ରୁ ଅଧିକ ଦୋକାନ ଘର ପୋଡ଼ି ଭସ୍ମ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ନିଆଁ ଲାଗିବା ସମୟରେ ନିକଟରେ ଥିବା ହୋଟେଲରେ ୮ରୁ ଅଧିକ ଲୋକ ଖାଉଥିଲେ। ସେମାାନେ ଖାଇବା ଛାଡ଼ି ବାହାରକୁ ଦୌଡ଼ି ପଳାଇ ଯାଇଥିଲେ। ନିଆଁର ପ୍ରକୋପ ଏତେ ଥିଲା ଯେ ଏହାକୁ ସହଜରେ ଲିଭାଇବା କଷ୍ଟକର ହୋଇଥିଲା। ଦୋକାନ ଉପରେ ପଡ଼ିଥିବା ଜରିପାଲ ତରଳିବାରୁ ନିଆଁ ଲିଭାଇବାକୁ ପାଖକୁ କେହି ଯାଇପାରି ନ ଥିଲେ। ଫଳରେ ସହଜରେ ନିଆଁ ବ୍ୟାପିଯାଇଥିଲା।




୧୬ଟି ଦମକଳ ଗାଡି ସହ ୧୪୦ ଜଣ ଅଗ୍ନିଶମ କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମ ପରେ ନିଆଁ ଆୟତ୍ତ ହୋଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ମହାଜନ ସଂଘର ମିଟିଂ ଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଛି। ଏନେଇ ହୃଷୀକେଶ ଓଝା କହିଛନ୍ତି ଯେ ମାର୍କେଟରେ ହେଉଥିବା କିଛି ବେନିୟମ କାର୍ଯ୍ୟକୁ ସେ ବିରୋଧ କରୁଥିଲେ। ଯେଉଁଥିପାଇଁ ତାଙ୍କର ବିରୋଧୀ ଗୋଷ୍ଠୀ ଜାଣିଶୁଣି ନିଆଁ ଲଗାଇ ଦେଇଛନ୍ତି।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ

# ୧୨ ଗିରଫ; ଦୁଇ ମୁଖ୍ୟ ଅଭିଯୁକ୍ତ ଫେରାର୍

■ ବ୍ରହ୍ମପୁର, ୨୨।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ବ୍ରହ୍ମପୁର ପୁଲିସ ବୁଧବାର ୪ଜଣ ସୁପାରୀ କିଲର୍ (ବିହାରୀ)ଙ୍କ ସମେତ ମୋଟ ୧୨ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ, ୪୧ନମ୍ବର ୱାର୍ଡ କର୍ପୋରେଟର ମଳୟ ବିଶୋୟୀ ଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ୍ ଏମ୍ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ଦୁଇଟି ବନ୍ଧୁକ ଜବତ ହୋଇଥିବା ବେଳେ କବାଡ଼ି ଦୋକାନରୁ ଖଣ୍ଡବିଖଣ୍ଡିତ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ଫେରାର ଥିବାବେଳେ ସେମାନଙ୍କ ମଧ୍ୟରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଉମା ବିଶୋୟୀ ଓ ପୀତବାସଙ୍କୁ ଗୁଳି କରିଥିବା କୁରୁପତି ଭୂୟାଁ ଓ ସୁଦର୍ଶନ ଜେନା ଥିବା ଏସ୍‌ପି କହିଛନ୍ତି। ଏହି ହତ୍ୟା ପାଇଁ ୫୦ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ବେଳେ ବିହାରୀ ସୁପାରୀ କିଲର୍‌ଙ୍କୁ ଅଗ୍ରୀମ ୧୦ଲକ୍ଷ ଟଙ୍କା ଦିଆଯାଇଥିଲା। ତେବେ ବ୍ୟକ୍ତିଗତ କାରଣରୁ ସେମାନେ କାମ ନ କରି ଫେରିଯାଇଥିଲେ। ପରେ ସ୍ଥାନୀୟ ଅପରାଧୀଙ୍କୁ ନେଇ ହତ୍ୟାକାଣ୍ଡ କରାଯାଇଥିଲା। ଘଟଣାରେ ତଦନ୍ତ ଜାରି ରହିଥିବା ବେଳେ ଆଗକୁ ଆହୁରି କିଛି କର୍ପୋରେଟରଙ୍କୁ ମଧ୍ୟ ପଚରାଉଚରା କରାଯିବ ବୋଲି ଏସ୍‌ପି କହିଛନ୍ତି। ଗିରଫଙ୍କ ମଧ୍ୟରେ ୨ ବିହାରୀ ସୁପାରୀ କିଲର୍‌ଙ୍କ ସମେତ ବନ୍ଥପଲ୍ଲୀର ଚିଣ୍ଟୁ ପ୍ରଧାନ(୨୫) ଓ ଯୋଗେନ୍ଦ୍ର ରାଉତ(୨୫), ମଳୟ ▶ପୃଷ୍ଠା-୭

### ଗିରଫଙ୍କ ମଧ୍ୟରେ ପୂର୍ବତନ ବିଧାୟକ, ପୂର୍ବତନ ମେୟର ଓ କର୍ପୋରେଟର
### ହତ୍ୟା ପାଇଁ ହୋଇଥିଲା ୫୦ ଲକ୍ଷର ଡିଲ୍, ଅଗ୍ରୀମ ନେଇଥିଲେ ୧୦ଲକ୍ଷ: ଏସ୍‌ପି



# ରାଜନୈତିକ ଷଡ଼ଯନ୍ତ୍ର ଗନ୍ଧ

■ ଭୁବନେଶ୍ୱର, ୨୨।୧୦ (ସମିସ): ବ୍ରହ୍ମପୁର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ୧୫ ଦିନ ପରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ସହ ମୋଟ ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ମାତ୍ର ପୁଲିସର ଏହି ପଦକ୍ଷେପ ପଛରେ ଷଡ଼ଯନ୍ତ୍ର ଥିବା ଗନ୍ଧ ବାରିଛନ୍ତି ବିଜେଡ଼ିର ବହୁ ବରିଷ୍ଠ ନେତା ଓ ରାଜନୈତିକ ସମୀକ୍ଷକ। ଗତ ବର୍ଷକ ମଧ୍ୟରେ ବିଜେଡିର ଟାଣୁଆ ଯୁବନେତାଙ୍କୁ ବିଭିନ୍ନ ପ୍ରସଙ୍ଗରେ ଶାସକ ଦଳ ନିଶାଣ କରିଛି ଓ ଏହି କ୍ରମରେ ବିକ୍ରମ ମଧ୍ୟ ଶାସକ ଦଳର ଆକ୍ରୋଶର ଶିକାର ହୋଇଛନ୍ତି। ଯେଉଁପରି ଭାବରେ ବିଳମ୍ବିତ ରାତିରେ ବିକ୍ରମଙ୍କୁ ତାଙ୍କ ଘରୁ ପୁଲିସ ଉଠାଇ ନେଇ ବୁଧବାର ସକାଳୁ ତାଙ୍କୁ ଷଡ଼ଯନ୍ତ୍ରକାରୀ ଦର୍ଶାଇ ଗିରଫ କରିଛି, ସେଥିରୁ ଶାସକ ବିଜେପି ଓ ପୁଲିସର ବୁଝାମଣା ସ୍ପଷ୍ଟ। ପୀତବାସ ହତ୍ୟା ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ସମ୍ପୃକ୍ତି ସମ୍ପର୍କରେ ବିଜେପିର ଜନୈକ ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ସମ୍ପର୍କରେ ପୁଲିସ ରହସ୍ୟମୟ ଭାବରେ ନିରବ ଥିବାବେଳେ ବିକ୍ରମଙ୍କ ବନ୍ଧୁଙ୍କ ଘରେ ଅଭିଯୁକ୍ତ ଆଶ୍ରୟ ନେଇଥିବା ଦର୍ଶାଇ ତାଙ୍କୁ ଗିରଫ କରିବା ରହସ୍ୟମୟ ମନେ ହେଉଛି।

ଗତ ୧୬ ମାସ ମଧ୍ୟରେ ବିଜେପି ସରକାର ରାଜ୍ୟରେ ଯେତେବେଳେ କୌଣସି ଜଟିଳ ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି; ସେହି ସମୟରେ ସଂଘଟିତ ଅନ୍ୟ ଏକ ଘଟଣା ରାଜ୍ୟବାସୀଙ୍କୁ ପୂର୍ବ ଘଟଣାରୁ ନଜର ହଟାଇ ନେଇଥିବା ଦେଖାଯାଇଛି। ପ୍ରଥମେ ଏହାକୁ ସଂଯୋଗ ବୋଲି ମନେ କରାଯାଉଥିଲେ ହେଁ କ୍ରମାଗତ ଗୋଟିଏ ପରେ ଗୋଟିଏ ଘଟଣାରେ ଏପରି ଘଟିବା ଆଦୌ କାକତାଳୀୟ ବୋଲି କୁହାଯାଇ ପାରୁନାହିଁ। ପୁଲିସ କାନ୍ଧରେ ବନ୍ଧୁକ ରଖି ଶାସକ ଦଳ ବିରୋଧୀଙ୍କୁ ଦମନ କରିବାକୁ ଉଦ୍ୟମ କରୁଥିବା ଅନେକ ସନ୍ଦେହ କରୁଛନ୍ତି। ▶ପୃଷ୍ଠା-୭

### ନିଶାଣରେ ବିଜେଡି ନେତା

■ ଭୁବନେଶ୍ୱର, ୨୨।୧୦ (ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଭିନ୍ନ ସମୟରେ ବିଜେଡି ନେତାଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ନିଶାଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି। ଗତବର୍ଷ ବିଜେଡିର ବରିଷ୍ଠ ନେତା ପ୍ରଣବପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସଙ୍କୁ ପୁଲିସ ଗିରଫ କରି ଜେଲ ପଠାଇଥିଲା। ସାଧାରଣ ଲୋକଙ୍କ ସାମୂହିକ ଦାବି ପୂରଣ ପାଇଁ ଧାରଣା ଦେଇଥିବା ବେଳେ ତାଙ୍କୁ ▶ପୃଷ୍ଠା-୭

## ଅଟୋକୁ ଧକ୍କା ଦେଲା କାର୍; ତିନି ଗୁରୁତର

ଆଳି, ୨୨।୧୦(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଭରତପୁର ଗ୍ରାମ ଛକ ନିକଟରେ ଆଜି ସନ୍ଧ୍ୟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଆଳି ଥାନା ମାଣିକପାଟଣା ଗ୍ରାମର ଫକୀର ଚରଣ ଦାସ ଅଟୋରେ ପଟ୍ଟାମୁଣ୍ଡାଇ ଆଡୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଏକ କାର ଯୋଗେ ବାଲେଶ୍ୱର ବସ୍ତା ଅଞ୍ଚଳର ଏମଡି ଡାନିସ(୩୨) ଓ ଭଦ୍ରକ ପୁରୁଣା ବଜାର ଅଞ୍ଚଳର ସେକ ଫୈଜୁଲ ହବିବ(୪୦) ଯାଉଥିବା ବେଳେ ଆଳି ଥାନା ଭରତପୁର ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫକୀରଙ୍କର ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି । ତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ର କୁ ନିଆଯାଇଥିଲା । ଅନ୍ୟପକ୍ଷେ ଉକ୍ତ ସ୍ଥାନରେ ତୀବ୍ର ଉତ୍ତେଜନା ଲାଗି ରହିଥିବା ବେଳେ କାର ମଧ୍ୟରୁ ଏକ ବ୍ୟାଗରେ ବିରିୟାନୀ ବାହାରିଥିଲା । ବିରିୟାନୀରେ ଗୋମାଂସ ଥିବା ସନ୍ଦେହ କରି ଉତ୍ତେଜିତ ଲୋକମାନେ କାର୍‌ରେ ଥିବା ଦୁଇ ଜଣଙ୍କୁ ଆକ୍ରମଣ କରିଥିଲେ । ଆଳି ପୁଲିସ ପହଞ୍ଚି ଯୁବକମାନଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା । ସମସ୍ତ ତିନିଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସମସ୍ତଙ୍କୁ କଟକ ବଡ଼ ମେଡିକାଲକୁ ପଠେଇ ଦେଇଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ପୁଲିସ ନଜର ରଖିବା ସହ ତଦନ୍ତ ଚଳାଇ ଥିବାନେଇ ଆଳି ଥାନା ଅଧିକାରୀ ଧୀରାଜ ଲେଙ୍କା ସୂଚନା ଦେଇଛନ୍ତି ।

## ଠିକାସଂସ୍ଥାରେ କାର୍ଯ୍ୟରତ ରାତ୍ର ଜଗୁଆଳୀଙ୍କ ସନ୍ଦେହଜନକ ମୃତ୍ୟୁ

ମାର୍ଶାଘାଇ, ୨୨।୧୦(ସମିସ): ପାରାଦ୍ୱୀପ-ଚଣ୍ଡିଖୋଲ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ମାର୍ଶାଘାଇ ଥାନା ହଜାରି ଛକ ନିର୍ମାଣାଧୀନ ସେତୁରେ ନିୟୋଜିତ ରାତ୍ର ଜଗୁଆଳ ସୁରେଶ ଲେଙ୍କା(୫୨)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ନିର୍ମାଣଧୀନ ଯୋଗର ସେତୁ ତଳୁ କ୍ଷତାକ୍ତ ମୃତଦେହକୁ ମାର୍ଶାଘାଇ ପୁଲିସ ଜବତ କରିଛି । ମୃତ ସୁରେଶଙ୍କ ଘର ମହାକାଳପଡ଼ା ବିଜୟନଗର ଅଞ୍ଚଳରେ ହୋଇଥିବା ବେଳେ ସେ ୧୫ବର୍ଷହେବ ମାର୍ଶାଘାଇ ଥାନା ବାଲିସାହିରେ ବସବାସ କରିଆସୁଥିଲେ । ତାଙ୍କର ମୃତ୍ୟୁ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା । ନିର୍ମାଣଧୀନ ଠିକା ସଂସ୍ଥା ରାଜବୀର କନଷ୍ଟ୍ରକସନ କମ୍ପାନୀ ପକ୍ଷରୁ କ୍ଷତିପୂରଣ ମିଳିବା ପ୍ରତିଶ୍ରୁତି ପରେ ସ୍ଥାନୀୟ ଲୋକେ ଆନ୍ଦୋଳନରୁ ଓହରି ଯାଇଥିଲେ । ବ୍ୟବଚ୍ଛେଦ ରିପୋର୍ଟ ଆଧାରେରେ ତଦନ୍ତ ଆଗକୁ ବଢ଼ିବ ବୋଲି ଆଇଆଇସି ତପନ ନାୟକ କହିଛନ୍ତି ।

## ଗଞ୍ଜେଇ ଚାଲାଣ ବେଳେ ମାଡ଼ିବସିଲା ପୁଲିସ

ଡେରାବିଶ, ୨୨।୧୦(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ବଜାର ନିକଟରେ କାରରେ ଜଣେ ଯୁବକ ୧ବସ୍ତା ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୁଲସ୍ ତାକୁ କାବୁ କରିଛି । ସୂଚନାରୁ ପ୍ରକାଶ ମାର୍ଶାଘାଇ ଥାନା କୁସୁନୁପୁର ଗ୍ରାମର ରମାକାନ୍ତ ନାୟକ କାର (ଓଡି-୩୩-ଏଡି-୨୨୯୧) ଡିକିରେ ଗୋଟିଏ ବସ୍ତା ଗଞ୍ଜେଇ ମାର୍ଶାଘାଇରୁ ଆଣି କଟକ-ଚାନ୍ଦବାଲି ରାସ୍ତା ଦେଇ ଭୁବନେଶ୍ୱରକୁ ଚାଲାଣ କରୁଥିଲା । କେନ୍ଦ୍ରାପଡ଼ା ସଦର ଥାନା ଓ ଚାନ୍ଦୋଳ ଫାଣ୍ଡି ପୁଲିସ୍ ସଦଳବଳେ ଚାନ୍ଦୋଳବଜାର ପେଟ୍ରୋଲ ଟାଙ୍କି ପାଖରେ କାର୍‌କୁ ଅଟକାଇ ୧୩ କିଲୋ ୫୦୦ ଗ୍ରାମ ଗଞ୍ଜେଇ, ଦୁଇଟି ମୋବାଇଲ ଓ ନଗଦ ଟଙ୍କା ସମେତ ଚାଲାଣରେ ବ୍ୟବହୃତ ଗାଡ଼ିକୁ ଜବତ କରିଥିବା ଜଣାଯାଇଛି ।

## ବାଲିସାହିପାଟଣା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ରାଜନଗର, ୨୨।୧୦(ସମିସ): ରାଜନଗରବ୍ଲକ ବାଲିସାହିପାଟଣା ପଞ୍ଚାୟତରେ ବିଭିନ୍ନ ଗ୍ରାମର ମଠ ମନ୍ଦିର ନିକଟରେ ଉଜ୍ଜ୍ୱଳ ଆଲୋକ ଲାଗିବା ଓ କମ୍ୟୁନିଟି ସେଣ୍ଟର ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି । ବାଲିସାହିପାଟଣା ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ ତାଙ୍କ ସମିତି ପାଣ୍ଠିରୁ ସବୁ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡିକ ହେଲା ମଧୁପୁର ମାଧବେଶୋର ଶିବ ମନ୍ଦିର ପରିସରରେ ହାଇମାଷ୍ଟ ଲାଇଟ ସ୍ଥାପନ, ବାଲିସାହିପାଟଣା ମା' ଥାନପତି ନିକଟରେ ହାଇମାଷ୍ଟ ଲାଇଟ ସ୍ଥାପନ, ଚମ୍ପାଦିଆ ଗ୍ରାମ ସିଦ୍ଧେଶ୍ୱର ଶିବ ମନ୍ଦିର ପରିସରରେ ହାଇମାଷ୍ଟ ଲାଇଟ ସ୍ଥାପନ, ପୋଖରୀଆ ବିସେଶୋର ଶିବ ମନ୍ଦିର ପରିସରରେ ହାଇମାଷ୍ଟ ଲାଇଟ ସ୍ଥାପନ ଓ କମ୍ୟୁନିଟି ସେଣ୍ଟର ନିର୍ମାଣ କରାଯିବ ବୋଲି ଶ୍ରୀ ରାଉତ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଦାମୋଦର ବିଶ୍ୱାଳ, ଯୁବ ନେତା ସୁଶୀଲ କୁମାର ପ୍ରଧାନ, ରଞ୍ଜନ କୁମାର ପ୍ରଧାନ, ବିଶ୍ୱରଞ୍ଜନ ଜେନା, ବିଭୂତି ଭୂଷଣ ଜେନା, ପଞ୍ଚାୟତ ମୁରବି କାମିନି ରଞ୍ଜନ ଜେନା, ବୈକୁଣ୍ଠନାଥ ପରିଡ଼ା, କାଳୁ ବଳ, ସଚିଦାନନ୍ଦ ବଳ, ନାରାୟଣ ଭୂୟାଁ, ବସନ୍ତ କୁମାର ନାୟକ, ବିକାଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ସାହିତ୍ୟ ସଂସଦର ସଫେଇ କାର୍ଯ୍ୟକ୍ରମ

ଗୋବିନ୍ଦପୁର, ୨୨।୧୦(ସମିସ): କପିଳା ପଞ୍ଚାୟତ ରାହାସ ଗୁହାଳି ଗ୍ରାମରେ ଉଦୟଭାନୁ ସାହିତ୍ୟ ସଂସଦ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରଞ୍ଜାଇ ମନ୍ଦିରଠାରୁ ସ୍ୱପ୍ନେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାକୁ ପରିଷ୍କାର କରାଯାଇଥିଲା । ସଂସଦର ସଭାପତି ବ୍ରଜସୁନ୍ଦର୍ ସାମଲଙ୍କ ନେତୃତ୍ୱରେ ସମ୍ପାଦକ ସୁରେନ୍ଦ୍ର କୁମାର ପତି, ସଦସ୍ୟ ପ୍ରମୋଦ କୁମାର ସାମଲ, ରାମଚନ୍ଦ୍ର ନାୟକ, ବିଷ୍ଣୁ ସାମଲ, ନିରଞ୍ଜନ ସାମଲ, ସରୋଜ କୁମାର ମଲ୍ଲିକ, ନରେନ୍ଦ୍ର ବାରିକ, ଧନେଶ୍ୱର ଦାସ, ଅକ୍ଷୟ ସେଠୀ, ଅଶ୍ୱିନୀ ସାମଲ, ରବିନାରାୟଣ ସାମଲ, ରବୀନ୍ଦ୍ର ସାମଲ ପ୍ରମୁଖ ଅଂଶଗ୍ରହଣ କରି ଟ୍ରାକ୍ଟର ଯୋଗେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଅଳିଆ ଆବର୍ଜ୍ଜନାକୁ ପରିସ୍କାର କରିଥିଲେ ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ

# ଶିକ୍ଷକ ପଦବୀ ପୂରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୨।୧୦(ସମିସ)

କେନ୍ଦ୍ରାପଡ଼ା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରାଯିବାକୁ ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମରେ ଶିକ୍ଷାଦାନ ନିମନ୍ତେ ୨୦୧୦ ମସିହାରେ ଜିଲ୍ଲାର ବାରିମୂଳଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ଏହାଦ୍ୱାରା କେନ୍ଦ୍ରାପଡ଼ା ଭଳି କୃଷିଭିତ୍ତିକ ଜିଲ୍ଲାର ଛାତ୍ରଛାତ୍ରୀ ସଫଳତାର ସହିତ ସିବିଏସ୍‌ଇ ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରି ସମାଜର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି । କିନ୍ତୁ ବିଡ଼ମ୍ବନାର ବିଷୟ ବର୍ତ୍ତମାନ ବିଦ୍ୟାଳୟରେ ଅର୍ଦ୍ଧାଧିକ ଶିକ୍ଷକ ପଦ ଖାଲିପଡ଼ିଥିବାରୁ ଉକ୍ତ ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ଶିକ୍ଷାଦାନ କାର୍ଯ୍ୟ ସମ୍ପାଦନ କରାଯାଉଛି । ଯେଉଁଥିପାଇଁ ଛାତ୍ରଛାତ୍ରୀ ଉନ୍ନତମାନର ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେବା ସହିତ ସେମାନଙ୍କ ଜୀବନର ଲକ୍ଷ୍ୟ ପୂରଣ କରିବା ମଧ୍ୟ କଷ୍ଟସାଧ୍ୟ ହୋଇପଡ଼ିଛି । ବିଶେଷକରି ୨୦୧୯/୨୦ ଶିକ୍ଷାବର୍ଷରୁ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ ବିଭାଗରେ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ସ୍ଥାୟୀ ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ନିମନ୍ତେ ସଠିକ୍ ଗୁଣାତ୍ମକ ଶିକ୍ଷାଗ୍ରହଣରୁ ବଞ୍ଚିତ ହେଉଛନ୍ତି । ଯେଉଁଥିପାଇଁ ଅଧିକାଂଶ ମେଧାବୀ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟର ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେବା ପରେ ସିବିଏସ୍‌ଇ କ୍ଷେତ୍ରରେ ଉଚ୍ଚଶିକ୍ଷା ନିମନ୍ତେ ବାଧ୍ୟହୋଇ ଜିଲ୍ଲା ବାହାରେ ଥିବା ଘରୋଇ ଶିକ୍ଷାନୁଷ୍ଠାନ ଉପରେ ନିର୍ଭର କରି ଅଯଥା ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଜିଲ୍ଲାପାଳ ସହୃଦୟତାର ସହିତ ଉକ୍ତ ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ରୀୟ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀଗୁଡ଼ିକ ତୁରନ୍ତ ପୂରଣ କରାଇବା ସହିତ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି । ଏଥିସହିତ ବିଦ୍ୟାଳୟକୁ ଯିବା ପାଇଁ ଥିବା ରାସ୍ତାରେ ବାରିମୂଳ ଉପକାରାଗାରକୁ ବଡ଼ ବଡ଼ ଗାଡ଼ି ସବୁ ଯାଉଥିବାରୁ ସେହି ରାସ୍ତାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଯିବାଆସିବା କରିବା ବିପଦ ସଙ୍କୁଳ ହୋଇପଡ଼ିଛି ।



ତେଣୁ ବିଦ୍ୟାଳୟକୁ ମୁଖ୍ୟରାସ୍ତାରୁ ସଂଯୋଗ କରୁଥିବା ଅପରପାର୍ଶ୍ୱ ରାସ୍ତାଟି ଥିଲେ ମଧ୍ୟ ତାହାକୁ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି ବୋଲି ଅଭିଭାବକମାନେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଅଭିଭାବକ ସଂଘର ସଭାପତି ବିଷ୍ଣୁଚରଣ ସାମଲ, ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଧନେଶ୍ୱର ପାତ୍ର, ମହେନ୍ଦ୍ର କୁମାର ପ୍ରଧାନ, ଜତିନ୍ଦ୍ର ରାଉତ, ପ୍ରଭାକର ରାଉତ, ଦେବବ୍ରତ ଭୂୟାଁ, ପ୍ରଦିପ୍ତ କୁମାର ଶତପଥୀ, ମଧୁସ୍ମିତା ସ୍ୱାଇଁ, ଧନେଶ୍ୱର ମଲ୍ଲିକ ଓ ମହେନ୍ଦ୍ର କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲିପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ଅସନ୍ତୋଷ

ପଟ୍ଟାମୁଣ୍ଡାଇ, ୨୨।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ନୋଡାଲ ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକଙ୍କ ବଦଳି କରାଯାଇଥିଲେ ମଧ୍ୟ ଆଜିକୁ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ତାଙ୍କ ସ୍ଥାନରେ କୌଣସି ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ । ଏହା ଛଡ଼ା ୩ବର୍ଷ ହେବ କିରାଣୀ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ତାଙ୍କ ସ୍ଥାନରେ କୌଣସି ନିଯୁକ୍ତି ଦିଆଯାଇନାହିଁ । ଏପରିକି ସ୍କୁଲର ୩ଜଣ ଶିକ୍ଷୟିତ୍ରୀଙ୍କୁ ପ୍ରାୟ ୧ବର୍ଷ ହେବ ଡେପୁଟେସନରେ ଅନ୍ୟତ୍ର ପଠାଯାଇଛି । ଯାହାଫଳରେ ବାଲିପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଶିକ୍ଷାଦାନ ବ୍ୟାହତ ହେବା ଯୋଗୁଁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଘୋର ଅସୁବିଧା ହେଉଛି ବୋଲି ଅଭିଯୋଗ ହେଉଛି । ଏସମ୍ପର୍କରେ ବାଲିପାଟଣା ନୋଡାଲ ଉଚ୍ଚବିଦ୍ୟାଳୟର ପରିଚାଳନା କମିଟି ପକ୍ଷରୁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଅବିଳମ୍ବେ ବାଲିପାଟଣା ନୋଡାଲ ହାଇସ୍କୁଲରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦିଆ ନଗଲେ ସ୍କୁଲ ପରିଚାଳନା କମିଟି ଅଭିଭାବକ ଓ ଛାତ୍ରଛାତ୍ରୀ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ଅଗ୍ନିକାଣ୍ଡରେ ଦୁଇବଖରା ସମେତ ଜଳିଗଲା ଗୁହାଳ; ୨ ବାଛୁରୀ ମୃତ

ଡେରାବିଶ, ୨୨।୧୦(ସମିସ): ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅଧୀନ କାଉପଡ଼ା (ଲେଙ୍କାସାହି) ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ରତ୍ନାକର ଲେଙ୍କାଙ୍କ ୨ବଖରା ଚାଳଘର ଓ ଗୋଟିଏ ଗୁହାଳ ଘର ପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡରେ ଦୁଇଟି ବାଛୁରୀଙ୍କର ମଧ୍ୟ ମୃତ୍ୟୁ ଘଟିଛି । ନିଆଁର ତିବ୍ରତା ଏତେ ଥିଲା ଯେ,



ଚାହୁଁ ଚାହୁଁ ହଠାତ୍ ତାଙ୍କର ଘର ସମେତ ଗୁହାଳକୁ ବ୍ୟାପିଯାଇଥିଲା । ଗ୍ରାମବାସୀ ସେଠାରେ ପହଞ୍ଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ରତ୍ନାକରଙ୍କ ପରିବାର ଜଳୁଥିବା ଘରୁ ଜୀବନ ବିକଳରେ ବାହାରକୁ ପଳାଇ ଆସିଥିଲେ । ଲୋକମାନେ ରତ୍ନାକରଙ୍କ ପାଟି ଶୁଣି ଦଉଡ଼ିଆସି ଗୁହାଳ ମଧ୍ୟରୁ ଦୁଇଟି ଗାଈଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ ହେଁ ନିଆଁର ତିବ୍ରତା ଯୋଗୁଁ ଗୁହାଳେ ବନ୍ଧା ହୋଇଥିବା ବାଛୁରି ଦୁଇଟିକୁ ଉଦ୍ଧାର କରିପାରିନଥିଲେ । ଫଳରେ ଗୁହାଳରେ ଗୋଟିଏ ବର୍ଷକର ବାଛୁରୀ ଓ ଏକ ମାସର ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଖବର ପାଇ ଡେରାବିଶ ଓ କେନ୍ଦ୍ରାପଡ଼ାରୁ ଦୁଇଟି ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଅଗ୍ନିକାଣ୍ଡରେ ରତ୍ନାକରଙ୍କ ବର୍ଷକର ଆହାର ଧାନ ଚାଉଳ ସମେତ ସମସ୍ତ ଆସବାବପତ୍ର ପୋଡ଼ିପାଉଁଶ ହୋଇଯାଇଛି । ପିନ୍ଧିବା ବସ୍ତ୍ର ଛଡ଼ା ରତ୍ନାକରଙ୍କ ପରିବାର ନିକଟରେ କିଛିନଥିବା ଜଣାଯାଇଛି । ଘଟଣାସ୍ଥଳରେ କାଉପଡ଼ା ସରପଞ୍ଚ ପ୍ରତାପ ବେହେରା ପହଞ୍ଚି ବିପନ୍ନଙ୍କୁ ପାଲ ଇତ୍ୟାଦି ଯୋଗାଇ ଦେବାର ବ୍ୟବସ୍ଥା କରିଥିଲେ । ଖବର ପାଇ ଡେରାବିଶ ପ୍ରାଣୀ ଚିକିତ୍ସା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ମୃତ ବାଛୁରୀ ଦ୍ୱୟର ବ୍ୟବଚ୍ଛେଦ କରିବାସହ କ୍ଷୟକ୍ଷତିର ଆକଳନ କରିଛନ୍ତି । ଦୁଗ୍ଧ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ଗରିବ ରତ୍ନାକର ଆକସ୍ମିକ ଅଗ୍ନିକାଣ୍ଡରେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା କୃଷକ ବିକାଶ ପରିଷଦର ସଭାପତି ଆଇନଜୀବୀ ବିଜୟ କୁମାର ପରିଡ଼ା ବିପନ୍ନ ରତ୍ନାକରଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ଗରିବ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

## ବନ୍ୟା ବନ୍ଧକୁ ତାଡ଼ିଦେଲେ ଠିକାଦାର; ପ୍ରଶାସନ ନୀରବ

ପଟ୍ଟାମୁଣ୍ଡାଇ, ୨୨।୧୦(ସମିସ): ପଟ୍ଟାମୁଣ୍ଡାଇ-ଉଡିକଣ ଅଞ୍ଚଳର ଜୀବନରେଖା କୁହାଯାଉଥିବା ରାଜନଗର ବନ୍ୟା ପ୍ରତିରକ୍ଷା ବନ୍ଧକୁ ଠିକାଦାର ତାଡ଼ି ନଷ୍ଟ କରିଦେଇଥିବା ଅଭିଯୋଗ ହେଉଛି । ପଟ୍ଟାମୁଣ୍ଡାଇରୁ ମଦନପୁର ପର୍ଯ୍ୟନ୍ତ ବନ୍ୟାପ୍ରବଣ ଅଞ୍ଚଳର ସୁରକ୍ଷା ପାଇଁ କାହିଁ କେଉଁ କାଳରୁ ନିର୍ମାଣ କରାଯାଇଥିବା ବନ୍ଧର ଉଚ୍ଚତା ଓ ଚଉଡ଼ା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । କିଛିଦିନ ତଳେ ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟା ବନ୍ଧ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟ ଚାଲୁଥିବା ବେଳେ ସମ୍ପୃକ୍ତ ଠିକା ସଂସ୍ଥା ଜଳସମ୍ପଦ ବିଭାଗ ଅଧୀନରେ ଥିବା ବନ୍ୟା ପ୍ରତିରକ୍ଷା ବନ୍ଧକୁ ଅନେକ ଜାଗାରେ ଖୋଳି ପକାଇଥିଲେ । ଯାହାଦ୍ୱାରା ନଦୀବନ୍ଧର ଅନେକ ସ୍ଥାନରେ ଉଚ୍ଚତା ହ୍ରାସ ପାଇବା ସହିତ ଦୁର୍ବଳ ହୋଇପଡ଼ିଥିଲା । ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେ ବି ଜଳସମ୍ପଦ ବିଭାଗ ଅଧିକାରୀ କିମ୍ବା ଠିକା ସଂସ୍ଥା କେହି କର୍ଣ୍ଣପାତ କରି ନ ଥିଲେ । ସବୁ ଜାଣି ବିଭାଗୀୟ ଅଧିକାରୀ ଠିକାଦାରଙ୍କ ବିରୋଧରେ



କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନିରବଦ୍ରଷ୍ଟା । ଯାହାଦ୍ୱାରା ଠିକା ସଂସ୍ଥା ତାହାର ମନଇଚ୍ଛା ନଦୀବନ୍ଧକୁ ତାଡି କାମ କରି ଚାଲିଥିଲା । ପ୍ରାଥମିକ ସୂଚନା ମୁତାବକ ପୁନଶ୍ଚ ନିମପୁର ବଜାର ନିକଟରେ ସମ୍ପୃକ୍ତ ଗ୍ରାମର ଜଣେ ବ୍ୟକ୍ତି ବନ୍ଧକୁ ଖୋଳି ଚଉଡ଼ା କରିବା ସହିତ ବନ୍ଧର ଉଚ୍ଚତା କମାଇ ଦେଇ ନିଜର ମେସିନ, ଟ୍ରାକ୍ଟର ଆଦି ପାର୍କିଂ କରିବା ପାଇଁ ପୂର୍ତ୍ତ ବିଭାଗ ରାସ୍ତାକୁ ଲଗାଇ ନଦୀବନ୍ଧର କିଛି ଅଂଶକୁ ତାଡ଼ି ବନ୍ୟା ପ୍ରତିରକ୍ଷା ବନ୍ଧକୁ ଦୁର୍ବଳ କରିଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯାହାଦ୍ୱାରା ନଦୀବନ୍ଧ ଦୁର୍ବଳ ହୋଇ ବନ୍ୟା ଆଶଙ୍କା ସୃଷ୍ଟି ହେବା ସହିତ ପୂର୍ତ୍ତ ବିଭାଗ ରାସ୍ତାକଡ଼ରେ ଯାନବାହନ ପାର୍କିଂ କରାଗଲେ ଭବିଷ୍ୟତରେ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଯଥାଶୀଘ୍ର ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ ଓ ତହସିଲଦାର ଘଟଣାକୁ ଗୁରୁତର ସହ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଖୋଳାଯାଇଥିବା ସ୍ଥାନକୁ ମରାମତି କରିବାକୁ ତୀର୍ଥ ପରିଡ଼ା, ରଞ୍ଜନ ଧଳ, ପବିତ୍ର ପଣ୍ଡା ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ଶିଳିପୁରରେ ମା'ଶ୍ୟାମାକାଳୀଙ୍କ ପାର୍ବଣ ମହୋତ୍ସବ

ମାର୍ଶାଘାଇ, ୨୨।୧୦(ସମିସ): ମାର୍ଶାଘାଇ ବ୍ଲକ ଶିଳିପୁର ପଞ୍ଚାୟତର ପିଠାଧୀଶ୍ୱରୀ ମା' ଶ୍ୟାମାକାଳୀଙ୍କ ୬୧ତମ ପାର୍ବଣ ମହୋତ୍ସବ ଆଲୋକର ପର୍ବ ଦୀପାବଳି ଠାରୁ ଆରମ୍ଭ ହୋଇଯାଇଛି । ପୀଠ ପୂଜକ ରଞ୍ଜନ ମହାପାତ୍ର, ପାର୍ବଣ ପୂଜକ ଜ୍ଞାନରଞ୍ଜନ ମିଶ୍ର ପୂଜକଭାବେ ନିୟୋଜିତ ଅଛନ୍ତି । ମା' ଶ୍ୟାମାକାଳୀ ପୀଠ ପରିଷଦର ସଭାପତି ପ୍ରତାପ ଚନ୍ଦ୍ର ଦାସ, ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଞ୍ଚଦିନ ଧରି ହେବାକୁ ଥିବା ଏହି ଉତ୍ସବରେ ପାଖଆଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ ଜମିବାସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଅଛି । ପରିଷଦର ଉପସଭାପତି ନିତ୍ୟାନନ୍ଦ ପରିଡ଼ା, ସମିତିସଭ୍ୟା ଭାରତୀ କାନୁନଗୋ, ସରପଞ୍ଚ ମଧୁସ୍ମିତା ପରିଡ଼ା, ପୂର୍ବତନ ସରପଞ୍ଚ ଯୁଗଳ କିଶୋର ଦାସ, ଇଂ ମନଜ ପରିଡ଼ା, ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ମଳୟ କୁମାର ଦାସ, ଗଙ୍ଗାଧର ଦାସ, ଭିକାରୀ ଚରଣ ବେଉରା, ସଞ୍ଜୟ ବେଉରା, ଲଲାଟେନ୍ଦୁ ସାହୁ, ହାଡିବନ୍ଧୁ ବେହେରା, ଅଭୟ କୁମାର ପରିଡ଼ା, ସୁଶାନ୍ତ କୁମାର ବେଉରା, ସତ୍ୟରଞ୍ଜନ ପରିଡ଼ା ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି ।

## ବାଣିଜ୍ୟ ବିଭାଗର ପୁରାତନ ଛାତ୍ରଙ୍କ ଆଲୁମିନ ମିଟ୍

ରାଜନଗର, ୨୨।୧୦(ସମିସ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ବାଣିଜ୍ୟ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ଆଲୁମିନ ମିଟ ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଅଭିମନ୍ୟୁ ରାଉତଙ୍କ ସଭାପତିରେ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ବାଣିଜ୍ୟ ବିଭାଗର ଅଧ୍ୟାପକ ବିପିନ ବିହାରୀ ପରିଡ଼ା, ଅନଙ୍ଗ ପାତ୍ର, ଦିଲ୍ଲୀପ ମହାରଥା ପ୍ରମୁଖ ଯୋଗଦେଇଥିଲେ । ପୁରାତନ ଛାତ୍ରଛାତ୍ରୀଙ୍କର ଏକ ଆଲୁମିନ କମିଟି ଗଠନ କରାଯାଇ ସଭାପତି ଭାବେ ଦେବଦତ୍ତ ସେଠୀ, ସମ୍ପାଦକ ଭାବେ ସୌଭାଗ୍ୟ ମହାନ୍ତି, ଉପସଭାପତି ଭାବେ ନୟନାନନ୍ଦ ବେହୁରା, ସହ ସମ୍ପାଦକ ଭାବେ ସ୍ମୃତିପ୍ରଭା ରାଉତରାୟ, କୋଷାଧ୍ୟକ୍ଷ ଭାବେ ରାଘେବେନ୍ଦ୍ର ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା । ଏଥିରେ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

## ବ୍ରାହ୍ମଣୀ ଉପତ୍ୟକା ବିକାଶ ସଂଘ ପକ୍ଷରୁ ରକ୍ତଦାନ ଶିବିର

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୨।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ରାମନାୟକଡିଆ ଠାରେ ବ୍ରାହ୍ମଣୀ ଉପତ୍ୟକା ବିକାଶ ସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୪୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଶିବିରକୁ ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଥିଲେ । ସମିତି ସଭ୍ୟ ନିରଞ୍ଜନ ବାରିକଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ହିମାଂଶୁ ଶେଖର ନାୟକ, ଜ୍ଞାନରଞ୍ଜନ ନାୟକ, ସୁବ୍ରତ କୁମାର ଜେନା, ପ୍ରଦ୍ୟୁମ୍ନ ମଲ୍ଲିକ, ସଂଗ୍ରାମ କୁମାର ନାୟକ, ପ୍ରସନ୍ନଜିତ ନାୟକ ଓ ମା' ଦକ୍ଷିଣେଶ୍ୱର କାଳୀପୂଜା କମିଟିର ସମସ୍ତ ସଦସ୍ୟମାନେ ଯୋଗଦେଇ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଅସହାୟ ପରିବାରକୁ ଆର୍ଥିକ ସହାୟତା

ଗୋବିନ୍ଦପୁର, ୨୨।୧୦(ସମିସ): ଆଲୋକ ଶିଖା ପରିବାର ପକ୍ଷରୁ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ମହାକାଳପଡ଼ା ଅଧୀନ ଜୟଚନ୍ଦ୍ରପୁର ବାସିନ୍ଦା ଅନୁସୟାଙ୍କ ବାପା ପରଲୋକ ହୋଇଯାଇଥିବା ବେଳେ ମାଆ ମସ୍ତିଷ୍କାଘାତରେ ପୀଡ଼ିତ ଅଛନ୍ତି । ବାପା ଆରପାରିକୁ ଚାଲିଯିବା ପରେ ଅନୁସୟାଙ୍କୁ ତାଙ୍କ ୪ ଭଉଣୀଙ୍କୁ ପଢ଼ାଇବା କଷ୍ଟକର ହେଉଛି । ଖବର ପାଇବା ପରେ ଆଲୋକ ଶିଖା ପରିବାର ପକ୍ଷରୁ ଆର୍ଥିକ ସହଯୋଗ ପ୍ରଦାନ କରିବା ସହିତ ପ୍ରତ୍ୟେକ ମାସରେ ସମସ୍ତ ସହାୟତା ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଛି । କାର୍ଯ୍ୟକ୍ରମରେ ଆଲୋକ ଶିଖାର ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ ଓଝା, ଲକ୍ଷ୍ମୀଧର ପରିଡ଼ା, ରାଜ୍ୟ ଯୁଗ୍ମ ସଚିବ ଗୋପୀନାଥ ତ୍ରିପାଠୀ, ନାରୀ ସଶକ୍ତିକରଣ ସଭାପତି ପ୍ରଜ୍ଞାପରମିତା, କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ସୂର୍ଯ୍ୟକାନ୍ତ ବେହେରା, ଯାଜପୁର ଜିଲ୍ଲା ସଂଯୋଜକ ଗୌରବ ଶୁଭକେତନ ରଥ, ପ୍ରତିଷ୍ଠାତା ଅଧ୍ୟାପକ ରତ୍ନାକର ସେଠୀ ପ୍ରମୁଖ ସାମିଲ ଥିଲେ ।

## ୩୪ତମ ନେତାଜୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ

ରାଜକନିକା, ୨୨।୧୦(ସମିସ)

ରାଜକନିକା ବ୍ଲକ ତରାସ ସ୍ଥିତ ନେତାଜୀ ମିନିଷ୍ଟାଡିୟମରେ ୩୪ତମ ନେତାଜୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ ହୋଇଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଭାଗ ନେଇଥିବା ୧୦ଟି ଦଳ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଏବଂ ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ ଓ ତରାସ ପଞ୍ଚାୟତ ସରପଞ୍ଚ ମିନତି ନାୟକ ଯୋଗଦେଇ ଖେଳକୁ ଶୁଭାରମ୍ଭ କରିଛନ୍ତି । ଯୁବମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟ ରହିଛି ବୋଲି କ୍ଲବର ସଭାପତି ବନଜ କୁମାର ବାରିକ ମତ ଦେଇଥିଲେ । ପ୍ରଥମ ମ୍ୟାଚରେ ସତ୍ୟ ନାରାୟଣ କ୍ଲବ୍ ବାଘବୁଦା ୧-୦ ଗୋଲରେ ଯୁବ ଜ୍ୟୋତି କ୍ଲବ୍ ଚେରଣ୍ଟପଡ଼ାଠାରୁ ବିଜୟ ହାସଲ କରିଥିବା ବେଳେ ବି. ହେମ୍ବ୍ରମଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି । ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଆୟୋଜକ ନେତାଜୀ କ୍ଲବ୍ ତରାସ ଓ ଭଦ୍ରକର ରାମେଶ୍ୱର କ୍ଲବ୍‌କୁ



ପେନାଲ୍ଟି ସ୍କୋର ମାଧ୍ୟମରେ ବିଜୟ ଲାଭ କରିଥିବା ବେଳେ ମଣ୍ଟି ମୁର୍ମୁଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି । ତୃତୀୟ ମ୍ୟାଚରେ ଚାନ୍ଦବାଲି ବ୍ଲକର କିଶାନ କ୍ଲବ୍ ଓ ସୁରଜ୍ କ୍ଲବ୍ କେନ୍ଦ୍ରାପଡ଼ା ମଧ୍ୟରେ ଖେଳା ଯାଇଥିବା ମ୍ୟାଚରେ ୩-୦ ଗୋଲରେ କିଶାନ କ୍ଲବ୍ ବିଜୟୀ ହୋଇଥିବା ବେଳେ କ୍ରିସ୍‌ଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରାଯାଇଥିଲା । ଚତୁର୍ଥ ମ୍ୟାଚ ଯାଜପୁର ମା' ମଙ୍ଗଳା କ୍ଲବ୍ ଓ ଡିଫା ଯାଜପୁର ସହିତ ଖେଳା ଯାଇଥିବା ବେଳେ ମା' ମଙ୍ଗଳା କ୍ଲବ୍ ୩-୦ ଗୋଲରେ ବିଜୟ ଲାଭ କରିଥିଲା । ପରବର୍ତ୍ତୀ କ୍ୱାଟର ଫାଇନାଲ ମ୍ୟାଚରେ ସତ୍ୟନାରାୟଣ କ୍ଲବ୍‌କୁ ୨-୦ ଗୋଲରେ ହରାଇ ଏନ୍‌ଏସିଚାନ୍ଦବାଲି ବିଜୟ ଲାଭ କରି ସେମିଫାଇନାଲ ମ୍ୟାଚ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଭାବେ ଦ୍ୱିତୀୟ କ୍ୱାଟର ଫାଇନାଲରେ ଆୟୋଜକ ନେତାଜୀ କ୍ଲବ୍ ତରାସ ପେନାଲଟି ସ୍କୋର ମାଧ୍ୟମରେ ପାରାଦୀପ ବନ୍ଦର ଦଳକୁ ହରାଇ ସେମିଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ଭଲିବଲ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, ୨୨।୧୦(ସମିସ): ୬୯ତମ ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅଧୀନ ଫକିରାବାଦ ସ୍ଥିତ ରାମଚନ୍ଦ୍ର ନୋଡ଼ାଲ ଉଚ୍ଚବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଛାତ୍ରୀ ଜୁବୁଲି ସିଂଙ୍କୁ



ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟର ପ୍ରଥମ ଛାତ୍ରୀ ଭାବେ ଏହି ବିରଳ କୃତିତ୍ୱ ହାସଲ କରିଥିବାରୁ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜୁବୁଲିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଶ୍ରୀମତୀ ସାମଲଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମ୍ବର୍ଦ୍ଧିତ କରିବାସହ ତାଙ୍କର ଭବିଷ୍ୟତ ଜୀବନ ଉତରୋତର କାମନା କରିଥିଲେ । ଏଥିସହିତ ଜୁବୁଲିଙ୍କୁ ବିଦ୍ୟାଳୟରେ ଭଲିବଲ୍ ଖେଳର ଶିକ୍ଷା ପ୍ରଦାନ କରୁଥିବା ଶାରିରୀକ ଶିକ୍ଷା ଶିକ୍ଷକ ମଧୁସୂଦନ ଦାଶଙ୍କୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ବେଶ୍ ପ୍ରଶଂସା କରିଥିଲେ । ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ଶାରିରୀକ ଶିକ୍ଷା ଶିକ୍ଷକ ଶ୍ରୀ ଦାଶ ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଚାଟରାଚକଡ଼ା ପଞ୍ଚାୟତ ଅଧୀନ ମନ୍ତ୍ରୀପଡ଼ା ଗ୍ରାମର ବୁଲୁ ସିଂଙ୍କ ଝିଅ ଜୁବୁଲି ସିଂ ଗତ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଭଦ୍ରକର ଚରମ୍ପା ସ୍ଥିତ ହନୁମାନଜୀଉ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ୬୯ ତମ ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିବା ସହ ଡେରାବିଶ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି ।

# କଟକ ସିଟି



## ବଡ଼ ମେଡିକାଲ ବର୍ଣ୍ଣ ୟୁନିଟରେ ବିକଳ ଅବସ୍ଥା

# ଶଯ୍ୟା ୧୪କୁ ରୋଗୀ ୧୦୬

କଟକ,୨୨।୧୦(ସମିସ):



**ସର୍ଜରୀ ୱାର୍ଡ, ଟ୍ରମା ୟୁନିଟରେ ଚାଲିଛି ରୋଗୀଙ୍କ ଚିକିତ୍ସା**

**ପୋଡ଼ାଜଳା ରୋଗୀଙ୍କୁ ଘାରୁଛି ସଂକ୍ରମଣ ଡର**

**ଲାମା ନେଇ ଘରୋଇ ହସ୍ପିଟାଲକୁ ପଳାଉଛନ୍ତି**

ଦୀପାବଳିରେ ପୋଡିଜଳି ହୋଇ ଶହେରୁ ଅଧିକ ରୋଗୀ କଟକ ବଡ ମେଡିକାଲ ଆସିଛନ୍ତି। ଉନ୍ନତ ଚିକିତ୍ସା ମିଳିବ, ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ଆଶା ବାନ୍ଧିଛନ୍ତି। ହେଲେ ବର୍ଣ୍ଣ ୟୁନିଟର ସ୍ଥିତି ଦେଖିଲେ ଚିକିତ୍ସା କିପରି ଚାଲିଛି ତାହା ଜଳଜଳ ହୋଇ ଦିଶୁଛି। ଏହି ୟୁନିଟରେ ଶଯ୍ୟା ସଂଖ୍ୟା ସମୁଦାୟ ୧୪, ମାତ୍ର ଦୀପାବଳିରେ ପୋଡି ହୋଇ ଆସିଥିବା ଆହତଙ୍କ ସଂଖ୍ୟା ମୋଟ୍ ୧୦୬। ଏଣୁ ମେଡିକାଲ କର୍ତ୍ତୃପକ୍ଷ ବାଧ ହୋଇ ଆହତଙ୍କୁ ସର୍ଜରୀ ୱାର୍ଡ ଏବଂ ଟ୍ରମା ୟୁନିଟରେ ଭର୍ତ୍ତି କରୁଛନ୍ତି। ପୋଡ଼ାଜଳା ରୋଗୀଙ୍କୁ ଅନ୍ୟ ସାଧାରଣ ରୋଗୀଙ୍କ ପାଖରେ ରଖି ଚିକିତ୍ସା କରାଯାଉଛି। ଯାହାକି ପୋଡାଜଳା ରୋଗୀଙ୍କ ପାଇଁ ସଂକ୍ରମଣର ଡର ଘାରିଛି। ଏହା ଭିତରେ କିଛି ରୋଗୀ ଲାମା ନେଇ ଘରୋଇ ହସ୍ପିଟାଲକୁ ଚାଲି ଯାଇଥିବା ଜଣାପଡ଼ିଛି। ରାଜ୍ୟରେ ବର୍ଣ୍ଣ ୟୁନିଟ ପ୍ରାୟତଃ ନଥିବା ବେଳେ ସମସ୍ତ ଜିଲ୍ଲାର ଗୁରୁତରଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଉଛି। ଏଭଳି ସ୍ଥିତିରେ ୟୁନିଟରେ ମାତ୍ର ୧୪ ଶଯ୍ୟା ଉପଲବ୍ଧ କରାଯିବା ଏକ ବିଡମ୍ବନାର ବିଷୟ ପାଲଟିଛି।

ମେଡିକାଲ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଦୀପାବଳି ସନ୍ଧ୍ୟା ପରଠାରୁ ମଙ୍ଗଳବାର ବିଳମ୍ବିତ ରାତି ମଧ୍ୟରେ ମୋଟ ୧୦୬ଜଣ ବ୍ୟକ୍ତି ପୋଡିଜଳି ବଡ ମେଡିକାଲ ଆସିଛନ୍ତି। ଏମାନଙ୍କ ଭିତରେ ଅଧାରୁ ଅଧିକ ରହିଛନ୍ତି ନାବାଳକ ଓ ନାବାଳିକା। ଏପରିକି ୧୦ବର୍ଷରୁ କମ୍ ବୟସ ବର୍ଗର ପ୍ରାୟତଃ ଶିଶୁ ପୋଡି ହୋଇ ଏଠାରେ ଭର୍ତ୍ତି ହୋଇଛନ୍ତି। କଟକ ଜିଲ୍ଲାରୁ ୫୦ରୁ ଅଧିକ ଆହତ ଥିବା ବେଳେ ଜଗତସିଂହପୁର, ବାଲେଶ୍ୱର, ପୁରୀ, ନୟାଗଡା, କେନ୍ଦ୍ରାପଡା, ଯାଜପୁର, ଅନୁଗୁଳ, ଭଦ୍ରକ, କେନ୍ଦୁଝର ଏବଂ ବରଗଡର ଆହତଙ୍କୁ ଏଠାକୁ ଅଣାଯାଇଛି। ହେଲେ ବର୍ଣ୍ଣ ୟୁନିଟର ଶଯ୍ୟା ସଙ୍କଟ ଚିକିତ୍ସା ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ରୂପେ ବାଧା ସୃଷ୍ଟି କରୁଛି। ୟୁନିଟରେ ସାଧାରଣ ଶଯ୍ୟା ୬ଟି ଥିବା ବେଳେ ଆଇସିୟୁ ଶଯ୍ୟା ୮ଟି ରହିଛି। ଯେଉଁମାନେ ଗୁରୁତର ଭାବେ ପୋଡିଜଳି ଯାଇଛନ୍ତି ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଉଛି। ଅବଶିଷ୍ଟ ରୋଗୀଙ୍କ ପାଇଁ ୬ଟି ଶଯ୍ୟା ବଳକା ଥିବାରୁ ମେଡିକାଲ କର୍ତ୍ତୃପକ୍ଷ ଉପାୟ ନ ପାଇ ସର୍ଜରୀ ଏବଂ ଟ୍ରମା ୟୁନିଟରେ ରୋଗୀଙ୍କୁ ରଖି ଚିକିତ୍ସା କରୁଛନ୍ତି। ଭଦ୍ରକ ଅଞ୍ଚଳରୁ ଆସିଥିବା ଜଣେ ରୋଗୀ ସମ୍ପର୍କୀୟ ଅଭିଯୋଗରେ ଜଣାଇଛନ୍ତି କି, ତାଙ୍କ ପୁଅ ଅସାବଧାନତା ବଶତଃ ବାଣରେ ପୋଡି ହୋଇ ଯାଇଥିଲା। ପ୍ରଥମେ ତାଙ୍କୁ ଭଦ୍ରକ ହସ୍ପିଟାଲ ନେଇଥିଲେ। ସେଠାରୁ କଟକ ପଠାଇ ଦିଆଯାଇଥିଲା। ହେଲେ ଏଠାରେ ତାଙ୍କୁ ସର୍ଜରୀ ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ଯେଉଁଠାରେ ସେ ଭର୍ତ୍ତି ହୋଇଛନ୍ତି ସେଠାରେ ଅସହ୍ୟ ଗୁଳୁଗୁଳି ହେଉଛି। ସେ ଘରୋଇ ହସ୍ପିଟାଲକୁ ଚାଲିଯିବେ ବୋଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ଏଭଳି ଅନେକ ରୋଗୀ ସମ୍ପର୍କୀୟ ମେଡିକାଲର ଅବ୍ୟବସ୍ଥାକୁ ସହ୍ୟ ନକରି ପାରି ଘରୋଇ ହସ୍ପିଟାଲକୁ ଚାଲିଗଲେଣି। ତେବେ ଏଭଳି ସମସ୍ୟା ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବାଣଜନିତ ପ୍ରଦୂଷଣକୁ ନେଇ ଉଦ୍‌ବେଗ



କଟକ,୨୨।୧୦(ସମିସ): ଦୀପାବଳି ପର୍ବରେ ବାଣ ଫୁଟାଇବା ଜନିତ ପରିବେଶ ପ୍ରଦୂଷଣ ଘେନି ବିଶିଷ୍ଟ ବ୍ୟକ୍ତିମାନେ ଘୋର ଉଦବେଗ ପ୍ରକାଶ ପ୍ରକାଶ କରିଛନ୍ତି। ଆଜି ବିଡାନାସୀସ୍ଥିତ ମମତା ସର୍ଟ ଷ୍ଟେ ହୋମରେ ଆୟୋଜିତ ପରିବେଶ ସଂକ୍ରାନ୍ତ ଆଲୋଚନାଚକ୍ରରେ ଯୋଗଦେଇ ବିଶିଷ୍ଟ ପରିବେଶ ବିଜ୍ଞାନୀ ଡ. ଆଶୁତୋଷ ଦେବତା ପରିବେଶ ପ୍ରଦୂଷଣର କାରଣ ଓ ନିରାକରଣ ସଂପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ ବ୍ୟାପକ ଚାରାରୋପଣ ପାଇଁ ଜନସାଧାରଣ ବିଶେଷ କରି ବିଦ୍ୟାର୍ଥୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବାକୁ ଆହ୍ୱାନ ଜଣାଇଥିଲେ। ମୁରୁଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିସରରେ ଅନ୍ତେବାସୀମାନେ ଚାରାରୋପଣ କରିଥିଲେ। ତତ୍ତ୍ୱବଧାରିକା ଚଇତାଳି ସ୍ୱାଇଁ, ମଞ୍ଜୁଲତା ଜେନା ଓ ବିଜୟା ମଣ୍ଡଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରେରଣାଦାୟୀ ବକ୍ତୃତା




କଟକ,୨୨।୧୦(ସମିସ): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଭାଷା ଓ ସାମାଜିକ ବିଜ୍ଞାନ ବିଭାଗ କଳା, ଯୋଗାଯୋଗ ଓ ଭାରତୀୟ ଅଧ୍ୟୟନ ଅନୁଷ୍ଠାନ ଦ୍ୱାରା ଶ୍ରୁତି ଭବନରେ ଏକ ସ୍ୱତନ୍ତ୍ର ବକ୍ତୃତା: "ନାଟକ ଓ ଚଳଚ୍ଚିତ୍ରର ଆତ୍ମାକୁ ଅନୁସନ୍ଧାନ" ଶୀର୍ଷକ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାନ ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ର ଉପସ୍ଥିତ ଥିଲେ। ସେ କହିଥିଲେ ଯେ "ନାଟକ ସେଠାରୁ ଆରମ୍ଭ ହୁଏ ଯେଉଁଠି ଶବ୍ଦ ଶେଷ ହୁଏ। ମଞ୍ଚ ଓ ପରଦାର ଭାବନାତ୍ମକ ଓ ଆଧ୍ୟାତ୍ମିକ ସାର ଉପରେ ସେ ଜୋର ଦେଇଥିଲେ। ତାଙ୍କ ଜୀବନ୍ତ ଅନୁଭବ ଓଡ଼ିଆ ନାଟକର ସ୍ୱର୍ଣ୍ଣିମ ଯୁଗର ଅନୁଭବ ପ୍ରଦାନ କରିଥିଲା। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ତେଜ ପ୍ରତାପ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଫଏସିଆଇଏସର ଡିନ, ପ୍ରଫେସର ଗୁରୁ ରତିକାନ୍ତ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଡ. ଦେବୀ ଦେବଯାନୀଙ୍କ ଦ୍ୱାରା ଏକ ଆତ୍ମାସ୍ପର୍ଶୀ ଭଜନ ପରିବେଷଣ କରାଯାଇଥିଲା। ଏସଓଏସସିର ମୁଖ୍ୟ, ଡ. ରାକେଶ ତ୍ରିପାଠୀ ତାଙ୍କର ସ୍ୱାଗତ ଭାଷଣରେ ନାଟକ ଓ ଚଳଚ୍ଚିତ୍ରକୁ କେବଳ ମନୋରଞ୍ଜନ ନୁହେଁ, ବରଂ ମାନବ ମନର ଗଭୀର ପ୍ରତିଫଳନ ଭାବେ ଦେଖିବାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ମଧୁମିତା ଦାସ ଧନ୍ୟବାଦ ଦେଇଥିଲେ। ଏଫଏସିଆଇଏସର ସହକାରୀ ଅଧ୍ୟାପକ ତ୍ରିନାଥ ମଜୁମଦାରଙ୍କୁ ତାଙ୍କର ସୃଜନଶୀଳ ଡିଜାଇନ ପାଇଁ ବିଶେଷ ସ୍ୱୀକୃତି ଦିଆଯାଇଥିଲା।

## ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




କଟକ,୨୨।୧୦(ସମିସ): ଅଖିଳ ଓଡ଼ିଶା ଝୋପଡ଼ିପଟ୍ଟି ମହାସଂଘ ତରଫରୁ ନୂଆପଡ଼ା ବାଲିସାହି ବସ୍ତି ବାସିନ୍ଦାଙ୍କ ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ସିଏମସି କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ହୋଇଥିଲା। ଅନୁଷ୍ଠାନର ସଭାପତି ବୃନ୍ଦାବନ ଦାସ ଆଜାଦଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ପ୍ରାୟ ଅଢେଇ ଶହରୁ ଅଧିକ ସ୍ତ୍ରୀ ପୁରୁଷ ସାମିଲ ହୋଇଥିଲେ। ଚାରିବର୍ଷ ହେଲା ବାଲିସାହିରେ ଥଇଥାନ ହୋଇଥିବା ଗଡଗଡିଆ ପଠା ଆଦିବାସୀ ବସ୍ତି, ଯୋବ୍ରା ଟିଣପିଟା ସାହି, ବୋଷ ଇଞ୍ଜିନିୟରିଂ ବସ୍ତି ଏବଂ ମାଲଗୋଦାମ କୋଇଲା ଡିପୋ ବସ୍ତିକୁ ବର୍ତ୍ତମାନ ତୁରନ୍ତ ବିଦ୍ୟୁତ ସଂଯୋଗ ଦେବା, ସେଠାରେ ଥିବା ମୁଖ୍ୟ ରାସ୍ତା ନିର୍ମାଣ କରିବା, ଶୌଚାଳୟରେ ଟାଙ୍କି ସଫା କରିବା, ଭାଙ୍ଗି ଯାଇଥିବା ଗୋଷ୍ଠୀ ଶୌଚାଳୟ ଗୁଡ଼ିକୁ ମରାମତି କରିବା, ଗୋଷ୍ଠୀ ଶୌଚାଳୟକୁ ପାଣି ଯୋଗାଉଥିବା ମୋଟର ପମ୍ପଟି ଖରାପ ହୋଇଥିବାରୁ ତାକୁ ତୁରନ୍ତ ମରାମତି କରିବା ଆଦି ପ୍ରମୁଖ ଦାବିଗୁଡ଼ିକୁ ନେଇ ଧାରଣାରେ ବସିଥିଲେ। କମିଶନରଙ୍କ ଅନୁପସ୍ଥିତିରେ ଅତିରିକ୍ତ କମିଶନର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଦାବିଗୁଡ଼ିକୁ ପୁରଣ କରିବାକୁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ ସଞ୍ଜୟ ନାୟକ, ବେଣୁଧର ବେହେରା, ଶିବ ବେହେରା, ହରି ବେହେରା, ମଦନ ସୋରେନ ପ୍ରମୁଖ ସାମିଲ ଥିଲେ।

## ବିଳମ୍ବିତ ଆବେଦନକୁ କ୍ଷମା ସହ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୨।୧୦(ସମିସ): ଅନୁକମ୍ପା ନିଯୁକ୍ତି ପାଇଁ କର୍ମଚାରୀଙ୍କ ମୃତ୍ୟୁର ଦୁଇ ବର୍ଷରୁ ଅଧିକ ବିଳମ୍ବରେ ହୋଇଥିବା ଆବେଦନକୁ କ୍ଷମା ସହ ଆବେଦନକାରୀଙ୍କୁ ୮ ସପ୍ତାହ ମଧ୍ୟରେ ନିଯୁକ୍ତି ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କ୍ଷଣପ୍ରଭା ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଆବେଦନକାରୀଙ୍କ ଦାବିକୁ ଖାରଜ ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଆବେଦନକାରୀଙ୍କ ସ୍ୱାମୀ ସରକାରୀ ଚାକିରିରେ ଥିବା ବେଳେ ୧୪.୦୧.୨୦୧୮ରେ ମୃତ୍ୟୁବରଣ କରିଥିଲେ। ହେଲେ ଆବେଦନକାରୀ ଗତ ୧୦.୧୧.୨୦୨୦ରେ ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିଥିଲେ। ଯେଉଁଠି ଆବେଦନର ସମୟ ସୀମା ଏକ ବର୍ଷ ଥିଲା। ଫଳରେ ଆବେଦନକାରୀଙ୍କ ଦାବି ଖାରଜ କରାଯାଇଥିଲା। ଏପରି ବିଳମ୍ବକୁ କ୍ଷମା କରି ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସତ୍ୟରଞ୍ଜନ ପତି ମାମଲା ପରିଚାଳନା କରୁଥିଲେ।

## ଜୟ ଜଗନ୍ନାଥ କ୍ଲବ ସଭାପତିଙ୍କ ବିୟୋଗ



କଟକ,୨୨।୧୦(ସମିସ): ଯୋବ୍ରା ନୂଆସାହି ଶ୍ରୀ ଜୟଜଗନ୍ନାଥ କ୍ଲବ ତଥା ଶ୍ରୀ ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ତନୟ ବେହେରାଙ୍କ ଗତ ରବିବାର ମଧ୍ୟରାତ୍ରିରେ ହୃଦଘାତରେ ଅକାଳ ବିୟୋଗ ହୋଇଯାଇଛି। ଯୋବ୍ରା ନୂଆସାହିର ବରିଷ୍ଠ ମୁରବୀ ରାଧାନାଥ ବେହେରାଙ୍କର ଏକମାତ୍ର ପୁତ୍ର ତନୟ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କ୍ଲବର ସଭାପତି ରୂପେ କାର୍ଯ୍ୟ ନିର୍ବାହ କରିଆସୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ଏବଂ ପରିବାରବର୍ଗ ଉପସ୍ଥିତ ରହିଥିଲେ। ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ କାଳିଆବୋଦା ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ସାଇ ମୁଖାଗ୍ନି ଅର୍ପଣ କରିଥିଲେ। ତାଙ୍କ ଏହି ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳିଯାଇଛି।

## ପ୍ରିୟମ୍ବଦାଙ୍କ ବିୟୋଗରେ ବାରବାଟୀ କଟକ ବିଜେଡିର ଶୋକ



କଟକ,୨୨।୧୦(ସମିସ): କଟକ ମହାନଗର ନିଗମ ୱାର୍ଡ ନଂ ୫ର କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁଙ୍କ ବିୟୋଗରେ ବାରବାଟୀ କଟକ ବିଜୁ ଜନତା ଦଳ ପକ୍ଷରୁ ଶୋକ ପ୍ରକାଶ ପାଇଛି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବିଜେଡି ନେତା ମଧୁସୂଦନ ସାହୁ, ରଞ୍ଜନ ବିଶ୍ୱାଳ, ନାରୀନେତ୍ରୀ ଅନିତା ବେହେରା, ପରେଶ ଦାସ, କୁଳିଆ ମହାନ୍ତି, ଜନସନ ମହାପାତ୍ର, ଲିଙ୍ଗରାଜ ହାତୀ, ଅଂଶୁ ତ୍ରିପାଠୀ, ସୟଦ ଏକ୍ରାମ ହୁସେନ, ଯୁବ ଛାତ୍ର କର୍ମୀ, କର୍ପୋରେଟର ଦିପ୍ତିମୟୀ ମୂଳିଆ, ମୋନାଲିସା ଦାସ, ଅରୁନ୍ଧତୀ କର, କୁରେସା ନୁର, ବନଲତା ପ୍ରଧାନ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ।

## ଓଡ଼ିଶା ସବ୍‌ଜୁନିୟର ଫୁଟ୍‌ବଲ୍ ଦଳରେ ଆଦିତ୍ୟ




ଫୁଲନଖରା,୨୨।୧୦(ସମିସ): କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ନୂଆଗଡ ଗ୍ରାମର ବିଘ୍ନେଶ୍ୱର ବରାଳଙ୍କ ପୁତ୍ର ଆଦିତ୍ୟ ବରାଳ ଜାତୀୟସ୍ତରରେ ଖେଳିବା ପାଇଁ ଓଡ଼ିଶା ସବ୍ ଜୁନିୟର ଫୁଟ୍‌ବଲ ଦଳ ପାଇଁ ମନୋନୀତ ହୋଇ ଅଞ୍ଚଳର ଗୌରବକୁ ବୃଦ୍ଧି କରିଛନ୍ତି। ଆଦିତ୍ୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୬ଷ୍ଠ ଶ୍ରେଣୀ ଛାତ୍ର। ତାଙ୍କର ପିତା ଜଣେ ଦକ୍ଷ ଫୁଟବଲ୍ ଖେଳାଳି। ପିଲାଟି ବେଳରୁ ସେ ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଫୁଟ୍‌ବଲ ଦଳରେ ନିଜକୁ ସାମିଲ କରିପାରିଛନ୍ତି। ଆଦିତ୍ୟ ଓଡ଼ିଶା ଫାଓ ଆସୋସିଏସନ୍ ଅଧୀନରେ ନାମ ପଞ୍ଜୀକରଣ କରି ଦୀର୍ଘ ୬ ମାସ ହେବ ଫୁଟବଲ ଅଭ୍ୟାସ କରୁଥିଲେ। ତାଙ୍କର ନିଷ୍ଠା ଓ ଆତ୍ମବିଶ୍ୱାସ ପାଇଁ ଓଡ଼ିଶା ସବ୍ ଜୁନିୟର ଦଳରେ ସାମିଲ ହେବା ସହ ପଞ୍ଜାବ ଅମୃତସରରେ ଅନୁଷ୍ଠିତ ହେବାକୁ ଥିବା ସବ୍-ଜୁନିୟର ଜାତୀୟ ଫୁଟବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶାରୁ ଖେଳିବାକୁ ଯାଇଥିବା ୧୯ଜଣ ଖେଳାଳିଙ୍କ ଭିତରେ ଡିଫେଣ୍ଡର ଭାବରେ ଖେଳିବା ପାଇଁ ସୁଯୋଗ ପାଇଛନ୍ତି। ଏହି କୃତିତ୍ୱ ପାଇଁ ଅଞ୍ଚଳର ବରିଷ୍ଠ ମୁରବୀ ପୀତବାସ ମହାପାତ୍ର, ୫୮ନଂ ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, ଗ୍ରାମ୍ୟ କମିଟିର ସଭାପତି ବିକ୍ରମ ଶତପଥୀ, ସଚିବ ପ୍ରଶାନ୍ତ ମହାପାତ୍ରଙ୍କ ସମେତ ଗ୍ରାମ୍ୟ ଉନ୍ନୟନ କମିଟିର ସମସ୍ତ ସଦସ୍ୟ ଆଦିତ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜ୍ୟୋସ୍ନାମୟୀ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



କଟକ,୨୨।୧୦(ସମିସ): ତଳତେଲେଙ୍ଗା ବଜାର ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ପ୍ରବୀଣା, ସ୍ମିତଭାଷୀ, ପରୋପକାରୀ, ଅଜସ୍ର ଜ୍ଞାନର ଅଧିକାରିଣୀ ସ୍ୱର୍ଗତା ଜ୍ୟୋସ୍ନାମୟୀ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭୧ ବର୍ଷର ଜୀବନ ଜ୍ୟୋସ୍ନା ସ୍ମରଣିକା ପୁସ୍ତକ କଳା ବିକାଶ କେନ୍ଦ୍ରର ସଭାପତି ପ୍ରଫେସର ଡ. ବିଜୟାନନ୍ଦ ସିଂହଙ୍କ ପୌରହିତ୍ୟରେ ଉନ୍ମୋଚିତ ହୋଇଯାଇଛି। ସୁନାମଧନ୍ୟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡକ୍ଟର ଶ୍ୟାମାମଣି ଦେବୀ, ପଣ୍ଡିତ ଏ.ମହେଶ୍ୱର ରାଓ, ପଣ୍ଡିତ ହରମୋହନ ଖୁଣ୍ଟିଆ ସମେତ ଅନେକ କଣ୍ଠଶିଳ୍ପୀ ଓ ଯନ୍ତ୍ରଶିଳ୍ପୀ ଉପସ୍ଥିତ ଥିଲେ। ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଡ. ପ୍ରଦ୍ୟୁମ୍ନ କିଶୋର ନାୟକ ଆଶ୍ରିବଚନ ପ୍ରଦାନ କରିବା ସହିତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଡ. ଅମୀୟ ରଞ୍ଜନ ମହାପାତ୍ର, ବିଶିଷ୍ଟ ପରିବେଶବିତ ଡ. ଜୟକୃଷ୍ଣ ପାଣିଗ୍ରାହୀ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ସୁକଦେବ ନନ୍ଦ ଓ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଉପସ୍ଥିତ ଥିଲେ। ପରିବାରର ସମସ୍ତ ସଦସ୍ୟଙ୍କ ସହିତ କାର୍ଯ୍ୟକ୍ରମକୁ ଦୀପକ ଦାଶ ଓ ସୁଶ୍ରୀ ଦିପ୍ତି ଦାଶ ପରିଚାଳନା କରିଥିଲେ।

**ଐତିହାସିକ ବାଲିଯାତ୍ରା କଟକ-୨୦୨୫**

# ଏଥର ଫାଇବର୍‌ରେ 'ବୋଇତ'

କଟକ,୨୨।୧୦(ସମିସ):

ବାଲିଯାତ୍ରାକୁ ଆଉ ଦିନ କେଇଟା ବାକି। ଏଥିପାଇଁ ପ୍ରସ୍ତୁତ ହେଲାଣି ଯାତ୍ରା ପଡ଼ିଆ। ଧିରେଧିରେ ଚଳଚଞ୍ଚଳ ହେଲାଣି ମହାନଦୀ କୂଳ। ପରମ୍ପରା ଅନୁଯାୟୀ ବାଲିଯାତ୍ରା ଉଦ୍‌ଘାଟନୀ ଦିନ ବୋଇତରେ ଆସିବେ ଅତିଥି। ଏଥିପାଇଁ ମହାନଦୀ କୂଳରେ ଚାଲିଛି ବୋଇତ ନିର୍ମାଣ। ପ୍ରଥମଥର ପାଇଁ କାଠ ବଦଳରେ ଫାଇବରରେ ବୋଇତ ତିଆରି କରାଯାଉଛି। ଓଡ଼ିଆ ସଂସ୍କୃତିକୁ ଆଧାର କରି ଏହି ବୋଇତ ପ୍ରସ୍ତୁତ କରାଯାଉଥିବାବେଳେ ଏଥିରେ ହଂସ ପ୍ରତିକୃତି ରହିବ। ବୋଇତର ଉପର ପାଶ୍ୱର୍ରେ ଏକ ମନ୍ଦିର ସହ ଅଶୋକ ସ୍ତମ୍ଭର ପ୍ରତିକୃତି ରଖିବାକୁ ଯୋଜନା କରାଯାଇଛି। ପୁରୀ ଏବଂ କଲିକତାର କାରୀଗରମାନେ ପ୍ରାୟ ୧୦ ଦିନରୁ ଅଧିକ ସମୟ ଧରି ଏହାକୁ ତିଆରି କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି। ପ୍ରାୟ ୮ ଜଣ କାରୀଗର ନିର୍ମାଣ କାର୍ଯ୍ୟରେ ଲାଗିଥିବାବେଳେ ପ୍ରଶାସନ ଦ୍ୱାରା ଉକ୍ତ ବୋଇତ ପ୍ରସ୍ତୁତ କରାଯାଉଛି। ଫାଇବର କାମ ଶେଷ ହୋଇ ସାରିଛି। ବୋଇତରେ କିଛି କାଠ ପଟା ଲଗାଯାଉଛି। ଆସନ୍ତା ୧ ତାରିଖ ପୂର୍ବରୁ ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ପ୍ରଶାସନର ଏକ ଟିମ୍ ବୁଲି ଦେଖିଛନ୍ତି।

ବାଲିଯାତ୍ରାର ପ୍ରଥମ ପର୍ଯ୍ୟାୟ ପ୍ଲଟ ଆବଣ୍ଟନ ବା ନିଲାମ ପ୍ରକ୍ରିୟା ଶେଷ ହୋଇଛି। ମୋଟ ତିନିଟି ସ୍ଥାନରେ ଏହି ପ୍ରକ୍ରିୟା ଚାଲିଥିବାବେଳେ ପାଖାପାଖି ୬୦୦ ପ୍ଲଟ ପ୍ରାରମ୍ଭିକ ପର୍ଯ୍ୟାୟ ଆବଣ୍ଟନ କରାଯାଇଛି। ଅନ୍ୟପକ୍ଷରେ ତଳପଡ଼ିଆ ବିଭିନ୍ନ ଦୋକାନ ନିମନ୍ତେ ପ୍ଲଟିଂ ଆରମ୍ଭ ହୋଇଛି। ପ୍ଲଟର ମାପ ଅନୁଯାୟୀ ଚୂନ ଦିଆ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି। ସେହିପରି ପଲ୍ଲିଶ୍ରୀ ମେଳାରେ ମା'ମାନଙ୍କୁ ସ୍ୱତନ୍ତ୍ର ତାଲିମ୍ ଦିଆଯିବା ପାଇଁ ଯୋଜନା ରହିଛି। ସେମାନେ କିଭଳି ନିଜ ଉତ୍ପାଦକୁ ଅନଲାଇନ ଦ୍ୱାରା ବଜାରରେ ବିକ୍ରି କରିପାରିବେ ସେଥି ନିମନ୍ତେ ୩ ଦିନିଆ ତାଲିମ୍ ପ୍ରଦାନ କରାଯିବ। ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର କମ୍ପାନୀ ମାଷ୍ଟର ଟ୍ରେନର ସାମିଲ ହେବେ। ପଲ୍ଲିଶ୍ରୀ ମେଳାରେ ହେବ ୬କୋଟି ଟଙ୍କାର ବୀମା। ଚଳିତବର୍ଷ ଓରମାସ ଦ୍ୱାରା ପ୍ରାୟ ୧୫୦୦ ଏସଏଚଜି ମହିଳା ଏବଂ ଉଦ୍ୟୋଗୀ ସାମିଲ ହେବେ। ସେମାନଙ୍କ ପାଇଁ ଓରମାସ ପକ୍ଷରୁ ରହଣି ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଫୁଡ ଷ୍ଟଲ ପ୍ରତି ପିଛା ୫ ଲକ୍ଷ ଟଙ୍କାର ବୀମା ରହିଛି। ଓରମାସ୍‌ରେ ଏଥର ଲିଙ୍ଗରାଜ ମନ୍ଦିର ମୁଖଶାଳା ଶୋଭାପାଇବ। ପଲ୍ଲିଶ୍ରୀ ମେଳା ପ୍ରବେଶ ପଥର ସ୍ଥାନ ପାଇବ ବାଙ୍କୀର ପଟ୍ଟଚିତ୍ର। ଚଳିତଥର ବାଲିଯାତ୍ରାରେ ପଲ୍ଲିଶ୍ରୀ ମେଳା ଅନ୍ୟ ଏକ ପ୍ରମୁଖ ଆକର୍ଷଣ ସାଜିବ।

## ବାଲିଯାତ୍ରା ପଡିଆରେ ପଡ଼ିବ ପୁସ୍ତକ ମେଳା

**୭ଟି ଷ୍ଟଲରେ ମିଳିବ ବହି**

କଟକ,୨୨।୧୦(ସମିସ): ଐତିହାସିକ କଟକ ବାଲିଯାତ୍ରା ଏଥର ଏକ ଛୋଟ ପୁସ୍ତକ ମେଳାର ସାକ୍ଷୀ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇ ପ୍ରସ୍ତୁତି ଆରମ୍ଭ ହୋଇଛି। ତଳ ବାଲିଯାତ୍ରା ପଡିଆର କଟକ ଇନ କଟକ ଠାରେ ୭ଟି ଷ୍ଟଲ ପୁସ୍ତକ ପ୍ରଦର୍ଶନୀ ଓ ବିକ୍ରି ପାଇଁ ଉପଲବ୍ଧ ରହିବ। ଏଥିପାଇଁ ରାଜ୍ୟର ସମସ୍ତ ପୁସ୍ତକ ପ୍ରକାଶନୀ ସଂସ୍ଥାଙ୍କ ଠାରୁ ଆବେଦନ ଆହ୍ୱାନ କରାଯାଇଛି। ଆସନ୍ତା ନଭେମ୍ବର ୫ରୁ ୧୨ତାରିଖ ପର୍ଯ୍ୟନ୍ତ ଐତିହାସିକ ବାଲିଯାତ୍ରା କଟକ-୨୦୨୫ ବାଲିଯାତ୍ରା ପଡିଆରେ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ କଟକ ଇନ କଟକ ଠାରେ ଏକ "ଆମ ଭାଷା ଆମ ସାହିତ୍ୟ" ଶୀର୍ଷକ ଏକ ପୁସ୍ତକ ପ୍ରଦର୍ଶନୀ ଆୟୋଜନ କରାଯାଉଛି। ଏଣୁ ଆଗ୍ରହୀ ପୁସ୍ତକ ପ୍ରକାଶନୀ ସଂସ୍ଥାଙ୍କୁ ମୋଟ ୭ (ସାତ)ଟି ୧୫ ଗୁଣନ ୧୫ ଫୁଟର ଷ୍ଟଲ ସହ ଆନୁସଙ୍ଗିକ ସୁବିଧା ଯଥା ବହି ଥାକ, ପଙ୍ଖା, ଟ୍ୟୁବଲାଇଟ, ଟେବୁଲ, ୨ ଟି ଚେୟାର ଇତ୍ୟାଦି ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଇଚ୍ଛୁକ ସଂସ୍ଥା ମାନଙ୍କର ଓଡିଆ ଭାଷା ଓ ସାହିତ୍ୟ ଉପରେ ଯଥେଷ୍ଟ ପ୍ରକାଶନ ଥିବା ଆବଶ୍ୟକ ବୋଲି ପ୍ରଶାସନ ସର୍ତ୍ତାରୋପ କରିଛି। ପୁସ୍ତକ ଷ୍ଟଲରେ ନିୟୋଜିତ କର୍ମଚାରୀମାନଙ୍କର ଓଡିଆ ଭାଷା ସାହିତ୍ୟରେ ମୌଳିକ ଜ୍ଞାନ ବା ଜରୁରୀ। ଆବେଦନକାରୀମାନେ ସେମାନଙ୍କ ଆବେଦନ ଦାଖଲ କରିଥିବା ବେଳେ ଆଜି ଆବେଦନର ଶେଷ ତାରିଖ ଥିଲା।

## ଆର୍‌ଏସ୍‌ପିର ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ



ରାଉରକେଲା,୨୨।୧୦(ସମିସ): ସେଲ୍ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଚଳିତ ସ୍ୱଚ୍ଛତା ସ୍ୱାଭିମାନ ଅଭିଯାନ ୫.୦ର ଅଂଶସ୍ୱରୂପ ସେକ୍ଟର-୯ ସ୍ଥିତ ମଙ୍ଗଳା ମନ୍ଦିର ଏବଂ ବଜାର ଅଞ୍ଚଳରେ ଏକ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅଭିଯାନଟି ସେଲ୍ ଏସ୍‌ସି ଆଣ୍ଡ ଏସ୍‌ଟି କର୍ମଚାରୀ ମହାସଂଘ, ସେକ୍ଟର-୯ ମନ୍ଦିର କମିଟି ଏବଂ ସେକ୍ଟର-୮ କ୍ରିକେଟ୍ ଟିମ୍ କମିଟି ଦ୍ୱାରା ମିଳିତ ଭାବରେ ସଂଯୋଜିତ ହୋଇଥିଲା। ଏହି ସ୍ୱଚ୍ଛତା ଅଭିଯାନରେ ରଘୁନାଥପାଲୀର ବିଧାୟକ ଦୁର୍ଗାଚରଣ ତନ୍ତୀ ନେତୃତ୍ୱ ନେଇଥିଲାବେଳେ ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ହରପଟ୍ଟନାୟକ ଏବଂ ସହର ଇଞ୍ଜିନିୟରିଂ-ଜନସ୍ୱାସ୍ଥ୍ୟ ବିଭାଗର ଡ. ଦୀପା ଲାଭାଙ୍ଗରେଙ୍କ ସମେତ ଇସ୍ପାତ ଟାଉନସିପର ବାସିନ୍ଦା ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଏହି ଅଭିଯାନରେ ସେଚ୍ଛାସେବୀମାନେ ମଙ୍ଗଳା ମନ୍ଦିର ଏବଂ ବଜାର ଅଞ୍ଚଳସହ ଏହାର ଆଖପାଖରେ ଅଳିଆ ଆବର୍ଜନା ସଫା କରିବା ସହ ଏକ ସଚେତନତା କାର୍ଯ୍ୟକ୍ରମ କରିଥିଲେ, ଯାହା ସର୍ବସାଧାରଣ ସ୍ଥାନରେ ସ୍ୱଚ୍ଛତା ଏବଂ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାର ବାର୍ତ୍ତାକୁ ଆହୁରି ସୁଦୃଢ଼ କରିଥିଲା। ଏହି ପ୍ରୟାସ ସେଲ୍, ଆରଏସପି ତଥା ଏହାର ବିସ୍ତୃତ ସମ୍ପ୍ରଦାୟର ଏକ ସ୍ୱଚ୍ଛ, ସବୁଜ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନରେ ଯୋଗଦାନ ଦେବାର ସାମୂହିକ ଭାବନାକୁ ପ୍ରତିଫଳିତ କରେ। ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜାତୀୟ ଆଥଲେଟ୍ ଅକ୍ଷୟ ମହନ୍ତଙ୍କ ଦେହାନ୍ତ



ରାଉରକେଲା,୨୨।୧୦(ସମିସ): ଜଣାଶୁଣା ଜାତୀୟ ଆଥଲେଟ୍ ଅକ୍ଷୟ ମହନ୍ତଙ୍କ ୫୮ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ଏହି ଖବର ପ୍ରଚାରିତ ହେବାପରେ ସହରର ସମସ୍ତ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ସେ ଗତ ଦୁଇବର୍ଷ ଧରି କର୍କଟ ରୋଗରେ ପିଡ଼ୀତ ହୋଇ କଟକରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ସୂଚନାଯୋଗ୍ୟ ଯେ ଖଜୁରିଆ ରାଇରଙ୍ଗପୁରର ମୂଳବାସିନ୍ଦା ଅକ୍ଷୟ ମହନ୍ତ ୧୯୮୬ ମସିହାରେ ରାଉରକେଲା ଓଏସଏପି ଚତୁର୍ଥ ବାଟାଲିୟନରେ ଯୋଗ ଦେଇଥିଲେ। ଜଣେ ପ୍ରତିଭାବାନ ଆଥଲେଟ୍ ଭାବେ ଚତୁର୍ଥ ଜାତୀୟ ବରିଷ୍ଠ ଆଥଲେଟିକରେ ଚତୁର୍ଥ ସ୍ଥାନ, ୧୫ତମ ସର୍ବଭାରତୀୟ ପୁଲିସ ଆଥଲେଟ୍‌ରେ ଚତୁର୍ଥ ସ୍ଥାନ ସହ ଓଡ଼ିଶା ପୁଲିସ ଟ୍ରିପଲ୍ ଜମ୍ପରେ ରେକର୍ଡ କରିଥିଲେ। ୨୦୧୬ରେ ସେ ଶ୍ରେଷ୍ଠ ସିପାହୀ ଭାବେ ସର୍ବୋଚ୍ଚ ରାଷ୍ଟ୍ରପତି ପୁରସ୍କାର ଗ୍ରହଣ କରିଥିଲେ। ସ୍ୱର୍ଗତ ଅକ୍ଷୟ ମହନ୍ତଙ୍କ ଅନ୍ତ୍ୟେଷ୍ଟିକ୍ରିୟା ତାଙ୍କ ପୈତୃକ ଗ୍ରାମ ଖଜୁରିଆ ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଥିଲା ବେଳେ ତାଙ୍କର ପୁଅ ଓ ଝିଅ ସେଠାରେ ଉପସ୍ଥିତ ଥିଲେ। ତାଙ୍କର ଅକାଳ ବିୟୋଗ ରାଉରକେଲା କ୍ରୀଡ଼ା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଚନ୍ଦ୍ରଶେଖର କ୍ରୀଡା ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କହିଛନ୍ତି। ସେହିପରି ସଂଗଠନର ସଧାରଣ ସମ୍ପାଦକ ଦେବଦତ୍ତ ଜେନା, ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକ ପ୍ରମୁଖ ଶୋକ ବ୍ୟକ୍ତ କରିଥିଲେ। ସେହିପରି ଓଏସଏପି ଚତୁର୍ଥ ବାଟାଲିୟନର ପ୍ରଦୀପ କୁମାର ପଣ୍ଡା, ପ୍ରସନ୍ନ ଷଡଙ୍ଗୀ, ଏସ ଏନ୍ ରକ୍ସା, ପ୍ରଦୀପ କୁମାର ରାଉଳ, ପି କେ ରଥ, ମମତା ପଟ୍ଟନାୟକ, ଗୀତା ମିଶ୍ର, ଦିନବନ୍ଧୁ ଲେଙ୍କା, ବଳରାମ ମାଝୀ, ବିରେନ ମହନ୍ତ ଓ ବରିଷ୍ଠ କୋଚ୍ ତଥା ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଆର୍‌ଏସ୍‌ପିରେ 'ସାବାସ' ପୁରସ୍କାର ସମାରୋହ

ରାଉରକେଲା,୨୨।୧୦(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ସେବା ବିଭାଗର ସିଜିଏମ୍ ଇନଚାର୍ଜଙ୍କ କାର୍ଯ୍ୟାଳୟରେ ଏକ "ସାବାସ' ପୁରସ୍କାର ସମାରୋହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସେବା ବିଭାଗର ସିଜିଏମ୍ ଇନଚାର୍ଜ ଆତିଶ ଚନ୍ଦ୍ର ସରକାର ଅଧ୍ୟକ୍ଷତା କରିବା ସହିତ ପୁରସ୍କାର ଏବଂ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଆରସିଏଲ ବିଭାଗର ଜିଏମ ଇନଚାର୍ଜ ଆର. ଏସ. ଶର୍ମା, ଜିଏମ ଆର. କିରଣ, ସିଇ(ଏସ) ବିଭାଗର ଜିଏମ ଇନଚାର୍ଜ ପବନ ଗୁପ୍ତା, ନବୀନ ଦୁବେଙ୍କ ସମେତ ଉଭୟ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋଟ ୧୦ ଜଣ କର୍ମଚାରୀଙ୍କୁ ସେମାନଙ୍କ ନିଜନିଜ କାର୍ଯ୍ୟ କ୍ଷେତ୍ରରେ ପ୍ରଶଂସନୀୟ ଅବଦାନ, ନିଷ୍ଠା ଏବଂ ଆନ୍ତରିକତା ପାଇଁ ସମ୍ମାନିତ କରାଯାଇଥିଲା। ସିଭିଲ୍ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଦୀପକ କୁମାର ନାୟକ ପ୍ରଶଂସା ପତ୍ର ସହିତ ଏକ ଉପହାର ପାଇଥିବାବେଳେ କ୍ଷୀରୋଦ ଚନ୍ଦ୍ର ବେହେରା ଏବଂ ସୁନୀଲ କୁମାର ସେଣ୍ଡଙ୍କୁ ସେମାନଙ୍କର ଉଦାହରଣୀୟ କାର୍ଯ୍ୟ ପ୍ରଦର୍ଶନ ପାଇଁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଗବେଷଣା ଏବଂ ନିୟନ୍ତ୍ରଣ ପ୍ରୟୋଗଶାଳା (ଆରସିଏଲ) ପକ୍ଷରୁ ଏଚ୍‌ଏସ୍ ପ୍ରଧାନ ଏବଂ ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ପ୍ରଶଂସାପତ୍ର ସହିତ ଉପହାର ମିଳିଥିଲାବେଳେ ଆଦେଶ ସାମନ୍ତରାୟ, ମାର୍ଣ୍ଡି ଡୁଙ୍ଗୁ, ବିଶ୍ୱପ୍ରିୟ ପଟ୍ଟନାୟକ, ତ୍ରିଲୋଚନ ସାମଲ ଏବଂ ରଶ୍ମିତା ବାର୍ଲାଙ୍କୁ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସେବା (ଟେକ୍) ବିଭାଗର ଜିଏମ୍ ପି. ପ୍ରସାଦ ସଂଯୋଜନା କରିଥିଲେ।




### ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଓ ସିମଡେଗା ପୁଲିସର ଚଢ଼ଉ

# ୨.୨୫ କୋଟି ଟଙ୍କାର ଗଞ୍ଜେଇ ଜବତ

ରାଉରକେଲା, ୨୨।୧୦(ସମିସ)



**ରାଉରକେଲାରୁ -ରାଞ୍ଚି ଚାଲାଣ ହେଉଥିଲା**

ରାଉରକେଲାରୁ ଏକ ଟ୍ରକ୍‌ରେ ରାଞ୍ଚି ଅଭିମୁଖେ ଗଞ୍ଜେଇ ଚୋରାଚାଲାଣ ହେଉଥିବାବେଳେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଏବଂ ସିମଡେଗା ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨.୨୫ କୋଟି ଟଙ୍କା ହେବବୋଲି କୁହାଯାଇଛି। ଏହି ଘଟଣାରେ ପୁଲିସ ଟ୍ରକ୍ ଚାଳକ ନସିମ ନାମକ ଜଣେ ଯୁବକକୁ ଗିରଫ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ ରାଉରକେଲାରୁ ଏକ ଟ୍ରକ୍‌ରେ ବିପୁଳ ପରିମାଣରେ ସିମଡେଗା ରାସ୍ତାଦେଇ ରାଞ୍ଚି ଅଭିମୁଖେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ବିଭାଗକୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ସିମଡେଗା ପୁଲିସ ସହାୟତାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ସିମଡେଗାର କୋଲାବିରା ଥାନା ଅଧୀନ ଛଗରିବାଂଘା ନିକଟ ସାହୁ ପେଟ୍ରୋଲପମ୍ପଠାରେ ଅତର୍କିତ ଚଢ଼ଉ କରିଥିଲା। ଏହି ଚଢ଼ଉ ବେଳେ ଉକ୍ତ ଟ୍ରକ୍‌ରୁ ମୋଟ ୮୪ଟି ପ୍ୟାକେଟରେ ଭର୍ତ୍ତିଥିବା ଗଞ୍ଜେଇ ଜବତ କରାଯାଇଥିଲା, ଯାହା ମୋଟ୍ ୪୪୧ କିଲୋଗ୍ରାମ ଓଜନ ହୋଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୨ କୋଟି ୨୫ ଲକ୍ଷ ହେବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଟ୍ରକ୍‌ରେ ଏକ ଗୁପ୍ତ ଚାମ୍ବର ନିର୍ମାଣ କରାଯାଇ ଉକ୍ତ ଚୋରା ଗଞ୍ଜେଇକୁ ଲୁକାୟିତ ଭାବେ ରଖା ଯାଇଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାରେ ପୁଲିସ ଟ୍ରକ୍ ଚାଳକ ଏମ୍‌ଡି ନସିମକୁ ଗିରଫ କରାଯାଇଥିଲା। ତା ଘର ହରିଆଣା ରାଜ୍ୟ ନୁହୁ ଜିଲ୍ଲା ପୁନହାନା ଥାନା ଅଧୀନ ଲାଫୁରି ଗାଁରେ ବୋଲି ଜଣାପଡିଛି। ଅଭିଯୁକ୍ତ ନସିମକୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହାସହ ଗଞ୍ଜେଇ ପରିବହନ ପାଇଁ ବ୍ୟବହୃତ ଟ୍ରକଟିକୁ ମଧ୍ୟ ଜବତ କରାଯାଇ ଘଟଣାର ଅଧିକ ତଦନ୍ତ କରୁଛି ପୁଲିସ। ତେବେ ଏହି ବେଆଇନ ଡ୍ରଗ୍ସ ଚାଲାଣ ନେଟୱାର୍କ ପଛରେ ଅନ୍ୟ କେଉଁମାନେ ଅଛନ୍ତି ଏବଂ ଏହି ଗଞ୍ଜେଇ ଚୋରା ଚାଲାଣର ମାଷ୍ଟରମାଇଣ୍ଡ କିଏ ତାର ଖୋଳତାଡ଼ ଆରମ୍ଭ କରିଛି ଏନସିବି ଏବଂ ସିମଡେଗା ପୁଲିସ ମିଳିତ ଭାବରେ ଅଧିକ ତଦନ୍ତ କରୁଛନ୍ତି।

## ରାସ୍ତାରେ ବିପଦପୂର୍ଣ୍ଣ ଷ୍ଟଣ୍ଟ; ୨୪ ଘଣ୍ଟାରେ ଅମାନିଆ ସାବାଡ଼

ରାଉରକେଲା,୨୨।୧୦(ସମିସ): ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବିପଦପୂର୍ଣ୍ଣ ବାଇକ୍ ଷ୍ଟଣ୍ଟ ଏବେ ଆଇନଗତ ରେକର୍ଡରେ ଆସିଛି। ୨୪ ଘଣ୍ଟା ମଧ୍ୟରେ ରାଉରକେଲା ପୁଲିସ ଜିଲ୍ଲା ଭାଇରାଲ ଭିଡିଓକୁ ଦୃଷ୍ଟିରେ ରଖି ଅମାନିଆମାନଙ୍କୁ ଚିହ୍ନଟ କରି ସାବାଡ କରିଛି।

ଏନେଇ ପୁଲିସ ପକ୍ଷରୁ ଚେତାବନୀ ମୁତାବକ, ରାସ୍ତାରେ ଏପରି ବିପଦପୂର୍ଣ୍ଣ ଷ୍ଟଣ୍ଟ କରିବା ଆଇନ ଦ୍ୱାରା କଡ଼ା ନିଷିଦ୍ଧ ଏବଂ ଏହା ସଡ଼କ ସୁରକ୍ଷା ପାଇଁ ବିପଦ। ଯଦି ଏପରି କୌଣସି ବିପଦପୂର୍ଣ୍ଣ କାର୍ଯ୍ୟକଳାପ କିମ୍ବା ଭିଡିଓ ହସ୍ତକ୍ଷେପ ହୁଏ ତେବେ ତୁରନ୍ତ ଅଭିଯୋଗ କରିବାକୁ ନିବେଦନ କରାଯାଇଛି। ଏହି ପଦକ୍ଷେପ କେବଳ ଦାୟିତ୍ୱପୂର୍ଣ୍ଣ ଡ୍ରାଇଭିଂକୁ ପ୍ରୋତ୍ସାହିତ କରିବା ନୁହେଁ ବରଂ ସହରର ରାସ୍ତାକୁ ସୁରକ୍ଷିତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି।

## ଗାଡ଼ି ଧକ୍କାରେ ୨ ଯୁବକ ଗୁରୁତର

କୋଇଡ଼ା,୨୨।୧୦(ସମିସ): କୋଇଡା ବ୍ଲକ୍ ଡେଙ୍ଗୁଳା ପଞ୍ଚାୟତ ସିଡିମ୍ବା ଗ୍ରାମର ଦୁଇ ଯୁବକ ବନ୍ଧୁ କନ୍ଦା ନାଏକ (୧୭) ଓ ବିର୍ସା ମୁଣ୍ଡା ନିଜ ଗ୍ରାମରୁ ସନ୍ଧ୍ୟା ସମୟରେ ତେହେରାଇ ହୋଇ ସାଗାସାହି ରାସ୍ତାରେ ଏକ ବାଇକରେ ଯାଉଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇଛନ୍ତି।

ଦୁଇବନ୍ଧୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡାକି କୋଇଡା ପୁଲିସ୍‌କୁ ସୂଚନା ଦେଇଥିଲେ। କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଡାକ୍ତର ରାଉରକେଲା ସରକାରୀ ହସପିଟାଲକୁ ସ୍ଥାନାନ୍ତର କରିଛନ୍ତି। ଅନ୍ୟପଟେ ଦୈନନ୍ଦିନ ଦୁର୍ଘଟଣା ଦେଖି ଅଞ୍ଚଳବାସୀ ମନରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଆର୍‌ଏସ୍‌ପି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ରାଉରକେଲା,୨୨।୧୦(ସମିସ): ସେଲ, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଇଏସ୍‌ଆଇସି ସହଯୋଗରେ ଠିକାଦାରମାନଙ୍କ ନିମନ୍ତେ ଅକ୍ଟୋବର ୧୪ ତାରିଖରେ କେନ୍ଦ୍ରୀୟ ବିଦ୍ୟୁତ ତାଲିମ ପ୍ରତିଷ୍ଠାନର ପ୍ରେକ୍ଷାଳୟରେ ଏକ ସଚେତନତା ଅଧିବେଶନ ଆୟୋଜିତ ହୋଇଯାଇଛି। ଏହି ଅଧିବେଶନରେ କାରଖାନାର ବିଭିନ୍ନ ବିଭାଗରେ ନିୟୋଜିତ ମୋଟ ୫୪ ଜଣ ଠିକାଦାର ଓ ସେମାନଙ୍କର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମଟି ଏସ୍‌ପିଆରଇଇ ୨୦୨୫ (ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ପଞ୍ଜୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନା) ଏବଂ ଆମନେଷ୍ଟି- ୨୦୨୫ ଯୋଜନା ଉପରେ ପର୍ଯ୍ୟବେଶିତ ଥିଲାବେଳେ ଯେଉଁମାନେ ଏପର୍ଯ୍ୟନ୍ତ ଇଏସଆଇସି ସହିତ ଜଡ଼ିତ ନାହାଁନ୍ତି ସେମାନଙ୍କୁ ପୁରୁଣା ଦେୟ ଦାବି ବିନା ଇଏସଆଇ ପୋର୍ଟାଲ, ଶ୍ରମ ସୁବିଧା ପୋର୍ଟାଲ ଏବଂ କମ୍ପାନୀ ବ୍ୟାପାର ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିବାକୁ ଉତ୍ସାହିତ କରିବା ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରକାଶ ଯୋଗ୍ୟ ଯେ , ଏସପିଆରଇଇ-୨୦୨୫ ଅଧୀନରେ ପଞ୍ଜୀକରଣ କରିଥିବା ନିଯୁକ୍ତିଦାତାମାନେ ସେମାନଙ୍କ ପଞ୍ଜୀକରଣ ତାରିଖ କିମ୍ବା ସେମାନଙ୍କ ଦ୍ୱାରା ଘୋଷିତ ତାରିଖରୁ କଭର ହୋଇଥିବା ବିବେଚନା କରାଯିବ ଏବଂ ନୂତନ ପଞ୍ଜିକୃତ କର୍ମଚାରୀମାନେ ପଞ୍ଜୀକରଣ ତାରିଖରୁ ହିଁ ଇଏସଆଇ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ଲାଭ ପାଇବା ଆରମ୍ଭ କରିବେ। ଉକ୍ତ ଅଧିବେଶନରେ ଠିକାଦାର ଏବଂ ସେମାନଙ୍କର ପ୍ରତିନିଧିମାନେ ଗଭୀର ଆଗ୍ରହ ଦେଖାଇବା ସହିତ ଏହାର ମତବିନିମୟ ଅଧିବେଶନରେ ଉତ୍ସାହର ସହିତ ଅଂଶଗ୍ରହଣ କରି ସ୍ପଷ୍ଟୀକରଣ ଲୋଡ଼ିବା ସହିତ ଏଠି ସମ୍ବନ୍ଧରେ ନିଜର ସନ୍ଦେହ ଦୂର କରିଥିଲେ। ଏହି ଅଧିବେଶନକୁ ମାନବ ସମ୍ବଳ ବିଭାଗର ଜିଏମ ଜି.ଆର. ଦାଶ ଅଧିବେଶନର ଉଦ୍‌ଘାଟନ କରିଥିଲା ବେଳେ ଇଏସଆଇର ବ୍ରାଞ୍ଚ ମ୍ୟାନେଜର ଅନିସୁର ରହମାନ ଅନସାରୀ ଏହାର ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଦାଶ ଏବଂ ମାନବ ସମ୍ବଳ (ସିଏଲସି) ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗୀତା ଏମ୍. ସିନ୍ଧୁର ଠିକାଦାର ଏବଂ ପର୍ଯ୍ୟବେକ୍ଷକଙ୍କ ସହ ସମସ୍ୟା ଏବଂ ମତାମତ ସମ୍ପର୍କରେ ଆଲୋଚନା କରିଥିଲେ। ମାନବ ସମ୍ବଳ (ପ୍ରକଳ୍ପ) ବିଭାଗର ଡେପୁଟି ମ୍ୟାନେଜର ନୀଳମଣି ମାଝୀ, ମାନବସମ୍ବଳ (ସିଏଲସି) ବିଭାଗର ଡେପୁଟି ମ୍ୟାନେଜର ବିଜ୍ଞାନ ପାତ୍ରଙ୍କ ସହ ଶ୍ରମ କଲ୍ୟାଣ ବିଭାଗର ସେକ୍ସନ ଅଫିସର ଧୃବେଶ ବେହେରା, ସ୍ୱେତା ବେହେରା, କୃଷ୍ଣଚନ୍ଦ୍ର ଦାଶ ଏବଂ ଲକ୍ଷ୍ମଣ ମହାନ୍ତ ସଂଯୋଜନା କରିଥିଲେ।

## ଏନ୍‌ଆଇଟି 'ଆସ୍ରା' ଦ୍ୱାରା ବାର୍ଷିକ ଦୀପ ପ୍ରକଳ୍ପ ଆୟୋଜିତ

ରାଉରକେଲା,୨୨।୧୦(ସମିସ): ପବିତ୍ର ଦୀପାବଳି ପର୍ବରେ ଏନ୍‌ଆଇଟି ରାଉରକେଲାର ସ୍ୱତନ୍ତ୍ର ସେବା କ୍ଲବ୍ 'ଆସ୍ରା' ପକ୍ଷରୁ ବାର୍ଷିକ ଦୀପ ପ୍ରକଳ୍ପ ଆୟୋଜିତ ହୋଇଯାଇଛି। ପ୍ରତିବର୍ଷ ଦୀପାବଳୀରେ ଆସ୍ରାର ସେବକ-ସେବିକାମାନେ ହସ୍ତନିର୍ମିତ ସୁନ୍ଦର ଦୀପ ବିକ୍ରି କରି ସେଥିରୁ ସଂଗୃହୀତ ଅର୍ଥରେ ଆର୍ଥିକ ଅନଗ୍ରସର ମହିଳାମାନଙ୍କୁ ପ୍ରଦାନ କରାଯାଏ। ଏହାଦ୍ୱାରା ସେମାନେ ନିଜର ଜୀବିକା ଅର୍ଜନ କରିବା ସହିତ ଆନନ୍ଦରେ ଦୀପୋତ୍ସବ ପାଳନ କରିପାରନ୍ତି। ଚଳିତବର୍ଷ ମୋଟ ୫୯ ଜଣ ମହିଳା ଏହି ପ୍ରକଳ୍ପରେ ଅଂଶଗ୍ରହଣ କରି ଦୀପ ତିଆରି କରିଥିଲେ। ସ୍ଥାନୀୟ ସେକ୍ଟର - ୨୧ ସ୍ଥିତ ଓଏସ୍‌ଏପି ଠାରେ ପ୍ରକଳ୍ପର ସଫଳତା ଓ ଅର୍ଜିତ ଲାଭ ବଣ୍ଟନ ପାଇଁ ଦୀପାବଳିର ସନ୍ଧ୍ୟାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଟି ରାଉରକେଲାର ଏଆଇଆଇଆର ଡିନ୍ ପ୍ରଫେସର ଏଚ୍. ବି. ସାହୁ, ଆସ୍ରା କ୍ଲବର ଅଧ୍ୟକ୍ଷ ଭାସ୍କର ସିଂହ ତଥା କ୍ଲବର ଅନ୍ୟ ସଦସ୍ୟ-ସଦସ୍ୟା ଉପସ୍ଥିତ ଥିଲେ। ଏଥିରେ ଏନ୍‌ଆଇଟି ରାଉରକେଲାର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ତଥା ଅନ୍ତେବାସୀ ସହଯୋଗ କରିଥିଲେ। ଆସ୍ରା କ୍ଲବର ସଦସ୍ୟମାନେ ଏହି ଦୀପ ପ୍ରକଳ୍ପର ପ୍ରଚ୍ଛଦ ପଟରେ ରହିଥିବା ପ୍ରେରଣାଦାୟୀ, ସମାଜିକ ଯୋଜନା ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ। ଏହି ପ୍ରୟାସ ସେହି ମହିଳା ମାନଙ୍କ ପାଇଁ କେବଳ ଏକ ଆୟର ସ୍ରୋତ ନଥିଲା ବରଂ ଏହା ସେମାନଙ୍କ ସଶକ୍ତିକରଣ ତଥା ଲୋକାୟିତ ପ୍ରତିଭାର ପରିସ୍ଫୁଟନର ସହାୟକ ହୋଇପାରିଥିଲା। ଏତଦ୍‌ବ୍ୟତୀତ ସମାଜର ଅବହେଳିତ ପିଲାମାନଙ୍କୁ ଶିକ୍ଷା ଦେବା, ସ୍ୱାସ୍ଥ୍ୟ ଏବଂ ସଚେତନତା ଅଭିଯାନ ପରିଚାଳନା କରିବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଆସ୍ରା, ରାଉରକେଲାରେ ବିଭିନ୍ନ ଗୋଷ୍ଠୀଗତ କାର୍ଯ୍ୟକ୍ରମ ପରିଚାଳନା କରୁଛି।



## ଜୁଆ ଆଡ୍ଡାରେ ଚଢ଼ଉ
## ୮ ଗିରଫ; ୩ ଲକ୍ଷ ୫୮ ହଜାର ଟଙ୍କା ଜବତ



ରାଉରକେଲା,୨୨।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲାର ହାତୀବାଡ଼ି ଥାନା ଅଧୀନ ନୂଆଗାଁ ବଜାରରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଘର ଭିତରେ ବଡ଼ ଧରଣର ଜୁଆ ଚାଲିଥିବା ଖବରପାଇ ବୀରମିତ୍ରପୁର ଏସଡିପିଓ ସୁଶାନ୍ତ ଦାଶ ଓ ହାତୀବାଡି ପୁଲିସ ଚଢ଼ଉ କରିଥିଲା। ଜୁଆ ଆଡ୍ଡାରୁ ପୁଲିସ ୮ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମୋଟ ୩ ଲକ୍ଷ ୫୮ ହଜାର ୮୩୦ ଟଙ୍କା ଜବତ କରିଥିଲା। ଏ ନେଇ ହାତିବାରୀ ଥାନାରେ ପୁଲିସ ଏକ ମାମଲା ରୁଜୁ କରିବା ସହ ସମସ୍ତଙ୍କୁ ନୋଟିସ ଦେଇ ଛାଡି ଦେଇଥିବା ଜଣା ପଡିଛି। ଅପରପକ୍ଷେ ଜୁଆ ଆଡ୍ଡାରୁ ଅନୁନ୍ୟ ୧୨ ଲକ୍ଷ ଟଙ୍କା ଜବତ ହୋଇଥିବା ନେଇ ଜୁଆଡିମାନେ ବଜାରରେ କରୁଥିବା ଚର୍ଚ୍ଚା ଏବେ ଜୋର ଧରିଛି। ସେହିପରି ସେକ୍ଟର-୧୫ ଥାନା ପୁଲିସ ଲୁହାକେରା, ସେକ୍ଟର ଅଞ୍ଚଳରେ ଚଢ଼ଉ କରି ୩୨ ହଜାର ୨୫୦ ଟଙ୍କା ଜବତ କରିବା ସହ ୭ ଜଣ ଜୁଆଡିଙ୍କୁ ଗିରଫ କରି ନୋଟିସ ଦେଇ ଛାଡ଼ିଥିବା ସୂଚନା ମିଳିଛି।



## ୨୪ରେ ବ୍ୟାଙ୍କ ଜମାରାଶି ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର

ରାଉରକେଲା,୨୨।୧୦(ସମିସ): ସୁନ୍ଦରଗଡ଼ଠାରେ ବ୍ୟାଙ୍କ ଜମା ରାଶି ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର ଆୟୋଜିତ ହେବ। ଅକ୍ଟୋବର ୨୪ ତାରିଖ ପୂର୍ବାହ୍ନ ୧୦ ଟା ସମୟରେ ସ୍ଥାନୀୟ ସଂସ୍କୃତି ଭବନ ହଲରେ ଆୟୋଜିତ ହେବାକୁ ଥିବା 'ଆପଣଙ୍କ ପୁଞ୍ଜି': ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଦିଆଯିବ। ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣଅଧିକାର ସାବ୍ୟସ୍ତ୍ୟକୁ ସଫଳ କରିବା ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ବ୍ୟାଙ୍କ ଓ ଅର୍ଥଲଗାଣକାରୀ ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ବୋଲି ଷ୍ଟେଟ୍‌ବ୍ୟାଙ୍କର ଜିଲ୍ଲା ପ୍ରବନ୍ଧକ ଗଗନବିହାରୀ ଧଳ ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ଅର୍ଥ ସେବା ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

### ୪ରୁ ସିଭିଲ ଟାଉନସିପ୍ ବୋଇତ ବନ୍ଦାଣ ଉତ୍ସବ

# ଆକର୍ଷଣରେ ଅସୀମା, ଶଶାଙ୍କ ଓ ଅନୁଗୁଳିଆ ବଣ୍ଟି

ରାଉରକେଲା,୨୨।୧୦(ସମିସ)




ସିଭିଲ ଟାଉନସିପ୍ ସାଂସ୍କୃତିକ ପରିଷଦର ୪ର୍ଥ ବୋଇତବନ୍ଦାଣ ଉତ୍ସବ ନଭେମ୍ବର ୪ ଓ ୫ରେ ପାଳନ ହେବ ବୋଲି ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସଭାପତି ସୁଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରମୋଦ ନାୟକ, ମୁଖ୍ୟ ଉପଦେଷ୍ଟା ପ୍ରମୋଦ ପ୍ରଧାନ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ସାମଲ, ଉପସଭାପତି ଶଶାଙ୍କ ଶେଖରପ୍ରଧାନ କହିଥିଲେ, ଚଳିତବର୍ଷ ଅନୁଷ୍ଠାନର ଏହା ଚତୁର୍ଥ ବୋଇତ ବନ୍ଦାଣ ଉତ୍ସବ। ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ବଜାୟ ରଖି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉ ଥିବାରୁ ଏହା ସହରବାସୀଙ୍କ ପାଇଁ ଅନ୍ୟତମ ଆକର୍ଷଣ ପାଲଟିଛି। ନଭେମ୍ବର ୪ରେ ହେବାକୁଥିବା ବୋଇତବନ୍ଦାଣ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଅସୀମା ପଣ୍ଡା ଓ ତାଙ୍କ ସାଥୀ, ଗାୟକ ଶଶାଙ୍କ ଶେଖର ଓ ହାସ୍ୟ ଅଭିନେତା ଅନୁଗୁଳିଆ ବଣ୍ଟି ପ୍ରମୁଖଙ୍କ ସଂଗୀତ ପରିବେଷଣ ବିଶେଷ ଆକର୍ଷଣର କେନ୍ଦ୍ର ହେବ। ଏଥିରେ କିଛି ଆଞ୍ଚଳିକ କଳାକାରଙ୍କୁ ସୁଯୋଗ ଦେବାସହ କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ୫ ତାରିଖରେ ବୋଇତ ବନ୍ଦାଣ, କୀର୍ତ୍ତନ ଓ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦୀନା ଦସ୍ତଗୀର, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମାଜସେବୀ ଡି.ଆର୍ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ସହରବାସୀ ବହୁ ସଂଖ୍ୟାରେ ଯୋଗ ଦେବାପାଇଁ ଅନୁଷ୍ଠାନ ତରଫରୁ ଅନୁରୋଧ କରାଯାଇଛି। ଏହି ଅବସରରେ ପ୍ରମୋଦ ନାୟକ, ଗଗନ ପଣ୍ଡା, ବିରେନ ସେନାପତି, ଭଗବାନ ପତି, ପୁଷ୍ପା ଲେଙ୍କା, ବିଭୁତି ପୁହାଣ, ଜ୍ୟୋତ୍ସ୍ନା ନାୟକ, କ୍ରିଷ୍ଣା ସାହୁ, ସନ୍ତୋଷ ନାୟକ, ବଳରାମ ନାୟକ, ମନୋଜ ଜେନା, ହରେକୃଷ୍ଣ ମହାନ୍ତି, ହେମନ୍ତ ସାହୁ, ଅନନ୍ତ ପାତ୍ର, ଶିବୁ ଲାଲ ସାହୁ, ବିରଞ୍ଚି ସାମଲ, ବୈଦ୍ୟନାଥ ସାହୁ, ଦୁର୍ଯ୍ୟୋଧନ ସାହୁ, ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁର ଚିକିତ୍ସା ପାଇଁ 'ଗୁଣ୍ଡୁଚି' ପକ୍ଷରୁ ସହାୟତା

ରାଉରକେଲା, ୨୨।୧୦(ସମିସ): ଆର୍ଥିକ ସହାୟତା ଆବଶ୍ୟକ ପଡୁଥିବା ଜଣେ ଶିଶୁର ଚିକିତ୍ସା ପାଇଁ ସାମାଜିକ ସଂଗଠନ 'ଗୁଣ୍ଡୁଚି'ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି। ଶୀତଳପଡ଼ା ବସ୍ତିର ସୁରେଶ କୁରିଙ୍କ ୪ ବର୍ଷର ପୁଅ ସିଦ୍ଧାନ୍ତ ଦୀପାବଳୀରେ ବାଣ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଡ଼ାକ୍ତରଖାନା ଗୁଡ଼ିକରେ ଚିକିତ୍ସା କରାଯାଇଥିଲେ ସୁଦ୍ଧା ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ଯିବାକୁ ପଡ଼ିବ ବୋଲି ଡାକ୍ତରମାନେ କହିଥିଲେ। ଏନେଇ ବାପା ସୁରେଶ ଗୁଣ୍ଡୁଚି ନିକଟରେ ସହାୟତା ପାଇଁ ନିବେଦନ କରିଥିଲେ। ଏହି କ୍ରମରେ ସଭାପତି ଭଗବାନ ରାଉତ ସହୃଦୟଙ୍ଗମ କରି ଆର୍ଥିକ ସହାୟତା ପାଇଁ ସହ ସାଧାରଣ ସମ୍ପାଦକ ଅମୂଲ୍ୟ ମିଶ୍ର ଓ କୋଷାଧ୍ୟକ୍ଷ ସତ୍ୟଜିତ ସୁତାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୀଡିତ ବାପାଙ୍କ ଅନୁରୋଧର ମାତ୍ର କିଛି ଘଣ୍ଟା ମଧ୍ୟରେ ଶ୍ରୀ ମିଶ୍ର ୪ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଗୁଣ୍ଡୁଚିର ଏହି ଉତ୍ତମ ପଦକ୍ଷେପକୁ ନେଇ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ସାଧାରଣ ସମ୍ପାଦକ କୁମୁଦ ମହାନ୍ତି, ଜଳଧର ମହାପାତ୍ର, ଅମିୟ ଶତପଥୀ, ଗଗନ ରାଉତ, ରଞ୍ଜନ ଦୀକ୍ଷିତ, କୁଞ୍ଜ ବିହାରୀ ପ୍ରଧାନ ସମେତ ଅନ୍ୟମାନେ ଶିଶୁର ଆଶୁ ଆରୋଗ୍ୟ କାମନା କରିଛନ୍ତି।



# ଅସ୍ତିତ୍ୱ ହରାଉଛି ଟିକାବାଲିର ପ୍ରିୟ 'ରଙ୍ଗୁଆ ଛୁଆଁ'

## ଭଲ ରାସ୍ତା ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ପ୍ରକଳ୍ପ କାମରେ ଆସୁନି

ଟିକାବାଲି, ୨୨।୧୦(ସମିସ)

ଟିକାବାଲି ବ୍ଲକର ଏକଦା ପ୍ରିୟ ଏବଂ ପରିଚିତ ଜଳାଶୟ 'ରଙ୍ଗୁଆ ଛୁଆଁ' ଅବହେଳାର ଶିକାର ହୋଇ ନିଜର ପୂର୍ବ ଗୌରବ ହରାଇ ବସିଛି। ଏହି ପୁଷ୍କରିଣୀ, ଯାହା ସ୍ଥାନୀୟ ଲୋକଙ୍କ ପାଇଁ ଏକ ଆବଶ୍ୟକ ଜଳ ଉତ୍ସ ଥିଲା, ବର୍ତ୍ତମାନ ଏହାର ଅସ୍ତିତ୍ୱ ହରାଇବାକୁ ବସିଛି। ଅତୀତରେ ଏହି ଜଳାଶୟର ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହାର ଚାରିପାଖରେ କଂକ୍ରିଟ୍ କାନ୍ଥ ଏବଂ ପାହାଚ ନିର୍ମାଣ କରାଯାଇଛି, ଯାହା ପ୍ରକଳ୍ପର ବିକାଶକୁ ସୂଚାଉଛି। ତେବେ ଏତେ ପରିମାଣର ଅର୍ଥ ଖର୍ଚ୍ଚ ପରେ ମଧ୍ୟ ବର୍ତ୍ତମାନ ଏହାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଜଳାଶୟର ଚାରିପାଖରେ ଅନାବନା ବୁଦା ଓ ଘାସରେ ଭରିଯାଇଛି। ଯାହା ଏହାର ଅବହେଳାକୁ ସ୍ପଷ୍ଟ କରୁଛି। ସ୍ଥାନୀୟ ଲୋକଙ୍କର ମୁଖ୍ୟ ଅଭିଯୋଗ, ଏତେ ସୁନ୍ଦର



ଜଳାଶୟ ସତ୍ତ୍ୱେ ଏଠାକୁ ଯିବା ପାଇଁ କୌଣସି ଉପଯୁକ୍ତ ରାସ୍ତା ନାହିଁ। ରାସ୍ତା ଅଭାବରୁ ଲୋକମାନେ ଜଳାଶୟ ନିକଟକୁ ସହଜରେ ପହଞ୍ଚି ପାରୁନାହାନ୍ତି। ଫଳରେ ଏହାର ବ୍ୟବହାର ଏବଂ ରକ୍ଷଣାବେକ୍ଷଣ କମିଯାଇଛି। ସାଧାରଣ ଲୋକେ ଏହାକୁ ବ୍ୟବହାର କରି ନପାରିବା କାରଣରୁ ଏହା ଆସ୍ତେ ଆସ୍ତେ ନଷ୍ଟ ହେଉଛି। ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ଏହି 'ରଙ୍ଗୁଆ ଛୁଆଁ' ଜଳାଶୟର ପୁନରୁଦ୍ଧାର ପାଇଁ ଏବଂ ଏହାକୁ ସାଧାରଣ ଲୋକଙ୍କ ପାଇଁ ପୁଣି ଥରେ ଉପଯୋଗୀ କରିବାକୁ ପ୍ରଥମେ ସେଠାକୁ ଯିବାକୁ ଏକ ସୁଗମ ରାସ୍ତା ନିର୍ମାଣ ନିହାତି ଜରୁରୀ ହୋଇପଡ଼ିଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏହି ବିଷୟରେ ଦୃଷ୍ଟି ଦେଇ ରାସ୍ତା ନିର୍ମାଣ କରିବା ସହ ଜଳାଶୟର ନିୟମିତ ସଫେଇ ଏବଂ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନେବାକୁ ଟିକାବାଲିବାସୀ ଦାବି କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ନିଆନଯାଏ, ତେବେ ଟିକାବାଲିର ଏହି ପ୍ରିୟ ଜଳାଶୟ କେବଳ ଇତିହାସରେ ସୀମିତ ହୋଇଯିବ ବୋଲି କୁହାଯାଉଛି।

# ଏନ୍‌ଏସି କାର୍ଯ୍ୟାଳୟରୁ ଖସିଲା ସିଲିଂ

ଜି.ଉଦୟଗିରି, ୨୨।୧୦(ସମିସ): ଏନ୍‌ଏସି ଅବସ୍ଥା ଏବେ ଏମିତି। ନୂଆ କିଛି ନାହିଁ ଯାହାଥିଲା ସବୁ ଭାଙ୍ଗିରୁଜି ଯାଉଛି। ଆଜି ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ସିଲିଂ ଖସି ପଡ଼ିଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି କର୍ମଚାରୀ।



ସୂଚନା ଯୋଗ୍ୟ ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ମଚାରୀ ଜଣକ ନିଜ ସିଟ୍‌ରେ ବସିବା ପୂର୍ବରୁ ଉପର ସିଲିଂ ହଠାତ୍ ଖସି ପଡ଼ିଥିଲା। କ୍ଷଣିକ ପାଇଁ ସେ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିଲେ। ପୁରା ଏନଏସି ଅବସ୍ଥା ଏବେ ଏମିତି। ନୂଆ ଯୋଜନା କିଛି ନାହିଁ। ପୁରୁଣା ଯାହା କିଛି ଥିଲା ଦାୟିତ୍ୱହୀନତା ଯୋଗୁଁ ସେ ସବୁ ବୁଡିବାକୁ ବସିଥିବା ଅଭିଯୋଗ ହେଉଛି। ଲୋକେ କିଛି କରିବାକୁ ଆଉ ଦାବି ମଧ୍ୟ କରୁନାହାନ୍ତି। କାରଣ କିଛି ହେବନାହିଁ ବୋଲି ସାଧାରଣ ଲୋକଙ୍କ ମନରେ ଧାରଣ ସୃଷ୍ଟି ହୋଇସାରିଲାଣି।

# ବିଭିନ୍ନ ସ୍ଥାନରେ ସାଇବର ସୁରକ୍ଷା ସଚେତନତା କର୍ମଶାଳା

ଫିରିଙ୍ଗିଆ, ୨୨।୧୦(ସମିସ): ଫିରିଙ୍ଗିଆ ଏବଂ ଗୋଛାପଡ଼ା ଥାନାର ବିଭିନ୍ନ ଅଞ୍ଚଳରେ ରାଜ୍ୟ ସରକାର ଓ କନ୍ଧମାଳ ଏସ୍‌ପି ହରିଶ ବିଶିଙ୍କ ନିର୍ଦ୍ଦେଶ କ୍ରମେ ଓ ସାଇବର ଥାନା ଅଧିକାରୀ ଗେଲ୍ଲୀ କୁମାରୀ ସାହୁଙ୍କ ନେତୃତ୍ୱରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୋଛାପଡ଼ା ଥାନା ଅଞ୍ଚଳ ବଜାର ଛକରେ ଏବଂ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଇବର ଥାନା ଅଧିକାରୀ ଗେଲ୍ଲୀ କୁମାରୀ ସାହୁ, ଗୋଛାପଡ଼ା ଥାନା ଅଧିକାରୀ ଚିରଞ୍ଜିବୀ ବେହେରା, ଏସ୍‌ଆଇ ଅନନ୍ତ ଚରଣ ପ୍ରଧାନ, ଏସ୍‌ଆଇ ଅଶୋକ କୁମାର ପରିଡ଼ା, ଏଏସ୍‌ଆଇ ହେମସାଗର ଭୋଇ, ତ୍ରିଲୋଚନ ମଲିକ, ରମାକାନ୍ତ ପ୍ରଧାନଙ୍କ ସହ ପୁଲିସ କର୍ମଚାରୀ, ଜନସାଧାରଣ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସାଇବର ଅପରାଧରୁ ନିଜକୁ କିଭଳି ସୁରକ୍ଷିତ ରଖିପାରିବେ ଓ ଆଜିକାଲି ଡିଜିଟାଲ ବ୍ୟବସ୍ଥା ଉପରେ ନିର୍ଭରଶୀଳ ହେଉଥିବାରୁ ସାଇବର ଅପରାଧ ଓ ଅନଲାଇନ ଠକେଇ କିପରି ସଚେତନ ରହିବେ ସେ ନେଇ ଉପସ୍ଥିତ ପୁଲିସ ଓ ସାଇବର ଥାନା ଅଧିକାରୀ ସଚେତନ କରିଥିଲେ।




ସେହିପରି ଫିରିଙ୍ଗିଆ ଥାନା ଅଧୀନ ଫିରିଙ୍ଗିଆ ବ୍ଲକ ଛକ ଓ ପିଏମ ଶ୍ରୀଉଚ୍ଚ ବିଦ୍ୟାଳୟ ଓ ପିଏମ ଶ୍ରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ମଧ୍ୟ ସାଇବର ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏସଡ଼ିପିଓ ଶୁଭ୍ରଜିତ ବିଶ୍ୱାଳ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସାଂସଦଙ୍କ ଶିକ୍ଷା ପ୍ରତିନିଧି କଂସଦେବ ସାହୁ, ସମାଜସେବୀ ସଞ୍ଜୟ କୁମାର ଦିଗାଲ, ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ, ସାଇବର ଥାନା ଅଧିକାରୀ, ଏସ୍‌ଆଇ ଅଜୟ କୁମାର ସାହୁ, ଏଏସ୍‌ଆଇ ମିନି ନାଗ, ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି, ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଚନ୍ଦ୍ରମୋହନ ନାୟକଙ୍କ ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ପାଢ଼ି, ଉମେଶ ଚନ୍ଦ୍ର ବେହେରା ଏବଂ ସମସ୍ତ ଜନସାଧାରଣ ଶିକ୍ଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା ଉପରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତି ଛାତ୍ରଛାତ୍ରୀଙ୍କୁ ଟ୍ରିଫି ପ୍ରଦାନ କରାଯାଇଥିଲା।

# ଶୃଙ୍ଖଳା ଗଛ ପଡ଼ି ଯୁବଚାଷୀ ମୃତ

ମୋହନା, ୨୨।୧୦(ସମିସ): ଜୀବନ ଗୋଟେ ପାଣି ଫୋଟକା ଭଳି ମୃତ୍ୟୁ କେମିତି ଆସିବ କେହି ଆକଳନ କରିପାରିବେ ନାହିଁ। ସାଙ୍ଗ ହୋଇ ବିଲକୁ ଯାଉଥିବାବେଳେ ବାଟରେ ଜଗିଥିଲା ଯମ। ଶେଷରେ ମୃତ୍ୟୁ ସହ ସଂଗ୍ରାମ କରି ଜୀବନ ହାରିଲା ଯୁବ ଚାଷୀ। ଏମିତି ଏକ ଦୁଃଖଦ ଘଟଣା ଘଟିଛି ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ସ୍ଥିତ ରାମଗିରିରେ।



ଘଟଣା ପ୍ରକାରେ, ରାମଗିରି ଗ୍ରାମ ପାତ୍ରସାହିର ସ୍ୱର୍ଗତ ବାବୁଲା ପାଇକଙ୍କ ପୁଅ ସୁମନ ପାଇକ ଓରଫ କାଳିଆ (୧୯) ଆଜି ସକାଳ ୧୧ଟାରେ ୫ ଜଣ ସାଙ୍ଗ ହୋଇ ବାଟମଙ୍ଗଳା ନିକଟରେ ଥିବା ବିଲକୁ ଯାଉଥିଲେ। ମନ୍ଦିର ଛକ ରାସ୍ତା ପାର୍ଶ୍ୱରେ ଥିବା ବିରାଟ ଶୃଙ୍ଖଳା ଆମ୍ବ ଗଛର ବଡ଼ ଡାଳ ସେମାନଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ସୁମନର ମୁଣ୍ଡରେ ଗଭୀର ଆଘାତ ସହ ପ୍ରଚୁର ରକ୍ତସ୍ରାବ ହେଉଥିବାବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିଲେ।

ସଂକଟାପନ୍ନ ଅବସ୍ଥାରେ ଥିବା ସୁମନକୁ ସଙ୍ଗେ ସଙ୍ଗେ ସାଙ୍ଗମାନେ ବାଇକ୍‌ରେ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ଡାକ୍ତର ତାପସ ରଞ୍ଜନ ପଣ୍ଡା ପ୍ରାଥମିକ ଚିକିତ୍ସା କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରିଥିଲେ। ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପୂର୍ବରୁ ସୁମନଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପିଲାଟି ଦିନରୁ ବାପାକୁ ହରାଇଥିବା ବେଳେ ମା' ଅନ୍ୟତ୍ର ବିବାହ କରି ଚାଲିଯିବାରୁ ମାଉସୀ ପାଖରେ ରହୁଥିଲା ସୁମନ। ଦିନମଜୁରିଆ ଓ ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ଚଳାଇବା କଷ୍ଟସାଧ ହେଲେ ମଧ୍ୟ ସୁମନର ସବୁ ଅଭିଳାଷ ପୂରଣ କରୁଥିଲେ। ସୁମନର ଏଭଳି ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘଟଣାକୁ ନେଇ ପାତ୍ରସାହିବାସୀ ଥାନା ଅଧିକାରୀ ଡି. ଗଜପତି ଦୋରାଙ୍କ ସହ ଯୋଗାଯୋଗ କରିଥିଲେ। ଏ ନେଇ ରାମଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ଏଏସ୍‌ଆଇ କେ. ଶଙ୍କର ତଦନ୍ତ ଚଳାଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



# ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି, ୨୨।୧୦(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଆଜି ଆଇନଜୀବୀ ପ୍ରଶାନ୍ତ କୁମାର ପ୍ରଧାନ ନେତୃତ୍ୱରେ ବହୁ ଯୁବକ, ସମାଜସେବୀ ପ୍ରନୋଜ କୁମାର ପଟ୍ଟନାୟକ, ଯୁବ ନେତା ବିଭୂତି ଭୂଷଣ ହୋତା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମହମ୍ମଦ ମୁବାରକ ଅଲ୍ଲୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଅଲ୍ଲୀ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଚିକିତ୍ସାରେ ହେଉଥିବା ଅବହେଳା ଓ ଡାକ୍ତର ଅଭାବକୁ କିଛି ମାତ୍ରାରେ ସମାଧାନ କରିପାରିଥିବାରୁ ସମ୍ବର୍ଦ୍ଧିତ କରାଯାଇଛି। ବାରମ୍ବାର ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ହେଉଥିବା ଚିକିତ୍ସାରେ ଅବହେଳା ଓ ଡାକ୍ତର ଅନୁପସ୍ଥିତି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ନିୟୋଜିତ କରି ଡାକ୍ତର ସଂଖ୍ୟା ବୃଦ୍ଧି ସହ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା କିଛି ଡାକ୍ତରଙ୍କୁ ତାଗିଦ୍ କରି ବାଟକୁ ଆଣି ବେଶ୍ ପ୍ରଶଂସିତ କାର୍ଯ୍ୟ କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଶ୍ରୀ ଅଲ୍ଲୀ ଆଗାମୀ ଦିନରେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବାରେ କିପରି ସୁଧାର ଅଣାଯାଇପାରିବ ସେଥିପ୍ରତି ଚେଷ୍ଟା ଜାରି ରହିବ ବୋଲି କହିଛନ୍ତି।



# ବିଜେପି ରାଜ୍ୟ ଉପସଭାପତିଙ୍କୁ ସ୍ୱାଗତ

ପାରଳାଖେମୁଣ୍ଡି, ୨୨।୧୦(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଲାବାଣ୍ୟଗଡ଼ରେ ରାଜ୍ୟ ବିଜେପି ଉପସଭାପତି ଭାବେ କେ.ନାରାୟଣ ରାଓଙ୍କୁ ଆଜି ଭବ୍ୟ ସ୍ୱାଗତ କରାଯାଇଛି। ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ବହୁ ବିଜେପି ନେତା ସମେତ କର୍ମୀ ବାଇକ୍ ଶୋଭାଯାତ୍ରାରେ ଶ୍ରୀ ରାଓଙ୍କୁ ଲାବାଣ୍ୟଗଡ଼, ଗାରାବନ୍ଧ, ଗୋଷାଣି, ଗୁରାଣ୍ଡି, ଭୁଷୁକୁଡି, ତାଟିପେଟି, ମାଛମରା ଛକ, ଉପଲଡା, ସାତମାଇଲ ଛକ, ପାଟିକୋଟା, ଯାଜପୁର ଓ ପାରଳାଖେମୁଣ୍ଡି ସହରକୁ ପାଛୋଟି ଆଣିଥିଲେ। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ନବକିଶୋର ଶବର, ଯୁବନେତା ବାଳକୃଷ୍ଣ ପାତ୍ର, କେ.ବେଣୁଗୋପାଳ ରାଓଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ ବହୁ ସଂଖ୍ୟକ ସମର୍ଥକ ସାମିଲ ଥିଲେ।

# ଗୋଷାଣି ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




ପାରଳାଖେମୁଣ୍ଡି, ୨୨।୧୦(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୯ରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଦ୍ୱିତୀୟ ପର୍ଯ୍ୟାୟରେ ଗୋଷାଣି ବ୍ଲକରେ ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପଦଯାତ୍ରା ସାତମାଇଲ ଛକରୁ ବାହାରି ଉପଲଡା, ତୋଟାଗୁମୁଡା, ମାଛମରା, ଭୁଷୁକୁଡି, ତାଟିପେଟି, ଗୁରାଣ୍ଡି ଓ ଶେଷରେ ଗୋଷାଣିରେ ପହଞ୍ଚିଥିଲା। ପଦଯାତ୍ରା ବେଳେ ରାଜ୍ୟରେ ବିକାଶ ନାଁରେ ବିନାଶ ହେଉଥିବା, ଅସୁରକ୍ଷିତ ମହିଳା ଏବଂ ଦୁର୍ନୀତି ବିଜେପି ସରକାର ସମୟରେ ବଢ଼ିଥିବା ସହ ଡବଲ ଇଞ୍ଜିନ ଅକର୍ମଣ୍ୟ ହୋଇଥିବାରୁ ଓଡ଼ିଶାର ବିକାଶ ଆଗକୁ ଗଡ଼ୁନି ଏବଂ ଅବ୍ୟବସ୍ଥା ମଧ୍ୟରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ସେବା କେବଳ ଧୂଆଁବାଣ ବୋଲି ବିଜେଡି ନେତା ମାନେ ପଦଯାତ୍ରାରେ ଭାଷଣ ଦେଇ ଲୋକଙ୍କୁ ସଚେତନ କରିଥିଲେ। ଏପରିକି ୨୪ବର୍ଷ ସରକାରରେ ରହି ବିଜେଡି କରିଥିବା ବିଭିନ୍ନ ଜନହିତକର ଯୋଜନା ବିଷୟରେ ଅବଗତ କରାଇବା ସହ ବର୍ତ୍ତମାନ ବିଜେପି ରକ୍ତମୁଖା ହୋଇ ବ୍ୟକ୍ତିଗତ ସ୍ତରରେ ପ୍ରତିଶୋଧ ମୂଳକ କାର୍ଯ୍ୟ ଗ୍ରହଣ କରୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ସଭାପତି ଜି. ତିରୁପତି ରାଓ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ଜିଲ୍ଲାପରିଷଦ ସଭ୍ୟ ଏସ୍.ବାଲାରାଜୁ, ଗୋଷାଣି ବ୍ଲକ ବିଜେଡି ସଭାପତି ଈଶ୍ୱର ରାଓ ଓ ବ୍ଲକ ବିଜେଡି ଯୁବ ସଭାପତି ପି.ନାଗେଶ୍ୱର ରାଓଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ।

● ସୋସିଆଲ ମିଡ଼ିଆରେ ଧର୍ମାନ୍ତର ଷଡ଼ଯନ୍ତ୍ର

# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏତଲା; ଅଭିଯୁକ୍ତ ଗିରଫ

ରାୟଗଡ଼, ୨୨।୧୦(ସମିସ): ଗତ କିଛିଦିନ ଧରି ରାୟଗଡ଼ ବ୍ଲକ ଡମ୍ବାଳ ପଞ୍ଚାୟତ ଡମ୍ବାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦ୍ୱାରା ରଘୁନାଥ ରଇତ ନାମକ ଯୁବକ ହିନ୍ଦୁ ଧର୍ମର ଦେବଦେବୀଙ୍କୁ ବିଦ୍ରୂପ କରିବା ସହିତ ଧର୍ମାନ୍ତର ପାଇଁ ପରୋକ୍ଷରେ ପ୍ରବାର୍ତ୍ତାଉଥିବା ନେଇ ଏକ ଭିଡ଼ିଓ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଯାହା ବେଶ୍ ଭାଇରାଲ୍ ହେବାପରେ ଏନେଇ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ମଣ୍ଡଳସାହି କେନ୍ଦ୍ର ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ରାୟଗଡ଼ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରାଯାଇଛି। ଉକ୍ତ ଅଭିଯୋଗ ଅନୁଯାୟୀ ରାୟଗଡ଼ ଥାନା ଅଧିକାରୀ କମଳା ଚୌଧୁରୀଙ୍କ ନେତୃତ୍ୱରେ ମଙ୍ଗଳବାର ରାତିରେ ଏକ ଟିମ୍ ଆର.ଭାଲିଆସାହି ଗାଁରେ ପହଞ୍ଚି ଅଭିଯୁକ୍ତକୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଥିଲା। ବୁଧବାର ସକାଳୁ ବିଶ୍ୱହିନ୍ଦୁ ପରିଷଦର ଶତାଧିକ କର୍ମୀ ରାୟଗଡ଼ ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିବା ସହ ନାରାବାଜି କରିଥିଲେ। ତାଙ୍କୁ ଗିରଫ କରାଯାଇଥିବାବେଳେ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କମଳା ଚୌଧୁରୀ ସୂଚନା ଦେଇଛନ୍ତି।





● ନୂଆପଦରରେ ଶ୍ୟାମାକାଳୀ ପୂଜା

# ବିଭିନ୍ନ ନାଟକ ମଞ୍ଚସ୍ଥ ସହ ସଂସ୍କୃତିକ କାର୍ଯ୍ୟକ୍ରମ

ଫିରିଙ୍ଗିଆ, ୨୨।୧୦(ସମିସ): ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ ନୂଆପଦରରେ ଶ୍ୟାମାକାଳୀ ପୂଜା ଶେଷ ହୋଇଛି। ୨ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳବାର ଗଞ୍ଜାମରୁ ଆସିଥିବା ପୌରାଣିକ ନାଟକ ଭାରତଲୀଳା 'ସୁଭଦ୍ରା ମାଗୁଛି ଶଙ୍ଖା ସିନ୍ଦୁର' ମଞ୍ଚସ୍ଥ ହୋଇଥିବାବେଳେ ମୁଖ୍ୟଅତିଥି ଭାବେ ସଲାଗୁଡା ସରପଞ୍ଚ ରୋହିତ କହଁର, ସମ୍ମାନିତ ଅତିଥି ଗୋଛାପଡ଼ା ସରପଞ୍ଚ, ନୂଆପଦର ସରପଞ୍ଚ ଭବାନୀ ଶଙ୍କର କହଁର, ଯୁବଯାତ୍ରା ପରିଚାଳନା କମିଟି ସଭାପତି କାମାକ୍ଷା ପ୍ରସାଦ ନାୟକ, ଉପଦେଷ୍ଟା ଜୟଚନ୍ଦ୍ର ମଲିକ, ସମ୍ପାଦକ ଭାସ୍କର କହଁର, ଉପସଭାପତି ପ୍ରଦୀପ କହଁର, କୋଷାଧ୍ୟକ୍ଷ ବାବୁଲା ସାହୁଙ୍କ ସହ କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ପ୍ରଥମ ଦିନରେ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ଭାରତଲୀଳା, ରାତି ୧୦ ଟାରେ ପୌରାଣିକ ନାଟକ ରାମାୟଣ ଏବଂ ବୁଧବାର ରାତିରେ ସାମାଜିକ ନାଟକ 'ଆଖିକୁ ଏ ଲୁହ କରିଛି ପର' ମଞ୍ଚସ୍ଥ ହୋଇଛି। ବୁଧବାର ଅପରାହ୍ନରେ ବିରାଟ ପଟୁଆରରେ ମା'ଙ୍କୁ ନେଇ ବିସର୍ଜନ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ଶିଶୁବିକାଶ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ବରିଷ୍ଠ ସଦସ୍ୟ ମୀନକେତନ ସାହୁ, ପ୍ରଦୀପ ବେହେରାଙ୍କ ସହ ବହୁ ବରିଷ୍ଠ ବ୍ୟକ୍ତି ଏବଂ କମିଟି ସଦସ୍ୟ ତଦାରଖ କରିଥିଲେ। ଆଗାମୀ ୨୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାମ ଦୋଳି, ମୀନା ବଜାର ସହ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବା କମିଟି ତରଫରୁ ସୂଚନା ରହିଛି।



## ଫିରିଙ୍ଗିଆରେ ଜିଲ୍ଲା ପାରମ୍ପରିକ ଲୋକକଳା ମହୋତ୍ସବ

# ଜିଲ୍ଲାର ପାରମ୍ପରିକ ନୃତ୍ୟରେ ଦୁଲୁକିଲା ମଞ୍ଚ

ଫିରିଙ୍ଗିଆ, ୨୨।୧୦(ସମିସ)

ଫିରିଙ୍ଗିଆ ବିଜୁ କଲ୍ୟାଣ ମଣ୍ଡପରେ ଜିଲ୍ଲା ପାରମ୍ପରିକ ଲୋକକଳା ସଂଘର ବାର୍ଷିକଉତ୍ସବ ପାରମ୍ପରିକ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସଂଘର ଜିଲ୍ଲା ସଭାପତି ଅକ୍ଷୟ କୁମାର କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ଆଦିବାସୀ ଉନ୍ନୟନ ବିଭାଗର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ଜଗନ୍ନାଥ ଦିଗାଲ, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଭଗବାନ ମହାନ୍ତି, ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜିତ ମଣ୍ଡଳ, ଫିରିଙ୍ଗିଆ ବ୍ଲକ ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ, କଣ୍ଠଶିଳ୍ପୀ ଜଳନ୍ଧର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଆଦିବାସୀ ସଂସ୍କୃତି ଗବେଷକ ବୀରେନ୍ଦ୍ର କହଁର ଓ ସାମ୍ବାଦିକ ତଥା ମଞ୍ଚ ଅଭିନେତା ପ୍ରମୋଦ ଦଣ୍ଡସେନା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନାଟ୍ୟ ନିର୍ଦ୍ଦେଶକ ତଥା ବରିଷ୍ଠ ସାମ୍ବାଦିକ ମହାଦେବ ସାହୁ ପରିଚାଳନା କରିଥିବା ବେଳେ ସୁବ୍ରତ କୁମାର ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲାର କୋଣଅନୁକୋଣରୁ ଆସିଥିବା କଳାକାରଙ୍କୁ ନେଇ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ କଲ୍ୟାଣ ମଣ୍ଡପରେ ସଭା ହୋଇଥିଲା। ଏଥିରେ ଜିଲ୍ଲାର ସମସ୍ତ ବ୍ଲକ କଳାକାର ସଂଘର ସଭାପତି ଓ ସମ୍ପାଦକଙ୍କ ସହ ବହୁ କଳାକାର ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲିଗୁଡାର ବିଶିଷ୍ଟ ନାଟ୍ୟକାର ପ୍ରମୋଦ ଦଣ୍ଡ ସେନା, ନାଟ୍ୟ ନିର୍ଦ୍ଦେଶକ ମହାଦେବ ସାହୁ, ସଖିପଡ଼ାର ଧବଳେଶ୍ୱର ସାହୁ, ମିଣିଆର ବରିଷ୍ଠ ଆଦିବାସ ପାରମ୍ପରିକ କଳାକାର ତଥା କଳା ସଂଗଠକ ବିଶ୍ୱମ୍ବର କହଁର, ଖଜୁରୀପଡ଼ା ବ୍ଲକର ବରିଷ୍ଠ ପାଲା ଗୁରୁ ସରୋଜ ସାହୁ, ମହିଳା ଆଦିବାସୀ କଳାକାର ସ୍ୱପ୍ନରାଣୀ କର୍ଣ୍ଣଙ୍କ ସହ ଅନ୍ୟ କିଛି ବରିଷ୍ଠ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ମହିଳା ସଭାନେତ୍ରୀ ସ୍ୱପ୍ନାରାଣୀ କର୍ଣ୍ଣ ଓ ସମ୍ପତି ଦିଗାଳଙ୍କ ସହ ସମସ୍ତ କର୍ମକର୍ତ୍ତା ଓ କଳାକାର ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ କନ୍ଧମଳ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ପ୍ରାୟ ୪୭ ପାରମ୍ପରିକ ନୃତ୍ୟ ଦଳ ଦ୍ୱାରା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକସଭା



ବୀରମହାରାଜପୁର,୨୨।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ନାଗରିକ ଅକ୍ଷୟ ମିଶ୍ରଙ୍କ ଗତ ୨୦ ତାରିଖ ଦିନ ନିଜ ଗାଁ ବାଗବର ଠାରେ ବିୟୋଗ ଘଟିବାରୁ ବୁଧବାର ସକାଳ ୧୧-୦୦ ଘଣ୍ଟା ସମୟରେ ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଶୋକସଭା କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ସଭାପତିଙ୍କ ସମେତ ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ, ଭୂଷଣ କୁମାର ପାତ୍ର, ଦୟାନିଧି ହୋତା ପ୍ରମୁଖ ସ୍ୱର୍ଗତ ମିଶ୍ରଙ୍କୁ ସ୍ମୃତି ଚାରଣ କରିଥିଲେ। ଏହି ସଭାରେ ସମ୍ପାଦକ ସନ୍ତୋଷ କୁମାର ଷଡ଼ଙ୍ଗୀ, ଦ୍ୱିତୀକୃଷ୍ଣ ପଣ୍ଡା, ଗୋପୀନାଥ ମହାକୁର, ଚମରା ମହାକୁର, ନାରାୟଣ ପ୍ରସାଦ ନାୟକ, ଜୀତେନ୍ଦ୍ର ପ୍ରଧାନ, ଅକ୍ଷୟ ମିଶ୍ର, ଶ୍ୟାମ ସୁନ୍ଦର ସେଠୀ, ସୁରେଶ ପଣ୍ଡା, ବାସୁଦେବ ପଣ୍ଡା, ଅକ୍ରୂର ଦନ୍ତା, ବାସୁଦେବ ରଥ, ସୁରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ହୋଇନି

# ଶିକ୍ଷା ବିଭାଗ ନିର୍ଦ୍ଦେଶକୁ ସିଆର୍‌ସିସିଙ୍କ ଉଲ୍ଲଂଘନ

ଶଗଡା,୨୨।୧୦(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଲମ୍ବସରି କ୍ଲଷ୍ଟରରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ହୋଇନାହିଁ। ଶିକ୍ଷାବିଭାଗର ନିର୍ଦ୍ଦେଶକୁ ସିଆରସିସି ଖୋଲାଖୋଲି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗତ ୧୮ ତାରିଖ ଦିନ କଣ୍ଟାମାଳ ବ୍ଲକର ପ୍ରତ୍ୟେକ ଶିକ୍ଷା କ୍ଲଷ୍ଟର ଗୁଡିକରେ ସିଆରସିସିଙ୍କ ଦ୍ୱାରା କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ହେବାକୁ ନିର୍ଦ୍ଦେଶ ରହିଥିଲା। ସେହି ଅନୁସାରେ କଣ୍ଟାମାଳ ବ୍ଲକର ସମସ୍ତ କ୍ଲଷ୍ଟରରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଲମ୍ବସରି ଶିକ୍ଷା କ୍ଲଷ୍ଟରରେ ଏହି ମାସିକ ବୈଠକ ହୋଇ ନ ଥିବା ଜଣାପଡିଛି।

ଶିକ୍ଷକଙ୍କ ଶିକ୍ଷାଗତ ଜ୍ଞାନ ଏବଂ ବିଭିନ୍ନ ହସ୍ତକ୍ଷେପର ପ୍ରଭାବଶାଳୀ କର୍ଯ୍ୟେଚୟନକୁ ସହଜ କରିବା ପାଇଁ ଏହି ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏଣୁ କେଉଁ ଉଦ୍ଦେଶ୍ୟ ନେଇ ଲମ୍ବସରି ଶିକ୍ଷା କ୍ଲଷ୍ଟରର ସିଆରସିସି ଏହି ମାସିକ ବୈଠକ ନ କରି ଖୋଲାଖୋଲି ସରକାରଙ୍କ ନିର୍ଦ୍ଦେଶକୁ ସିଆରସିସି ଉଲ୍ଲଂଘନ କରିଛନ୍ତି ତାହା ତଦନ୍ତ ସାପେକ୍ଷ। ଏ ବିଷୟରେ ଡିପିସି କାର୍ଯ୍ୟାଳୟର ତଦାରଖ ଅଧିକାରୀ ଶିବଶଙ୍କର ଶତପଥୀଙ୍କୁ ପଚାରିବାରୁ ଭିଡିଓ କନଫରେନ୍ସ ଥିବାରୁ ସେ ତଦାରଖ ପାଇଁ ଯାଇପାରିଲେ ନାହିଁ ବୋଲି କହିଥିଲେ। ଅନ୍ୟ ପକ୍ଷରେ କଣ୍ଟାମାଳ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଦୁର୍ଗା ଚରଣ ପ୍ରଧାନଙ୍କୁ ପଚାରିବାରୁ ଏହି ଦିନ ଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ଆସିଥିବାରୁ ସେ ଆମ୍ବ ଗାଁ କ୍ଲଷ୍ଟରରେ ବ୍ୟସ୍ତ ରହିଲେ। ପରେ ଆମ୍ବଗାଁ କ୍ଲଷ୍ଟର ବିଦ୍ୟାଳୟଗୁଡ଼ି ବୁଲି ଦେଖିଲେ। ଆଉ ଲମ୍ବସରି ପଞ୍ଚାୟତ ଯାଇ ପାରିଲେ ନାହିଁ ବୋଲି କହିଥିଲେ। ଏସମ୍ପର୍କରେ ସଂପୃକ୍ତ ସିଆରସିସି ରାଜେଶ ନାଏକଙ୍କୁ ପଚାରିବାରୁ ୧୮ ତାରିଖ ଦିନ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ କରାଯାଇଛି ବୋଲି କହିଥିବା ବେଳେ କୌଣସି ଫଟୋ କିମ୍ବା ଅନ୍ୟ କୌଣସି ଆନୁଷଙ୍ଗିକ ପ୍ରମାଣ ଦେଇ ପାରି ନ ଥିଲେ। ଅନ୍ୟପଟେ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ ମଧ୍ୟ ଜାଣି ନ ଥିବା କହିଛନ୍ତି। ପ୍ରକାଶ ଥାଉକି, କଣ୍ଟାମାଳ ବ୍ଲକର ଲମ୍ବସରି ପଞ୍ଚାୟତ ଏକ ଉପାନ୍ତ ତଥା ଅନୁନ୍ନତ ଅଞ୍ଚଳ। ଏଠାରେ ସଂପୃକ୍ତ ସିଆରସିସି ବୈଠକ ନ କରି ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିବାର ପ୍ରୟାସ କରିଛନ୍ତି। ତେବେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧୮ ତାରିଖ ଦିନ ନ କରି ମଧ୍ୟ ଏହି ବୈଠକ କରିଥିବା କହି ସଫେଇ ଦେଇଛନ୍ତି। ତାହା ଶିକ୍ଷା ବିଭାଗର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରଶାସନ ଏହି ସ୍ୱର୍ଶକାତର ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

## ସରକାରୀ ଓ ଗୋଚର ଜମି ଉଚ୍ଛେଦ ଦାବିରେ ତହସିଲ ଘେରଉ



ବିରମହାରାଜପୁର,୨୨।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ ଅଧୀନ ତେନ୍ତୁଲିମହଦା ଗ୍ରାମର ସରକାରୀ ଓ ଗୋଚରଜମିକୁ କିଛିଲୋକ ବେଆଇନ୍ ଭାବେ ଜବରଦଖଲ କରିଥିବାରୁ ଗାଆଁ ଲୋକେ ଯା ଆସ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ଏହି ଜବରଦଖଲ କରିଥିଲା ଲୋକଙ୍କୁ ଉଚ୍ଛେଦ କରିବା ପାଇଁ ଆଜି ଗ୍ରାମର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଲୋକ ତହସିଲ ଅଫିସ ଘେରଉ କରିବା ସହ ବିଭିନ୍ନ ସ୍ଲୋଗାନ ଓ ନରାବାଜି ଦେଇଥିଲେ। ସେମାନଙ୍କ ଅଭିଯୋଗ ଏହି ଯେ ତେନ୍ତୁଳିମହଦା ମୌଜା ଗ୍ରାମର ଗୋଚର୍ ଜମିରେ କିଛି ଅସାମାଜିକ ଲୋକ ଜବରଦଖଲ କରି ଧାନ, ବିରି, କପା ଓ ଅନ୍ୟାନ୍ୟ ଫସଲ କରିଥିବାରୁ ଗାଆଁର ଗୋରୁ ଗାଈ, ଛେଳି ମେଣ୍ଢା ଖାଦ୍ୟପାଇଁ ଚରିବାରେ ଅସୁବିଧାର ହେଉଛି। ତେଣୁ ଗ୍ରାମର ଗୋଚର ଜମିକୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଆଜି ଗ୍ରାମବାସୀ ତହସିଲଦାରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ତହସିଲଦାରଙ୍କୁ ୭ଦିନ ଭିତରେ ଜବରଦଖଲ ଉଚ୍ଛେଦ ନ କଲେ ଆଗମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କହିଥିଲେ। ନିୟମ ଅନୁଯାୟୀ ଉଚ୍ଛେଦ କରାଯିବ ବୋଲି ପ୍ରତଶ୍ରୁତି ମିଳିବା ପରେ ଆନ୍ଦୋଳନ କରୀମାନେ ତହସିଲ ଘେରଉରୁ ବିରତ ରହିଥିବା ଦେଖିବାକୁ ମିଳିଥିଲା।

## ଦମାମୁଣ୍ଡାରେ ଧୁମ୍‌ଧାମ୍‌ରେ ପାଳନ ହେଲା କାଳୀପୂଜା

ଶଗଡା,୨୨।୧୦(ସମିସ): କଣ୍ଟାମାଳ ବ୍ଲକ୍ ଖଟଖଟିଆ ପଞ୍ଚାୟତ ଦମାମୁଣ୍ଡା ଗ୍ରାମର କାଳୀପୂଜା କମିଟି ପକ୍ଷରୁ ୧୩ତମ କାଳୀପୂଜା ଧୁମଧାମରେ ପାଳନ ହୋଇଛି। ମଧ୍ୟରାତିରେ ମା'ଙ୍କୁ ଆବାହନ କରାଯାଇଥିଲା। ଦିନବେଳା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କୁ ଆଳତି ହୋଇଥଲା। ଝିଲମିଲ ଆଲୋକ ସାଙ୍ଗକୁ ତୋରଣରେ ପୂଜା ମଣ୍ଡପ ସଜେଇ ହୋଇଛି। ସନ୍ଧ୍ୟାରେ ଭକ୍ତ ମା'ଙ୍କୁ ଦର୍ଶନ କରୁଛନ୍ତି। ଗୁରୁବାର ମା'ଙ୍କ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ଅନାଥାଶ୍ରମରେ ଦୀପାବଳି ପାଳନ

ଡୁଙ୍ଗୁରିପାଲି,୨୨।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସେବା ଫାଉଣ୍ଡେସନ ପକ୍ଷରୁ ଅନାଥାଶ୍ରମରେ ସମବାର ଦୀପାବଳି ପାଳନ କରାଯାଇଥିଲା। ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳଙ୍କ ସହ ସୁଶାନ୍ତ ବାରିକ, ବରିଷ୍ଠ ସଭ୍ୟ ଅରବିନ୍ଦ ପଟେଲ ଓ ଶିବ ବୁଡ଼େକ ବିଶେଶ୍ୱରପାଲି ସ୍ଥିତ ଅନାଥାଶ୍ରମକୁ ଯାଇ ଅନ୍ତେବାସୀଙ୍କ ସହ ଦୀପାବଳି ପାଳନ କରିବା ସହ ପିଲାମାନଙ୍କୁ ଶୁଖିଲା ଖାଦ୍ୟ, ସହ ମିଠା ଆଦି ବଣ୍ଟନ କରିଥିଲେ।

## ମଣ୍ଡଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ବୌଦ୍ଧ,୨୨।୧୦(ସମିସ): ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ବୁଢ଼ୀପଦର ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ୨ ନଂ ମଣ୍ଡଳସ୍ତରୀୟଖେଳ କୁଦ ପ୍ରତିଯୋଗିତା



ଅନୁଷ୍ଠିତ ହୋଇଯାଇଛି। ଖେଳକୁ ପ୍ରଧାନଶିକ୍ଷକ ପ୍ରଶାନ୍ତ ପରିଡା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାରାୟଣ ନଗର ସିଆରସିସି ସନ୍ତୋଷ ଶତପଥୀ ଯୋଗ ଦେଇଥିଲେ। ଶିକ୍ଷକ ଦିଲ୍ଲୀପ ମହାକୁଳ ଅଧ୍ୟକ୍ଷତା କରିଥିବା ବେଳେ ଖେଳ ଶିକ୍ଷକ ରଂଜିତ ରଞ୍ଜନ ଚାନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଖେଳ ଶିକ୍ଷକ ନୟନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଣ୍ଡର ୧୪ ଓ ୧୭ ବର୍ଷ ବାଳକ, ବାଳିକା ବିଭାଗର ଫୁଟବଲ, କବାଡି, ଖୋଖୋ, କ୍ରିକେଟ, ଦୌଡ଼ ପ୍ରତିଯୋଗିତା ହୋଇଥିଲା। ବୌଦ୍ଧ ବ୍ଲକ ଶାରୀରିକ ଶିକ୍ଷକ ସଂଘର ସମ୍ପାଦକ ମନୋଜ ଗାଈଗୌରିଆ ଖେଳକୁ ଉଦ୍‌ଯାପନ କରିଥିଲେ। ଏହି ପ୍ରତିଯୋଗିତାରେ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟ, ଜଗତି ଉଚ୍ଚ ବିଦ୍ୟାଳୟ, ତେଲିବନ୍ଧ ଉଚ୍ଚ ବିଦ୍ୟାଳୟ, ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟ, ମୁଣ୍ଡିପଦର ଉଚ୍ଚ ବିଦ୍ୟାଳୟ, ମୁଣ୍ଡାପଡା ଉଚ୍ଚ ବିଦ୍ୟାଳୟ, ବ୍ରାହ୍ମଣୀପାଲି, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସହ ୭ଟି କ୍ଲଷ୍ଟର ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶିକ୍ଷକ ପ୍ରକାଶ ପରିଡା, ବିରୂପାକ୍ଷ ସ୍ୱାଇଁ, ତ୍ରିପୁରାରୀ ବାଘ, କମଳ ପ୍ରଧାନ,ଖେଳ ଶିକ୍ଷକ ଅମ୍ବରିସ ପ୍ରଧାନ, କର୍ମଚାରୀ ପ୍ରଶାନ୍ତ ହୋତା, ସୁଦାମ ବିଶ୍ୱାଳ, ଭୋଳାନାଥ ପ୍ରଧାନ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବିନିକା,୨୨।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନ୍‌ଏସି ଅଧୀନ ଉଲ୍ଲେ ଗାଁର ଅବସରପ୍ରାପ୍ତ ଶିକ୍ଷକ କୁନୁ ପଣ୍ଡାଙ୍କ(୮୪) ଆଜି ପରଲୋକ



ଘଟିଛି। ବ୍ଲକ୍ ଅଧୀନ ଡୁଲୁଣ୍ଡୁପାଲି, ଚରଦା, ଫୁଲମୁଠୀ, ମଉଳିମାଳ, ଅନ୍ତଡର୍ା ଓ ବାବୁପାଲି ଅଞ୍ଚଳରେ ଶିକ୍ଷକ ଭାବେ କାର୍ଯ୍ୟରତ ରହି ସମସ୍ତଙ୍କ ପ୍ରିୟ ହୋଇଥିଲେ। ସେହିପରି ନିଜସ୍ୱ ଉଦ୍ୟମରେ ଦୀର୍ଘ ୪୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାଗବତ ପାଠ କରି ଭାଗବତ କୋଠୀ ପରିଚାଳନା କରି ଆସୁଥିଲେ। ସ୍ୱର୍ଗତ କୁନୁଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିକଟ ପାପକ୍ଷୟ ଘାଟକୁ ନିଆଯାଇଥିଲା। ସେଠାରେ ବଡ଼ପୁଅ ଅରୁଣ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ପରିବାର କହିଲେ ସ୍ତ୍ରୀ, ସାନପୁଅ ଅର୍ଜୁନ ପଣ୍ଡା, ପୁତ୍ରବଧୂ, ନାତି ଓ ନାତୁଣୀ ଅଛନ୍ତି। ସ୍ଥାନୀୟ ଲୋକ ଓ ପୂର୍ବତନ ଶିଷ୍ୟମାନେ ତାଙ୍କ ପରିବାରଙ୍କୁ ସାନ୍ତ୍ୱନା ଜଣାଇଛନ୍ତି।

## ବିଜୁଳି ବିଭ୍ରାଟକୁ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା

ତରଭା,୨୨।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଅଞ୍ଚଳରେ ଘନଘନ ବିଦ୍ୟୁତ କାଟ୍‌କୁ ନେଇ ଜନସାଧାରଣ ଅତିଷ୍ଠ ହୋଇ ପଡ଼ିଲେଣି। ସାମାନ୍ୟ ପତ୍ର ହଲିଲେ କିମ୍ବା ବର୍ଷା ହେଲେ ଘଣ୍ଟାଘଣ୍ଟାଧରି ବିଜୁଳି କାଟ ଏଠାରେ ସାମାନ୍ୟ ଘଟଣାରେ ପରିଣତ ହୋଇଛି। ପ୍ରକାଶ ଯେ ବଲାଙ୍ଗିରରୁ ୧୩୨/୩୩ କେଭି ଲାଇନ ୫୦ କିମି ଦୂର ସୋନପୁର ପର୍ଯ୍ୟନ୍ତ ଟଣାଯାଇଛି। ସୋନପୁରରୁ ୩୩ କେଭି ଲାଇନ ବଲାଙ୍ଗିର ଓ ସୋନପୁର ମଝିରେ ଥିବା ତରଭାକୁ ଅଣାଯାଇଛି। ସୋନପୁରରୁ ତରଭାକୁ ଆସିଥିବା ପ୍ରାୟ ୩୦ କିମି ଲାଇନ ଜଙ୍ଗଲ ଭିତର ଦେଇ ଆସିଛି। ବର୍ଷା ପବନ ହେଲେ ତାର ଛିଣ୍ଡିବା, ତାର ଉପରେ ଗଛ ଡାଳ ପଡିବା, ଇଂସ୍ୟୁଲେଟର ଫାଟି ଯିବା ଆଦି କାରଣରୁ ବିଜୁଳି ବିଭ୍ରାଟ ଘଟୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ସକାଶେ ବଲାଙ୍ଗିରରୁ ୨୩ କିମି ଦୂର ତରଭା ବ୍ଲକ ଶିବତୁଲା ପଞ୍ଚାୟତ ଅଧୀନସ୍ଥ ପଦ୍ମପୁର ମୌଜାରେ ୧୩୨/୩୩ କେଭି ଗ୍ରୀଡ଼ ସ୍ଥାପନ ପାଇଁ ଓଡିଶା ସରକାର ନିଷ୍ପତ୍ତି ନେଲେ। ଓଡ଼ିଶା ବିଦ୍ୟୁତ ସଞ୍ଚାରଣ ନିଗମ ଦ୍ୱାରା ସମ୍ପନ୍ନ



ହେବାକୁ ଥିବା ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ୨୦୨୨ ଡିସେମ୍ବରରେ ସମ୍ପନ୍ନ ହୋଇଥିଲା। ହେଲେ ମନ୍ଥର ଗତିରେ ଚାଲିଥିବା ଏହି ଗ୍ରୀଡ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ୬୦ ଭାଗ ସରିଛି। ଅବଶିଷ୍ଟ ୪୦ ଭାଗ କାମ ସରିବାକୁ ଆଉ କେତେ ସମୟ ଲାଗିବ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ବୁଧବାର ତରଭାର ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କୁ ତାଙ୍କର କାର୍ଯ୍ୟାଳୟରେ ଭେଟି ତରଭାରେ ଦେଖା ଦେଉଥିବା ବିଦ୍ୟୁତ ବିଭ୍ରାଟ ସମ୍ବନ୍ଧେ ଅବଗତ କରାଇବା ସହ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଗ୍ରୀଡ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ଏହାବ୍ୟତୀତ ତରଭା ବ୍ଲକ୍ ଅଧୀନ କମସରାରେ ଥିବା ରାଣୀଝୁଲା ପାହାଡ଼ ଶୀର୍ଷରେ ଥିବା ପ୍ରାଗ ଐତିହାସିକ ରାଣୀଝୁଲା ଗୁମ୍ଫାର ଐତିହାସିକ ତଥ୍ୟ ଉନ୍ମୋଚନ ସହ ଏହାକୁ ଲୋକ ଲୋଚନକୁ ଆଣିବା ସମ୍ବନ୍ଧେ ଜିଲ୍ଲାପାଳଙ୍କ ସହ ସାମ୍ବାଦିକ ଶ୍ରୀ ସାହୁ ଆଲୋଚନା କରିଥିଲେ। ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ରାଣୀଝୁଲା ଗୁମ୍ଫା ଦେଖିବାକୁ ଆସିବେ ବୋଲି ଜିଲ୍ଲାପାଳ କହିଥିଲେ।

## ମହଙ୍ଗାପଡ଼ିଲା ବାର୍‌ହା ଶିକାର

ହରଭଙ୍ଗା,୨୨।୧୦(ସମିସ): ନୟାଗଡ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜ କୁମାରୀ ନାଳ ନିକଟରୁ ମଙ୍ଗଳବାର ବିଳମ୍ବିତ ରାତିରେ ବନ୍ୟପ୍ରାଣୀ ବିଭାଗ ଚଢଉ କରି ୫୦ କେଜିର ବାର୍‌ହା ମାଂସ ଜବତ କରିଛି। ଏହା ସହିତ ଶିକାର ପାଇଁ ବ୍ୟବହୃତ ସର୍ଭିସ ତାର, ଜିଆଇ ତାର ସହିତ କଟୁରୀ, ଛୁରୀ ଜବତ ହୋଇଛି। ଏହି ଘଟଣାରେ କୁମାରୀ ଗ୍ରାମର ସଚିନ୍ଦ୍ର ଦେହୁରୀ (୩୮)ଙ୍କୁ ବନ୍ୟପ୍ରାଣୀ ବିଭାଗ ଗିରଫ କରଛି। ତେବେ ତା

- ବିଦ୍ୟୁତ୍ ତାର ଦ୍ୱାରା ଶିକାର କରାଯାଇଥିଲା
- ୫୦ କେଜି ବାର୍‌ହା ମାଂସ ଜବତ
- ଅଭିଯୁକ୍ତ ଗିରଫ, ସହଯୋଗୀ ଫେରାର
- ସର୍ଭିସ ତାର, ଜିଆଇ ତାର ସହିତ କଟୁରୀ, ଛୁରି ଜବତ



ସହ ଥିବା ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଛି।

ଅଭୟାରଣ୍ୟରୁ ବିଦ୍ୟୁତ୍ ତାର ସାହାଯ୍ୟରେ ଜଙ୍ଗଲୀ ବାର୍‌ହା ଶିକାର କରି କୁମାରୀ ନାଳ ନିକଟରେ ମାଂସ ଭାଗବଣ୍ଟା ଚାଲିଥିବା ବନ୍ୟପ୍ରାଣୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଚଢଉ କରିଥିଲା। ଘଟଣାସ୍ଥଳରୁ ବାର୍‌ହା ମାଂସ ସହିତ ଶିକାରୀ ସଚିନ୍ଦ୍ରଙ୍କୁ ଗିରଫ କରିଥିଲା। ତା ସହ ଥିବା ଅନ୍ୟ ଜଣେ ସହଯୋଗୀ ଫେରାର ମାରିଥିବା କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜ ଅଫିସର ସଂସାର ବର୍ଗୀଆ ସୂଚନା ଦେଇଛନ୍ତି। ଏହି ଚଢଉରେ ଏସିଏଫ ଦେବୀପ୍ରସାଦ ରାଉତ, ଫରେଷ୍ଟର ପ୍ରଭାକର ସାହୁ, ସଞ୍ଜୟ ରାଉତ, ବନରକ୍ଷୀ ରୁନି ଦଳବେହେରା ପ୍ରମୁଖ ସାମିଲ ଥିଲେ। ଏ ନେଇ କୁଶଙ୍ଗ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅନ୍ୟ ଅଭିଯୁକ୍ତକୁ ଧରିବା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଛାନଭିନ୍ ଚାଲିଛି।

# ବିଭିନ୍ନ ସ୍ଥାନରେ ଗୋବର୍ଦ୍ଧନ ପୂଜା







ମନମୁଣ୍ଡା,୨୨।୧୦(ସମିସ)

ସ୍ଥାନୀୟ ଶ୍ରୀ ଦଧିବାମନ ମନ୍ଦିରରେ ଗୋବର୍ଦ୍ଧନ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନମୁଣ୍ଡା ବ୍ରାହ୍ମଣ ସମାଜ ଏବଂ ଶାନ୍ତିପାଲି ନିବାସୀ ହିମାଂଶୁ ଶେଖର ନାୟକ ଓ ଶମ୍ଭୁପ୍ରସାଦ ନାୟକଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପୂଜକ ଆଶୁତୋଷ ହୋତା ଏବଂ ଚନ୍ଦ୍ରଶେଖର ରଥ ପୂଜା କାର୍ଯ୍ୟ କରିଥିଲେ। ଏଥିରେ ଶତାଧିକ ବ୍ରାହ୍ମଣଙ୍କ ସମାଗମ ହୋଇଥିଲା। ବ୍ରାହ୍ମଣମାନେ ଗୋବର୍ଦ୍ଧନଙ୍କ ଭଜନ ଓ ସ୍ତୁତି କରିଥିଲେ। ବ୍ରାହ୍ମଣ ସମାଜ ସଭାପତି ବିଜୟ ତ୍ରିପାଠୀ, ଉପସଭାପତି ରୋହିତ ହୋତା, ସମ୍ପାଦକ ବୈଦ୍ୟନାଥ ହୋତା, ସଭ୍ୟ କମଳ ନାୟକ, ଉପଦେଷ୍ଟା ଗଣେଶ ପ୍ରସାଦ ମିଶ୍ର, ଦାଶରଥି ମିଶ୍ର, ନିରଞ୍ଜନ ହୋତା, ବଳଦେବ ରଥ ପ୍ରମୁଖଙ୍କ ଦିଗଦର୍ଶନ ଏବଂ ଆୟୋଜନ କ୍ରମେ ଭକ୍ତଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା।

**ଡୁଙ୍ଗୁରିପାଲି:** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାଝିମୁଣ୍ଡା ଝୁମୁକା ଡୁଙ୍ଗୁରୀ ଠାରେ ଗିରି ଗୋବର୍ଦ୍ଧନ ପୂଜା ପାଳିତ ହୋଇଯାଇଛି। ମଠର ବାବା କରୁଣାକର ଦାସଙ୍କ ତତ୍ତ୍ୱାବଧାନରେ ବୁଧବାର କଳସ ସ୍ଥାପନ କରି ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯାଇଥିଲା। ଗୋବିନ୍ଦ ବେହେରା ତାଙ୍କସହ ପତ୍ନୀକର୍ତ୍ତା ଭାବରେ ତୁଲେଇ ଥିବାବେଳେ ପୂଜକ ଭାବରେ ଭରତ ଚନ୍ଦ୍ର ଦାସ କାର୍ଯ୍ୟ ତୁଲାଇଥିଲେ। ତେଜରାଜ ବ୍ରହ୍ମା ରାମାୟଣ ପାରାୟଣରେ ହଜାର ହଜାର ଦର୍ଶକମାନେ ଦେଖି ବିଭୋର ହୋଇ ଉଠୁଥିଲେ। ଏହି ଗିରି ଗୋବର୍ଦ୍ଧନ ପୂଜା ଦେଖିବା ପାଇଁ ଆଖପାଖ ଅଞ୍ଚଳର ମାଝିମୁଣ୍ଡା, ସର୍ଗୁଲ, ଲରିଆବାହାଲ, ବନ୍ଧପାଲି, ଗମ୍ଭାରିପାଲି, ଛଞ୍ଚାଣି, ଚମ୍ପାଡୁଲି, ସେଲବାହାଲିର ହଜାର ହଜାର ଶ୍ରଦ୍ଧାଳୁ ଦେଖିବା ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା। ଝୁମୁକା ଡୁଙ୍ଗୁରୀ କମିଟି ସଭାପତି ସାଉଁରିଆ ଅଗ୍ରୱାଲ, ସମ୍ପାଦକ ଅନିରୁଦ୍ଧ ବାରିକଙ୍କ ସହ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସମସ୍ତ ଭକ୍ତମାନଙ୍କୁକମିଟି ପକ୍ଷରୁ ଅନ୍ନପ୍ରସାଦ ଦେଇଥିଲେ।

**ଶଗଡା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ନରଘଣ୍ଟା ପାହାଡ଼ରେ ଗିରିଗୋବର୍ଦ୍ଧନ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଡାଙ୍ଗମୁଣ୍ଡା, ଖଲିଆ ମୁଣ୍ଡା, ଉଚ୍ଚ ବାହାଲି ସହ ଆଖପାଖ ଗ୍ରାମର ଲୋକେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

**ବିନିକା:** ବିନିକା ସହର ସମେତ ବ୍ଲକ୍ ଅଞ୍ଚଳର ବିଭିନ୍ନ ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ବିନିକା କଂସାରିପଡ଼ାସ୍ଥିତ ପୂର୍ଣ୍ଣମାସି ମନ୍ଦିରରୁ ରାଧାକୃଷ୍ଣ ଓ ଘୁଣ୍ଟୁ ଗୋପାଳଙ୍କୁ ବାହାର କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଯୁବକ ସଂଘ ସଭାପତି ମନୋଜ ଦାସ ଓ ସମ୍ପାଦକ ରଞ୍ଜନ ଦାସଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ବିରାଟ ଶୋଭାଯାତ୍ରାରେ ଘଣ୍ଟ, ଶଙ୍ଖର ତାଳେତାଳେ ରାଧାକୃଷ୍ଣ ଘୁଣ୍ଟୁ ଗୋପାଳଙ୍କୁ ନିକଟସ୍ଥ ଯୋଗେଶ୍ୱର ମନ୍ଦିରକୁ ନିଆଯାଇଥିଲା।

ସେଠାରେ ପୂଜକ ସର୍ବେଶ୍ୱର ପୁରୋହିତ ଓ ସହଯୋଗୀ ମାନଭଞ୍ଜନ ପୂଜାରୀଙ୍କ ଦ୍ୱାରା ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଜାମଛାପର, ଘାଟି ଜାମପାଲି, ତେଲିପାଲି, ଅଏଁଲାମୁଣ୍ଡା, ନାରାଣଟିକିରା ଆଦି ସ୍ଥାନରେ ମହାସମାରୋହରେ ଗିରି ଗୋବର୍ଦ୍ଧନ ପୂଜା ପାଳିତ ହୋଇଥିଲା।

## ଗଞ୍ଜେଇ ମାମଲାରେ ୩ ଅଭିଯୁକ୍ତ କୋର୍ଟ ଚାଲାଣ



କଣ୍ଟାମାଳ/ଶଗଡା,୨୨।୧୦ (ସମିସ): ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ କଣ୍ଟାମାଳ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନେ ହେଲେ ନୂଆପାଲି ଗ୍ରାମର ଲୋଚନ ଦାସ, ଶଙ୍କର ପୋଢ଼ ଓ କମଘାଟ ଗ୍ରାମର ଗଜପତି ସାହୁ। ଫେବୃଆରୀ ୨ରେ କଣ୍ଟାମାଳ ଥାନା ନୂଆପାଲି ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ କଣ୍ଟାମାଳ ପୁଲିସ ଚଢ଼ଉ କରିଥିଲା। ପୁଲିସକୁ ଦେଖି ମାଫିଆମାନେ ଘଟଣା ସ୍ଥଳରୁ ଫେରାର ମାରିଥିଲେ। ପୁଲିସ ଘଟଣା ସ୍ଥଳରୁ ୬ କୁଇଣ୍ଟାଲ ୯ଶହ ଗ୍ରାମ ଗଞ୍ଜେଇ ଜବତ କରି ଏକ ମାମଲା ରୁଜୁ କରିଥିଲା। ଏହାର ତଦନ୍ତ ଜାରି ରହି ଥିଲା। ଶେଷରେ ଥାନା ଅଧିକାରୀ ରଞ୍ଜିତ ମୁନିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଚଢ଼ଉ କରି ଦୀର୍ଘ ୮ ମାସ ପରେ ୩ ଅଭିଯୁକ୍ତଙ୍କୁ ଧରିଛି।

## ଶ୍ରୀରାମ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଡୁଙ୍ଗୁରିପାଲି,୨୨।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଶ୍ରୀରାମ ମହାବିଦ୍ୟାଳୟ ରାମପୁରରେ ରସାୟନ ବିଜ୍ଞାନ ବିଭାଗରେ ଅଧ୍ୟକ୍ଷ ଜନାର୍ଦ୍ଦନ ସାହୁଙ୍କ ସଭାପତିତ୍ୱରେ ତଥା ବିଭାଗୀୟ ମୁଖ୍ୟ ନିଳାମ୍ବର ସାହୁଙ୍କ ତତ୍ୱାବଧାନରେ ମଲିକ୍ୟୁଲାର୍ ଆଡଭାନ୍ସମେଣ୍ଟ୍ କେମେସ୍ଟ୍ରିକ ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ରାଇବରେଲି ବିଶ୍ୱବିଦ୍ୟାଳୟ ର ସହକାରୀ ପ୍ରଫେସର ଅଧାପକ ଡ.ନିରଞ୍ଜନ ମେହେର ମୁଖ୍ୟ ସମୀକ୍ଷକ ଭାବରେ ଯୋଗଦାନ ପୂର୍ବକ ଶୀର୍ଷକ ଉପରେ ସବିଶେଷ ଆଲୋଚନା କରିଥିଲେ। ଯୁକ୍ତତିନି ଦ୍ୱିତୀୟ ବର୍ଷର ଛାତ୍ରୀ ସୁଭାଙ୍ଗୀ ଶ୍ୱେତପଦ୍ମା ମାଝୀ ଓ ସଜିତା ପଧାନ, ପ୍ରଥମ ବର୍ଷର ଛାତ୍ରୀ ଯଥାକ୍ରମେ ନିୟମ ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବିଭାଗର ଅଧାପକ ଡ.ଦିଲୀପ କୁମାର ସାହୁ ଉକ୍ତ ଶୀର୍ଷକ ପ୍ରବନ୍ଧ ସମ୍ପର୍କରେ ସମୀକ୍ଷା କରିଥିଲେ। ନିପନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ସ୍କୁଲ ଫେର’ ଅଭିଯାନରେ ୧୮ ୦୦ ପିଲାଙ୍କ ନାମଲେଖା



ମାଲକାନଗିରି, ୨୨।୧୦ (ସମିସ): ସ୍କୁଲ ଛାଡୁଥିବା ପିଲା ତଥା ଡ୍ରପ୍ ଆଉଟ ହାରକୁ ରୋକିବା ପାଇଁ ‘ସ୍କୁଲକୁ ଫେର’ କାର୍ଯ୍ୟକ୍ରମ ଅଧୀନରେ ମାଲକାନଗିରିର ୧୮୦୦ରୁ ଅଧିକ ଛାତ୍ରଛାତ୍ରୀ ପୁଣି ବିଦ୍ୟାଳୟ ମୁହାଁ ହୋଇଛନ୍ତି। ଏନେଇ ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, ମାଲକାନଗିରି ଜିଲ୍ଲା ପ୍ରଶାସନ ଦ୍ୱାରା ସ୍କୁଲ ଫେରିବା ଅଭିଯାନରେ ଏପର୍ଯ୍ୟନ୍ତ ୧୮୦୦ରୁ ଅଧିକ ପିଲାଙ୍କ ପୁନଃ ନାମ ଲେଖାଯାଇଛି। ଯେଉଁମାନେ ପାଠପଢ଼ା ଛାଡି ଥିଲେ କିମ୍ବା କେବେ ନାମ ଲେଖାଇ ନଥିଲେ, ସେମାନଙ୍କୁ ଚିହ୍ନଟ କରାଯାଇ ଶିକ୍ଷା ପାଇଁ ଦ୍ୱିତୀୟ ସୁଯୋଗ ଦିଆଯାଉଛି। ଜିଲ୍ଲା ପ୍ରଶାସନ ପୂର୍ବରୁ ବିଭିନ୍ନ ବ୍ଲକରେ ଏହି ଶିବିର ସ୍ଥାପନ କରି ସ୍କୁଲ ବାହାରେ ଥିବା ପିଲାମାନଙ୍କୁ ପଞ୍ଜୀକରଣ କରିଛି। ଏହି ପଦକ୍ଷେପର ଅଂଶ ସ୍ୱରୂପ, ୧୪ ବର୍ଷରୁ ଅଧିକ ବୟସର ଛାତ୍ରଛାତ୍ରୀ ଯେଉଁମାନେ ଅଧାରୁ ପାଠପଢ଼ା ଛାଡି ଦେଇଥିଲେ, ସେମାନେ ବର୍ତ୍ତମାନ ସିଧାସଳଖ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇପାରିବେ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ବୟସ୍କ ଛାତ୍ରଛାତ୍ରୀମାନଙ୍କୁ ଶୀଘ୍ର ମୁଖ୍ୟଧାରାର ଶିକ୍ଷାରେ ପୁନଃ ସାମିଲ କରିବା। ଅନେକ ଛାତ୍ରଛାତ୍ରୀ ଦାରିଦ୍ର୍ୟ ଯୋଗୁଁ ପାଠ ଛାଡିଥିବା ବେଳେ ପରିବାର ସହ କିମ୍ବା ବିଭିନ୍ନ ସ୍ଥାନରେ ମୂଲ ଲାଗୁଥିବା ବେଳେ ସେମାନେ ବର୍ତ୍ତମାନ ପୁନଃ ନାମ ଲେଖାଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲ୍ଲାରେ ମୋଟ ୮୧୧୧ ପିଲାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୬୦୭୫ ଜଣ ପାଠପଢ଼ା ଛାଡି ଦେଇଥିଲେ। ଓ ୨୦୩୬ ଜଣ କେବେ ସ୍କୁଲ ଯାଇ ନଥିଲେ। ସେମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୧୮ ୯୭ ଜଣ ଛାତ୍ରଛାତ୍ରୀ ପୁନଃ ନାମ ଲେଖାଇଛନ୍ତି। ଏହି ପଦକ୍ଷେପରେ ବଡ଼ ଛାତ୍ରଙ୍କ ପାଇଁ ଶନିବାର ଏବଂ ରବିବାର ଶିକ୍ଷା ଦାନର ବ୍ୟବସ୍ଥା ରହିଥିବା ବେଳେ ଛୋଟ ପିଲାମାନଙ୍କୁ ଦୈନିକ ଶ୍ରେଣୀ ପାଇଁ ବିଭିନ୍ନ ଗ୍ରେଡରେ ରଖାଯାଇଛି। ଏହି ପ୍ରକ୍ରିୟାକୁ ସହଜ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଥିବା ଜଣା ପଡିଛି।

## ବୋରିଗୁମ୍ମାରେ ଅବାଧ ନକଲି ଗୁଟ୍‌ଖା ବିକ୍ରି

ବୋରିଗୁମ୍ମା, ୨୨।୧୦(ସମିସ): ବିଗତ ଦିନରେ ବୋରିଗୁମ୍ମା ସହରରୁ ଜବତ ହୋଇଥିଲା ମାଳ ମାଳ ନକଲି ଗୁଟ୍‌ଖା ପ୍ୟାକେଟ୍। କିଛି ନକଲି ଓ କିଛି ଅସଲି। ଯାହାକୁ ଜାଣତ ବା ଅଜାଣତରେ ଖାଉଥିଲେ ଲୋକେ। ବିଭିନ୍ନ ଅଞ୍ଚଳରୁ ଏକ ଲକ୍ଷ ଟଙ୍କାରୁ ଅଧିକ ବିଭିନ୍ନ କମ୍ପାନୀର ଗୁଟୁଖା, ଭାଙ୍ଗ, ବିଡି ଓ ତମାଖୁ ପ୍ୟାକେଟ ବସ୍ତା ଗୁଡିକୁ ଜବତ କରିଥିଲା ଟିମ୍। ଘଟଣାରେ ପ୍ରମୁଖ ବ୍ୟବସାୟଙ୍କ ଠାରୁ ଲକ୍ଷାଧିକ ଟଙ୍କା ଫାଇନ୍ ବାବଦରେ ଆଦାୟ କରାଯାଇଥିବା ବେଳେ ଜବତ ଗୁଟୁଖା ଦ୍ରବ୍ୟ ସବୁ ବ୍ରହ୍ମପୁର ଓ ନବରଙ୍ଗପୁର ଅଞ୍ଚଳରୁ ଆସୁଥିବା ଜଣାପଡିଥିଲା। ସବୁଠାରୁ ବଡ କଥା ହେଲା କି, ଏଥିରୁ କିଛି ମାଲ ନକଲି ଥିବା ବି ଜଣାପଡିଛି। ଏହାସହ ୮୫ ପ୍ରତିଶତ ପ୍ୟାକେଟଗୁଡିକରେ ୱାର୍ଣ୍ଣିଂ ଲେବଲ ନ ଥିବା ଜଣାପଡିଛି। ଫଳରେ ଉକ୍ତ ଦୋକାନକୁ ସିଲ୍ କରାଯାଇଥିଲା। ଜବତ ନକଲି ଗୁଟୁଖା ମଧ୍ୟରେ ନକଲି ଦ୍ରବ୍ୟ ମିଶିଥିବା ସନ୍ଦେହରେ ସେ ସବୁକୁ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ମାନ ନିର୍ଦ୍ଧାରଣ ପାଇଁ ତଥା ପରୀକ୍ଷା ପାଇଁ ଭୁବେନେଶ୍ୱର ଲାବ୍ରୋଟରୀକୁ ପଠାଯାଉ ବୋଲି ସାଧାରଣରେ ଦାବି ହେଉଛି। ସେପଟେ ଷ୍ଟକ୍ ରଖିଥିବା ବ୍ୟବସାୟୀ କହିଛନ୍ତି ଯେ କଳାହାଣ୍ଡି ଓ ବାହାର ଜିଲ୍ଲାରୁ ସବୁ ଗୁଟ୍‌ଖା ଆସୁଥିବା ବେଳେ ପୋଲିସ୍ ସବୁ ମାଲ୍ ଜବତ କରିଛି କିନ୍ତୁ ନକଲି ଗୁଟୁଖା ନେଇ ଜାଣିନଥିବା ବ୍ୟବସାୟୀ କହିଛନ୍ତି। କଟକଣାକୁ ମାନୁନାହାନ୍ତି ଅମାନିଆ। ଦୋକାନୀ ବିକ୍ରି କରିବାରେ ହେଳା କରୁନାହାନ୍ତି କି ଗ୍ରାହକମାନେ ସୁଧୁରୁନାହାନ୍ତି। ନକଲି ଗୁଟୁଖା ଖାଇ ନିଜ ମୂଲ୍ୟବାନ ଜୀବନକୁ ବାଜି ଲଗାଉଛନ୍ତି। ତେବେ ବେଆଇନ ଭାବେ ଚାଲିଥିବା ଗୁଟୁଖା କାରବାର ଉପରେ ରୋକେ ଲଗାଇବାକୁ ବିଭିନ୍ନ ସମୟରେ ଦୋକାନ ମାନଙ୍କ ଉପରେ ଚଢଉ କରାଯାଉଥିବାବେଳେ,ବ୍ୟାପକ ପରିମାଣର ଗୁଟ୍‌ଖା ଜବତ କରାଯାଉଛି। ତଥାପି ସୁଧୁରିବାର ନାଁ ନେଉନାହାନ୍ତି ବ୍ୟବସାୟୀ।



ରାୟଗଡ଼ା କାଳୀପୂଜା ଦଶମହାବିଦ୍ୟା ପୂଜାର ତୃତୀୟ ଦିନ



ମଣ୍ଡପରେ ତ୍ରିପୁରା ସୁନ୍ଦରୀ ପୂଜା, ଦର୍ଶନ ପାଇଁ ଶ୍ରଦ୍ଧାଳୁ ଭିଡ଼

## କୋରାପୁଟ ବାଇପାସ୍ ରାସ୍ତା ପ୍ରକଳ୍ପ ନକ୍ସା ଅନୁମୋଦିତ

କୋରାପୁଟ,୨୨।୧୦(ସମିସ):କୋରାପୁଟ ସହରବାସୀଙ୍କ ବହୁବର୍ଷ ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି।କୋରାପୁଟ ବାଇପାସ୍ ରାସ୍ତା ପ୍ରକଳ୍ପ ଏବଂ ନକ୍ସା ଅନୁମୋଦନ କରିବା ପାଇଁ ଦିଲ୍ଲୀ ଠାରେ ଜାତୀୟ ରାଜପଥ ପ୍ରାଧିକରଣ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋରାପୁଟ ବାଇପାସ ପ୍ରକଳ୍ପ ଏବଂ ନକ୍ସା ଅନୁମୋଦନ ହୋଇଥିବା କୋରାପୁଟ ବିଧାୟକ ରଘୁରାମ ମାଛ ସୂଚନା ଦେଇଛନ୍ତି। ମେଣ୍ଟାଗୁଡା ଛକରୁ ମାନବର, ରେଳିକୁମ୍ଭା,ଚିନ୍ଦ୍ରୀ ଦେଇ ଭବାନୀନଗରରେ ବାହାରିବ ଏହି ନୂତନ ବାଇପାସ ରାସ୍ତା ବୋଲି ଜଣାପଡିଛି।କୋରାପୁଟ ସହରରେ ଜନସଂଖ୍ୟା ବୃଦ୍ଧି ପାଇଛି। ସହର ମଧ୍ୟରେ ଭାରିଯାନ ଚଳାଚଳ କରୁଥିବାରୁ ଦୁର୍ଘଟଣାକୁ ଏଡାଇବା ପାଇଁ ଏକ ବାଇପାସର ଆବଶ୍ୟକତା ରହିଛି। ବହୁବର୍ଷ ପୂର୍ବରୁ ସହରବାସୀ ଏକ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ଦାବୀ କରିଥିଲେ। ଏଥିନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ବୈଠକ କରାଯାଇଥିବା ସତ୍ତ୍ୱେ ପ୍ରକଳ୍ପ ଆଗେଇ ପାରୁ ନ ଥିଲା। କୋରାପୁଟ ବାଇପାସ୍ ରାସ୍ତା ନିର୍ମାଣ କରିବା ସ୍ଥାନୀୟ ବିଧାୟକ ରଘୁରାମ ମାଛଙ୍କ ପ୍ରାଥମିକତା ରହିଥିଲା। ସେଥି ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ବିଧାୟକଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ ନକ୍ସାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଇଥିଲା କୋରାପୁଟ ବିଧାୟକ ରଘୁରାମ ମାଛ ଗତ ଜୁଲାଇ ମାସରେ ଦିଲ୍ଲୀ ଯାଇ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟି କୋରାପୁଟ ବାଇପାସ୍ ରାସ୍ତା ପ୍ରକଳ୍ପ କୁ ଅନୁମୋଦନ କରିବାକୁ ଦାବି ପତ୍ର ପ୍ରଦାନ କରିଥିଲେ। ଏଥିସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ଏବଂ ରାଜପଥ ପ୍ରାଧିକରଣ କମିଟିର ବୈଠକରେ କୋରାପୁଟ ବାଇପାସ ରାସ୍ତା ପ୍ରକଳ୍ପ ନକ୍ସା ଅନୁମୋଦିତ ହୋଇଥିବା ଜଣାପଡିଛି। ଏଥି ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୋରାପୁଟ ବିଧାୟକ ରଘୁରାମ ମାଛ ଧନ୍ୟବାଦ ଜଣାଇଛନ୍ତି। ବହୁବର୍ଷ ପ୍ରତୀକ୍ଷାର ଅନ୍ତ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ପ୍ରଚେଷ୍ଟାରେ ହେବାକୁ ଯାଉଛି। ଏଥି ନିମନ୍ତେ କୋରାପୁଟ ସହରବାସୀ କୋରାପୁଟ ବିଧାୟକ ରଘୁରାମ ମାଛଙ୍କୁ ଆନ୍ତରିକତା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଭଗବାନ ଧନ୍ୱନ୍ତରୀ ଜୟନ୍ତୀ

ଜୟପୁର,୨୨। ୧୦(ସମିସ): ଜୟପୁର ସହରର ରାଧାକୃଷ୍ଣ ମନ୍ଦିର ପରିସରରେ ଆୟୁର୍ବେଦର ଜନକ ବୈଦରାଜ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ରବିବାର ପାଳିତ ହୋଇଥିଲା। କୋରାପୁଟ ଜିଲ୍ଲା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଭଗବାନ ଧନ୍ୱନ୍ତରୀଙ୍କୁ ବୈଦିକ ରୀତିନୀତି ଏବଂବିଧି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଆୟୋଜିତ ହୋଇଥିଲା। ଏହି ଅବସରରେ ଡା. ସୁଦର୍ଶନ ଗୌଡ, କବିରାଜ କ୍ଷେତ୍ରବାସୀ ପରିଷଦର ସହ ସମ୍ପାଦକ ସତ୍ୟନାରାୟଣ ପରିଚ୍ଛା, ଉପଦେଷ୍ଟା ଶିବକେଶବ ଦାସ, ସଂଯୋଜକ ତ୍ରିପତୀ ସାହୁ, ଜୁପିଟର ମିଶ୍ର, ଡା. ଶ୍ରୀକାନ୍ତ ମହାପାତ୍ର, ଶ୍ରୀଅଂଶ ପାତ୍ର, ସୌମ୍ୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସମ୍ପାଦକ ପରମେଶ୍ୱର ପାତ୍ରଙ୍କ ଏହି କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ୬ ଘଣ୍ଟା ଧରି ଓଡ଼ିଶା-ଆନ୍ଧ୍ର ଗାଡ଼ି ଚଳାଚଳ ବନ୍ଦ



ପଟ୍ଟାଙ୍ଗି,୨୨।୧୦(ସମିସ): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୀମାନ୍ତ ସାଲୁର୍ ଘାଟିରେ ଓଲଟି ପଡିଥିବା ଗ୍ୟାସ ବୋଝେଇ ଟ୍ୟାଙ୍କରକୁ ଉଦ୍ଧାର ପାଇଁ କାର୍ଯ୍ୟ ଚାଲିଥିବା ଯୋଗୁଁ ଦୀର୍ଘ ୬ ଘଣ୍ଟା କାଳ ଆନ୍ତଃରାଜ୍ୟ ରାସ୍ତା ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ସୂଚନା ଅନୁଯାୟୀ ପଡୋଶୀ ଆନ୍ଧ୍ର ରାଜ୍ୟର ପାସପେଣ୍ଡା ଥାନା ଅନ୍ତର୍ଗତ ରୋଡାବାଲସା ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର ଓଡ଼ିଶା ଦିଗକୁ ଯାଉଥିବା ସମୟରେ ଭାରସାମ୍ୟ ହରାଇ ସାଲୁର୍ ଘାଟିରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଆଜି ଉକ୍ତ ଦୁର୍ଘଟଣା ହୋଇଥିବା ଟ୍ୟାଙ୍କର ଟିକୁ ଆନ୍ଧ୍ର ପୋଲିସ ପହଞ୍ଚି କ୍ରେନ୍ ସହାୟତାରେ ସକାଳ ୧୦ଟା ସମୟରେ ଉଠାଇବାକୁ ଚେଷ୍ଟା କରିଥିଲା। ଫଳରେ ଦୀଘ ସମୟ ଧରି ରାସ୍ତା ଜାମ ରହିଥିଲା ବେଳେ ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଠାରୁ ଆରମ୍ଭ କରି କାର, ବସ୍ ଅଟକି ରହିଛି। ଏହି ଉଦ୍ଧାର କାର୍ଯ୍ୟ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଚାଲିଥିଲା। ଓଡିଶାର ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକଙ୍କ ଉପସ୍ଥିତିରେ ପୋଲିସ କର୍ମଚାରୀ ଅଟକି ରହିଥିବା ଗାଡ଼ି ଗୁଡ଼ିକ ଟ୍ରାଫିକ ଜାମ୍ ନ ହେବା ପାଇ ପଦକ୍ଷେପ ନେଇଥିଲେ।

## ଅଜଣା ବ୍ୟକ୍ତିର ମୃତଦେହ ଉଦ୍ଧାର

ଜୟପୁର,୨୨।୧୦(ସମିସ): ଜୟପୁର ସଦରଥାନା ପୁଲିସ ପକ୍ଷରୁ ସ୍ଥାନୀୟ ପୁଟୁରା ନଦୀରୁ ଗୋଟିଏ ଅଜଣା ବ୍ୟକ୍ତିର ମୃତଦେହ ଉଦ୍ଧାର କରାଯାଇଛି। ବର୍ତ୍ତମାନ ସୁଦ୍ଧା ମୃତଦେହର ପରିଚୟ ମିଳିନାହିଁ। ଗତକାଲି ଧନପୁର ପଞ୍ଚାୟତର ଝିଲିମିଲି ଗୁଡା ଗ୍ରାମରକ୍ଷୀ ବିଜୟ କୁମାର ହରିଜନ ଗାଗନାପୁର ଫାଣି ଏକମ୍ବା ନିକଟସ୍ଥ ପୁଟରା ନଦୀରେ ଏକ ମୃତଦେହ ଭାସୁଥିବା ନେଇ ନିଜେ ଘଟଣାସ୍ଥଳରେ ଦେଖିବା ପରେ ସଦର ଥାନାକୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ସଦର ଥାନା ପୁଲିସ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଭାସୁଥିବା ଅବସ୍ଥାରେ ମୃତଦେହ ଉଦ୍ଧାର କରିବା ସହ ଜିଲ୍ଲା ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ କରାଯିବା ପରେ ଶୀତଳ କୋଠରୀରେ ସଂରକ୍ଷିତ ଭାବେ ରଖାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମୃତଦେହର ପରିଚୟ ମିଳିନଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ମା’ଓ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ବୈଠକ




ନବରଙ୍ଗପୁର,୨୨।୧୦ (ସମିସ) : ନବରଙ୍ଗପୁର ଜିଲ୍ଲାରେ ମା’ଓ ଶିଶୁ ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ପୋଷଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ବୈଠକ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆଜି ଅଶୋକ ମେହେତା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ଉଦ୍ଦେଶ୍ୟ ଶିଶୁ ଓ ମା’ର ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କୀୟ ପ୍ରତିବନ୍ଧକ ଗୁଡ଼ିକ ମିଳିତ କାର୍ଯ୍ୟପନ୍ଥା ଦ୍ୱାରା ଦୂର କରାଯିବ ଏବଂ ମାଆ ଓ ଶିଶୁର ଉତ୍ତମ ସ୍ୱାସ୍ଥ୍ୟର ଉନ୍ନତି କରାଯିବ। ସରକାରଙ୍କ ଦ୍ୱାରା ଦିଆଯାଉଥିବା ସମସ୍ତ ସୁବିଧା ହିତାଧିକାରୀଙ୍କ ପାଖରେ ସହଜରେ ପହଞ୍ଚି ପାରିବ। ଜିଲ୍ଲାରୁ ସମସ୍ତ ଅପହଞ୍ଚ ଅଞ୍ଚଳରୁ ଗର୍ଭବତୀ ମା’ମାନେ ନିରାପଦ ମାତୃତ୍ୱ ପାଇଁ ମା’ ଗୃହକୁ କିପରି ଆସିବେ, ସମସ୍ତ ସିଡିପିଓ ଓ ମେଡ଼ିକାଲ ଅଫିସରଙ୍କ ମିଳିତ ସହଯୋଗରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା। ଏହି କର୍ଯ୍ୟକ୍ରମ ରେ ସମସ୍ତଙ୍କୁ ମାଗଣା ଚିକିତ୍ସା ଦିଆଯିବା ବିଷୟରେ ସମସ୍ତ ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀଙ୍କୁ ଅବଗତ କରାଇବା ପାଇଁ ସି ଡି ପି ଓ ଏବଂ ମେଡ଼ିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ସିଡିଏମଓ ଡ. ସନ୍ତୋଷ ପଣ୍ଡା, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଏଡିପିଏଚଓ ଡ ମଳୟ କୁମାର ତ୍ରିପାଠୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦୌପଦୀ କହଁର, ଡିପିଏମ, ଏନ୍‌ଏଚଏମ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋରୁକୋଣ୍ଡା/ବାଲିମେଳା,୨୨।୧୦(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ସ୍ଥିତ ଟାଉନ ହଲଠାରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଯୋଗଦେଇ ଠାକୁରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଯୋଗଦେଇ ଶିବିର ସମ୍ବନ୍ଧରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଇଥିଲେ। ଏଥିସହ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା ଏବଂ ଜିଲ୍ଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ମଞ୍ଚାସୀନ ଥିଲେ। ଆଜିର ଏହି ଶିବିରରେ ସର୍ବମୋଟ ୯୫ ଜଣ ପଞ୍ଜିକୃତ କରାଇ ନିଜ ନିଜର ପରୀକ୍ଷା କରାଇଥିଲେ। ଦୃଷ୍ଟିବାଧିତ ବିଭାଗରେ ୧୮, ଶ୍ରବଣ ବାଧିତ ବିଭାଗରେ ୧୮, ଅସ୍ଥିଶଲ୍ୟ ବିଭାଗରେ ୩୮, ମାନସିକ ବାଧିତ ବିଭାଗରେ ୭ ଏବଂ ଅନ୍ୟାନ୍ୟ ବିଭାଗରେ ୧୪ଜଣ ପରୀକ୍ଷା କରାଇଥିଲେ। ସମସ୍ତ ବିଭାଗ ଗୁଡିକରେ ବିଶେଷଜ୍ଞ ଡାକ୍ତର ମାନେ ଉପସ୍ଥିତ ରହି ଲୋକମାନଙ୍କର ପରୀକ୍ଷା କରିଥିଲେ। ଡାକ୍ତର ଅଭିଦ ହୁସେନ, ଡାକ୍ତର ପ୍ରଫୁଲ୍ଲ ବେହେରା, ଡାକ୍ତର ଶିବାନନ୍ଦ ବୁଦ୍ଧ, ଡାକ୍ତର ନିରଞ୍ଜନ କର ଏବଂ ଡାକ୍ତର ନିରଞ୍ଜନ ବେହେରା ପ୍ରମୁଖ ଆଜିର ଶିବିରରେ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜେଶ ଗୌଡ଼ ପରିଚାଳନା କରିଥିଲେ।

## ଶ୍ମଶାନକୁ ଯିବାକୁ ଶବ ଖୋଜୁଛି ରାସ୍ତା

**● ସମାଧାନ ନହେଲେ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ**



କୁନ୍ଦୁରା,୨୨।୧୦(ସମିସ): ଶ୍ମଶାନକୁ ଯିବାକୁ ନାହିଁ ରାସ୍ତା। ଚାଷ ଜମି ଦେଇ ଖାଲଖମାରେ ଶବ ନେଉଛନ୍ତି ଗାଁ ଲୋକେ।କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତର ପୂଜାରୀପୁଟ ଠାରେ ଆଜି ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଆଜି ଗାଁର ବୃଦ୍ଧ ଡମ୍ବୁରୁ ହରିଜନଙ୍କ ହୃଦ୍‌ଘାତରେ ମୃତ୍ୟୁ ଘିଟିଛି । ହେଲେ ମଶାଣିକୁ ରାସ୍ତା ନ ଥିବା ଯୋଗୁଁ ଚାଷ ଜମି ଦେଇ ଖାଲଖମା ରାସ୍ତାରେ ଶବ ବୋହି ନେଉଛନ୍ତି ଗାଁ ଲୋକେ। ଗାଁ ଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଶ୍ମଶାନ ଥିବା ବେଳେ କାନ୍ଧରେ ବହୁ କଷ୍ଟରେ ବୋହି ଆଣୁଛନ୍ତି ଶବ। ଏହା କେବଳ ଆଜି ଗୋଟିଏ ଦିନର ଘଟଣା ନୁହେଁ, ଦଶନ୍ଧି ଦଶନ୍ଧି ଧରି ଏଭଳି ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ଗାଁରେ କେହି ମରିଗଲେ, ମଶାଣିକୁ ଶବ ନେବାକୁ ଲୋକଙ୍କ ମୁଣ୍ଡରେ ଚିନ୍ତା ପଶୁଛି । ଗାଁ ଠାରୁ ମଶାଣିକୁ ରାସ୍ତା ନିର୍ମାଣ ପାଇଁ ବହୁବାର ଅଭିଯୋଗ ହୋଇଛି । ତଥାପି ଏ ଦିଗରେ ପଦକ୍ଷେପ ନିଆଯାଉ ନାହିଁ । ଗ୍ରାମବାସୀଙ୍କ ଏହା ଏକ ପ୍ରମୁଖ ସମସ୍ୟା । ତେଣୁ ରାସ୍ତା ନିର୍ମାଣ ନିମନ୍ତେ ଦାବି କରିଛନ୍ତି ଗ୍ରାମବାସୀ। ଶ୍ମଶାନକୁ ପକ୍କା ରାସ୍ତା ନିର୍ମାଣ ନ ହେଲେ ରାଜ ରାସ୍ତାକୁ ଓହ୍ଲେହେଇବେ ବୋଲି ଚେତାବନୀ ଦେଇଛନ୍ତି ନାଏବ ସରପଞ୍ଚ ସଦନ ଖରା, ୱାଡର୍ ସଭ୍ୟ ଖଗପତି ପୂଜାରୀ ଏବଂ ଗ୍ରାମବାସୀ।

## ଦିବ୍ୟାଙ୍ଗ ଚିହ୍ନଟ ତାଲିମ ଶିବିର

ଜୟପୁର,୨୨।୧୦(ସମିସ): ଜୟପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଚିହ୍ନଟ ତାଲିମ ଶିବିର ଆଜି ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୨୩୧ ଅଙ୍ଗନବାଡି କର୍ମୀ ତାଲିମ ଗ୍ରହଣ କରିଥିଲେ। ବିଡିଓ ଶକ୍ତି ମହାପାତ୍ର ଉପସ୍ଥିତ ରହି ଦିବ୍ୟାଙ୍ଗ ଚିହ୍ନଟ ହେବା ପରେ ସେମାନଙ୍କୁ ସରକାରଙ୍କ ରହିଥିବା ବିଭିନ୍ନ ସରକାରୀ ଯୋଜନା ପ୍ରଣୟନ କରାଯିବ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ପାଢୀ, ପୁନମ ସାହୁ, ସସ୍ମିତା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଖାଉଟି ଅଦାଲତରେ ବ୍ୟାଙ୍କ ଦଣ୍ଡିତ

ଜୟପୁର,୨୨।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଖାଉଟି ବିବାଦ ସମାଧାନ କମିଶନ (ଖାଉଟି ଅଦାଲତ)ରେ ଗତ ୧୪ ତାରିଖରେ ଏକ ବିବାଦର ସମାଧାନ କରି ତାଙ୍କ ରାୟରେ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖାର ମୁଖ୍ୟ ମ୍ୟାନେଜରକୁ ଦୋଷୀ ସାବସ୍ତ୍ୟ କରିବା ସହ ଆବେଦନକାରୀଙ୍କୁ ତୁରନ୍ତ ତାଙ୍କ ଜମାଖାତାର ଟଙ୍କା ଏବଂ ସ୍ଥାୟୀ ଜମା ରାଶି ସମେତ ବ୍ୟାଙ୍କ ସୁଧ ଅନୁଯାୟୀ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ ଜୟପୁର ସହରର ବିକ୍ରମ ନଗରର ବାସିନ୍ଦା ଗୁପ୍ତ ପ୍ରସାଦ ସାହୁ ଗତ ୨୦୦୮ ମସିହା ଏପ୍ରେଲ ୧୮ ତାରିଖରେ ବ୍ୟାଙ୍କର ନୀତନ ଯୋଜନା ଅନୁଯାୟୀ ୨୫ ହଜାର ଟଙ୍କା ସ୍ଥାୟୀ ଜମା କରିଥିଲେ। ଏହିପରି ଦୀର୍ଘ ୧୫ ବର୍ଷ ପରେ ୨୦୨୨ ମସିହା ଅଗଷ୍ଟ ୮ ତାରିଖରେ ବ୍ୟାଙ୍କ ପକ୍ଷରୁ ତାଙ୍କର ଜମାରାଶି ସମ୍ପର୍କ ସୂଚନା ଦେଇଥିଲେ। ଏହିପରି ବ୍ୟାଙ୍କ ଯାଇ ତାଙ୍କର ଜମାଖାତାର ଷ୍ଟେଟମେଣ୍ଟ ବାହାର କରିବା ପରେ ଜାଣିବାକୁ ପାଇଥିଲେ ଯେ, ସ୍ଥାୟ ଜମାଟଙ୍କା ତାରିଖ ଠାରୁ ୨୦୧୧ ମସିହା ଏପ୍ରେଲ ୧୬ ତାରିଖ ପର୍ଯ୍ୟନ୍ତ ସୁଧ ପ୍ରଦାନ କରାଯାଇଥିବା ବେଳେ ବଳକା ୧୨ ବର୍ଷ ଟଙ୍କା ଜମା ରହିଥିଲେ ସୁଧ ଦିଆଯାଇନଥିଲା। ତେଣୁ ତୁରନ୍ତ ତାଙ୍କୁ ବଳକା ୧୨ ବର୍ଷର ୧ଲକ୍ଷ ଟଙ୍କା ସୁଧ ପ୍ରଦାନ କରିବା ନେଇ ପ୍ରଥମେ ବ୍ୟାଙ୍କ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ବ୍ୟାଙ୍କ ପକ୍ଷରୁ କୌଣସି ପଦକ୍ଷପ ଗ୍ରହଣ କରାନଯିବା ଫଳରେ ଗତ ୨୦୨୨ ମସିହା ଡିସେମ୍ବର ୨୩ ତାରିଖରେ ଜମାକାରୀ ଶ୍ରୀ ସାହୁ ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ ଏବଂ ମାମଲା ଦାଖଲ କରିଥିଲେ। ଶେଷରେ ଏହାର ଶୁଣାଣି କରିବା ସହ ଖାଉଟୀ ଅଦାଲତର କମିଶନର ତାଙ୍କ ରାୟରେ ପ୍ରକୃତ ଜମାକାରୀଙ୍କ ସ୍ଥାୟୀ ଜମାରାଶି ୨୫ ହଜାର ଟଙ୍କା, ଏହାର ସୁଧ ବାବଦକୁ ୩୧ ହଜାର ୯ ୯ ୭ ଟଙ୍କା, ଜମାଖାତାରେ ରହିଥିବା ୨୦ ହଜାର ଟଙ୍କା ଏବଂ ମାମଲା ପରିଚାଳନା ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ଆବେଦନକାରୀ ତଥା ଅଭିଯୋଗକାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ଆସନ୍ତା ୩୦ ଦିନ ମଧ୍ୟରେ ଉପରୋକ୍ତ ଟଙ୍କା ପ୍ରଦାନ କରା ନଗଲେ ବାର୍ଷିକ ୧୨ ପ୍ରତି ସୁଧରେ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶନାମରା ଉଲ୍ଲେଖ କରିଛନ୍ତି।

## ପୂର୍ବତନ ବିଡିଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୋଡ଼ାଗଡ଼,୨୨।୧୦(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଗତକାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବିଦାୟ ସମ୍ବର୍ଦ୍ଧନା ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଏହି ବୈଠକର ଆୟୋଜନ କରାଯାଇଥିଲା। ସୂଚନା ମୁତାବକ ଗତ ଦୁଇ ବର୍ଷ ତଳେ ବିଡ଼ିଓ ମିଲନ କୁମାର ଝାଙ୍କର ବ୍ଲକରେ ରହି ପ୍ରଶାସନିକ ଦାୟିତ୍ୱକୁ ସୂଚାରୁ ରୂପେ ସମ୍ପନ୍ନ କରି ଆସୁଥିଲେ। ତାଙ୍କର ହଠାତ୍ ବଦଳି ହୋଇ ଯିବାରୁ ତାଙ୍କ ସ୍ଥାନରେ ବର୍ତ୍ତମାନ ସିଦ୍ଧେଶ୍ୱର ନାୟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେଣୁ ତତ୍କାଳୀନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ମିଲନ କୁମାର ଝାଙ୍କରଙ୍କୁ ଆନୁଷ୍ଠାନିକ ଭାବେ ବିଦାୟ ସମ୍ବର୍ଦ୍ଧନା ଜଣାଇଥିବା ଦେଖିବାକୁ ମିଳିଛି। ଦୁଇ ବର୍ଷ ମଧ୍ୟରେ ଜନପ୍ରିୟ ପ୍ରଶାସନ ଭାବେ କାମ କରୁଥିଲେ। ନିଜ କର୍ତ୍ତବ୍ୟ ରେ ସେ କେବେ ବି ଅବହେଳା ନ ଥିଲେ। ସରକାରୀ କର୍ମଚାରୀ ଠାରୁ ଆରମ୍ଭ କରି, ଜନପ୍ରତିନିଧି ଏବଂ ସାଧାରଣ ଜନତା ଙ୍କ ସହ ଭଲ ବ୍ୟବହାର ଓ ସୁସମ୍ପର୍କ ରହିଥିବା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ବିଶୋଇ, ସହକାରୀ କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ଅଭିଷେକ ସଡଙ୍ଗି, ବରିଷ୍ଠ ପିଇଓ ଯୁନାଥନ ହିଆଲ, ଗୋବିନ୍ଦ ରାଓ, କେତନ ହାଲବା, ରବି ତାମ୍ବ୍ରିରି ଗଣେଶ କୁଳଦିପ ପ୍ରମୁଖ ପ୍ରକାଶ କରିଥିଲେ। ଏହା ପରେ ପିଇଓ ସଂଘ, ଏଡିଓ ସଂଘ, କନିଷ୍ଠ ଯନ୍ତ୍ରୀ ସଂଘ ବ୍ଲକ ଷ୍ଟାଫ୍ ଜଳ ଓ ପରିମଳ ବିଭାଗ ପକ୍ଷରୁ ବିଭିନ୍ନ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଟାଟା ପାୱାରର ମନମାନି ଅଭିଯୋଗ

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ୪ ଖଣ୍ଡ ପଞ୍ଚାୟତବାସୀ

ବୈପାରିଗୁଡ଼ା,୨୨।୧୦(ସମିସ)।



ମିଳୁନି ବିଦ୍ୟୁତ ସେବା, ତାତିଲେ ଲୋକେ। ଘେରିଲେ ବିଦ୍ୟୁତ କାର୍ଯ୍ୟାଳୟ। ସମସ୍ୟା ସମାଧାନ ନହେଲେ ଆଗାମୀ ଦିନରେ କାର୍ଯ୍ୟାଳୟରେ ତାଲା ପକାଇବେ ଲୋକେ। ଏଭଳି କିଛି ଚେତାବନୀ ଦେଇଛନ୍ତି ବୈପାରୀଗୁଡା ବ୍ଲକର ଚାରି ଖଣ୍ଡ ପଞ୍ଚାୟତବାସି । ତିନି ମାସ ଧରି ବାରମ୍ବାର ବିଦ୍ୟୁତ୍ ସରବରାହ ବନ୍ଦ ରହୁଥିବା ଯୋଗୁଁ ଆଜି ବୈପାରିଗୁଡା ବ୍ଲକର ଚାରି ଖଣ୍ଡ ପଞ୍ଚାୟତର ଗ୍ରାମବାସୀ ଏକତ୍ରିତ ହୋଇ ବୈପାରିଗୁଡାର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅଭିଯୋଗ ଅନୁଯାୟୀ, ବୈପାରିଗୁଡା ବ୍ଲକର କାଠପଡା, କୋଲାର, ଚିପାକୁର ଏବଂ ଜି. ମାଝୀଗୁଡା ପଞ୍ଚାୟତରେ ଆଜିକୁ ତିନି ମାସ ଧରି ବାରମ୍ବାର ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଉକ୍ତ ଚାରୋଟି ପଞ୍ଚାୟତ ଦୁର୍ଗମ ତଥା ପାହାଡ଼ ଜଙ୍ଗଲ ଘେରାରେ ରହିଥିବାରୁ ଅଳ୍ପ ବର୍ଷା କିମ୍ବା ପବନ ହେଲେ ଗଛ ଭାଙ୍ଗି ପଡ଼େ। ଗଛ ଭାଙ୍ଗି ବିଦ୍ୟୁତ୍ ଖୁଣ୍ଟରୁ ତାର ଛିଣ୍ଡି ଯାଏ। ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଏ। ବାରମ୍ବାର ଅଭିଯୋଗ କିମ୍ବା ଫୋନ୍ କଲେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଚାରି ପାଞ୍ଚ ଦିନ ପରେ ବିଦ୍ୟୁତ୍ ତାର ଯୋଡ଼ିବା ପାଇଁ ଆସନ୍ତି। ଲଘୁଚାପ ଜନିତ ବର୍ଷା ପବନରେ ପ୍ରାୟ ଗଛ ଗୁଡ଼ିକ ଉପୁଡ଼ି ପଡ଼ିଥାଏ। ଆଜିକୁ ତିନି ମାସ ଧରି ଲଘୁଚାପ ଜାରି ରହିଥିବା ବେଳେ ଏଭଳି ସମସ୍ୟା ଚାଲୁରହିଛି। ବିଦ୍ୟୁତ୍ କଟ୍ ହେଲେ ବିଭାଗକୁ ଜଣାଇବା ପରେ ମଧ୍ୟ ଠିକ୍ ସମୟରେ ଆସନ୍ତି ନାହିଁ। ଅଭିଯୋଗର ଚାରି ପାଞ୍ଚ ଦିନ ପରେ ବିଦ୍ୟୁତ୍ ସଜାଡ଼ିବା ପାଇଁ ଆସନ୍ତି। ଏଭଳି ପରିସ୍ଥିତିରେ ପଞ୍ଚାୟତବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ଧାର ଦୁନିଆଁରେ ବଞ୍ଚିବାକୁ ପଡୁଛି ସେମାନଙ୍କୁ। ତିନି ପଞ୍ଚାୟତ ଜଙ୍ଗଲ ଭିତରେ ଥିବା ଯୋଗୁଁ ଅଧିକାଂଶ ସମୟରେ ବନ୍ୟଜନ୍ତୁଙ୍କ ଭୟ ରହୁଛି। ଏହାଛଡ଼ା ସରିସୃପ ଘରେ ପଶି ଆସନ୍ତି। ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ହୋଇଛି। ଚାରି ପାଞ୍ଚ ଦିନ ମୋବାଇଲ ବନ୍ଦ ହୋଇଯାଏ। ମୋବାଇଲ ବ୍ୟାଟେରୀ ନଥିଲେ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼େ। ଆଜିକୁ ତିନି ମାସ ଧରି ଏଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ତିନି ପଞ୍ଚାୟତ ବାସୀଙ୍କୁ। ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ତେଣୁ ବାଧହୋଇ ତିନି ଖଣ୍ଡ ପଞ୍ଚାୟତର ଗ୍ରାମବାସୀ ଏକତ୍ରିତ ହୋଇ ଆଜି ବୈପାରିଗୁଡା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିବା ସହ ଆଗକୁ ଏଭଳି ସମସ୍ୟା ଦେଖାଗଲେ କାର୍ଯ୍ୟାଳୟରେ ତାଲା ପକାଇବା ସହ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ବୈପାରିଗୁଡା ବିଦ୍ୟୁତ୍ କାର୍ଯ୍ୟାଳୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଫୋନ୍ ଉଠାଇ ନଥିଲେ।

### ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ 'ଦିଶା' କମିଟିର ନବମ ବୈଠକ

# ଧାର୍ଯ୍ୟ ସମୟ ମଧ୍ୟରେ ଉନ୍ନୟନ ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ

ବାରିପଦା, ୨୨।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା) କମିଟିର ନବମ ବୈଠକ ବୁଧବାର ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଲୋକସଭା ସାଂସଦ ତଥା ଜିଲ୍ଲା ଦିଶା କମିଟିର ଅଧ୍ୟକ୍ଷ ନବଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସାଂସଦ ଶ୍ରୀ ମାଝୀ ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଯୋଜନା ସହାୟତାରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କମିଟିର ସମସ୍ତ ଲୋକପ୍ରତିନିଧି ସଭ୍ୟସଭ୍ୟା ଏବଂ ସମ୍ପୃକ୍ତ ଅଧିକାରୀ ଅଂଶ ଗ୍ରହଣ କରାଯିବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରି ଧାର୍ଯ୍ୟ ସମୟ ଭିତରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟ ସୂଚୀ ଅନୁସାରେ ପ୍ରଥମେ ପୂର୍ବ ଦିଶା କମିଟି ବୈଠକର ଆଲୋଚନାରେ ସାଂସଦ/ ବିଧାୟକ ଓ ଅନ୍ୟାନ୍ୟ ଜନପ୍ରତିନିଧିଙ୍କ ଦ୍ୱାରା ଉତଥାପିତ ବିଭିନ୍ନ ଆପତ୍ତି ଅଭିଯୋଗ ତଥା ପ୍ରସ୍ତାବ ଉପରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥବା କାର୍ଯ୍ୟାନୁଷ୍ଠାନର ଅନୁପାଳନ ସମ୍ପର୍କିତ ସବିଶେଷ ସମୀକ୍ଷା ମୂଳକ ଆଲୋଚନା କରାଯାଇ ବିବରଣୀକୁ ଦୃଢ଼ୀକରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଶେଷକରି କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ଯଥା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ଗ୍ରାମ୍ୟ ପାନୀୟଜଳ ଯୋଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ରାଷ୍ଟ୍ରୀୟ କୃଷି ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅମୃତ ସରୋବର ଯୋଜନା, ଜଳ ସମ୍ପଦ ଅଧୀନରେ କେନାଲ, ପୋଲ, ନଦୀ ବନ୍ଧ, ପ୍ରାଣୀ ସମ୍ପଦ, ଗୋକୁଳ ମିଶନ, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋବାନ୍ଦନ ଯୋଜନା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ମା' ଓ ଶିଶୁ ସୁରକ୍ଷା ଯୋଜନା, ଜାତୀୟ ଯକ୍ଷ୍ମା ରୋଗ ବିଲୋପ, ରାଷ୍ଟ୍ରୀୟ ବାଲ ସୁରକ୍ଷା, ସ୍ୱାସ୍ଥ୍ୟନାରୀ, ସଶକ୍ତ ପରିବାର ଜାତୀୟ ରାଜପଥ ଭିତ୍ତିଭୂମି ବିକାଶ, ସମନ୍ୱିତ ଶିଶୁବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ରାଜପଥ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସଏଲ ହେଲଥ କାର୍ଡ, ଫସଲ ବୀମା ଯୋଜନା ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜନଧନ ଯୋଜନା, ସୁକନ୍ୟା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସ୍ଥିତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ମୂଳକ ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗର ଅଧିକାରୀ ତଥା ଅନ୍ୟାନ୍ୟ ଜନପ୍ରତିନିଧି ତଥା ଦିଶା କମିଟିର ସଦସ୍ୟ/ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସମାଜସେବୀ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।




## ହୋ' ଭାଷାକୁ ଅଷ୍ଟମ ସୂଚୀରେ ସାମିଲ ଦାବି



ରାଇରଙ୍ଗପୁର, ୨୨।୧୦(ସମିସ): ଆଜି ରାଇରଙ୍ଗପୁର ଠାରେ ଆଦିବାସୀ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ସୁରା ବିରୁଳି ଓ ସମାଜସେବୀ ଗିରିଶ ଚନ୍ଦ୍ର ହେମ୍ବ୍ରମ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କୁ ସାକ୍ଷାତ କରି ଦିଲ୍ଲୀ ଚଲୋ ନିମନ୍ତେ ନିମନ୍ତ୍ରଣ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଜନ୍ତରମନ୍ତରଠାରେ ଆସନ୍ତା ୩୧ ତାରିଖରେ ଧାରଣା ଓ ନଭେମ୍ବର ୧ ତାରିଖରେ ହୋ-ଭାଷା ସମ୍ମିଳନୀ କରାଯିବା ନେଇ କାର୍ଯ୍ୟକ୍ରମ ରହିଛି। ଏହି ଦିଲ୍ଲୀ ଚାଲ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ହୋ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା। ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ଓଡ଼ିଶା ଝାରଖଣ୍ଡ ପଶ୍ଚିମବଙ୍ଗ ଓ ଆସମ ରାଜ୍ୟରୁ ସାମିଲ ହେବାକୁ କ୍ରିୟାନୁଷ୍ଠାନ ପକ୍ଷରୁ ଆହ୍ୱାନ କରାଯାଇଛି।

## କାଳୀପୂଜା କମିଟି ପକ୍ଷରୁ ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ



କୁଳିଅଣା, ୨୨।୧୦(ସମିସ): କୁଳିଅଣା ସାର୍ବଜନୀନ କାଳୀପୂଜା କମିଟି ତରଫରୁ ୮୦ ଜଣ ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଥାନା ଅଧିକାରୀ ସୁଦୀପକୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ବଳ ବଣ୍ଟନ ଶୁଭାରମ୍ଭ କରିଥିଲେ। ଏଥିରେ କମିଟିର ସଭାପତି ସୁଧାଂଶୁ କୁମାର ପାଣିଗ୍ରାହୀ, ସମ୍ପାଦକ ବିନୟ କୁମାର ସାହୁ, କୁଳିଅଣା ଥାନା ସେକେଣ୍ଡ ଅଫିସର ପ୍ରକାଶ କୁମାର ଗୋସ୍ୱାମୀ ଭବାନୀ ଶଙ୍କର ପାଣିଗ୍ରାହୀ ହାଡିବନ୍ଧୁ ଜେନା, ଯୋଗେଶ୍ୱର ପଣ୍ଡା, କେଦାର କୁମାର ସିହ୍ନା, ମୃତ୍ୟୁଞ୍ଜୟ ସାହୁ ଦିଲ୍ଲୀପ କୁମାର ମଙ୍ଗଲ, ସଞ୍ଜୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବୈଶିଙ୍ଗାରେ ଶିଶୁ ମହୋତ୍ସବ ସୁରଭି



ବୈଶିଙ୍ଗା, ୨୨।୧୦(ସମିସ): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଚିହ୍ନଟ କରି ରାଜ୍ୟସ୍ତରରେ ପ୍ରତିଭା ପ୍ରଦର୍ଶନର ସୁଯୋଗ ଦେବା ପାଇଁ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି ଶିଶୁ ମହୋତ୍ସବ ସୁରଭି। ଚଳିତ ବର୍ଷ ବୈଶିଙ୍ଗା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ୧୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁରଭି ଅନୁଷ୍ଠିତ ହୋଇଯାଇଛି। ସବଜୁନିୟର, ଜୁନିଅର ଓ ସିନିୟର ବିଭାଗରେ ୧୫ଟି ପ୍ରତିଯୋଗିତାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭାମଞ୍ଜରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୈଶିଙ୍ଗା ମହାତ୍ମାଗାନ୍ଧୀ କନିଷ୍ଠ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ଅଧ୍ୟାପକ ଦେବବ୍ରତ ରାଉତ ମୁଖ୍ୟ ଅତିଥି ରୂପେ ଯୋଗ ଦୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁନିଲାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମୁର୍ମୁ ମୁଖ୍ୟବକ୍ତା ଓ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଜେନା, ପୂର୍ବତନ ଆଞ୍ଚଳିକ ସାଧନ କର୍ମୀ ମୀନକେତନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଞ୍ଚଳିକ ସାଧନ କର୍ମୀ ନିଶିକାନ୍ତ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ● ଆଦିବାସୀ ଗ୍ରାମ ସମାଜରେ ସମ୍ବିଧାନ ହତ୍ୟା ବନ୍ଦ ଦାବି

## ବାରମ୍ବାର ଦାବି ସତ୍ତ୍ୱେ ପୁଲିସ ପ୍ରଶାସନ ନୀରବ



ସାରସକଣା, ୨୨।୧୦(ସମିସ): ସାରସକଣା ବ୍ଲକ ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ ସଭାପତି ସହିତ ଓଡ଼ିଶା ପ୍ରଦେଶ ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ ବିଡିଓ, ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଆଦିବାସୀ ସମାଜକୁ ଅଣଦେଖା କରୁଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଦିବାସୀ ସ୍ୱଶାସନ ନାମରେ ଚାଲିଥିବା ମାଝୀ-ପାର୍ଗାନା ବ୍ୟବସ୍ଥାର ପ୍ରମୁଖଙ୍କ ଦ୍ୱାରା ବାରମ୍ବାର ସମ୍ବିଧାନ, ଆଇନ, ମାନବାଧିକାର, ମୌଳିକ ଅଧିକାର ଆଦିକୁ ହତ୍ୟା କରାଯାଉଛି ଏବଂ ଗଣତନ୍ତ୍ର ବ୍ୟବସ୍ଥାକୁ ଉଲଂଘନ କରାଚାଲିଛି। ଏଥିରେ କୌଣସି ସାକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରତ୍ୟେକ ଆଦିବାସୀ ଗ୍ରାମ ସମାଜରେ ପ୍ରତିଦିନ ମଦ, ହାଣ୍ଡିଆ ପରି ଘାତକ ନିଶାଦ୍ରବ୍ୟ ସେବନ, ବୁଢା-ବୁଢୀକୁ ଡାହାଣୀ ନାମରେ ହତ୍ୟା, ପ୍ରତାରଣା, ନିରୀହ ଲୋକମାନଙ୍କୁ ମନଇଚ୍ଛା ଜରିମାନା, ସାମାଜିକ ବାସନ୍ଦ ଆଦି ଘୋର ଅନ୍ୟାୟ, ଅତ୍ୟାଚାର, ଶୋଷଣ ଜାରି ରହିଛି। ତେବେ ସମ୍ବିଧାନ, ଆଇନ, ମାନବାଧିକାର ଏବଂ ଗଣତନ୍ତ୍ର ଆଦି ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟପାଳିକାର ମହାନ ଦାୟିତ୍ୱ ଥିବା ସତ୍ତ୍ୱେ ନୀରବ ଦ୍ରଷ୍ଟା। ଏ ନେଇ ବାରମ୍ବାର ଦାବି କରାଯିବା ସତ୍ତ୍ୱେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ବିଡ଼ିଓ, ତହସିଲଦାର ଏବଂ ପୁଲିସ ମଧ୍ୟ ନିରବ ରହୁଛନ୍ତି। ପ୍ରଶାସନ କେବଳ ରୋଡ, ରାସ୍ତା, ପାଣି, ବିଜୁଳି, ଇନ୍ଦିରା ଆବାସ, ଭତ୍ତା କାମରେ ଲିପ୍ତ ରହୁଛନ୍ତି ଏବଂ ନେତା, ମନ୍ତ୍ରୀଙ୍କ ଗୁଲାମଗିରି କରୁଛନ୍ତି ବୋଲି ଓଡ଼ିଶା ପ୍ରଦେଶ ସେଙ୍ଗେଲ ପାର୍ଗାନା ଶ୍ରୀ ମୁର୍ମୁ ଅଭିଯୋଗ କରିଛନ୍ତି। ତେଣୁ ଆଦିବାସୀ ସ୍ୱଶାସନ ମାଝୀ-ପାର୍ଗାନା ବ୍ୟବସ୍ଥାକୁ ଅବିଳମ୍ବେ ଜନତାନ୍ତ୍ରିକ ଏବଂ ସାମ୍ବିଧାନିକ ସୁଧାର କରାଯିବା ପାଇଁ ଦାବି କରାଯାଇଛି। ଦାବିପତ୍ର ସମୟରେ ସାରସକଣା ବ୍ଲକ ସେଙ୍ଗେଲ ସଭାପତି ହିନ୍ଦୁରାମ ମୁର୍ମୁ ସମେତ ଅନନ୍ତ ଚରଣ ମାର୍ଣ୍ଡି, ସୁନ୍ଦର ମୋହନ ହାଁସଦା, ସୀତାରାମ ହେମ୍ବ୍ରମ, ପିଥ ହାଁସଦା, ବୁଧୁରାୟ ହେମ୍ବ୍ରମ, ବାହାଦୁର ସୋରେନ, ବଗାୟ ହେମ୍ବ୍ରମ, ସୁପାଇ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ଜଡ଼ିଦା ଆଞ୍ଚଳିକ ସାଧନା କେନ୍ଦ୍ରର ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ



ବଡସାହି, ୨୨।୧୦(ସମିସ): ବଡସାହି ବ୍ଲକ ଅନ୍ତର୍ଗତ ଜଡ଼ିଦା ଆଞ୍ଚଳିକ ସାଧନା କେନ୍ଦ୍ରର ସୁରଭି କାର୍ଯ୍ୟକ୍ରମ ବୁଢ଼ାବଲଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବନିତା ଗିରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଲକ୍ଷ୍ମଣ ରାଉତ, ଉମାକାନ୍ତ ସାସମଲ, ଶିବଚରଣ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ସିଆରସିସି କାହ୍ନୁଚରଣ ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସୁରଭି କାର୍ଯ୍ୟକ୍ରମର ପ୍ରମୁଖ ବିଷୟ 'ମୋ ସ୍ୱପ୍ନର ଓଡ଼ିଶା ୨୦୩୬'ର ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା ପ୍ରତିଯୋଗିତା ଓ ସଙ୍ଗୀତ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ଦଳ ଗଠନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ମଧୁସ୍ମିତା ଗିରି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ମୁଖ୍ୟବକ୍ତା ଅଧ୍ୟାପକ ରମାକାନ୍ତ ମିଶ୍ର ଯୋଗଦେଇଥିଲେ। ଗ୍ରାମାଞ୍ଚଳ ପିଲାଙ୍କ ପ୍ରତିଭା ବିକାଶ ପାଇଁ ସୁରଭି ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥାଏ। ଛାତ୍ରଛାତ୍ରୀ ନିଜ ନିଜର ପ୍ରତିଭାକୁ ବିକଶିତ ଓ ପ୍ରଦର୍ଶିତ କରିବାର ସୁଯୋଗ ପାଇଥାନ୍ତି। ପୁରସ୍କାର ବିତରଣ ଉତ୍ସବରେ ଜିତେନ୍ଦ୍ର ସିଂହ ଓ ଚିନ୍ମୟ ମିଶ୍ର ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଜୟ ଭାସ୍କର ମହାଳିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କୁଡୁମୀ ସମ୍ପ୍ରଦାୟର ନିଆରା 'ବାନ୍ଦଣା ପର୍ବ'

ମୋରଡ଼ା, ୨୨।୧୦(ସମିସ): ମୋରଡା ବ୍ଲକରେ ଅଧିକାଂଶ କୁଡୁମୀ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ତେଣୁ ଚଳିତବର୍ଷ ବିଭିନ୍ନ ଗାଁରେ ଧୁମଧାମରେ ବାନ୍ଦଣା ପର୍ବ ପାଳିତ ହୋଇଯାଇଛି। ବିଶେଷ କରି ଏହି ପର୍ବକୁ ଉକ୍ତ ସମ୍ପ୍ରଦାୟର ଲୋକେ ତିନି ଦିନ ଧରି ପାଳନ କରୁଥିବା ବେଳେ ପର୍ବର ପ୍ରଥମ ଦିନକୁ ଜାଗରଣ କୁହାଯାଉଥିବା ବେଳେ ଉକ୍ତ ଦିନରେ ଚାଷୀ ଗାଈ, ଗୋରୁଙ୍କୁ ଗାଧୋଇଥିଲେ। ଗ୍ରାମବାସୀ ଗାଁ ଗାଁ ବୁଲି ଗୀତ ଗାଇ ମାଦଳ ବଜାଇ ଗାଈଗୋରୁଙ୍କୁ ଜଗାଇଥିଲେ। ପରେ ଦ୍ୱିତୀୟ ଦିନରେ ଗୁହାଳ ପୂଜା କରାଯାଇଥିବା ବେଳେ ଶେଷ ତଥା ତୃତୀୟ ଦିନରେ ଆଜି ଗୋରୁ ଖୁଣ୍ଟା ପର୍ବ ତଥା ବୁଢ଼ୀ ବାନ୍ଦଣା ପର୍ବ ଅନୁଷ୍ଠିତ ହୋଇଥିଲା। ଗ୍ରାମର ପୁରୁଷ ମାନେ ଗୋଟିଏ ସ୍ଥାନରେ ଖୁଣ୍ଟ ପୋତି ଗାଈଗୋରୁଙ୍କୁ ବାନ୍ଧି ମାଦଳ ଓ ଗୀତରେ ତାଳେ ତାଳେ ନାଚିବା ସହିତ ଗାଈଗୋରୁଙ୍କୁ ମଧ୍ୟ ନଚାଇଥିଲେ। ତେବେ ଚିତ୍ରଡାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରିସରରେ ହୋଇଥିବା ବାନ୍ଦଣା ପର୍ବର ଗୋରୁଖୁଣ୍ଟାକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିଲା। ଉକ୍ତ ସ୍ଥାନରେ ଆଜି ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ନଅଟି ଗୋରୁଙ୍କୁ ମାଦଳରେ ତାଳେ ତାଳେ ନଚାଇ ଥିଲେ ଲୋକେ। ଏହାବ୍ୟତୀତ ଦାନ୍ତିଆମୁହାଁ, ଚିତ୍ରଡା ତଳସାହି, ବାରୁଡ଼ିହି, ସୁରେଇଡ଼ିହି ଆଦି ସ୍ଥାନରେ ମଧ୍ୟ ଏହି ପର୍ବ ପାଳନ ହେଉଛି।



### ଅନ୍ୟାୟ ଓ ଅବିଚାରର ପ୍ରତିବାଦ

# ଆତ୍ମଦାହ ପାଇଁ ଶିକ୍ଷୟିତ୍ରୀଙ୍କ ଧମକ

ମହୁଲଡିହା, ୨୨।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁ ୨୭ ତାରିଖରେ ଆତ୍ମାହୁତି ଦେବେ ବୋଲି ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଶ୍ରୀମତୀ ସାହୁ ତାଙ୍କ ଉପରେ ହୋଇଥିବା ଅନ୍ୟାୟ, ଅବିଚାରର ଏକ ଲମ୍ବା ତାଲିକା ଉପସ୍ଥାପନ କରିଛନ୍ତି। ବାରମ୍ବାର ତାଙ୍କ ପ୍ରତି ଅନ୍ୟାୟ, ଅବିଚାର ନେଇ କର୍ତ୍ତୃପକ୍ଷଙ୍କୁ ଜଣାଇ ଥିଲେ ମଧ୍ୟ କୌଣସି ସମାଧାନ ନହେବା ଏବଂ ପ୍ରଶାସନ ପାଖରୁ ନ୍ୟାୟ ପାଇବାର ଆଶା ହରାଇଥିବାରୁ ସେ ଆସନ୍ତା ୨୭ ତାରିଖରେ ଡିଇଓଙ୍କ କାର୍ଯ୍ୟାଳୟରେ ଆତ୍ମାହୁତି ଦେବାକୁ ଘୋଷଣା କରିଛନ୍ତି। ସୂଚନା ମୁତାବକ, ଆରଏନ ଗାର୍ଲସ ହାଇସ୍କୁଲ ୧୯୯୨ ମସିହାରେ ସ୍ଥାପନ ହୋଇଥିଲା। ଏହି ସ୍କୁଲ ୧୯୯୫ରେ ଅନୁମତି ଓ ସ୍ୱୀକୃତି ପାଇଥିଲା। ପ୍ରମିଳା ସାହୁ ୧୯୯୭ ମସିହାରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ତୁଲାଇ ଆସିଲେ ଏବଂ ସ୍କୁଲ ୨୦୧୫ରୁ ଅନୁଦାନ ପାଇଲା; ମାତ୍ର ଅଚାନକ ଡ଼ିଇଓ ୨୦୨୧ ମସିହା ଅକ୍ଟୋବର ୨୨ରେ ରେ ଚିଠି ସଂଖ୍ୟା - ୧୧୩୪୧ରେ ପ୍ରମିଳାଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରୁ ହଟାଇ ଦିଆଯାଇ ସହକାରୀ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦେଲେ। ଏପରିକି ତାଙ୍କୁ ସ୍କୁଲରେ ପଶିବାକୁ ମଧ୍ୟ ଦିଆଗଲା ନାହିଁ। ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ୧୬.୧୧.୨୦୨୧ ଚିଠି ସଂଖ୍ୟା ୧୧୯୮୨ ବଳରେ ପ୍ରମିଳାଙ୍କୁ ନିଲମ୍ବିତ କରାଗଲା। ନିଲମ୍ବନ ପରେ କୌଣସି ତଦନ୍ତ ହେଲାନାହିଁ କି ପୁନଃ ଥଇଥାନ କରାଗଲା ନାହିଁ। ଫଳରେ ସେ ଉଚ୍ଚ ଅଦାଲତଙ୍କ ଆଶ୍ରୟ ନେଇ କୋର୍ଟକୁ ଉତ୍ତର ଦେଇ ନ ପାରି ତରବରିଆ ଭାବେ ପ୍ରମିଳାଙ୍କୁ ପୁନଃନିଯୁକ୍ତି ଦିଆଯାଇଥିବା କୋର୍ଟକୁ ଦର୍ଶାଇ ତାଙ୍କୁ ସର୍ବାଧିକ ବରିଷ୍ଠ ଶିକ୍ଷକ ଭାବେ ଯୋଗଦାନ ପାଇଁ ପ୍ରଧାନ ଶିକ୍ଷକ ମଦନ ମୋହନ ପତି ପତ୍ର ଦେଲେ। ଚିଠି ପାଇ ପ୍ରମିଳା ୬.୧.୨୦୨୫ରେ ଯୋଗ ଦେବା ବେଳେ ସହକାରୀ ଭାବେ ଯୋଗଦାନ ପାଇଁ ବାଧ୍ୟ କରାଗଲା। ଯୋଗଦାନ ପରେ ନିଲମ୍ବନ ସମୟ ୧୬.୧୧.୨୦୨୧ରୁ ୫.୧.୨୦୨୫ ପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ ତାଙ୍କୁ ଏଯାବତ ପଇଠ କରାଯାଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଇତି ମଧ୍ୟରେ ଆଉ ଜଣେ ସହକାରୀ ଶିକ୍ଷୟିତ୍ରୀ ଅପର୍ଣ୍ଣା ଦେ'ଙ୍କୁ ଡିଇଓ ଗତ ସେପ୍ଟେମ୍ବର ୮ ତାରିଖରେ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପର୍ଣ୍ଣା ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ନେବା ପରେ ଅକ୍ଟୋବର ୧୮ ରେ ପ୍ରମିଳାଙ୍କୁ ନିଲମ୍ବନ କରିଛନ୍ତି। ଫଳରେ ସେ ସେପ୍ଟେମ୍ବର ମାସରେ କେବଳ ୧୭ ଦିନର ଦରମା ପାଇଛନ୍ତି। ଏ ନେଇ ଡିଇଓଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିଲମ୍ବନ କ୍ଷମତା ନ ଥିବା କହୁଛନ୍ତି; ମାତ୍ର ଅସାମ୍ବିଧାନିକ ପଦକ୍ଷେପ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ପ୍ରମିଳା ଗତ ୧୦ ତାରିଖରେ ନିଜର ଆପତ୍ତି ଦର୍ଶାଇ ଡିଇଓ, ଜିଲ୍ଲାପାଳ, ଏସପି, ମୁଖ୍ୟମନ୍ତ୍ରୀଙ୍କୁ ମେଲ ଏବଂ ଡ଼ାକଯୋଗେ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ପାଇନାହାନ୍ତି। ସେଥିପାଇଁ ଆତ୍ମାହୁତି ବ୍ୟତୀତ ଅନ୍ୟ ପନ୍ଥା ନାହିଁ ବୋଲି ଦର୍ଶାଇଥିଲେ ମଧ୍ୟ କୌଣସି ଗୁରୁତ୍ୱ ଦିଆଯାଇନାହିଁ। ଏଣୁ ସେ ଆଗାମୀ ୨୭ ତାରିଖରେ ଆତ୍ମାହୁତି ଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



### ● ନାହିଁ ନାହିଁରେ ଚାଲିଛି ଉଦଳା କୃଷି ଜିଲ୍ଲା ଅଧିକାରୀ କାର୍ଯ୍ୟାଳୟ

# ଦୁଇ ବୈଷୟିକ ବିଶେଷଜ୍ଞ ସମେତ ୩୦ ପଦ ଖାଲି

ଉଦଳା, ୨୨।୧୦(ସମିସ): କପ୍ତିପଦା ଉପଖଣ୍ଡ ଏକ ଅବହେଳିତ ତଥା ଅର୍ଥନୈତିକ ପଛୁଆ ଅଞ୍ଚଳ ଭାବେ ଜଣାଶୁଣା। ଚାରିଟି ବ୍ଲକକୁ ନେଇ ଏହି ଉପଖଣ୍ଡ ଗଠିତ। ଏଠାରେ ୭୦ ପ୍ରତିଶତରୁ ଅଧିକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଜୀବିକା ପାଇଁ ସଂଗ୍ରାମ କରୁଛନ୍ତି। କୃଷି ହିଁ ଏକମାତ୍ର ବିକଳ୍ପ। ଏଣୁ ଏହି ଅଞ୍ଚଳରେ କୃଷିର ଗୁଣାତ୍ମକ ବିକାଶ ସରକାରଙ୍କ ବିଭିନ୍ନ ଯୋଜନାର ସଠିକ ଓ ସଫଳ ରୂପାୟନର ଆବଶ୍ୟକତା ରହିଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭନ୍ନ ଯୋଜନା ଓ କାର୍ଯ୍ୟକ୍ରମ କରାଯାଇ ଅଞ୍ଚଳର କୃଷିରେ ବୈଷୟିକ ପ୍ରୟୋଗକୁ ପ୍ରାଧାନ୍ୟ ଦେଇ ଉତ୍ପାଦନ ବୃଦ୍ଧି ସାଙ୍ଗକୁ କୃଷକର ଅର୍ଥନୈତିକ ଅବସ୍ଥାକୁ ସୁଦୃଢ଼ କରିବା ମୂଳ ଲକ୍ଷ୍ୟ; ହେଲେ ଜିଲ୍ଲାରେ ସବୁ ଯୋଜନା ଯେମିତି କେବଳ ଔପଚାରିକଭାବେ ଚାଲିଛି। କାରଣ ଉଦଳା କୃଷି ଜିଲ୍ଲା କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ କି ବୈଷୟିକ ବିଶେଷଜ୍ଞ ଅଧିକାରୀ ନାହାନ୍ତି। ଖରିଫ ଋତୁ ସମୟରେ ଗୁରୁତ୍ୱପୂର୍ଣ୍ଣ କୃଷି ଅଧିକାରୀ ପଦ ଖାଲି ପଡ଼ିବା ବିଭାଗ ପ୍ରତି ସରକାରୀ ଉଦସୀନତାକୁ ସ୍ପଷ୍ଟ କରୁଛି। ଏପରିକି ଉପଖଣ୍ଡର ସବୁ ପଞ୍ଚାୟତରେ ମଧ୍ୟ ତୃଣମୂଳସ୍ତରରେ ଯୋଜନାକୁ ପରିଚାଳନା କରୁଥିବା ଗ୍ରାମ କୃଷି ଅଧିକାରୀ ପଦବୀ ମଧ୍ୟ ଖାଲି ପଡ଼ିଛି। ଏହି କୃଷି ଜିଲ୍ଲା ଅଧିକାରୀଙ୍କ ଅଧୀନରେ ଥିବା ଶସ୍ୟ ସଂଗ୍ରକ୍ଷଣ ଅଧିକାରୀ ଓ କ୍ଷେତ୍ର ପରିଚାଳନା ଅକାରୀ ପଦବୀ ଉଚ୍ଛେଦ ହୋଇଯାଇଥିବାବେଳେ ୬୫ଟି ଗ୍ରାମ କୃଷି କର୍ମଚାରୀ ପଦରୁ ୩୭କୁ ହ୍ରାସ କରାଯାଇଛି। ଫଳରେ୨୮ ପଦବୀ ଉଚ୍ଛେଦ କୃଷି ବିଭାଗ ବାସ୍ତବତାକୁ ସ୍ପଷ୍ଟ କରୁଛି। ତେବେ ୩୭ଟି ଗ୍ରାମ କୃଷି କର୍ମଚାରୀ ପଦବୀରୁ ବର୍ତ୍ତମାନ ୨୩ଟି ପଦବୀ ଖାଲି ପଡ଼ିଛି। ସେହିପରି ବ୍ଲକ କୃଷି ଅଧିକାରୀ ପଦ ଖାଲି ରହିଥିବାବେଳେ ଜଣେ ସିନିୟର ଆସିଷ୍ଟାଣ୍ଟ ମୁଖ୍ୟ, ଜୁନିୟର ଆସିଷ୍ଟାଣ୍ଟ, ୱାଚମ୍ୟାନ ଓ କମ୍ପ୍ୟୁଟର ଅପରେଟର ଓ ଡ୍ରାଇଭର, ପିଅନ ଆଦି ବହୁ ପଦ ମଧ୍ୟ ଖାଲି ପଡ଼ିଛି। ଉପଖଣ୍ଡରେ ଖରିଫବେଳେ ରବି ଋତୁରେ ୧୨ ହଜାର ହେକ୍ଟରରୁ ୫୦ ହଜାର ହେକ୍ଟର ଧାନ ଚାଷ ହେଉଥିବା ଅଧିକ ଚାଷ ହୋଇଥାଏ। ଏଣୁ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# ନମ   ର ହାଟରେ ନାହିନିରଞ୍ଚାପ   । ବ୍ୟବ



ଭୁବନେଶ୍ୱର, ୨୨।୧୦(ସମିସ): ଏକ ନମ୍ବର ମାର୍କେଟ ରାଜଧାନୀର ସର୍ବପୁରାତନ ପରିବା ମାର୍କେଟ୍। ଏହା ଭିତରେ ଥିବା ଦୋକାନଗୁଡ଼ିକ ମଧ୍ୟରୁ ଅନେକ ବିନା ଯୋଜନାରେ ତିଆରି କରାଯାଇଛି। ଅଧିକାଂଶ ଦୋକାନ ରାସ୍ତାକୁ ମାଡ଼ି ରହିବା ସହ ବିକ୍ରି ପାଇଁ ରଖିଥିବା ସାମଗ୍ରୀକୁ ବାଟକୁ ମଡ଼ାଇ ରଖିଛନ୍ତି। ଫଳରେ କୌଣସି ଅଗ୍ନିକାଣ୍ଡ ବା ଅଘଟଣ ଘଟିଲେ ଲୋକେ ଏବଂ ଦୋକାନୀ ଭିତରୁ ବାହାରିବା କାଠିକର ପାଠ ହୋଇପଡ଼ିବ। ସେହିଭଳି ମାର୍କେଟରେ ନିଆଁକୁ ଲିଭାଇବା ପାଇଁ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା। ଯେଉଁଥି ପାଇଁ ଅଧିକ କ୍ଷତି ହେଉଛି ବୋଲି କହିଛନ୍ତି ଅନେକ ଦୋକାନୀ।

ବୁଧବାର ପ୍ରାୟ ଗୋଟାଏ ବେଳକୁ କୌଣସି କାରଣ ବଶତଃ ଏକନମ୍ବର ହାଟରେ ହଠାତ୍ ନିଆଁ ଲାଗି ଯାଇଥିଲା। ମଧ୍ୟାହ୍ନ ସମୟ ହୋଇଥିବାରୁ ସୂର୍ଯ୍ୟଙ୍କ ତେଜ ମଧ୍ୟ ଅଧିକ ରହିଥିଲା। ଫଳରେ ନିଆଁ ଗୋଟିଏ ପରେ ଗୋଟିଏ ଦୋକାନକୁ ବ୍ୟାପୀ ଯାଇଥିଲା। ଅନ୍ୟ ଦୋକାନୀମାନେ ଦୋକାନ ଛାଡ଼ି ଦୌଡ଼ିଥିବା ବେଳେ କିଛି ଯୁବକ ନିଆଁ ଲିଭାଇବା ପାଇଁ ଲାଗି ଯାଇଥିଲେ। ଏ ନେଇ ଅଗ୍ନିଶମ ବିଭାଗକୁ ଖବର ଦିଆଯିବା ପରେ ଗୋଟିଏ ୧୬ଟି ଦମକଳ ଗାଡ଼ି ଆସି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ଲାଗିଥିଲା। ମୋଟ ୧୪୦ ଜଣ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବା କାମରେ ଲାଗିଥିଲେ। ସେମାନଙ୍କୁ ସ୍ଥାନୀୟ ବ୍ୟବସାୟୀମାନେ ମଧ୍ୟ ସହଯୋଗ କରିଥିବାକୁ ଦେଖିବାକୁ ମିଳିଥିଲା। କିଛି ଗ୍ରାହକ ହାଟକୁ ଆସିଥିବା ବେଳେ ସେମାନେ ବ୍ୟାଗ ଫୋପାଡ଼ି ନିଆଁ ଲିଭାଇବା କାମରେ ଲାଗି ଯାଇଥିଲେ। ପ୍ରାୟ ଅଧଘଣ୍ଟା କାଳ ନିଆଁ ଲିଭା କାମରେ ଲାଗିବା ପରେ ସ୍ଥିତିରେ ସୁଧାର ଆସିଥିଲା। କିନ୍ତୁ ଦମକଳଗାଡ଼ିର ପାଣି ମାଡ଼ରେ ଅନେକ ଦୋକାନ ଭାଙ୍ଗିଯିବା ସହ ସାମଗ୍ରୀ ନଷ୍ଟ ହୋଇଯାଇଥିଲା। ଏହ ଅଗ୍ନିକାଣ୍ଡ ଯଦିବା କିଛି ଲୋକଙ୍କ ଗୋଡ଼ ହାତ ଘଣ୍ଡିଆ ହେବା ସହ ଫୋଟକା ହୋଇଯାଇଛି ତେବେ ଏହି ଅଗ୍ନିକାଣ୍ଡ ଘଟଣାରେ କୌଣସି ଜୀବନ ହାନୀ ହୋଇନାହିଁ କିମ୍ବା କେହି ଗୁରୁତର ଭାବେ ଆହତ ହୋଇ ନାହାନ୍ତି।



## ପୁଲିସ ଆଗରେ ପିଟାପିଟି

ବୁଧବାର ଥିବା ରାଜଧାନୀ ପରିବା ମାର୍କେଟ୍ ମହାଜନ ସଂଘର ମିଟିଂ। ମିଟିଂ ପୂର୍ବରୁ ଜାଣିଶୁଣି କେହି ଏହି କାଣ୍ଡ ଘଟାଇଥାଇପାରେ ବୋଲି କହିଛନ୍ତି ହୃଷୀକେଶ ଓଝା ନାମକ ଜଣେ ବ୍ୟବସାୟୀ। ତାଙ୍କ ବିରୋଧୀ ଗୋଷ୍ଠୀର ଲୋକେ ଏହି କାଣ୍ଡ ଭିଆଇଥିବା କହିଛନ୍ତି କ୍ଷତିଗ୍ରସ୍ତ ହୃଷୀକେଶ। ମାର୍କେଟରେ ହେଉଥିବା ବେନିୟମ କାର୍ଯ୍ୟକୁ ହୃଷିକେଶ ଓଝା ବିରୋଧ କରିବା ସହ ଗଣମାଧ୍ୟମ ଆଗରେ ମୁହଁ ଖୋଲୁଥିଲେ। ଯେଉଁଥି ପାଇଁ ଆଜି ପୁଲିସ ଉପସ୍ଥିତିରେ ଓଝାଙ୍କୁ ଗୋଡାଇ ଗୋଡାଇ ପିଟିଥିଲେ ଅନ୍ୟ ଗୋଷ୍ଠୀ। ତେଣୁ ଆହତ ହୋଇଥିବା ହୃଷୀକେଶ ଏବଂ ଅନ୍ୟ ଜଣେ ଥାନାରେ ଅଭିଯୋଗ କରିଛନ୍ତି।





## ପୂର୍ବରୁ ଏକାଧିକ ଥର ଜଳିଛି ହାଟ

ଏକ ନମ୍ବର ହାଟରେ ନିଆଁ ଏବେ ନୁହେଁ ; ବିଗତ ଦିନରେ ଅନେକ ଥର ଏକନମ୍ବର ହାଟରେ ନିଆଁ ଲାଗିଛି। ତେବେ ଗତବର୍ଷ ବି ହାଟରେ ନିଆଁ ଲାଗିଥିଲା। ୨୦୨୪ ମସିହା ନଭେମ୍ବର ୧ ତାରିଖ ମଧ୍ୟ ରାତିରେ ୧ ନମ୍ବର ହାଟ ଭୂତଳ ମାର୍କେଟରେ ଲାଗିଥିଲା ନିଆଁ। ଅଣ୍ଡର ଗ୍ରାଉଣ୍ଡ ମାର୍କେଟରେ ଥିବା କପଡ଼ା ଦୋକାନରେ ନିଆଁ ଲାଗିବା ଯୋଗୁଁ ଆଖପାଖ ଦୋକାନ ମଧ୍ୟ ଜଳି ଯାଇଥିଲା। ଆଉ ପୁଣି ୧୧ ମାସ ପରେ ୧ ନମ୍ବର ହାଟ ମାର୍କେଟରେ ଲାଗିଛି ନିଆଁ।

## ଅଧାରେ ରହିଛି ହାଟ ସ୍ଥାନାନ୍ତର ଫାଇଲ

୨୦୦୭ ମସିହାରୁ ଏକ ନମ୍ବର ହାଟ ସ୍ଥାନାନ୍ତର ପାଇଁ ଦାବି ହେଉଛି। ପ୍ରତ୍ୟେକ ଦିନ ଏଠାକୁ ୨୦୦ରୁ ଅଧିକ ଟ୍ରକ୍ ଆସୁଛି। ୧ ନମ୍ବର ହାଟ ଉପରେ ଚାପ ବଢ଼ିବାରେ ଲାଗିଛି। ୨୦୧୯ ମସିହାରେ ଏହି ହାଟକୁ ଭଗବାନପୁରକୁ ସ୍ଥାନାନ୍ତରଣ କରିବାକୁ ଯୋଜନା ହେଲା। ସାଧାରଣ ପ୍ରଶାସନ ବିଭାଗ ବିଏମ୍ସିକୁ ଭଗବାନପୁରରେ ପ୍ରଥମେ ୩.୯୮ ଏକର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩.୨୩ ଏକର ଏଭଳି ୭.୨୧ ଏକର ଜାଗା ବି ଯୋଗାଇ ଦେଲା। ୨୦୨୨ ମସିହାରେ ଏହି ଜମିରୁ ବିଏମ୍ସି ଶହ ଶହ ଗଛ କାଟି ୧ କୋଟି ୭୪ ଲକ୍ଷ ୭ ହଜାର ୧୫୨ ଟଙ୍କାରେ ପାଚେରି ନିର୍ମାଣ କଲା। ହେଲେ ଗଛକଟା, ଆଉ ପାଚେରି କାମ ହେବା ପରେ ମଧ୍ୟ ଏବେ ସେହି ଯୋଜନା କାର୍ଯ୍ୟକାରୀ ହେବ ନା ନାହିଁ ତାହା ସନ୍ଦେହ ଘେରରେ।

## ମାର୍କେଟରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

ଏକ ନମ୍ବର ମାର୍କେଟ ରାଜଧାନୀର ସର୍ବପୁରାତନ ପରିବା ମାର୍କେଟ୍। ଏହା ଭିତରେ ଥିବା ଦୋକାନଗୁଡ଼ିକ ମଧ୍ୟରୁ ଅନେକ ବିନା ଯୋଜନାରେ ତିଆରି କରାଯାଇଛି। ଅଧିକାଂଶ ଦୋକାନ ରାସ୍ତାକୁ ମାଡ଼ି ରହିବା ସହ ବିକ୍ରି ପାଇଁ ରଖିଥିବା ସାମଗ୍ରୀକୁ ବାଟକୁ ମଡ଼ାଇ ରଖିଛନ୍ତି। ଫଳରେ କୌଣସି ଅଗ୍ନିକାଣ୍ଡ ବା ଅଘଟଣ ଘଟିଲେ ଲୋକେ ଏବଂ ଦୋକାନୀ ଭିତରୁ ବାହାରିବା କାଠିକର ପାଠ ହୋଇପଡ଼ିବ। ସେହିଭଳି ମାର୍କେଟରେ ନିଆଁକୁ ଲିଭାଇବା ପାଇଁ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା। ଯେଉଁଥି ପାଇଁ ଅଧିକ କ୍ଷତି ହେଉଛି ବୋଲି କହିଛନ୍ତି ଅନେକ ଦୋକାନୀ।

## କବାଡ଼ିଆ ଦୋକାନରେ ଲାଗିଲା ନିଆଁ



ଭୁବନେଶ୍ୱର, ୨୩।୧୦ (ସମିସ): ପୁରୀ ବାଇପାସ ରାସ୍ତା ଲିଙ୍ଗିପୁର ଟ୍ରାଫିକ ଛକ ନିକଟରେ ଥିବା ଏକ କବାଡ଼ିଆ ଗୋଦାମରେ ବୁଧବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଗୋଦାମ ଉପର ଦେଇ ଯାଇଥିବା ୩୩ କେଭି ତାର ଛିଣ୍ଡି ଯିବାରୁ ସର୍ଟସର୍କିଟରୁ ନିଆଁ ଲାଗି ଯାଇଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ରାତି ପ୍ରାୟ ୧୦ଟାରେ ଉପରୋକ୍ତ ଗୋଦାମରେ ହଠାତ ନିଆଁ ଲାଗିଯାଇଥିଲା। ସେଠାରେ ଥିବା କର୍ମଚାରୀ ଜୀବନ ବିକଳରେ ପଳାଇ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। କଳ୍ପନା ଓ ବାଲିଅନ୍ତା ଅଗ୍ନିଶମ ବାହିନୀର ଦୁଇଟି ଦମକଳ ଗାଡ଼ି ପହଞ୍ଚି ପ୍ରାୟ ୩ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ; ସ୍ୱାମୀ ଗିରଫ

ଭୁବନେଶ୍ୱର, ୨୨।୧୦ (ସମିସ): ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀରେ ମହିଳାଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ମୃତକ ହେଉଛନ୍ତି କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ତାରପୁର ଗାଁର ପଦ୍ମାଳୟା ବେହୁରା (୨୫)। ଝିଅକୁ ହତ୍ୟା କରି ଟାଙ୍ଗି ଦେଇଥିବା ବାପା ପ୍ରଣବ କୁମାର ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ସ୍ୱାମୀକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ସୌମ୍ୟରଞ୍ଜନ ଶର୍ମା (୨୮)।



ପୁଲିସ ସୂଚନା ଅନୁସାରେ, ଗତବର୍ଷ ଜୁଲାଇ ମାସରେ ପ୍ରଣବଙ୍କ ଝିଅ ପଦ୍ମାଳୟା ତାଙ୍କ ବିନା ସମ୍ମତିରେ ସୌମ୍ୟରଞ୍ଜନ ସହ ବିବାହ କରିଥିଲେ। ବିବାହ ପରେ ଉଭୟ ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀରେ ଭଡ଼ା ରହୁଥିବା ବେଳେ ପଦ୍ମାଳୟା ଏକ ଗହଣା ଦୋକାନରେ ଚାକିରି କରୁଥିଲେ। ବିବାହର କିଛିଦିନ ପର୍ଯ୍ୟନ୍ତ ଠିକ୍ ଚାଲିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ଯୌତୁକ ଦାବି କରି ପଦ୍ମାଳୟାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ପଦ୍ମାଳୟା ଏନେଇ ମାଆଙ୍କୁ ଜଣାଇବା ପରେ ପ୍ରଣବ କିଛି ସୁନା ଅଳଙ୍କାର ଓ ଏକଲକ୍ଷ ୫ ହଜାର ଟଙ୍କା ଦେଇଥିଲେ। ଏହାସତ୍ତ୍ୱେ ମଧ୍ୟ ନିର୍ଯାତନା ଥମି ନଥିଲା।

ପଦ୍ମାଳୟା ଗତ ସୋମବାର ଦିନ ପଦ୍ମାଳୟା ଦୀପାବଳି ଏକାଠି ଦୀପାବଳୀ ପାଳିବାକୁ ସ୍ୱାମୀ ସୌମ୍ୟରଞ୍ଜନକୁ କହିଥିଲେ। କିନ୍ତୁ ସୌମ୍ୟ ତାଙ୍କୁ ଅଣଦେଖା କରିବା ସହ ଅପମାନଜନକ ବ୍ୟବହାର କରି ଘରୁ ପଳାଇଥିଲେ। ସେହି ସମୟରେ ପଦ୍ମାଳୟା ବେକରେ ଓଢ଼ଣି ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ସୌମ୍ୟରଞ୍ଜନ ଫେରିବା ବେଳକୁ ପଦ୍ମାଳୟାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ପଦ୍ମାଳୟାଙ୍କ ବାପା ପ୍ରଣବ ପହଞ୍ଚିବା ବେଳକୁ ଝିଅଙ୍କୁ କ୍ୟାପିଟାଲ ହସପିଟାଲରେ ମୃତ ଅବସ୍ଥାରେ ଦେଖିଥିଲେ। ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଛି ବୋଲି ପ୍ରଣବ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ସ୍ତ୍ରୀ ଉପରେ ନିଷ୍ଠୁରତା ଓ ଯୌତୁକ ଜନିତ ମୃତ୍ୟୁ ଘଟାଇଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସକୁ ପ୍ରମାଣ ମିଳିଥିଲା। ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ଆଜି ସୌମ୍ୟରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପୁଲିସ ଭ୍ୟାନ ଦୁର୍ଘଟଣା; ଅଳ୍ପକେ ବତିଲେ ବସ୍ତିବାସିନ୍ଦା



ଭୁବନେଶ୍ୱର, ୨୩।୧୦(ସମିସ): ପୁଲିସ ମଦ ପିଇ ଗାଡ଼ି ଚଳାଇବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ମଦ ପିଇ ନୂଆପଲ୍ଲୀ ଥାନା ଭ୍ୟାନ ଦୁର୍ଘଟଣା ଘଟାଇଛି। ଡ୍ରାଇଭର ମଦ ପିଇ ନୂଆପଲି ଥାନା ଡିଏଭି ସ୍କୁଲ ସମ୍ମୁଖରେ ରାସ୍ତା ଡିଭାଇଡ଼ର ପୋଲିସ ଭ୍ୟାନ ପିଟି ରାସ୍ତାର ଅନ୍ୟା ପଟକୁ ଛିଟିକି ପଡ଼ିଥିଲା। ଫଳରେ ରାସ୍ତାର ଅନ୍ୟ ପଟରେ ବସିଥିଲା ଦୁଇଜଣ ବସ୍ତିବାସିନ୍ଦା ଅଳ୍ପକେ ବତି ଯାଇଛନ୍ତି। କିନ୍ତୁ ରାସ୍ତା ଦିଭାଇଡରେ ଲାଗିଥିବା ଗଛକୁ ଗାଡି ଭାଙ୍ଗି ଦେଇଥିବାରୁ ୩ ଜଣ ଲୋକ ଆହତ ହୋଇଛନ୍ତି। ଖବର ପାଇଁ ଥାନାର ଅନ୍ୟ ପୋଲିସ ଆସିବା ପରେ ଉତ୍ତେଜନା ଲାଗି ରହିଥିଲା।

ସୂଚନା ଅନୁସାରେ, ନୂଆପଲ୍ଲି ଥାନ ଗାଡି ରାତିରେ ୨ଜଣ କର୍ମଚାରୀ ଛାଡିବାକୁ ଘରକୁ ଯାଉଥିଲେ। ହେଲେ ଯିବା ବାଟରେ ସେମାନେ ମଦ ପିଇ ଗାଡି ଚଲାଇଥିଲେ। କିନ୍ତୁ ଗାଡି ଡ୍ରାଇଭର ନିଶା ସମ୍ଭାଳି ନ ପାରି ଡିଏଭି ସ୍କୁଲ ସମ୍ମୁଖରେ ରାସ୍ତାର ଡିଭାଡରକୁ ପିଟି ରାସ୍ତାର ଅନ୍ୟ ପଟରେ ଗାଡି ପଡ଼ିଥିଲା। ହେଲେ ବସ୍ତି ଭିତରକୁ ଗାଡି ପଶିବା ପୂର୍ବରୁ ଏକ ବଡ଼ ଗଛ ପଡ଼ିଯିବାରୁ ଲୋକ ରକ୍ଷକ୍ଷ ପାଇଗଲେ। ହେଲେ ଗାଡ଼ିରେ ବସିଥିବା ପୋଲିସ ଏବଂ ଡ୍ରାଇଭର ଫେରାର ହେଇଗଲେ।

# ଦେବଦାସ ଛୋଟରାୟ ଓ ସେବା ମହାପାତ୍ରଙ୍କୁ ମିଳିବ 'ବୋଉମଣିଷ ସମ୍ମାନ'

ଭୁବନେଶ୍ୱର, ୨୨।୧୦(ସମିସ): ବୋଉ ଫାଉଣ୍ଡେସନ ପକ୍ଷରୁ 'ବୋଉମଣିଷ ସମ୍ମାନ- ୨୦୨୬' ପାଇଁ ନାମ ଘୋଷଣା କରାଯାଇଛି। ଆସନ୍ତା ଜାନୁଆରୀ ୨'ତାରିଖରେ ବୋଉଦିବସର ଏକାଦଶ ବର୍ଷ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ। ଏହି କ୍ରମରେ ଦେବଦାସ ଛୋଟରାୟ ଏବଂ ଡାକ୍ତର ସେବା ମହାପାତ୍ରଙ୍କୁ ୨୦୨୬ ମସିହାର 'ବୋଉମଣିଷ' ଭାବରେ ସମ୍ମାନିତ କରାଯିବ। ଏ ନେଇ ବୋଉ ଫାଉଣ୍ଡେସନ୍ ପକ୍ଷରୁ ସୂଚନା ଦିଆଯାଇଛି। ବୋଉ ଦିବସ ଆୟୋଜନ କମିଟିର ଉପଦେଷ୍ଟା କମିଟି ଏବଂ ଦିଗଦର୍ଶକ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ 'ବୋଉମଣିଷ ସମ୍ମାନ' ଚୟନ କରାଯାଇଛି। ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ କବିତା ମହାନ୍ତି, ଡଃ ପ୍ରମୋଦ ପରିଡ଼ା, ଛନ୍ଦା ମିଶ୍ର, କନକ ମଞ୍ଜରୀ ସାହୁ, ଶ୍ରୁତକିର୍ତ୍ତୀ ତ୍ରିପାଠୀ, ଜ୍ଞାନ ହୋତା, ଦିଲ୍ଲୀପ ବଳବନ୍ତରାୟ, ସ୍ୱରାଜ ମିଶ୍ର, ଡ଼ଃ. ରୀନା ରାଉତରାୟଙ୍କ ସମେତ ବୋଉ ଫାଉଣ୍ଡେସନ୍ର ବହୁ ସଦସ୍ୟଙ୍କ ଉପସ୍ଥିତିରେ ଏହି ସମ୍ମାନ ଘୋଷଣା କରାଯାଇଛି ବୋଲି ବୋଉ ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ଆତ୍ମଜା ମହାନ୍ତି ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ କଳା ଉତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର, ୨୨।୧୦(ସମିସ): ରାଜ୍ୟସ୍ତରୀୟ କଳା ଉତ୍ସବ ୟୁନିଟ୍-୬ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଜିଠାରୁ ଆରମ୍ଭ ହୋଇଛି। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ଅଭିନେତ୍ରୀ ମେଘନା ମିଶ୍ର ଯୋଗ ଦେଇଥିଲେ। ଓସେପାର ଅତିରିକ୍ତ ନିର୍ଦ୍ଦେଶକ ସଙ୍ଗୀତା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତାବାଳା ଦାସ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଶେଷରେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ଦୁଇଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ୧୪୦ଜଣ ଛାତ୍ରଛାତ୍ରୀ ଯୋଗଦେଇଛନ୍ତି।

# ଜମିବାଡ଼ି ବିବାଦରୁ ପରିବାରକୁ ସଂଘବଦ୍ଧ ଆକ୍ରମଣ; ଦୁଇ ଗିରଫ

ଭୁବନେଶ୍ୱର, ୨୨।୧୦ (ସମିସ): ଜମିବାଡ଼ି ବିବାଦରୁ ଗୋଟିଏ ପରିବାରକୁ ସଙ୍ଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଳାସପଲ୍ଲୀ ଲେନ୍ ୯ର ସନାତନ ସେଠୀ ଓରଫ୍ କାଳିଆ (୩୬) ଓ ଅନନ୍ତ କୁମାର ସେଠୀ (୨୬)।



ପୁଲିସ ସୂଚନା ଅନୁସାରେ, ପଳାସପଲ୍ଲୀ ଅଞ୍ଚଳରେ ରହୁଥିବା ପୁଷ୍ପଲତା ସେଠୀଙ୍କ ପରିବାର ସହ କାଳିଆ ଓ ଅନନ୍ତଙ୍କର ଜମିବାଡ଼ି ବିବାଦ ଲାଗି ରହିଛି। ଗତକାଲି ପୁଷ୍ପଲତା ତାଙ୍କ ଘରେ ଏକା ଥିବା ସମୟରେ କାଳିଆ ଓ ଅନନ୍ତ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପୁଷ୍ପଲତାଙ୍କ ବାପା ରକ୍ଷା କରିବାକୁ ଆସିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ବାପାଙ୍କ ନାକରୁ ରକ୍ତ ବାହାରିଥିଲା। ଏଥିସହିତ ଭାଇ ସରୋଜଙ୍କୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ପୁଷ୍ପଲତା ଏନେଇ ଏୟାରପୋର୍ଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କାଳିଆ ଓ ଅନନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ଝାଡ଼ଖଣ୍ଡ ନାବାଳିକା ଦୁଷ୍କର୍ମ ମାମଲା**

# ପଶ୍ଚିମବଙ୍ଗରୁ ଏଚ୍‌ଆଇଭି ଆଣି ବାଣ୍ଟିଛନ୍ତି ପୀଡ଼ିତା

ଭୁବନେଶ୍ୱର, ୨୨।୧୦(ସମିସ): ଝାଡ଼ଖଣ୍ଡ ନାବାଳିକା ଦୁଷ୍କର୍ମ ମାମଲାରେ ପୁଲିସକୁ ମିଳିଛି ଚାଞ୍ଚଲ୍ୟକର ତଥ୍ୟ। ଦୁଷ୍କର୍ମ ପୀଡ଼ିତା ଏଚ୍‌ଆଇଭି ସଂକ୍ରମଣ ହୋଇଥିବା ଜଣାପଡ଼ିବା ପରେ ଆତଙ୍କ ଖେଳିଯାଇଛି। କାରଣ ଗତ କିଛି ମାସ ହେବ ବାରଙ୍ଗର ମଞ୍ଜୁ ଏବଂ ବାରିକ ଚଳାଇଥିବା ସେକ୍ସ ରାକେଟକୁ ଏକାଧିକ ବ୍ୟକ୍ତି ନିଜର ଯୌନ ଶୋଷ ମେଣ୍ଟାଇବା ପାଇଁ ଲକ୍ଷ୍ମୀସାଗର ପ୍ଲଟ୍ ନଂ-ଇବି-୩୨୪କୁ ଯାଇଛନ୍ତି। ତେଣୁ ସେମାନେ ପୀଡ଼ିତାଙ୍କ ସମ୍ପର୍କରେ ଆସିଥିବା ଏଚ୍‌ଆଇଭି ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ ସେଠାକୁ ଯାଇଥିବା ୨୭ଜଣଙ୍କୁ ଚିହ୍ନଟ କରିଛି। ସେମାନଙ୍କ ଏକ ତାଲିକା କରାଯାଇଥିବା ବେଳେ ଖୁବ୍ ଶୀଘ୍ର ସେମାନଙ୍କର ଏଚ୍‌ଆଇଭି ପରୀକ୍ଷା କରାଯିବ। ଆହୁରି ମଧ୍ୟ ସେଠାରେ ଯାଇଥିବା ୨୭ ଜଣ ଗ୍ରାହକ ପୁଣି ଅନ୍ୟ କେଉଁମାନଙ୍କ ସହ ସମ୍ପର୍କ ରଖିଛନ୍ତି, ସେମାନଙ୍କୁ ମଧ୍ୟ ଚିହ୍ନଟ କରାଯିବ



ବୋଲି ସୂଚନା ମିଳିଛି। ପୁଲିସ ଜବତ କରିଥିବା ନାଲି ଡାଏରୀ ମାଧ୍ୟମରେ ପୁଲିସ ସେଠାକୁ ଯାଇଥିବା ଲୋକଙ୍କୁ ଚିହ୍ନଟ କରିଛି। ଏବେ ଉକ୍ତ ନାବାଳିକା ପୀଡ଼ିତାଙ୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରୁଛି ପୁଲିସ। ନାବାଳିକା ଜଣଙ୍କ ପଶ୍ଚିମବଙ୍ଗରେ ଜଣେ ଦଲାଲଙ୍କ ଅଧୀନରେ ରହୁଥିଲା। ଉକ୍ତ ଦଲାଲ ନାବାଳିକାଙ୍କୁ ସେକ୍ସ ରାକେଟ୍‌ରେ ଲଗାଉଥିଲା। ସେଠାରୁ ସେ ଏଚ୍‌ଆଇଭି ସଂକ୍ରମିତ ହେବା ପରେ ଉକ୍ତ ଦଲାଲ ନାବାଳିକାକୁ ମଞ୍ଜୁକୁ ବିକ୍ରି କରି ଦେଇଥିଲେ। ତାଙ୍କୁ ଏଚ୍‌ଆଇଭି ହୋଇଥିବା ମଞ୍ଜୁ ଜାଣି ନ ଥିବା ବେଳେ ଏଠାରେ ସେକ୍ସ ରାକେଟ୍‌ରେ ଲଗାଇଥିଲେ। ହେଲେ ଏକାଧିକ ଗ୍ରାହକ ପିଡୀତାଙ୍କ ସମ୍ପର୍କରେ ଆସିଥିବାରୁ ଏକାଧିକ ଗ୍ରାହକ ଏବେ ଭୟଭିତରେ। ଆହୁରି ମଧ୍ୟ ଗତକାଲି ମାମଲା ରେଡ୍ ଫ୍ଲାଗ୍‌ଭୁକ୍ କରାଯିବାକୁ ଡିଜି କହିବା ପରେ ଆଜି କ୍ରାଇମ୍‌ବ୍ରାଞ୍ଚ ଟିମ୍ ଥାନାକୁ ଯାଇ ମାମଲା ସମ୍ପର୍କୀତ ଏକାଧିକ ଦସ୍ତାବିଜ୍ ନେଇଛି।

**ରଙ୍ଗଶାଳାକୁ ଯାଇଥିବା ୨୭ ଜଣଙ୍କର ହେବ ଏଚ୍‌ଆଇଭି ଚିହ୍ନଟ**

**କ୍ୟାପିଟାଲ ଥାନାରୁ ଦସ୍ତାବିଜ ନେଲା କ୍ରାଇମ୍‌ବ୍ରାଞ୍ଚ**

## ୨୦ରୁ ଅଧିକ ଦଲାଲ ସକ୍ରିୟ

ରାଜଧାନୀରେ ଦେହ ବେପାର ପାଇଁ ୨୦ରୁ ଅଧିକ ଦଲାଲ ସେକ୍ସ ବଜାରରେ ସକ୍ରିୟ ଅଛନ୍ତି। ସେମାନେ ନାବାଳିକା ଏବଂ ଯୁବତୀମାନଙ୍କୁ ହୋଟେଲ, ଭଡ଼ା ଘରେ ରଖି ସେକ୍ସ କାରବାର କରୁଛନ୍ତି। ଏହି ରାକେଟ୍‌ର କିଙ୍ଗ୍‌ପିଙ୍ଗ୍ ପଶ୍ଚିମବଙ୍ଗରେ ବସି ପୂରା କାରବାରର ମଙ୍ଗ ସମ୍ଭାଳୁଛନ୍ତି। ସେଠାରୁ ଭୁବନେଶ୍ୱରକୁ ଯୁବତୀ ଚାଲାଣ କରିବା ସହ ଏଠାରେ ବହୁତ ଦିନ ରହିଥିବା ଯୁବତୀଙ୍କୁ ସେଠାକୁ ନେଉଛନ୍ତି। ବିଶେଷ କରି ହ୍ୱାଟ୍ସଆପ୍‌ରେ ଏହି କାରବାର ଚାଲୁଛି। ୨୦ଜଣ ଦଲାଲ ଯୁବତୀଙ୍କୁ ଫଟୋ ନିଜେ ମୋବାଇଲ୍‌ରେ ରଖିଛନ୍ତି। ଗ୍ରାହକ ଯୁବତୀ ଖୋଜିଲେ ସେମାନେ ରଖିଥିବା ଯୁବତୀଙ୍କୁ ଫଟୋ ପଠାଉଛନ୍ତି। ଗ୍ରାହକ ରୁପଜୀବୀ ଚୟନ କରିବା ପରେ ଗ୍ରାହକ ଦେଇଥିବା ଠିକଣାରେ ପହଞ୍ଚୁଛନ୍ତି ଯୁବତୀ।

## ଏନ୍‌ଜିଓ ନାଁରେ ଚଳାଉଛନ୍ତି କାରବାର

ଏବେ ରାଜଧାନୀରେ ସେକ୍ସ କାରବାରର ତରିକା। ରାକେଟ୍ ଚଳାଉଥିବା ଦଲାଲ ଏନ୍‌ଜିଓ କିମ୍ବା ଘରୋଇ କୁଟୀର ଶିଳ୍ପ ନାମରେ ଘର ନେଉଛନ୍ତି। ସେଠାରେ ଏକାଧିକ ଯୁବତୀଙ୍କୁ ରଖୁଛନ୍ତି। ଗ୍ରାହକ ଆସିବା ପରେ ଯୁବତୀ ଚୟନ କରି ଏକ ସ୍ୱତନ୍ତ୍ର କୋଠରୀକୁ ପଠାଯାଏ। ଏଭଳି ଦିନ ତମାମ ଗ୍ରାହକ ଆସିଲେ ମଧ୍ୟ ପଡୋଶୀ କିମ୍ବା ଅନ୍ୟମାନେ ସନ୍ଦେହ କରିନ୍ତି ନାହିଁ। ଦଲାଲ ଏଭଳି ଢଙ୍ଗରେ ଏକାଧିକ ଯୁବତୀଙ୍କୁ ରଖି ଦେହ କାରବାର କରୁଛନ୍ତି।

୨୨/୧୦/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୨୭,୪୫୪/- ସୁନା: ୦୨.୫୦୦ ଗ୍ରାମ୍ ରୁପା: ୬୬.୨୦୦ ଗ୍ରାମ୍





## ସେଲ୍ଫି ନେଲାବେଳେ ପିଟିଦେଲା ଟ୍ରେନ୍

ପୁରୀ,୨୨।୧୦(ସମିସ): ସେଲ୍ଫି ନିଶା ନେଇଗଲା ନାବାଳକର ଜୀବନ। ଟ୍ରେନ୍ ଲାଇନ୍‌ରେ ଠିଆ ହୋଇ ସେଲ୍ଫି ଉଠାଉଥିବା ବେଳେ ଧକ୍କା ଦେଲା ଟ୍ରେନ୍। ମଙ୍ଗଳବାର ସନ୍ଧ୍ୟାରେ ଚନ୍ଦନପୁର ଥାନା ନିକଟ ଜାନକାଦେଇପୁର ଷ୍ଟେସନ ରେଳ ଫାଟକଠାରେ ଏହି ଦୁର୍ଘଟଣା ଘଟିଛି। ମୃତ ନାବାଳକ ହେଲେ ମଙ୍ଗଳାଘାଟ ଅଞ୍ଚଳର ବିଶ୍ୱଜିତ୍ ସାହୁ(୧୫)। ସେ ବୀରଗୋବିନ୍ଦପୁର ଦକ୍ଷିଣକାଳୀଙ୍କ ଦର୍ଶନ କରିବାକୁ ଯାଇଥିଲେ। ସେଠାରୁ ବୀରପ୍ରତାପପୁର କାମରୂପାଙ୍କ ଦର୍ଶନ କରି ଜାନକାଦେଇପୁର ଷ୍ଟେସନରେ ପହଞ୍ଚିଥିଲେ। ସେଠାରେ ସେଲ୍ଫି ନେଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସଦର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଜିଆର୍‌ପି ଥାନା ପୁଲିସ ତଦନ୍ତ କରିଛି। ମା’ ଓ ପରିବାର ଲୋକଙ୍କ କାନ୍ଦ ବୋବାଳିରେ ହସ୍ପିଟାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ଦାଦାବଟି ଆଦାୟ ଅଭିଯୋଗରେ ୩ ଗିରଫ

ପୁରୀ,୨୨।୧୦(ସମିସ): ଅପରେସନ ଚକ୍ର ଅଭିଯାନରେ ୩ ଜଣ କୁଖ୍ୟାତ ଅପରାଧୀଙ୍କୁ ଟାଉନ୍ ଥାନା ପୁଲିସ ଗିରଫ କରିଛି। ସେମାନେ ହେଲେ ମାର୍କେଟ ଛକର ବଳରାମ ସେନାପତି, ବାସେଳିସାହି ମୁଦୁଲି ଜାଗାର ସନ୍ତୋଷ ପଣ୍ଡା ଏବଂ ମାର୍କଣ୍ଡେଶ୍ୱର ସାହି ନୂଆପାଟଣାର ସଞ୍ଜୟ ରାଉତ। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ନିୟମିତ ଭାବେ ମାଦକଦ୍ରବ୍ୟ ସେବନ କରି କଟୁରୀ ଏବଂ ଛୁରୀ ଦେଖାଇ ଉଠାଦୋକାନୀ ଓ ଠେଲା ଦୋକାନୀଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରିବା ଏବଂ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରି ସଙ୍ଗିନ ଅଭିଯୋଗ ରହିଛି। ଭୟରେ କେହି କିଛି ପ୍ରତିବାଦ କରନ୍ତି ନାହିଁ କି ଅଭିଯୋଗ ଦିଅନ୍ତି ନାହିଁ। ମଙ୍ଗଳବାର ବିଳମ୍ବିତ ରାତିରେ ଏବଂ ବୁଧବାର ଏହିପରି ଦୁଇଟି ପୃଥକ୍ ଘଟଣାରେ ଟାଉନ ଥାନା ପୁଲିସ ନିଜ ତରଫରୁ ଦୁଇଟି ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଧାରୁଆ କଟୁରୀ, ଛୁରୀ, ମୋବାଇଲ ଫୋନ୍ ଏବଂ ୪୯୦ ଟଙ୍କା ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୫୫୭/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜିଲ୍ଲା କାରାଗାରକୁ ପଠାଯାଇଛି। ସମସ୍ତ ଅପରାଧୀଙ୍କ ନାମରେ ପୂର୍ବରୁ ଆକ୍ରମଣ, ହତ୍ୟା ଉଦ୍ୟମ, ଦାଦାବଟି ଆଦାୟ ପରି ସଙ୍ଗିନ୍ ମାମଲା ବିଭିନ୍ନ ଥାନାରେ ରହିଥିବା ଟାଉନ ଥାନା ପୁଲିସ କହିଛି।

## ଏସ୍‌ପିଙ୍କୁ ଦାବିପତ୍ର ଦେଲା ଆପ୍

ପୁରୀ,୨୨।୧୦(ସମିସ): ଏକାଧିକ ପ୍ରସଙ୍ଗରେ ଏସ୍‌ପିଙ୍କୁ ଦାବିପତ୍ର ଦେଇଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି(ଆପ୍)। ବୁଧବାର ଆପ୍ ନଗର ସଭାପତି ରମାକାନ୍ତ ସ୍ୱାଇଁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ନିକଟରେ ଖଡ଼ିପଦା ଗାଁରେ ସଦର ଥାନା ପୁଲିସ ବଡ଼ ଧରଣର ଜୁଆ ଆଡ୍ଡାରେ ଚଢ଼ଉ କରି ୧୪ ଜଣଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ ଛାଡ଼ିଦିଆଗଲା କାହିଁକି? ଅନ୍ୟପକ୍ଷରେ ଯେଉଁମାନେ ଧରାପଡ଼ିଥିଲେ ସେଥିରେ ଜଣେ ପ୍ରଧାନଶିକ୍ଷକ ରହିଥିଲେ। ସେଭଳି ଲୋକ ପିଲାଙ୍କୁ କ’ଣ ପାଠ ପଢ଼ାଉଥିବେ ତାହା ଜଣାପଡ଼ିଯାଉଛି। ସେହିଭଳି ବାଲିଘାଇ ଫାଣ୍ଡି ପରିସର ପରିଷ୍କାର ହେବା ଦରକାର। ବୀରଗୋବିନ୍ଦପୁରରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ପରିଚୟ ସାର୍ବଜନୀନ କରାଯାଉ। ଜନଗହଳିପୂର୍ଣ୍ଣ ଜାଗାରେ ଭଜନ ସମାରୋହ ପାଇଁ ଲିଖିତ ଅନୁମତି ନ ଥିଲା ବୋଲି ସୂଚନା ମିଳୁଛି। ଏହି ଦୁର୍ଘଟଣା ନେଇ ସତ୍ୟବାଦୀ ଥାନା ଆଇଆଇସିଙ୍କ ଭୂମିକା ଉପରେ ସ୍ପଷ୍ଟୀକରଣ ମାଗିଛି ଆପ୍।

## ଭକ୍ତଙ୍କ ୨୨ ହଜାର ଟଙ୍କା ଫେରାଇଲେ ସୁରକ୍ଷା ବାହିନୀ

ପୁରୀ,୨୨।୧୦(ସମିସ): ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ମନିପର୍ସ, ଭ୍ୟାନିଟି ଆଦି ବିଭିନ୍ନ ସମୟରେ ଭିଡ଼ ଭିତରେ ହଜିଯାଇଥାଏ। କେହି କେହି ପାଇବାରେ ସଫଳ ହେଉଥିବାବେଳେ ଅନେକ ମନ ଦୁଃଖରେ ଫେରିଥା’ନ୍ତି। ବିଭିନ୍ନ ସମୟରେ ସୁରକ୍ଷା କର୍ମୀମାନେ ଟଙ୍କା, ମୋବାଇଲ୍ ପାଇ ଭକ୍ତଙ୍କୁ ଫେରାଇଥା’ନ୍ତି। ବୁଧବାର ଶ୍ରୀମନ୍ଦିରରେ ଏମିତି ଏକ ଘଟଣା ଘଟିଛି। ସକାଳେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିଥିଲେ ଗଞ୍ଜାମ ଜିଲ୍ଲା ପାଇକ ଜମୁନା ଗ୍ରାମର ଜଣେ ମହିଳା। ତାଙ୍କର ଭ୍ୟାନିଟି ହଜିଯାଇଥିଲା, ଯେଉଁଥିରେ ୨୨ ହଜାର ଟଙ୍କା, ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ରହିଥିଲା। ତେବେ ଶ୍ରୀମନ୍ଦିର ସ୍ୱତନ୍ତ୍ର ସୁରକ୍ଷା ବାହିନୀର କର୍ମଚାରୀ ଏହାକୁ ପାଇବା ପରେ ତାଙ୍କୁ ଫେରାଇ ଦିଆଯାଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନାରାୟଣ ରାଉତଙ୍କ ନେତୃତ୍ୱରେ ତର୍ଜମା କରାଯାଇଥିଲା। ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜି. ହେମ୍ବ୍ରମ, ରସାନନ୍ଦ ଦେହୁରୀ, ବାଦଲ ବେହେରା, ଡି. ନାୟକ, ଏ.କେ. ପଲ୍ଲବୀ, ବି.କେ. ପ୍ରଧାନଙ୍କ ଉପସ୍ଥିତିରେ ସମ୍ପୃକ୍ତ ମହିଳାଙ୍କୁ ତାଙ୍କର ଟଙ୍କା, ମୋବାଇଲ ଫୋନ ଆଦି ଫେରାଇ ଦିଆଯାଇଥିଲା।

### ବଢୁଛି ସମୁଦ୍ର ସ୍ନାନ ଦୁର୍ଘଟଣା

# ବେଳାଭୂମିରେ ନାହିଁ ଆମ୍ବୁଲାନ୍ସ; ମିଳୁନି ତ୍ୱରିତ ସେବା

ପୁରୀ,୨୨।୧୦(ସମିସ)

ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପୁଲିସ ଏବଂ ପ୍ରଶାସନ ପ୍ରାଥମିକତା ଦେଉଥିଲେ ମଧ୍ୟ ଅନେକ ସମୟରେ ପର୍ଯ୍ୟଟକ ଅମାନିଆ ହେଉଛନ୍ତି। ବିଶେଷକରି ସମୁଦ୍ର ସ୍ନାନ ପାଇଁ ଯେଉଁ କଟକଣା ରହିଛି ଏ ଦିଗରେ ଅନେକ ପର୍ଯ୍ୟଟକ ସଚେତନ ହେଉନାହାନ୍ତି। ଫଳରେ ସମୁଦ୍ର ସ୍ନାନଜନିତ ଦୁର୍ଘଟଣା ବଢୁଛି। ଗୁରୁତର ଅବସ୍ଥାରେ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯିବା ପରେ ସେମାନଙ୍କୁ ତ୍ୱରିତ ଚିକିତ୍ସା ଯୋଗାଇଦେବା ସମ୍ଭବ ହେଉନାହିଁ। ତେଣୁ ବେଳାଭୂମିରେ ସ୍ଥାୟୀ ଆମ୍ବୁଲାନ୍ସ ବ୍ୟବସ୍ଥା ଯୋଗାଇଦେବାକୁ ଦାବି ହୋଇଛି।

ପୁରୀ ଭାରତର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ସହର। ଏଠାକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଆସିଥା’ନ୍ତି। ସ୍ୱର୍ଣ୍ଣାଭ ବେଳାଭୂମି ସାଙ୍ଗକୁ ସମୁଦ୍ରର ନୀଳ ଜଳରାଶି ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ତେବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଅଧିକାଂଶ ସମୁଦ୍ର ସ୍ନାନ କରିବାକୁ ପସନ୍ଦ କରିଥା’ନ୍ତି। କିନ୍ତୁ ସଚେତନତାର ଅଭାବ, ଲାଇଫ୍‌ଗାର୍ଡଙ୍କ କଥା ନ ଶୁଣିବା, ରିପ୍ କରେଣ୍ଟରେ ପଡ଼ିଯିବା, ଜୋର୍‌ରେ ଲହଡ଼ି ଆସି କୂଳରେ ମାଡ଼ ହେଉଥିବାରୁ ଦିନକୁ ଦିନ ବିପଦପୂର୍ଣ୍ଣ ହେଉଛି ସମୁଦ୍ର ସ୍ନାନ। ବିଭିନ୍ନ ସମୟରେ ପର୍ଯ୍ୟଟକ ବୁଡ଼ିଯାଉଥିବା ବେଳେ ଅନେକ ଆହତ ବି ହେଉଛନ୍ତି। ହେଲେ ପୁରୀ ଭଳି ଏକ ଅନ୍ତର୍ଜାତୀୟ



ବେଳାଭୂମିରେ ପର୍ଯ୍ୟଟକଙ୍କ ଜୀବନର ସୁରକ୍ଷା ପାଇଁ କୌଣସି ଆମ୍ବୁଲାନ୍ସର ବ୍ୟବସ୍ଥା ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ। ପ୍ରଶାସନ ତୁରନ୍ତ ବେଳାଭୂମିରେ ସ୍ଥାୟୀ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ଦରକାର। ପର୍ଯ୍ୟଟକ ମହେନ୍ଦ୍ର ଦାସ କହିଛନ୍ତି, ପ୍ରତିଦିନ ସମୁଦ୍ରରେ ହଜାର ହଜାର ପର୍ଯ୍ୟଟକ ସ୍ନାନ କରୁଛନ୍ତି। ଅନେକ ସମୟରେ ସମୁଦ୍ରରେ ବିଭିନ୍ନ ଅଘଟଣ ଘଟି ପର୍ଯ୍ୟଟକ ଆହତ ହେଉଛନ୍ତି। ବେଳେବେଳେ ଜୀବନ ବି ଚାଲିଯାଉଛି। ତେବେ ଗୁରୁତର ଆହତ ପର୍ଯ୍ୟଟକଙ୍କୁ ସଙ୍ଗେ ସଙ୍ଗେ ମେଡିକାଲ ନେବାରେ ଆମ୍ବୁଲାନ୍ସର ଗୁରୁତ୍ୱ ରହିଛି। ହେଲେ ପୁରୀ ବେଳାଭୂମିରେ ଗୋଟିଏ ବି ଆମ୍ବୁଲାନ୍ସ ବ୍ୟବସ୍ଥା ନାହିଁ। ତେବେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବାବେଳେ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ବ୍ୟବସ୍ଥା ରହିବା ଦରକାର। ଏହାଦ୍ୱାରା ଅନେକଙ୍କୁ ତ୍ୱରିତ ଚିକିତ୍ସା ସେବା ମିଳିପାରିଲେ ଜୀବନ ରକ୍ଷା ହୋଇପାରିବ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କିଛି ପର୍ଯ୍ୟଟକ ଅମାନିଆ ହୋଇଥା’ନ୍ତି। ସେମାନେ ଲାଇଫ୍ ଗାର୍ଡଙ୍କ କଥା ନ ମାନି ଗଭୀର ସମୁଦ୍ର ଭିତରକୁ ସ୍ନାନ ପାଇଁ ଯାଉଥିବାରୁ ଉଚ୍ଚ ଢେଉ ସାଙ୍ଗକୁ ରିପ୍ କରେଣ୍ଟରେ ପଡ଼ି ପ୍ରାଣ ହରାଉଛନ୍ତି। ଅନେକ ପର୍ଯ୍ୟଟକ ମଧ୍ୟ ଗୁରୁତର ଭାବେ ଆହତ ହେଉଛନ୍ତି। ସମୁଦ୍ରରେ କିଭଳି ସ୍ନାନ କରିବା ଉଚିତ୍ ଏବଂ କ’ଣ ସବୁ ନିୟମ ପାଳନ କରିବା ଦରକାର ସେ ନେଇ କୌଣସି ସଚେତନତା ବାର୍ତ୍ତା ଥିବା ସାଇନ୍‌ବୋର୍ଡ ବେଳାଭୂମିରେ ଲଗାଯାଇନାହିଁ। ଫଳରେ ଅନେକ ପର୍ଯ୍ୟଟକ ସଚେତନତା ଅଭାବରୁ ସମୁଦ୍ର ଭିତରକୁ ଯାଇ ବିପଦରେ ପଡୁଛନ୍ତି। ଏଣୁ ସମୁଦ୍ର କୂଳର ବିଭିନ୍ନ ସ୍ଥାନରେ ବିଭିନ୍ନ ସଚେତନତା ବାର୍ତ୍ତା ସାଇନ୍‌ବୋର୍ଡ ଲଗାଯିବା ଆବଶ୍ୟକ ଥିବା ଘରୋଇ ଲାଇଫ୍‌ଗାର୍ଡ ସଂଘ ଓ ହୋଟେଲିୟର ଅନୁରୋଧ କରିଛନ୍ତି। ଲାଇଫ୍ ଗାର୍ଡ ସଂଘ ପକ୍ଷରୁ କୁହାଯାଇଛି, ଆମେ ଅନେକ ସମୟରେ ସମୁଦ୍ର ଭିତରୁ ଗୁରୁତର ଭାବରେ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥାଉ। ହେଲେ ଆମେ ଅଟୋ ହେଉ କି ଅଗ୍ନିଶମ ବାହିନୀ ଗାଡ଼ିରେ ଗୁରୁତରଙ୍କୁ ହସ୍ପିଟାଲ ନେଇଥାଉ। ଅନେକ ସମୟରେ ବହୁତ୍ ବିଳମ୍ବ ହୋଇଯାଇଥାଏ। ବେଳେବେଳେ ତ୍ୱରିତ ଚିକିତ୍ସା ସେବା ନ ମିଳିବାରୁ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଥାଏ। ପୁରୀ ବେଳାଭୂମିରେ ଆମ୍ବୁଲାନ୍ସ ବ୍ୟବସ୍ଥା ରହିବା ଦରକାର। ଅନେକ ପର୍ଯ୍ୟଟକ ଲାଇଫ୍‌ଗାର୍ଡଙ୍କୁ ନ ମାନି ଗଭୀର ସମୁଦ୍ରକୁ ଯାଉଥିବାରୁ ଉଚ୍ଚ ଢେଉ ଓ କରେଣ୍ଟ ଯୋଗୁଁ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଣୁ ସମୁଦ୍ର ସ୍ନାନ ବେଳେ କ’ଣ କରିବା ଉଚିତ୍ ଓ କ’ଣ ନ କରିବା ଉଚିତ୍ ଏ ନେଇ ବେଳାଭୂମିରେ ସୂଚନାଫଳକ ଲାଗିବା ଜରୁରୀ।

ଏହାଦ୍ୱାରା ଲୋକ ସଚେତନ ହେଲେ ଅନେକ ଅଘଟଣ ରୋକାଯାଇପାରିବ। ଅନ୍ୟପକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବେଳାଭୂମି ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ। ଲୋକଙ୍କୁ ସଚେତନ କରାଇବା ପାଇଁ ଅଡିଓ ଭିଜୁଆଲ ବ୍ୟବସ୍ଥା ହେବ। ସମୁଦ୍ର ଅଶାନ୍ତ ଥିବାବେଳେ ସମୁଦ୍ରରେ ସ୍ନାନ ନ କରିବା, ବେଳାଭୂମିରେ କ’ଣ କରିବା ଉଚିତ୍ କ’ଣ ନ କରିବା ଦରକାର ତାହା ଲୋକଙ୍କୁ ଏହାଦ୍ୱାରା ସୂଚନା ଦିଆଯାଇପାରିବ। ସମୁଦ୍ର ସ୍ନାନ ବେଳେ ଯଦି କେହି ପର୍ଯ୍ୟଟକ ବୁଡ଼ିଯିବେ ତାଙ୍କୁ ଉଦ୍ଧାର ପରେ ସଙ୍ଗେ ସଙ୍ଗେ କିଭଳି ଚିକିତ୍ସା ସେବା ଯୋଗାଇ ଦିଆଯିବ ସେ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।

### ନିର୍ମାଣ ଶ୍ରମିକ ସଂଘ ସମ୍ମିଳନୀ

## ରାଜ୍ୟ ସରକାରଙ୍କୁ ସମାଲୋଚନା

ପୁରୀ,୨୨।୧୦(ସମିସ): ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ କାମ କରୁନି। ଶ୍ରମ ଦପ୍ତର ଚୁପ୍। ପୁରୀରେ ହଜାର ହଜାର ନିର୍ମାଣ ଶ୍ରମିକ ପୁରୀ ଶ୍ରମ ଦପ୍ତରରେ ପଞ୍ଜୀକରଣ କରିଥିବାବେଳେ ସାଇକଲ, ଯନ୍ତ୍ରପାତି, ଗୃହ ନିର୍ମାଣ ସହାୟତା ରାଶି ପାଉନାହାନ୍ତି। ଶିକ୍ଷା ବୃତ୍ତି ଓ ଝିଅ ବିବାହ ସହାୟତାରେ ପାତରଅନ୍ତର କରାଯାଉଛି। ଅଫିସରମାନେ ୧% ସେସ୍ ଆଦାୟ ପାଇଁ ଯୋଜନା କରନ୍ତିନାହିଁ। ଅଣଶ୍ରମିକମାନେ ଶ୍ରମିକ କାର୍ଡ ହାତେଇ ସହାୟତା ନେଉଛନ୍ତି। ତଦନ୍ତ ନାହିଁ। ଏହା ବିରୋଧରେ ଶ୍ରମଜୀବୀ ଲୋକ ବ୍ଲକ୍‌ସ୍ତରରେ ଏକାଠି ହୋଇ ଶ୍ରମ ଦପ୍ତର ଘେରଉ କରିବାକୁ ଡକରା ଦେଇଛି ସିଆଇଟିୟୁ ଅନୁବନ୍ଧିତ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ। ବୁଧବାର କୁଳମଣି ଭବନରେ ପୁରୀ ଜିଲ୍ଲା ସମ୍ମିଳନୀ ସିଆଇଟିୟୁ ଜିଲ୍ଲା ସମ୍ପାଦକ ଶରତ କୁମାର ରାୟଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଲୋଭାକାନ୍ତ ସ୍ୱାଇଁ ଅତିଥି



ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ ବିଜେପି ସରକାର ୪ଟି ଶ୍ରମ କୋଡ୍ ଆଣି ଶ୍ରମିକଙ୍କ ଅଧିକାର ଛଡ଼ାଇ ନେବ। ମାସିକ ୨୬ ହଜାର ଟଙ୍କା ସର୍ବନିମ୍ନ ମଜୁରି ଓ ସାମାଜିକ ନିରାପତ୍ତା ପାଇଁ ଶ୍ରମିକମାନେ ଏକାଠି ହେବା ଜରୁରୀ। ଏଥିରେ ଶ୍ରମିକ ନେତା ଜଗନ୍ନାଥ ଦେଓ ରିପୋର୍ଟ ଉପସ୍ଥାପନା କରିଥିଲେ। ବିଭିନ୍ନ ବ୍ଲକ୍‌ରୁ ଆସିଥିବା ସାଥୀମାନେ ଆଲୋଚନା କରିଥିଲେ। ଭୀମସେନ ସ୍ୱାଇଁ, ପିତବାସ ବେହେରା, ମନୋରଞ୍ଜନ ମହାରଣା, ଟୁନା ନାୟକ ବକ୍ତବ୍ୟ ରଖି ଓଡ଼ିଶା ସରକାରଙ୍କୁ ସମାଲୋଚନା କରିଥିଲେ। ଆସନ୍ତା ୩ ବର୍ଷ ପାଇଁ ଶରତ କୁମାର ରାୟଗୁରୁ ସଭାପତି, ଜଗନ୍ନାଥ ଦେଓ ସମ୍ପାଦକ, ମନୋରଞ୍ଜନ ମହାରଣା କୋଷାଧ୍ୟକ୍ଷ, କାଳିଆ ବାରିକ, ପୂର୍ଣ୍ଣ ବିଶ୍ୱାଳ, ବାହନ ପରିଡ଼ା, ସଞ୍ଜୟ ବେହେରା, ଜିତେନ୍ଦ୍ର ପୂଜାରୀ, ଦୁଃଖିଶ୍ୟାମ ଦାସ, ସୁକାନ୍ତ ଓଝା, ଦେବବ୍ରତ ସାହୁ, କନକଲତା ନାୟକ, ସ୍ମୃତିରଞ୍ଜନ ଦାସଙ୍କୁ ନେଇ ଜିଲ୍ଲା କମିଟି ଗଠନ ହୋଇଛି। ଆସନ୍ତା ୨୮ ତାରିଖରେ ପୁରୀରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସମ୍ମିଳନୀ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବ୍ୟାଖ୍ୟାନ କାର୍ଯ୍ୟକ୍ରମ

ପୁରୀ,୨୨।୧୦(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବେଦ ବିଭାଗ ଓ ଆନ୍ତରିକ ଗୁଣବତ୍ତା ପ୍ରତ୍ୟାୟନ କେନ୍ଦ୍ରର ମିଳିତ ସହଯୋଗରେ ଏକ ବିଶିଷ୍ଟ ବ୍ୟାଖ୍ୟାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ନାତକୋତ୍ତର ବେଦ ବିଭାଗର ପୂର୍ବ ବିଭାଗ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ଦିବାକର ମହାପାତ୍ର ସଭାପତିତ୍ୱ କରିଥିଲେ। ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ସଂସ୍ଥା, ହାଇଦ୍ରାବାଦର ଅବସରପ୍ରାପ୍ତ ସହ ନିର୍ଦ୍ଦେଶକ ଡ. ଶ୍ରୀନିବାସ ମଦଭୁଶୀ (କ) ଋଗ୍‌ବେଦୀୟ ଭୂମି ଓ ଅପାଂନପାତ୍ ଓ ନାସଦୀୟ ସୂକ୍ତ ବିଷୟରେ ଭୂବୈଜ୍ଞାନିକ ସର୍ବେକ୍ଷଣ ଦୃଷ୍ଟିରେ ବ୍ୟାଖ୍ୟାନ ଉପସ୍ଥାପନ କରିଥିଲେ। ରୋହିଣୀ ମଦରୁଶୀ ମଧ୍ୟ ଏହି ବ୍ୟାଖ୍ୟାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ଆନ୍ତରିକ ଗୁଣବତ୍ତା ପ୍ରତ୍ୟାୟନ କେନ୍ଦ୍ରର ନିର୍ଦ୍ଦେଶକ ତଥା ସ୍ନାତକୋତ୍ତର ନ୍ୟାୟ ଦର୍ଶନ ବିଭାଗର ଅଧ୍ୟକ୍ଷ ଡ. ଜୟମାଣିକ୍ୟ ଶାସ୍ତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ସ୍ନାତକୋତ୍ତର ବେଦ ବିଭାଗର ଭାରପ୍ରାପ୍ତ ଅଧ୍ୟକ୍ଷା ତଥା କାର୍ଯ୍ୟକ୍ରମର ସଂଯୋଜିକା ଡ. ପରାମ୍ବାଶ୍ରୀ ଯୋଗମାୟା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ନାତକୋତ୍ତର ବେଦ ବିଭାଗର ଅଧ୍ୟାପକ ଡ. ରାମଚନ୍ଦ୍ର ହୋତା ବେଦପାଠ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଦ୍ୱୈତ ବେଦାନ୍ତ ବିଭାଗର ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର, ଡ. ରାଧାକାନ୍ତ ପଣ୍ଡା, ଡ. ରାସମଣି ଘଡ଼େଇ, ଧର୍ମଶାସ୍ତ୍ର ବିଭାଗର ଡ. ପ୍ରକାଶ କୁମାର ମିଶ୍ର, ଡ. ଶାନ୍ତିଲତା ଅଧିକାରୀ, ଜ୍ୟୋତିର୍ବିଜ୍ଞାନ ବିଭାଗର ଡ. ସର୍ବଜୟା ଶାଶ୍ୱତି, ନ୍ୟାୟ ଦର୍ଶନ ବିଭାଗର ଡ. ରଶ୍ମିତା ଜେନା, ଶିକ୍ଷାଶାସ୍ତ୍ର ବିଭାଗର ଡ. ନିବେଦିତା କର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସ୍ୱର୍ଗଦ୍ୱାର ସେବକଙ୍କୁ ନୂତନ ପୋଷାକ, ପ୍ରୋତ୍ସାହନ ରାଶି ପ୍ରଦାନ

ପୁରୀ,୨୨।୧୦(ସମିସ): ପୁରୀ ସ୍ୱର୍ଗଦ୍ୱାର ସେବା ସମିତି ତରଫରୁ ଦୀପାବଳି ଅବସରରେ ସ୍ୱର୍ଗଦ୍ୱାରଠାରେ କାର୍ଯ୍ୟ କରୁଥିବା ସେବକମାନଙ୍କୁ ମିଷ୍ଟାନ୍ନ, ନୂତନ ପୋଷାକ ଓ ବୋନସ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ସ୍ୱର୍ଗଦ୍ୱାର ସେବକମାନଙ୍କୁ ଦୀପାବଳି ଶୁଭେଚ୍ଛା ବାର୍ତ୍ତା ଦେବା ସହିତ ସ୍ୱର୍ଗଦ୍ୱାର ଗରିମା, ସ୍ୱଚ୍ଛତା ଓ ପବିତ୍ରତାକୁ ଅକ୍ଷୁଣ୍ଣ ରଖିବାକୁ ସମସ୍ତେ ମିଳିତ ପ୍ରୟାସ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ୱର୍ଗଦ୍ୱାର ସେବା ସମିତି ଆବାହକ, ସମ୍ପାଦକ ତଥା ପୁରୀ ଉପଜିଲ୍ଲାପାଳ ରାଜ କିଶୋର ଜେନା ଓ ସ୍ୱର୍ଗଦ୍ୱାର ପରିଚାଳନା କମିଟି ସଦସ୍ୟ ସିଦ୍ଧାର୍ଥ ରାୟ ପ୍ରମୁଖ ଯୋଗଦେଇ ସେବକମାନଙ୍କୁ ମିଷ୍ଟାନ୍ନ ଓ ପୋଷାକ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱର୍ଗଦ୍ୱାର ମୁଖ୍ୟ ସେବକ ବ୍ରଜ କିଶୋର ସାହୁଙ୍କ ସମେତ ସେବା କେନ୍ଦ୍ରର ସମସ୍ତ ସେବକ ପରିଚାଳନା କରିଥିଲେ। ଏହି ଅବସରରେ ଉତ୍ତମ କାର୍ଯ୍ୟ ପାଇଁ ସଂସ୍କାର ସେବକ ଦୀନବନ୍ଧୁ ନାୟକ, ବିମଳ ମୁଖି, ଧରୁଆ ନାୟକ, ଅଭୟ ନାୟକ, ଗଙ୍ଗୁ ନାୟକଙ୍କୁ ସ୍ୱତନ୍ତ୍ର ବୋନସ୍ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ସ୍ୱର୍ଗଦ୍ୱାର ସୁପରିଚାଳନା ପାଇଁ ସ୍ୱର୍ଗଦ୍ୱାର ସେବା ସମିତି ତରଫରୁ ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହି ସେବା କେନ୍ଦ୍ର ଅଧୀନରେ ୧୫୦ରୁ ଊର୍ଦ୍ଧ୍ୱ ସେବକ ପ୍ରତ୍ୟହ ସେବା ଯୋଗାଉଥିବାବେଳେ ସେବା କେନ୍ଦ୍ର ପ୍ରତିଷ୍ଠା ହେବାଠାରୁ ବର୍ତ୍ତମାନ ସୁଦ୍ଧା ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଶବ ସଂସ୍କାର କରାଯାଇ ସାରିଛି ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

## କାଳୀପୂଜା କମିଟିର ସାଂସ୍କୃତିକ ସମାରୋହ

ପୁରୀ,୨୨।୧୦(ସମିସ): ପବିତ୍ର କାଳୀପୂଜା ଅବସରରେ ‘ବଡ଼ଶଙ୍ଖ କାଳୀପୂଜା କମିଟି’ ପକ୍ଷରୁ ୩୪ତମ ବାର୍ଷିକ ପୂଜା ଉତ୍ସବ ଅବସରରେ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସାଂସଦ ସମ୍ବିତ୍ ପାତ୍ର, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ବିଜେପି ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ନାଥ ତରାଇ, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ବରାଳ, ଅଧିବକ୍ତା ବୀରେନ୍ଦ୍ର ଭୂଷଣ ହୋତା, ପୂର୍ବତନ ପୌର ସଦସ୍ୟ ଘନଶ୍ୟାମ ମର୍ଦ୍ଦରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିଙ୍କ ଦ୍ୱାରା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ହରିହର ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ‘କ୍ଲାସିକ୍ ନୃତ୍ୟାନୁଷ୍ଠାନ’ ଏବଂ ‘କଲ୍ୟାଣୀ କଳା ନିକେତନ’ର କଳାକାରମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ପାଦକ ଯୁଗଳ ଚନ୍ଦ୍ର ସିହ୍ନା, ସଂଗ୍ରାମ କେଶରୀ ମିଶ୍ର, ଫକୀର ମୋହନ ମହାପାତ୍ର, ସନ୍ଦୀପ ଦାସ, ଶ୍ରୀଧର ବେହେରା, ଶିତିକଣ୍ଠ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସିଦ୍ଧବକୁଳରେ ଗିରି ଗୋବର୍ଦ୍ଧନ ଉତ୍ସବ



ପୁରୀ,୨୨।୧୦(ସମିସ): ଉତ୍କଳୀୟ ସଂସ୍କୃତି ଓ ଧର୍ମଧାରା ଭିତ୍ତିରେ ବୁଧବାର ପୁରୀ ସିଦ୍ଧବକୁଳ ମଠ ପରିସରରେ ଗିରି ଗୋବର୍ଦ୍ଧନ ପୂଜା ଓ ଅନ୍ନକୋଟ ଉତ୍ସବ ପାଳନ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ସେବାୟତ ନବକିଶୋର ପତି ମହାପାତ୍ର, ଆଧ୍ୟାତ୍ମିକ ଭାଷ୍ୟକାର ବଦ୍ରି ମିଶ୍ର, ରାମଚରିତ କଥାବାଚକ ସଦାନନ୍ଦ ଦାସଜୀ ମହାରାଜ, ସେବାୟତ ଶିବଶଙ୍କର ଖୁଣ୍ଟିଆ ଯୋଗଦେଇଥିଲେ। ମଠାଧୀଶ ଶ୍ରୀନିବାସ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମହନ୍ତ ପ୍ରେମାନନ୍ଦ ଦାସ ଓ ନୃତ୍ୟଗୁରୁ ଯଶୋବନ୍ତ। ଏଥିରେ ବିଭିନ୍ନ ମଠାଧୀଶ, ସାହି ମୁଖିଆ ଓ ଅନେକ ଭକ୍ତ ଯୋଗଦେଇଥିଲେ।

## ଅଯୋଧ୍ୟାରେ ରାମ ନାଟକ ଓ ସାହିଯାତ ମଞ୍ଚସ୍ଥ

ପୁରୀ,୨୨।୧୦(ସମିସ): ଅଯୋଧ୍ୟାରେ ଦୀପ ମହୋତ୍ସବ ଏଥର ଏକାଧିକ ରେକର୍ଡ କରିଛି। ଜଳିଛି ୨୫ ଲକ୍ଷ ଦୀପ। ଏଥିସହିତ ୧,୧୨୧ ବ୍ୟକ୍ତି ପର୍ଯ୍ୟାୟକ୍ରମେ ଆରତି ମଧ୍ୟ କରିଛନ୍ତି। ଏହାରି ଭିତରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ବେଶ୍ ଆକର୍ଷଣୀୟ ରହିଥିଲା। ସରଜୁ ନଦୀର ପ୍ରାୟ ୫୬ଟି ଘାଟରେ ପ୍ରସ୍ତୁତ ମଞ୍ଚରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ



ପରିବେଷଣ କରାଯାଇଥିଲା। ଭାରତର ବିଭିନ୍ନ ରାଜ୍ୟରୁ କଳାକାରମାନେ ଏଠାରେ ସମବେତ ହୋଇଥିଲେ। ଏଥିରେ ସାମିଲ ଥିଲା ପୁରୀର ‘ରଙ୍ଗଶାଳା’ ଅନୁଷ୍ଠାନ। ରଙ୍ଗଶାଳାର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ଅଯୋଧ୍ୟା ଦୀପ ମହୋତ୍ସବ ଅବସରରେ ମଞ୍ଚସ୍ଥ ହୋଇଥିଲା ‘ରାମ ନାଟକ ଏବଂ ସାହିଯାତ’। ପୁରୀର ପାରମ୍ପରିକ ନୃତ୍ୟ ସାହିଯାତ ଓ ରାମ କଥା ଉପରେ ଆଧାରିତ ରାମ ନାଟକ ବିଭିନ୍ନ ସ୍ଥାନ ଯଥା- ତୁଳସୀ ଉଦ୍ୟାନ, ଗୁପ୍ତାର ଘାଟ ଏବଂ ବୈଦେହୀ ଭବନ ମଞ୍ଚରେ ମଞ୍ଚସ୍ଥ ହେବା ସହିତ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାରେ ମଧ୍ୟ ଭାଗ ନେଇଥିଲା। ଏହି ରାମ ନାଟକ ଏବଂ ସାହିଯାତରେ ଅନୁଷ୍ଠାନର ରମେଶ ଚନ୍ଦ୍ର ସାହୁ, ସୁକାନ୍ତି ସାହୁ, ସସ୍ମିତା ସାହୁ, ରାମ ଚନ୍ଦ୍ର ନାୟକ, ଶ୍ୟାମ ସୁନ୍ଦର ମହାପାତ୍ର, ହେମନ୍ତ ନାୟକ, ଭାଗିରଥି ରାଣା, ବିଷ୍ଣୁ ଜେନା, ଭୀମ ମହାପାତ୍ର, ପ୍ରଫୁଲ୍ଲ ନାୟକ, ସାରଥୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ଆଲୋଚନାଚକ୍ରରେ ଅତିଥିଙ୍କ ମତ

## ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତା ‘ଭକ୍ତ ମନେଇ ମାର୍ଗ’ ହେଉ

ପୁରୀ,୨୨।୧୦(ସମିସ)

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସମସାମୟିକ ୫୩୨ ବର୍ଷ ତଳେ ଜନ୍ମଲାଭ କରିଥିବା ଭକ୍ତ ମନେଇ ସାହୁଙ୍କୁ ଆମେ ଉପଯୁକ୍ତ ସମ୍ମାନ ଦେବାରେ ଅବହେଳା କରିଛେ ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର। ଭକ୍ତ ମନେଇଙ୍କ ଜନ୍ମମାଟି ବ୍ରହ୍ମଗିରିର କାଣ୍ଡଗୋଦା ଗ୍ରାମରେ ବ୍ରହ୍ମଗିରି ଐତିହ୍ୟ ପରିଷଦ ପକ୍ଷରୁ ଆଲୋଚନାଚକ୍ରରେ ଯୋଗଦେଇ ଡ. ମିଶ୍ର କହିଥିଲେ ଯେ ମନେଇଙ୍କ ଲିଖିତ ‘ମନେଇ ଭାଗବତ’ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇପାରିଲା ନାହିଁ। ଗାଁରୁ ଚାଲିଚାଲି ପ୍ରତିଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଦିନେ ମନର କଥା ମହାପ୍ରଭୁଙ୍କୁ କହିଥିଲେ। ‘ଜୀବନସାରା ଆସୁଥିଲି, ଆଉ ସମ୍ଭବ ହେଉନାହିଁ’। ଦି ଟୋପା ଲୁହ ବଦଳାଇ ଦେଇଥିଲା ସବୁକିଛି। ସ୍ୱପ୍ନାଦେଶ ହେଲା,



ତୋ ଗାଁ ନଈକୂଳେ ଦାରୁ ଲାଗିବ। ଗଜପତିଙ୍କୁ ନିର୍ଦ୍ଦେଶ ହେଲା ମୁଁ କାଣ୍ଡଗୋଦାରେ ମନେଇ ଗାଁରେ ଅଛି। ପୂଜା ବ୍ୟବସ୍ଥା କର। ୧୦ ଏକର ଜମି ଗଜପତି ମହାରାଜା ଖଞ୍ଜି ଦେଇଥିଲେ। ସେଇ ଦାରୁରେ ନିର୍ମିତ ଚତୁର୍ଦ୍ଧା ବିଗ୍ରହ ଏବେ ପୂଜା ପାଉଛନ୍ତି। ମନେଇଙ୍କ ସମ୍ବନ୍ଧରେ ବିଶେଷ ଆଲୋଚନା ନ ହେବାରୁ ତାଙ୍କର ମୂର୍ତ୍ତିଟିଏ ବ୍ରହ୍ମଗିରି କିମ୍ବା ପୁରୀରେ ବସିପାରିଲା ନାହିଁ। ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତା ମନେଇ ମାର୍ଗ କରିବା ପାଇଁ ଡ. ମିଶ୍ର ଦୃଷ୍ଟି ଆକର୍ଷଣ କରିଥିଲେ।

ଅଧ୍ୟାପକ କାଶୀନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶ୍ରୀଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡର ସଭାପତି ଡ. ଦୁର୍ଗାପ୍ରସାଦ ମିଶ୍ର, ସଭ୍ୟ ଶୁଭ୍ର ପ୍ରକାଶ ପଣ୍ଡା ଓ ଜ୍ୟୋତି ପ୍ରକାଶ ପଣ୍ଡା ନିଜ ନିଜର ମତ ରଖିଥିଲେ। ଐତିହ୍ୟ ପରିଷଦର ଆଧାର ପୁରୁଷ ନୀଳମଣି ସୁଆର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷୁ ତାଙ୍କର ଜୟନ୍ତୀ ପାଳନ କରାଯିବାକୁ ପ୍ରସ୍ତାବ ରଖିଥିଲେ। କାଣ୍ଡଗୋଦା ମନ୍ଦିର ସଭାପତି କୈଳାସ ଚନ୍ଦ୍ର ପ୍ରଧାନ ଓ ଭକ୍ତ ମନେଇ ସେବା ପ୍ରତିଷ୍ଠାନର ସଭାପତି ଗୁରୁଚରଣ ଜେନା ସମସ୍ତଙ୍କର ମିଳିତ ପ୍ରୟାସରେ ମନେଇଙ୍କ ଅବଦାନ ପ୍ରଚାରପ୍ରସାର ହୋଇପାରିବ ବୋଲି କହିଥିଲେ।

ମନେଇ ସେବା ପ୍ରତିଷ୍ଠାନର ଚିତ୍ରସେନ ଜେନା, ମନ୍ଦିର କମିଟିର ନିରଞ୍ଜନ ଜେନା ଗାଁର ବିରାଟ ପୁଷ୍କରିଣୀର ଐତିହ୍ୟ କହିବାକୁ ଯାଇ ଭକ୍ତ ମନେଇ ମୁଣ୍ଡରେ ମାଟି ବୋହି ଦୁଇ ଦଶକ ପରେ ପୁରୀର ନରେନ୍ଦ୍ର ପୁଷ୍କରିଣୀ ପରି ଏହାକୁ ଖୋଳିଥିଲେ ବୋଲି ତଥ୍ୟ ରଖିଥିଲେ। ମିନତି ପ୍ରଧାନ, ଜୀବଧନ ରାଉତ, କାଳୁଚରଣ ପ୍ରଧାନ, ଲକ୍ଷ୍ମଣ ସାହୁ, ଯଶୋବନ୍ତ ମହାରଣା ଓ ଶ୍ରୀରାମ ରାଉତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଭୁବନେଶ୍ୱର ସିଟି

ଜନତା ସବୁ ଜାଣନ୍ତି

# ନୀଳାଦ୍ରିରେ ହୋଇଛି; ସ୍ୱର୍ଣ୍ଣାଦ୍ରିରେ କେବେ?

ଭୁବନେଶ୍ୱର, ୨୨।୧୦(ସମିସ): କୌଣସି ମନ୍ଦିରକୁ ଯିବା ପୂର୍ବରୁ ଆମେ ଶୁଦ୍ଧଚିତ୍ତ ସହିତ ଶାଳୀନତା ବସ୍ତ୍ର ପରିଧାନ କରିବା ସହିତ ସଠିକ୍ ଢ଼ଙ୍ଗରେ ଯାଇଥାନ୍ତି। କିନ୍ତୁ ଏବେବି ଅନେକ ଲୋକ ଅଶାଳୀନ ପୋଷାକରେ ମନ୍ଦିରକୁ ପ୍ରବେଶ କରୁଛନ୍ତି ଯାହା ବୃଦ୍ଧଜୀବୀ ଏବଂ ବରିଷ୍ଠମାନଙ୍କୁ ବଥିତ କରୁଛି। ପ୍ରବେଶ କରୁଥିବା ବେଳେ ପୁରୁଷ ଲୋକମାନେ ଚିରା ଫଟା ଜିନ୍ସ ପିନ୍ଧି ମନ୍ଦିରକୁ ପ୍ରବେଶ କରୁଛନ୍ତି। ଏଥିସହିତ କେହି କେହି ସାଙ୍ଗରେ ଛତା, ଟୋପି ମଧ୍ୟ ମନ୍ଦିର ଭିତରେ ବ୍ୟବହାର କରୁଥିବାର ଦେଖିବାକୁ ମିଳିଛି। ଅନ୍ୟ ରାଜ୍ୟର ତିରୁପତି ମନ୍ଦିର, ସ୍ୱର୍ଣ୍ଣ ମନ୍ଦିର କିମ୍ବା ଗୁରୁଦ୍ୱାରରେ ଯାଉଛନ୍ତି ସେଠାରେ ଆମେ କଟକଣା ଲାଗିବ ଏହା ନେଇ ପ୍ରଶ୍ନ କରିଛନ୍ତି।

କଥାରେ ଅଛି ଯେଉଁ ଦେଶକୁ ଯିବା ସେହି ଫଳ ଖାଇବା। କ୍ଲବ୍ କିମ୍ବା ପାର୍ଟି ପ୍ରୋଗ୍ରାମକୁ ଗଲେ ଛୋଟ ପୋଷାକ ପିନ୍ଧି ଯିବା ଦରକାର। ହେଲେ ମନ୍ଦିର ଆସିଲେ ଶାଢ଼ି କି ସାଲୁଆରରେ ଏବଂ ପୁଅମାନେ ଫୁଲ ପୋଷାକରେ ଆସିବା କଥା। କିନ୍ତୁ ଏଠାକୁ

- ■ ଲିଙ୍ଗରାଜ ମନ୍ଦିରରେ ନାହିଁ ପୋଷାକ କଟକଣା
- ■ ଅଶାଳୀନତା ପୋଷାକ ପିନ୍ଧି ମନ୍ଦିରକୁ ପ୍ରବେଶ



ମନ୍ଦିର ମାଳିନୀ ସହର ରାଜଧାନୀକୁ ପ୍ରତିଦିନ ହଜାର ହାଜର ପର୍ଯ୍ୟଟକ ବୁଲି ଆସୁଛନ୍ତି। ବିଭିନ୍ନ ପର୍ଯ୍ୟଟନ ସ୍ଥାନ ପରିଦର୍ଶନ କରିବା ସହିତ ମନ୍ଦିର ମଧ୍ୟ ଯାଉଛନ୍ତି। ଲିଙ୍ଗରାଜ ମନ୍ଦିର ସର୍ବପୁରାତନ ମନ୍ଦିର ହୋଇଥିଲେ ବି ଏଠାରେ ପୋଷାକକୁ ନେଇ କିଛି କଟକଣା ନାହିଁ। ଖୋଲା ମେଲା ଭଳି ଯିଏ ଯାହା ପାଇଲା ଚିରା, ଫଟା, ଆଣ୍ଠୁ ଉପରକୁ ପଡୁଥିବା ପୋଷାକ ଆଦି ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି। ଗତ କିଛିବର୍ଷ ହେଲା ଜଗନ୍ନାଥ ମନ୍ଦିରରେ ପୋଷାକ ଉପରେ କଟକଣା ଲଗାଯାଇଛି। ଚିରା ଫଟା ଜିନ୍ସ ଓ ହାପ୍ ପ୍ୟାଣ୍ଟ, ଛୋଟ ପୋଷାକ ପିନ୍ଧି ମନ୍ଦିରକୁ ପ୍ରବେଶ ବ୍ୟବସ୍ଥା ନ ଥିବା ବେଳେ ମହିଳାମାନେ ଶାଢ଼ି, ସାଲୁଆର ଏବଂ ପୁରୁଷମାନେ କୁର୍ତ୍ତା, ଫୁଲ୍ ପ୍ୟାଣ୍ଟ ସାର୍ଟ, ଧୋତି ଆଦି ପିନ୍ଧି ମନ୍ଦିରକୁ ପ୍ରବେଶ କରିପାରିବେ। ହେଲେ ଲିଙ୍ଗରାଜ ମନ୍ଦିରରେ ବ୍ୟତିକ୍ରମ ଦେଖାଦେଇଛି। ଏଠି ଅନେକ ମହିଳା ଛୋଟ ପୋଷାକ ପିନ୍ଧି ମନ୍ଦିର ଭିତରକୁ ସେଠାକାର କଟକଣାରେ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି ହେଲେ ନିଜ ସହରର ମନ୍ଦିର କଥା ଆସିଲେ ଏହାକୁ ଅଣଦେଖା କରାଯାଉଛି। ଏହାକୁ ନେଇ ସ୍ଥାନୀୟ ବୃଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିବା ସହିତ କେବେ ଲିଙ୍ଗରାଜ ମନ୍ଦିରରେ ପୋଷାକ ଛୋଟ ପୋଷାକ କି ଚିରା ଫଟା ପିନ୍ଧି ଆସିବା କଥା ନୁହେଁ। ଏହା ଉପରେ ମନ୍ଦିର ପ୍ରଶାସନ କିମ୍ବା ସରକାର ଶିଘ୍ର କଟକଣା ଲଗାଇବା ଦରକାର ବୋଲି ଲିଙ୍ଗରାଜ ମନ୍ଦିରକୁ ଦର୍ଶନ ପାଇଁ ଆସିଥିବା କଟକ ବଡ଼ମ୍ବା ଅଞ୍ଚଳର ରେଣୁ ପାତ୍ର କହିଛନ୍ତି।

### କାହା ମୁହଁରେ କେଉଁ କଥା

ଜଗନ୍ନାଥ ମନ୍ଦିରରେ ପ୍ରଶାସନ କଟକଣା କରିବା ସହିତ ଜଗାରଖା କରୁଛନ୍ତି। କିନ୍ତୁ ଲିଙ୍ଗରାଜ ମନ୍ଦିରରେ ପ୍ରଶାସନ ପକ୍ଷରୁ ସେମିତି କିଛି କଟକଣା କରାଯାଇନାହିଁ। କିନ୍ତୁ ପ୍ରଶାସନ ଏହା ଉପରେ କଟକଣା କରିବା ଦରକାର। ମନ୍ଦିର ହେଉଛି ଏମିତି ସ୍ଥାନ ଯେଉଁଠି ଶାଳୀନତା ସହିତ ଶୃଙ୍ଖଳା ରହିବା କଥା। ଆପଣ କଟକଣା ଲାଗୁ କରିବେ ତେବେ ସମସ୍ତେ ମାନିବାକୁ ବାଧ ହେବେ। ଏହା ଯେତେ ଶିଘ୍ର ହେବ ତାହା ବହୁତ ଭଲ ହେବ।

- ଭାଗୀରଥି ମହାସୁଆର, ସଂସ୍କୃତି ଗବେଷକ

ଅନେକ ଶ୍ରଦ୍ଧାଳୁ ଏହାକୁ ପ୍ରହସନରେ ପରିଣତ କରିଛନ୍ତି। ଯିଏ ଯାହା ପାଇଲା ସେହି ପୋଷାକ ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି। ଯଦି ଏହା ଉପରେ କଟକଣା ଲଗାଯାଏ ତେବେ ଏହା ଏକ ଉତ୍ତମ ପଦକ୍ଷେପ ହେବ ବୋଲି ଆଶା।

- ନୀଳମଣି ମିଶ୍ର, ସେବା ପ୍ରତିନିଧି ମୁଖ୍ୟ ସଂଗଠକ

ପ୍ରତ୍ୟେକ ମନ୍ଦିରକୁ ଯିଏ ଯିବ ତାହାର ଏକ ଶାଳୀନତା ରହିବା ଦରକରା। ଶୁଦ୍ଧପୁତ ହୋଇ ମନ୍ଦିରକୁ ଗଲେ ଠାକୁରଙ୍କ ପ୍ରତି ଭକ୍ତିଭାବ ବଢ଼ିବ। କିନ୍ତୁ ମନ୍ଦିରକୁ କିଏ ଟି ସାର୍ଟ ପିନ୍ଧି ଆସୁଛନ୍ତି ତ ଆଉ କିଏ ଚିରା ଫଟା ପିନ୍ଧି ଆସୁଛନ୍ତି। କିନ୍ତୁ ଏହା ଉପରେ କଟକଣା ଲାଗୁ କରାଯିବା ଦରକାର।

-ସଚ୍ଚିକାନ୍ତ ପୂଜାପଣ୍ଡା, ସେବାୟତ

ମନ୍ଦିରକୁ ସମସ୍ତେ ପର୍ଯ୍ୟଟନସ୍ଥଳ ଭାବୁଛନ୍ତି। ଯେଉଁଥିପାଇଁ ଯିଏ ଯାହା ପାରୁଛନ୍ତି ତାହା ପିନ୍ଧିକି ଆସୁଛନ୍ତି। ମନ୍ଦିରରକୁ ସମସ୍ତେ ଶାଳୀନତା ରକ୍ଷା ହେବା ଭଳି ବସ୍ତ୍ର ପିନ୍ଧି ଆସିବା ସହ ଏହା ଉପରେ କଟକଣା ଲାଗିବା ଦରକାର।

-ମୌସମ୍ ବଡୁ, ସେବାୟତ

## ଗଙ୍ଗୁଆ ପୁନରୁଦ୍ଧାର ନେଇ ଆଲୋଚନା ଓ ମାନଚିତ୍ର ପ୍ରଦର୍ଶନୀ




ଭୁବନେଶ୍ୱର, ୨୨।୧୦(ସମିସ): ପ୍ରାଚୀନ ଜୀବନଧାରା ଗଙ୍ଗୁଆ ନଦୀର ଉନ୍ନୟନ ଓ ପୁନର୍ଜୀବନ ଦିଗରେ ଏକ ଆଲୋଚନାଚକ୍ର ବୁଧବାର ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗୁଆ: ଦ ହେରିଟେଜ୍ ରିଭର ଅଫ ଏକାମ୍ରକ୍ଷେତ୍ର / ଭୁବନେଶ୍ୱର ପୁସ୍ତକର ଲେଖକ ଓ ସାମାଜିକ କର୍ମୀ ବିପିନ ମହାନ୍ତି ଗଙ୍ଗୁଆ ନଦୀ ମାନଚିତ୍ରର ରଚୟିତା ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚନ୍ଦ୍ର ହୋତା ଗଙ୍ଗୁଆର ତଥ୍ୟସମ୍ବଳିତ ମାନଚିତ୍ର ଉନ୍ମୋଚନ କରିଛନ୍ତି। ଶ୍ରୀ ହୋତା ଏହାକୁ ଭୁବନେଶ୍ୱରର ପରିବେଶ ଓ ସାଂସ୍କୃତିକ ଇତିହାସର ହାରିଯାଇଥିବା ଅଧ୍ୟାୟର ପୁନର୍ଜୀବନ ପ୍ରୟାସ ବୋଲି କହିଛନ୍ତି। ପ୍ରଫେସର ରଥ ଗଙ୍ଗୁଆର ଇତିହାସ, ପରିବେଶ ଓ ସାଂସ୍କୃତିକ ମହତ୍ତ୍ୱ ବର୍ଣ୍ଣନା କରି କହିଛନ୍ତି ଯେ ପୂର୍ବରୁ ଗନ୍ଧବତୀ ନାମରେ ପରିଚିତ ଏହି ନଦୀ ଏକାମ୍ରକ୍ଷେତ୍ରର ପବିତ୍ର ଜମି, ଜଙ୍ଗଲ, ଜଳ, ଜୀବନର ପ୍ରତୀକ। କିନ୍ତୁ ଅବହେଳା ଓ ଦଖଲ ଯୋଗୁଁ ଏହା ପ୍ରଦୂଷିତ ନାଳରେ ପରିଣତ ହୋଇଛି। ସାମାଜିକ କର୍ମୀ ବିପିନ ମହାନ୍ତି ମାନଚିତ୍ର ପ୍ରଦର୍ଶନ କରି କହିଛନ୍ତି, ଏହା ଜନସଚେତନତା ଓ ନୀତି ନିର୍ଦ୍ଧାରଣର ଶକ୍ତିଶାଳୀ ଅସ୍ତ୍ର। କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବୀ ଓ ନାଗରିକ ସଂଗଠନଗୁଡ଼ିକ ନଦୀ ପୁନରୁଦ୍ଧାର ପାଇଁ ଯୁକ୍ତ ପ୍ରୟାସର ପ୍ରତିଶ୍ରୁତି ଦେଇଛନ୍ତି। ପୁସ୍ତକ ପ୍ରକାଶକ ବନୋଜ ତ୍ରିପାଠୀ କହିଛନ୍ତି ଗଙ୍ଗୁଆ ମରିନାହିଁ, ଆମ ପ୍ରୟାସର ଅପେକ୍ଷାରେ ଅଛି।

## ୧୦୮ ଆମ୍ବୁଲାନ୍ସ ସେବା ପରିଚାଳନାରେ ଏମ୍ରୀ ଗ୍ରୀନ୍ ହେଲଥ ସର୍ଭିସେସର ଏକବର୍ଷ ପୂର୍ତ୍ତି




ଭୁବନେଶ୍ୱର, ୨୨।୧୦(ସମିସ): ଏମ୍ରୀ ଗ୍ରୀନ୍ ହେଲଥ ସର୍ଭିସେସ ଓଡ଼ିଶାରେ ୧୦୮ ଆମ୍ବୁଲାନ୍ସ ସେବା ଯୋଗାଇବାରେ ଏହାର ଏକ ବର୍ଷ ପୂରଣ କରିଛି। ଏମ୍ରୀ ଗ୍ରୀନ୍ ହେଲଥ ସର୍ଭିସେସ୍ ଓଡ଼ିଶାରେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ସହଭାଗୀତାରେ ଆଇପିଟିଏଚଏଚଏସ-୨ ପ୍ରକଳ୍ପ ଅଧୀନରେ ୧୦୮ ଜରୁରିକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା, ୧୦୮ ଜନନୀ ଆମ୍ବୁଲାନ୍ସ ଏବଂ ୧୦୪ ସ୍ୱାସ୍ଥ୍ୟ ହେଲ୍ପଲାଇନ୍ ପରିଚାଳନା କରୁଛି। ୨୦୧୩ ମସିହା ମାର୍ଚ୍ଚ ୫ ତାରିଖରେ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ମିଳିତ ଉଦ୍ୟମରେ ୨୨୧ ଟି ଆମ୍ବୁଲାନ୍ସକୁ ନେଇ ଏହି ଜରୁରିକାଳୀନ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରାଯାଇଥିଲା। ଗତ ଏକ ବର୍ଷ ମଧ୍ୟରେ ଏମ୍ରୀ ଗ୍ରୀନ୍ ହେଲଥ ସର୍ଭିସେସ୍ ୧୦୮ ଆମ୍ବୁଲାନ୍ସ ମାଧ୍ୟମରେ ୧୪୮୪୦୨୭ ଲୋକଙ୍କୁ ସେବା ଯୋଗାଇ ଦିଆଯାଇଛି। ଏହି ଅବସରରେ ୧୦୮ ଆମ୍ବୁଲାନ୍ସ ତଥା ଏମ୍ରୀ ଗ୍ରୀନ୍ ହେଲଥ ସର୍ଭିସେସ୍ ର ରାଜ୍ୟମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି, ୧୦୮ ଜରୁରୀକାଳୀନ ସେବା ଲୋକମାନଙ୍କ ପାଇଁ ଏକ ଜୀବନଧାରାରେ ପରିଣତ ହୋଇଛି। ଏହି ସେବା ମାଧ୍ୟମରେ ଦୈନିକ ୫ ରୁ ୬ ହଜାର ଲୋକ ଉପକୃତ ହେଉଛନ୍ତି।

## ସତ୍ୟସାଇବାବାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ରନ୍ ଆଣ୍ଡ ରାଇଡର୍

ଭୁବନେଶ୍ୱର, ୨୨।୧୦(ସମିସ) : ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କର ଜନ୍ମ ଶତବାର୍ଷିକୀ ସମାରୋହ ପାଳନ ପାଇଁ ଦୁଇ ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ପାଳନ କରାଯାଉଛି। ୨୦୨୪ ନଭେମ୍ବର ୨୩ରୁ ୨୦୨୬ ମସିହା ନଭେମ୍ବର ୨୩ ପର୍ଯ୍ୟନ୍ତ ଏହାକୁ ସମଗ୍ର ରାଜ୍ୟସ୍ତରରେ ପାଳନ କରିବା ପାଇଁ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବୁଧବାର ଦିନ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସାଇ ଜନନୀ ପ୍ରେକ୍ଷାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି ଅବସରରେ ଆସନ୍ତା ନଭେମ୍ବର ୨ ତାରିଖରେ ଭୁବନେଶ୍ୱରଠାରେ ଓ ଡିସେମ୍ବର ୨୧ ତାରିଖରେ ରାଉରକେଲା ଠାରେ ଶ୍ରୀ ସତ୍ୟସାଇ ସେବା ସଂଗଠନ ଓଡ଼ିଶା ତରଫରୁ ରନ ଆଣ୍ଡ ରାଇଡର ଆୟୋଜନ କରାଯିବ। ସଂଗଠନ ଦ୍ୱାରା ଜନ୍ମ ଶତ ବାର୍ଷିକୀ ସମାରୋହକୁ ୨ ବର୍ଷ ଧରି ପାଳନ କରାଯାଉଥିବା ବେଳେ ୨୦୨୪ ନଭେମ୍ବର ୨୩ ରେ ଆରମ୍ଭ ହୋଇ ୨୦୨୬ ନଭେମ୍ବରରେ ଏହି ମହୋତ୍ସବ ଉଦଯାପିତ ହେବ। ଆଗାମୀ ଅକ୍ଟୋବର ୨୫ ତାରିଖରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ମା' ତାରିଣୀଙ୍କ ପୀଠ ଘଟଗାଁଠାରେ ଅତିରୁଦ୍ର ପାରାୟଣ ମହୋତ୍ସବର ଆୟୋଜନ କରାଯାଉଅଛି। ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରାର ଉଦଯାପନୀ ସମାରୋହ ୨୦୨୬ ଜାନୁଆରୀ ୧୮ ତାରିଖ ଦିନ କଟକର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବ। ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଓଡ଼ିଶା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସତ୍ୟସାଇ ସେବା ସଂଗଠନର ପୂର୍ବାଞ୍ଚଳ ଜୋନ୍ ସଭାପତି ନାରାୟଣ ପ୍ରସାଦ ସର, ଓଡ଼ିଶା ରାଜ୍ୟ ସଙ୍ଗଠନର ସଭାପତି ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ, ରାଜ୍ୟ ଟ୍ରଷ୍ଟ ଆବାହକ ଅକ୍ଷୟ କୁମାର ପାଣି ଓ ଉପ ସଭାପତି ସାଇ ପ୍ରସାଦ ପ୍ରମୁଖ ସବିଶେଷ ସୂଚନା ଦେଇଥିଲେ।

## ଦେବଦାସୀ ପକ୍ଷରୁ 'ନୃତ୍ୟାଞ୍ଜଳି'



ଭୁବନେଶ୍ୱର, ୨୨।୧୦(ସମିସ): ଦେବଦାସୀ ଅନୁଷ୍ଠାନ ଆନୁକୂଲ୍ୟରେ ୨୦ ତମ ବାର୍ଷିକ ନୃତ୍ୟ ଉତ୍ସବ 'ନୃତ୍ୟାଞ୍ଜଳି' ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦେବୁ ବ୍ରହ୍ମା ଏବଂ ସମ୍ପାଦକ ରୋଜାଲିନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ଦୁଇଦୀବସୀୟ ଉତ୍ସବକୁ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଓଡ଼ିଶୀ ସଙ୍ଗୀତର ପ୍ରବକ୍ତା ଗୁରୁ ମିତାଲି ଚିନାରା, ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଗୁରୁ ଚପଳା ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦେବଦାସୀ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଦଳଗତ ନୃତ୍ୟ ପରିବେଷଣ କରିଥିବାବେଳେ ୱାଇ ଆଶା କୁମାରୀ ଏବଂ ଲିପ୍ସା ଶତପଥୀଙ୍କ ଯୁଗଳବନ୍ଦୀ ଦର୍ଶକଙ୍କ ମନ ମୋହିଥିଲା। ସେହିଭଳି ବିଦ୍ୟାଙ୍ଗୀ ପଟ୍ଟନାୟକ ଏକକ ନୃତ୍ୟ ପରିବେଷଣ କରିଥିବାବେଳେ ଶେଷରେ ଦେବଦାସୀ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଶ୍ୱଜିତ ବଳିଆର ସିଂ।

## ଇଂରାଜୀ ଔପନ୍ୟାସିକ ପ୍ରଫେସର ଡ. ଧରଣୀଧର ସାହୁଙ୍କ ପରଲୋକ

ଭୁବନେଶ୍ୱର, ୨୨।୧୦(ସମିସ): ଇଂରାଜୀ ସାହିତ୍ୟିକ ଓ କବି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ସାହିତ୍ୟ ବିଭାଗର



ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଧରଣୀଧର ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ପ୍ରଫେସର ସାହୁ ଦୀର୍ଘ ତିନି ସପ୍ତାହ ଧରି ରକ୍ତ କର୍କଟ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର କେଶୁରାସ୍ଥିତ ମାକ୍‌ଲିନ୍ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ହୋଇଥିଲା। ସ୍ୱର୍ଗତଃ ସାହୁଙ୍କର ପ୍ରଥମ ଇଂରାଜୀ ଉପନ୍ୟାସ 'ଦି ହାଉସ୍ ଅଫ ସରପେଟସ୍' ଭାରତର ଓରିଏଣ୍ଟ ଲଙ୍ଗମ୍ୟାନ ଏବଂ ଲଣ୍ଡନର ସଙ୍ଗମ ବ୍ଲୁକସ ଦ୍ୱାରା ଏକା ସାଙ୍ଗରେ ପ୍ରକାଶିତ ହୋଇଥିଲା।

## ହୃଦାନ ଚେ ୁରୀଙ୍କ ପରଲୋକ



ଭୁବନେଶ୍ୱର, ୨୨।୧୦(ସମିସ): ବରିଷ୍ଠ ସମାଜସେବୀ ଓ ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଚୌଧୁରୀ ମଙ୍ଗଳବାର ରାତିରେ ୯୧ ବର୍ଷ ବୟସରେ ନୂଆପଲ୍ଲୀସ୍ଥିତ ନିଜ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଶ୍ରୀ ଚୌଧୁରୀ ଜଣେ ସଂପ୍ରେରକ ସମାଜସେବୀ ଥିଲେ। ସେ ଆନନ୍ଦମାର୍ଗ ସଂଗଠନର ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ଦୀର୍ଘ ସମୟଧରି ନିଜର ସେବା ପ୍ରଦାନ କରିଥିଲେ। ସେ ଶାସ୍ତ୍ରୀନଗରସ୍ଥିତ ଆନନ୍ଦମାର୍ଗ ସ୍କୁଲର ସଭାପତି ଥିଲେ ଏବଂ ମହାବାତ୍ୟା ସହିତ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେବା କାର୍ଯ୍ୟରେ ସଦା ଅଗ୍ରସର ଥିଲେ। ସେ ଅନୁଗୁଳ-ସୁକିନ୍ଦା ରେଲୱେ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟଙ୍କ ଶ୍ୱଶୁର ମଧ୍ୟ ଅଟନ୍ତି। ତାଙ୍କ ଦେହାବସାନରେ ପରିବାରବର୍ଗ, ପରିଚିତ ମହଲ ଓ ସମାଜରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଆନନ୍ଦମାର୍ଗର କର୍ମକର୍ତ୍ତା ତଥା ମାର୍ଗୀ ଭାଇଭଉଣୀମାନେ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଜୟନ୍ତ ମହାପାତ୍ରଙ୍କ କବିତା ସୀମା ସରହଦ୍‌କୁ ଅତିକ୍ରମ କରିଥାଏ: ଦିତି ରୋନେନ




ଭୁବନେଶ୍ୱର, ୨୨।୧୦(ସମିସ): ଗୀତଗୋବିନ୍ଦ ସଦନଠାରେ କେତକୀ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ କବି, ଲେଖକ ଓ କବିତାପ୍ରେମୀ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡ଼ିଶାର ଅନବଦ୍ୟ କବି ଜୟନ୍ତ ମହାପାତ୍ର ସ୍ମାରକୀ ବକ୍ତୃତା ପ୍ରଦାନ ଉତ୍ସବ। ଏହି ଅବସରରେ ମୁଖ୍ୟ ଅତିଥି କବି ସୌଭାଗ୍ୟ ମିଶ୍ରଙ୍କ ଦ୍ୱାରା ଭାରତୀୟ ସାହିତ୍ୟ ସମ୍ପର୍କିତ ପତ୍ରିକା 'ଚନ୍ଦ୍ରଭାଗା' (ସଂ - ରବୀନ୍ଦ୍ର କୁମାର ସ୍ୱାଇଁ) ଓ ଇସ୍ରାଏଲି କବି ଦିତି ରୋନେନଙ୍କ କବିତାସମୂହର ଓଡିଆରେ ଅନୁଦିତ ସଂକଳନ 'ଅସୁରକ୍ଷିତ ଚେର' ଅନୁବାଦକ ବାସୁଦେବ ସୁନାନୀ ଓ ମାନେଜିଙ୍ଗ ଟ୍ରଷ୍ଟି ଜ୍ୟୋତିରଞ୍ଜନ ସ୍ୱାଇଁଙ୍କ ଉପସ୍ଥିତିରେ ପୁସ୍ତକର ପାଠକାର୍ପଣ ହୋଇଥିଲା। ଉତ୍ସବର ସଭାପତି ତଥା କେତକୀ ଫାଉଣ୍ଡେସନର ଅନ୍ୟତମ ଟ୍ରଷ୍ଟି ଓ କବି ରବୀନ୍ଦ୍ର କୁମାର ସ୍ୱାଇଁ ତାଙ୍କ ଅଭିଭାଷଣ ପ୍ରଦାନ କରିଥିଲେ।

ଏଥିରେ ଇସ୍ରାଏଲର ବିଶିଷ୍ଟ ଉପନ୍ୟାସକାର ତଥା କବି ଦିତି ରୋନେନ ଅତ୍ୟନ୍ତ ଭାବାବେଗ ସହ ଅକୁଣ୍ଠ ଭାବେ ଜୟନ୍ତ ମହାପାତ୍ରଙ୍କ କାବ୍ୟିକ ଦୃଷ୍ଟିକୋଣ ଓ ମାନବବାଦୀ ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଜୟନ୍ତ ମହାପାତ୍ରଙ୍କ କବିତା ସୀମା ସରହଦ୍‌କୁ ଅତିକ୍ରମ କରିଥାଏ। ସେ ତାଙ୍କ ଇହୁଦୀ କବିଙ୍କ ଉପରେ ଗଭୀର ଚିନ୍ତନଶୀଳ ବିଶ୍ଳେଷଣ ପ୍ରଦାନ କରିଥିଲେ, ଯେଉଁମାନଙ୍କ ମଧ୍ୟରୁ ପ୍ରଧାନ ଇହୁଦୀ କବିମାନେ ଥିଲେ ପଲ ଚେଲାନ୍ ପ୍ରୀମୋଲେଭି ଏବଂ ନେଲି ସାଚ୍। ସେ ଇହୁଦୀ ମାନଙ୍କ ସଂଗ୍ରାମର କାହାଣୀ ମଧ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ସୌଭାଗ୍ୟ ମିଶ୍ର ତାଙ୍କ ଅଭିବ୍ୟକ୍ତିରେ ଜୟନ୍ତ ମହାପାତ୍ରଙ୍କ ସହ ତାଙ୍କ ବ୍ୟକ୍ତିଗତ ସମ୍ପର୍କର ସ୍ମୃତିଚାରଣ ସହ ମହାପାତ୍ରଙ୍କ ଜୀବନ ଓ ରଚନାସମୂହ ପିଢି ପରେ ପିଢି କିପରି କବି ଓ ପାଠକଙ୍କୁ ପ୍ରଭାବିତ କରିଆସିଛି ତାହାର ଉଲ୍ଲେଖ କଲେ।

ଶେଷରେ ଶୁଭଶ୍ରୀ ଲେଙ୍କା, ଶକ୍ତି ମହାନ୍ତି, ସ୍ୱପ୍ନା ମିଶ୍ର, ସୁମନ ଦାସ ଓ ଭରଦ୍ୱାଜ ମିଶ୍ର ଆଦି ଯୁବ ପିଢିର ବିଶିଷ୍ଟ କବିମାନେ ଜୟନ୍ତ ମହାପାତ୍ରଙ୍କ ବଛାବଛା କବିତାକୁ ଉଭୟ ଓଡିଆ ଓ ଇଂରାଜୀରେ ପାଠ କରିଥିଲେ। ଶେଷକୁ ଫାଉଣ୍ଡେସନର ଅନ୍ୟତମ ଟ୍ରଷ୍ଟି ରଚିତା ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମଞ୍ଜରୀଦେବୀ କଲେଜରେ ସାଇବର୍ ଅପରାଧ ନିରାକରଣ ସଚେତନତା




ବାଲିଅନ୍ତା, ୨୨।୧୦(ସମିସ): କମିସନରେଟ ପୁଲିସ ଏବଂ ସାଇବର ପୁଲିସ ମିଳିତ ସହଯୋଗରେ ବାଲିଅନ୍ତା ବ୍ଲକ ଅଧୀନ ମଞ୍ଜରୀ ଦେବୀ ନର୍ସିଂ କଲେଜ ସମ୍ମିଳନୀ କକ୍ଷରେ ବୁଧବାର ସାଇବର ଅପରାଧ ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ବାଲିଅନ୍ତା ଥାନା ଅଧିକାରୀ ଅନୀଲ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱର ସାଇବର ଥାନା ଏସ ଆଇ (ଏକ୍ସପର୍ଟ) ଏସ ଆଇ ପ୍ରତାପ ଦାଶ ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏସ ଆଇ ମାନସ ମଲ୍ଲିକ ଏବଂ ବାଳକାଟି ଫାଣ୍ଡି ଅଧିକାରୀ ରାମାନନ୍ଦ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ମଞ୍ଜରୀ ଦେବୀ କଲେଜ ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ ଓ ଉପ ସଭାପତି ଜ୍ୟୋତ୍ସ୍ନା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଇବର ରଥ ଏଲଇଡି ସହାୟତାରେ ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲା।

## ପାଣି ପାଇପ ଫାଟିବାରୁ ଜଳକଷ୍ଟରେ ଲୋକେ

ନନ୍ଦନକାନନ, ୨୨।୧୦(ସମିସ): ଦୁଇ ଦିନ ହେବ ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଠିକାଦାର ଦ୍ୱାରା ପଦାସାହି-କେନ୍ଦୁପାଟଣା ମୁଖ୍ୟରାସ୍ତା ଗୋଟିଏ ପାର୍ଶ୍ୱ ମାଟି ଖୋଳା କାର୍ଯ୍ୟ ଚାଲିଛି। ଗତ ମଙ୍ଗଳବାର ଠାରୁ ପଦାସାହି ବିଦ୍ୟାଳୟ ନିକଟରେ ଜେସିବ୍ ମେସିନ୍ ମାଟି ତାଡୁ ଥିବାବେଳେ ଭୂତଳ ପାଇପ ଫାଟି ଯାଇଥିଲା। ଏହା ଦ୍ୱାରା ପଦାସାହି ଗ୍ରାମକୁ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି। ଫଳରେ ପଦାସାହି ଗ୍ରାମବାସୀ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଗ୍ରାମବାସୀ ଗ୍ରାମୀଣ ପାଇପ ଜଳ ଯୋଗାଣ ବିଭାଗରେ ଜଣାଇଥିଲେ ସୁଦ୍ଧା ଜଳ ଯୋଗାଣ ସୁବିଧା ହୋଇପାରି ନାହିଁ।

# ଭୁବନେଶ୍ୱର ବାଲିଯାତ୍ରା ପାଇଁ ଖୋଲିଲା ଅସ୍ଥାୟୀ କାର୍ଯ୍ୟାଳୟ

### ଏଥର ୧୦ ଦିନିଆ ବାଲିଯାତ୍ରା; ପଡ଼ିବ ୧୫ ଶହ ବ୍ୟବସାୟ ପ୍ରତିଷ୍ଠାନ



ନନ୍ଦନକାନନ, ୨୨।୧୦(ସମିସ): ଉତ୍ତର ଭୁବନେଶ୍ୱର କୁଆଖାଇ ନଦୀ ପଠାରେ ଭୁବନେଶ୍ୱର ବାଲିଯାତ୍ରାକୁ ଆଉ ରହିଛି ୧୪ ଦିନ। ଏହି ଅବସରରେ ବୁଧବାର ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବର ଅସ୍ଥାୟୀ କାର୍ଯ୍ୟାଳୟ ବାଲିଯାତ୍ରା ପଡ଼ିଆରେ ଉଦଘାଟନ କରାଯାଇଛି। ବାଲିଯାତ୍ରା କମିଟିର ସଭାପତି ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ଓ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଗୋଲକ ପ୍ରସାଦ ମହାପାତ୍ର ଅସ୍ଥାୟୀ କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି। କାର୍ଯ୍ୟାଳୟ ଉଦଘାଟନ ଉତ୍ସବରେ ବିଧାୟକ ଶ୍ରୀ ରାଉତ, ଶ୍ରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝା, ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ କମିଟିର ଅଧ୍ୟକ୍ଷ ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଥିବାବେଳେ ଉପଦେଷ୍ଟା ଭାବେ ବିଧାୟକ ବାବୁ ସିଂ, ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ପ୍ରଧାନ ସଚିବ ମନୋଜ ଆହୁଜା, ବିଏମସି କମିସନର ଚଞ୍ଚଳ ରାଣା, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂହ, ଓଡ଼ିଆ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଉପଦେଷ୍ଟା ମଣ୍ଡଳୀରେ ଅଛନ୍ତି। ଚଳିତ ବର୍ଷ ଏହା ସପ୍ତମ ବର୍ଷରେ ପହଁଚିଛି। ଶାନ୍ତି ଓ ଶୃଙ୍ଖଳାର ସହିତ ଭବ୍ୟ ଭାବରେ ଆୟୋଜନ ହେବ। ଚଳିତ ବର୍ଷ ନଭେମ୍ବର ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ୧୦ଦିନ ଧରି ମହୋତ୍ସବ ହେବ। ୧୫୦୦ଶହ ଷ୍ଟଲ ପଡ଼ିବାର ବ୍ୟବସ୍ଥା କରାଯାଉଛି।

ଖାଦ୍ୟ ଷ୍ଟଲ ୧୫ହଜାର ଓ ଘର କରଣା, ଅନ୍ୟାନ୍ୟ ସାମଗ୍ରୀ ଷ୍ଟଲ ପିଛା ୧୦ହଜାର ଦେୟମୂଲ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ମୁଖ୍ୟ ସ୍ଥାନ ମାନଙ୍କରେ ଷ୍ଟଲ ପାଇଁ କମିଟି ସହିତ ଆଲୋଚନା ପରେ ମୂଲ୍ୟ ନିର୍ଦ୍ଧାରଣ ହେବ। ଏଥି ସହିତ ସଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ଓଡ଼ିଶାର ବିଭିନ୍ନ ପାରମ୍ପରିକ ନୃତ୍ୟ, ଲୋକକଳା ଓ ସଂଗୀତ ପରିବେଷଣ ହେବ। ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରତାପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ତପନ କୁମାର ଦାଶ, ସହ କୋଷାଧ୍ୟକ୍ଷ ବୀରେନ୍ଦ୍ର ଜେନା, ଉପ ସଭାପତି ତପନ ବଳିୟାର ସିଂହ, କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ, ମୋନାଲିସା ବେହେରା, ମିହିର ରାଉତ, ସରପଞ୍ଚ ଦେବରାଜ ଭୋଇ, ଅଶୋକ ପାତ୍ର, ଅନୁପ ଖୁଣ୍ଟିଆ, ପ୍ରଦିପ୍ତ ପରିଡ଼ା, ନିରଞ୍ଜନ ସ୍ୱାଇଁ, ନିରଞ୍ଜନ ସାହୁ, ଅନ୍ନପୂର୍ଣ୍ଣା ମିଶ୍ର, କୃଷ୍ଣପ୍ରିୟା ମିଶ୍ର, ସନ୍ତୋଷ କୁମାର ନାଥ, ନିର୍ମଳ ରାଉତ, ନବକିଶୋର ବାରିକ, ବିନୋଦ ସାହୁ, ଲଛମନ ରାଉତ, ହିରୋ ରାଉତ, ମନୋଜ ଦାସଙ୍କ ସମେତ କମିଟିର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

ସକାଳ
THE SAKALA



■ ଜମି ଦଲାଲଙ୍କ କବ୍‌ଜାରେ ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟ

# ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବେଖାତିର

ଭଦ୍ରକ,୨୨।୧୦(ସମିସ):

ସଂପ୍ରତି ଭଦ୍ରକ ଜିଲ୍ଲାରେ ଜମି ଦଲାଲ ସକ୍ରିୟ। ଦୁର୍ନୀତିଗ୍ରସ୍ତ ରାଜସ୍ୱ ଅଧିକାରୀଙ୍କୁ ହାତକରି ବ୍ୟକ୍ତିଗତ ମାଲିକାନାରେ ଥିବା ସ୍ୱତ୍ୱକୁ ତଞ୍ଚକତା କରି ହାତେଇ ନେଇ ଖରିଦ ବିକ୍ରି ଚଳାଇଛନ୍ତି। ଏପରିକି ଏ କ୍ଷେତ୍ରରେ କୋର୍ଟଙ୍କ ଆଦେଶକୁ ମଧ ଖାତିର କରୁନାହାନ୍ତି ଜମି ଦଲାଲ। ଫଳରେ ଭଦ୍ରକ ଜିଲ୍ଲାରେ ଏବେ ଲୋକଙ୍କ ସମ୍ପତ୍ତି ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଖୋଦ ଭଦ୍ରକ ସହରରେ ଏଭଳି ଏକ ଜମି ଜାଲିଆତି ରାଜସ୍ୱ ଏବଂ ଜିଲ୍ଲା ଉପନିବନ୍ଧକ କାର୍ଯ୍ୟାଳୟର ମୁଖା ଖୋଲି ଦେଇଛି। ଦୀର୍ଘ ୩୯ ବର୍ଷ ଧରି ସ୍ୱତ୍ୱଧାରୀ ପ୍ରଜା ନିଜ ଜମିର ମାଲିକାନା ସ୍ୱତ୍ୱ ଜାହିର କରିବାକୁ ରାଜସ୍ୱ ବିଭାଗଠୁ ଆରମ୍ଭ କରି କୋର୍ଟ କଚେରୀ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଛନ୍ତି। ଏହି ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ଥିବା ବେଳେ ଜମି ମାଫିଆମାନେ ତଞ୍ଚକତା କରି ନିକଟରେ ଏହି ଜମିରୁ କିଛି ଅଂଶ ବିକ୍ରି କରିଦେବା ଘଟଣା ରାଜସ୍ୱ ବିଭାଗର ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠିଛି। ଶେଷରେ ସ୍ୱତ୍ୱଧାରୀ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ରାଜସ୍ୱ ସଚିବ, କଟକ ଆରଡିସି, ଭଦ୍ରକ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଦ୍ୱାରସ୍ଥହୋଇଛନ୍ତି। ଘଟଣା ସମ୍ପର୍କରେ ସ୍ୱତ୍ୱଧାରୀ ପ୍ରଜାଙ୍କ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ତହସିଲ ଅନ୍ତର୍ଗତ ଈଶଫପୁର ମୌଜାରେ ଥିବା ଦୁଇଟି ପ୍ଲଟର ପ୍ରାୟ ୩ ଏକର ୮ ଡେସିମିଲ ପରିମିତ ବନ୍ଦୋବସ୍ତ ଜମିକୁ ତଞ୍ଚକତା କରି କିଛି ଲୋକ ସେମାନଙ୍କ ନାମରେ କରାଇ ନେଇଥିଲେ। ପରେ ଏହି କଥା ଜଣାପଡିବା ପରେ ଜମିର ଅସଲ ମାଲିକ ସେକ ହବିବୁର ରହେମାନ ଭଦ୍ରକ ଉପଜିଲ୍ଲାପାଳଙ୍କ କୋର୍ଟରେ ଏକ ମାମଲା ଦାୟର କରିଥିଲେ। ମାମଲର ବିଚାର କରି ଭଦ୍ରକ ଉପଜିଲ୍ଲାପାଳଙ୍କ କୋର୍ଟ ପୂର୍ବ ନାମଜାରୀକୁ ବାତିଲ କରି ହବିବୁରଙ୍କ ସପକ୍ଷରେ ରାୟ ଦେଇଥିଲେ। ତେବେ ଉପଜିଲ୍ଲାପାଳଙ୍କ ଆଦେଶକୁ ଚାଲେଞ୍ଜ କରି ଅପରପକ୍ଷ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟରେ ପୁଣି ଏକ ମକଦ୍ଦମା ଦାୟର କରିଥିଲେ । ତେବେ ଅତିରିକ୍ତ ଜିଲ୍ଲାପାଳଙ୍କ କୋର୍ଟ ଉପଜିଲ୍ଲାପାଳଙ୍କ ଆଦେଶକୁ କାଏମ ରଖିବା ଯୋଗୁ ପ୍ରତିପକ୍ଷ ଏନେଇ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ । ଓଡିଶା ହାଇକୋର୍ଟ ଉଭୟ ପକ୍ଷଙ୍କ ଉପସ୍ଥିତିରେ ନିମ୍ନ କୋର୍ଟ ମାମଲାର ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ମାମଲାର ବିଚାର ପ୍ରକ୍ରିୟା ବଳବତ୍ତର ଥିବାବେଳେ ଭଦ୍ରକ ତହସିଲର କିଛି ଅସାଧୁ ଅଫିସରଙ୍କୁ ହାତକରି ପଟ୍ଟା କାଢିନେଇଥିଲେ। ପରେ ଏନେଇ ସ୍ୱତ୍ୱଧାରୀ ପ୍ରଜାଙ୍କ ପକ୍ଷରୁ ଏଭଳି ବେଆଇନ କାର୍ଯ୍ୟ ବିରୋଧରେ ଉପଜିଲ୍ଲାପାଳ ଓ ଏଡିଏମଙ୍କ କୋର୍ଟରେ ଅପିଲ ଦାୟର କରିବା ସହିତ ବେଆଇନ ପୃଷ୍ଠଭୂମିରେ ଦିଆଯାଇଥିବା ପଟ୍ଟା ଏବଂ ବୃତ୍ତି ଉପରେ ମାମଲା ବିଚାରଧୀନ ରହିଛି। ତେଣୁ ଏହି ବୃତ୍ତିର କୌଣସି ଖରିଦ ବିକ୍ରି କରା ନ ଯିବାକୁ ଭଦ୍ରକ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆଇନଗତ ଭାବେ ଜଣାଇଥିଲେ । ତେବେ ଏସବୁ ସତ୍ତ୍ୱେ ଗତ ୧୧.୯.୨୦୨୫ରେ ଭଦ୍ରକ ଉପନିବନ୍ଧକ କାର୍ଯ୍ୟାଳୟ ରେଜିଷ୍ଟ୍ରେସନ ଦଲିଲ ନଂ-୪୭୧୫ ମୂଳେ ଏହି ବୃତ୍ତିରୁ ୨୦ ଡେସିମିଲ ଜମି ବିକ୍ରି କବଲା କରିଥିଲେ। ଯାହାକି ସମ୍ପୂର୍ଣ୍ଣ ବେଆଇନ ଦର୍ଶାଇ ଏଭଳି ଦଲିଲ ବାତିଲ କରିବାକୁ ଦାବି କରିଛନ୍ତି ପ୍ରଜା ସେକ ହବିବୁର ରହେମାନ। ଏନେଇ ଭଦ୍ରକ ପୁରୁଣା ଓକିଲ ସଦନ ଗୃହରେ ମଙ୍ଗଳବାର ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରି ପ୍ରଜାଙ୍କ ସହିତ ଭଦ୍ରକ ଓକିଲ ସଙ୍ଘର ପୂର୍ବତନ ସଭାପତି ବିଷ୍ଣୁମୋହନ ମହାପାତ୍ର, ବରିଷ୍ଠ ଆଇନଜୀବୀ ସେକ ତାହେର ମହମ୍ମଦ, ସେକ ଅଜିବୁର ରେହେମାନ, ସେକ ଏମଡି ରିଜୁଆନ, ସେକ ସଲାଉଦ୍ଦିନ ଏବଂ ସେକ ଏମଡି ସରିଫ ପ୍ରମୁଖ ଉପସ୍ଥିତ ରହି ଘଟଣା ସମ୍ପର୍କରେ ସୂଚନା ଦେଇ କରି ନ୍ୟାୟ ଦାବି କରିଥିଲେ।




ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ତୃତୀୟ ଦିବସ

# ରାଜ ରାଜେଶ୍ୱରୀ ବେଶରେ ଦର୍ଶନଦେଲେ ମା'

ଭଦ୍ରକ,୨୨।୧୦(ସମିସ): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା ଭଦ୍ରକାଳୀ ସପ୍ତ ମାତୃକା ବେଶର ତୃତୀୟ ଦିବସରେ ରାଜ ରଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମା'ଙ୍କ ଦର୍ଶନ କରିବା ଲାଗି ଦିନ ସାରା ପୀଠରେ ଭିଡ ଲାଗିଥିଲା। ଭକ୍ତ ମାନେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ମା'ଙ୍କ ଆଶିଷ ଭିକ୍ଷା କରିଥିଲେ। କମଳାପାଟ ବାସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ ମା'। ଗଜ ଓ ବ୍ୟାଘ୍ର ବାହନରେ ବିରାଜମାନ କରିଥିବା ବେଳେ ହସ୍ତରେ ଶଙ୍ଖ ଚକ୍ର ଗଦା ପଦ୍ମ ଧାରଣ କରି ଚତୁର୍ଦ୍ଧା ରୂପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରାଜରଜେଶ୍ୱରୀ ବେଶ ରେ ଦର୍ଶନ କଲେ ଭକ୍ତ ଉଚ୍ଚ ପଦ, ମର୍ଯ୍ୟାଦା ପ୍ରାପ୍ତ ହେବା ସହିତ ଯଶ, କୀର୍ତ୍ତି ଓ ପ୍ରଶଂସା ପାଇଥାଏ ବୋଲି ବିଶ୍ୱାସ କରାଯାଏ। ମହାଯଜ୍ଞରେ ବହୁ ଦୂରଦୂରାନ୍ତରୁ ଭକ୍ତମାନେ ପୀଠକୁ ଆସି ଆହୂତି ପ୍ରଦାନ କରିଛନ୍ତି। ଶତ ଚଣ୍ଡୀ ପାଠ, ଭାଗବତ ପାଠ, ଗୀତା ପାଠ ତଥା ବେଦବିତ ବ୍ରାହ୍ମଣ ମାନଙ୍କ ମନ୍ତ୍ର ଧ୍ୱନିରେ ପୀଠରେ ଏକ ନିଆରା ଆଧାମ୍ମିକ ପରିବେଶ ପରିଲକ୍ଷିତ ହେଉଛି। ସାଂସ୍କୃତିକ ସନ୍ଧ୍ୟାର ତୃତୀୟ ସନ୍ଧ୍ୟାରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରବଚନ ପ୍ରଦାନ କରିଥଲେ। ଚତୁର୍ଥ ଦିବସ ଗୁରୁବାର ମା'ଙ୍କ ପୀଠରେ ସିଂହ ବାହିନୀ ବେଶରେ ଦର୍ଶନ ଦେବେ।



# ଆସିଲାନି ଆମ୍ବୁଲାନ୍ସ; ଗୁରୁତରଙ୍କୁ ଡାକ୍ତରଖାନାକୁ ନେଲେ ସରପଞ୍ଚ

ଭଦ୍ରକ,୨୨।୧୦(ସମିସ): ସରପଞ୍ଚ ସାଜିଲେ ସଞ୍ଜୀବନି। ଜଣେ ଗୁରୁତର ରୋଗୀଙ୍କୁ ନେବା ପାଇଁ ଆସିଲାନି ଆମ୍ବୁଲାନ୍ସ। ପରେ ସେ ନିଜ ଗାଡ଼ିରେ ୩୫କିମି ଦୂର ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଲେ। ମଙ୍ଗଳବାର ସନ୍ଧ୍ୟାରେ ଚାନ୍ଦବାଲି ବ୍ଲକ ଖେରଙ୍ଗ ପଞ୍ଚାୟତ ତଳବନ୍ଧ ଗାଁରେ ମନୋଜ ନାୟକ ତାଙ୍କ ବୃଦ୍ଧ ପିତାମାତାଙ୍କୁ ଭୁଜାଲିରେ ଆକ୍ରମଣ କରି ରକ୍ତାକ୍ତ କରି ଫେରାର ହୋଇଯାଇଥିଲେ। ପଡୋଶୀମାନେ ତାଙ୍କୁ ଡାକ୍ତରଖାନାକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ; କିନ୍ତୁ ୨ ଘଣ୍ଟାପରେ ଆମ୍ବୁଲାନ୍ସ ପହଞ୍ଚି ପାରି ନ ଥିଲା। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିଲେ। ଖବର ପାଇ ଖେରଙ୍ଗ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ ନିଜ କାରରେ ୨ ଗୁରୁତରଙ୍କୁ ନେଇ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ।

# ସ୍ଥାଣୁ ପାଲଟିଛି ଉପଖଣ୍ଡ କୃଷି କାର୍ଯ୍ୟାଳୟ



ବାରିକପୁର,୨୨।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଛକ ନିକଟ ମୋହୁରା ଠାରେ ଥିବା କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାଣୁ ପାଲଟିଛି। ଏହି କାର୍ଯ୍ୟାଳୟ ଅଧୀନରେ ବନ୍ତ, ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକର କ୍ଷେତ୍ରୀୟ କୃଷି କାର୍ଯ୍ୟାଳୟ ରହିଛି। ତିନୋଟି ବ୍ଲକର କୃଷି କର୍ମଚାରୀ, କୃଷି କ୍ଷେତ୍ର ଓ କୃଷକଙ୍କ ସମସ୍ୟା ସମାଧାନ ପାଇଁ ୮/୧୦ ବର୍ଷ ପୂର୍ବରୁ ଏଠାରେ ଉପଖଣ୍ଡ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ହେଲେ ପରିତାପର ବିଷୟ ଯେ, ଇତିମଧ୍ୟରେ କେହି ନିୟମିତ ଅଧିକାରୀ ନିଯୁକ୍ତି ପାଇନାହାନ୍ତି। ବିଭିନ୍ନ ସମୟରେ ଭାରପ୍ରାପ୍ତ ଅଧିକାରୀଙ୍କ ଦାୟିତ୍ୱରେ କାର୍ଯ୍ୟାଳୟ ଚାଲିଥିବା ନଜିର ରହିଛି। ଜଣେ ଦୁଇ ଜଣ କିରାଣୀ ଓ କର୍ମଚାରୀଙ୍କ ଦ୍ୱାରା କେବଳ ଖାତା ଖତିୟାନ ଦେଖାରେ କାର୍ଯ୍ୟାଳୟ ଯଥେକଷ୍ଟେ ଚାଲିଥାଏ। ତେଣୁ ଏପରି ସ୍ଥଳେ ବିଭିନ୍ନ ଅଞ୍ଚଳରେ ଗୁରୁତର ଚାଷ ସମସ୍ୟା ଦେଖାଦେଲେ ଉପଖଣ୍ଡ କାର୍ଯ୍ୟାଳୟ ଅଧିକାରୀଙ୍କ ଦେଖା ମିଳେନାହିଁ। ଏପରିକି ଅନେକ ଚାଷୀ ସଚେତନତା ଶିବିରରେ ମଧ ଅଧିକାରୀ ଅନୁପସ୍ଥିତ ରହିଥିବା ଦେଖାଯାଇଛି। କୃଷିଜାତ ଉନ୍ନତ ମାନର ବିହନ ପାଇଁ କାର୍ଯ୍ୟାଳୟକୁ ଲାଗି ରହିଥିବା ଏକର ଏକର ଜମିରେ ନା କୌଣସି ଆଧୁନିକ ଜ୍ଞାନକୌଶଳରେ ଚାଷ ହେଉଛି ନା ଗ୍ରାମାଞ୍ଚଳରେ ଦେଖା ଦେଉଥିବା କୃଷକ ସମସ୍ୟାର ସମାଧାନ ହେଉଛି। ଦିନକୁ ଦିନ ଧାନ ଚାଷରେ କୀଟ ପୋକ ଠାରୁ ଆରମ୍ଭ କରି ଅନେକ ଗୁରୁତର ସମସ୍ୟା ଦେଖା ଦେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନାହିଁ। ଏହାଛଡା ବର୍ଷରେ ଥରେ ଅଧେ ହାତଗଣତି ପରିଚିତ ଚାଷୀଙ୍କୁ ନେଇ ବୈଠକ କରି ଅଧିକାରୀ ଓ କାର୍ଯ୍ୟାଳୟ ପରିଚାଳନା କରୁଥିବା କର୍ମଚାରୀମାନେ ନିଜ ଦାୟିତ୍ୱରୁ ଓହରି ଯାଉଛନ୍ତି। ତେଣୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ୩ଟିଯାକ ବ୍ଲକର ଚାଷୀ ଦାବି ଜଣାଇଛନ୍ତି।

# ତ୍ରୁଟିପୂର୍ଣ୍ଣ ଗୋଦାମ ଗୃହ ନିର୍ମାଣ



ବାରିକପୁର,୨୨।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ବାଲି ପୋଖରୀ ପ୍ରାଥମିକ କୃଷି ସମବାୟ ଅଧୀନରେ ନିର୍ମାଣ ହୋଇଥିବା ତ୍ରୁଟିପୂର୍ଣ୍ଣ ଗୋଦାମ ଗୃହକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି। ସମିତି ଦ୍ୱାରା ପରିଚାଳିତ ପୁରୁଣା ଗୋଦାମ ଘରଟି ଦୁର୍ବଳ ହେବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ ଗୃହ ନିର୍ମାଣ କରାଯାଇଛି। ହେଲେ ନୂଆ ଗୋଦାମ ଗୃହକୁ ଏକ ହାଟ ପିଣ୍ଡି ଭାବେ ନିର୍ମାଣ କରାଯାଇଛି। ଏହାର ଛାତ ଟିଣ ଚଦର ଦ୍ୱାରା ନିର୍ମିତ ହୋଇଥିବା ବେଳେ ପୁରୁଣା ଗୋଦାମଠାରୁ ଏହା ଅପେକ୍ଷାକୃତ ଛୋଟ। ବର୍ଷା ଝଡି ସମୟରେ ଏଠାରେ ଶହଶହ ଧାନ ବସ୍ତା ରହିବା ଅସମ୍ଭବ। ଯାହାକୁ ନେଇ ୭୦୦ରୁ ଅଧିକ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ନିର୍ମିତ ଗୋଦାମ ଗୃହର ପରିସୀମା ବୃଦ୍ଧି ପାଇଁ ଦାବି ହୋଇଛି। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ମତାମତ ନେବାରୁ ଖୁବ୍ ଶୀଘ୍ର ଦାବି ସମ୍ପର୍କରେ ବିଚାର ହେବ ବୋଲି କହିଛନ୍ତି।

ରାଖାଲ ଚନ୍ଦ୍ର ଦାସଙ୍କ ସପ୍ତମ ପୁଣ୍ୟତିଥି

# 'ଭଦ୍ରକ ହେଉଛି ଓଡ଼ିଆ ସଂସ୍କୃତିର ଅନ୍ତୁଡ଼ିଶାଳ'

ଭଦ୍ରକ,୨୨।୧୦(ସମିସ):'ଭଦ୍ରକ ଧାମନଗରସ୍ଥିତ ଗୋହୀରାଟିକିରି କେବଳ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ଅନ୍ତିମ ଅଙ୍କର ଜୀବନ୍ତ ସାକ୍ଷୀ ନୁହେଁ, ଧାମନଗରର ଖଡ଼ିପଦା ଓଡ଼ିଆ ଚର୍ଯ୍ୟାଗୀତିର ଅନ୍ତୁଡିଶାଳ। ପରେ ଏହି ପରମ୍ପରାକୁ ବଂଶୀବଲ୍ଲଭ ଗୋସ୍ୱାମୀ ଓ କାନ୍ତକବି ଲକ୍ଷ୍ମୀକାନ୍ତ ଆହୁରି ରୁଦ୍ଧିମନ୍ତ କରିଥିଲେ। ଓଡ଼ିଶାର ଜୀବନ ଓ ସମାଜକୁ ସମୃଦ୍ଧ କରୁଥିବା ପ୍ରତିଟି କ୍ଷେତ୍ର ଯଥା: ସାହିତ୍ୟ, ସଂସ୍କୃତି, ରାଜନୀତି, ଅର୍ଥନୀତି ଆଦି ପ୍ରତି ବିଭବକୁ ଭଦ୍ରକର ଭୂୟସୀ ଅବଦାନ ରହିଛି। ଗୁରୁ ନାନକ, ମା' ଶାରଦା ଦେବୀ ଆଦି ବହୁ ସନ୍ଥଙ୍କ ପାଦସ୍ପର୍ଶରେ ଭଦ୍ରକ ଧନ୍ୟ ହୋଇଛି। ଉତ୍କଳ ଗୌରବ ମଧୁସୂଦନ ଉଚ୍ଚଶିକ୍ଷା ନିମନ୍ତେ ଭଦ୍ରକର ଚାନ୍ଦବାଲି ବନ୍ଦର ବାଟେ କୋଲକାତା ଯାତ୍ରା କରିଥିଲେ। ଉତ୍ତର ଓଡ଼ିଶାରୁ ତୀର୍ଥଯାତ୍ରୀମାନେ ଭଦ୍ରକ ଦେଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଯାତ୍ରା କରୁଥିଲେ। ଭଦ୍ରକର ସଦାବର୍ତ୍ତମଠ ସେ ସମୟରେ ସମସ୍ତ ତୀର୍ଥଯାତ୍ରୀଙ୍କୁ ସାଦର ସ୍ୱାଗତ ପାଇଁ ଅପେକ୍ଷାରତ ଥିଲା। ଭଦ୍ରକ ଥିଲା ସ୍ୱାଧୀନତା ସଂଗ୍ରାମର ପ୍ରଜ୍ୱଳିତ କ୍ଷେତ୍ର। ବାସୁଦେବପୁରସ୍ଥ ରକ୍ତତୀର୍ଥ ଇରମ ଦେଶର ଦ୍ୱିତୀୟ ଜାଲିୱାନାୱାଲାବାଗ୍ ନାମରେ ଅଭିହିତ। ସଂଗ୍ରାମୀ ବାଞ୍ଛାନିଧି ମହାନ୍ତିଙ୍କ ସ୍ମୃତିରେ ନାମିତ 'ବାଞ୍ଛାନିଧି ଚକଳା' ଇଂରେଜ ଶାସନକାଳରେ ସ୍ୱଳ୍ପ ସମୟ ପାଇଁ ହେଲେ ମଧ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ହାସଲ କରିଥିଲା। ତେଣୁ ଭଦ୍ରକର ସଂସ୍କୃତି ଓ ଐତିହ୍ୟ ସର୍ବଦା ଜୀବନ୍ତ ଓ ଚଳଚଞ୍ଚଳ ରହି ସମଗ୍ର ରାଜ୍ୟକୁ ମାର୍ଗଦର୍ଶନ କରିଛି।' ଦିବଂଗତ ଆଡ଼ଭୋକେଟ ରାଖାଲ ଚନ୍ଦ୍ର ଦାସଙ୍କ ସପ୍ତମ ପୁଣ୍ୟତିଥି ଅବସରରେ ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ସମାରୋହରେ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର 'ଭଦ୍ରକର ଐତିହ୍ୟ ଓ ସଂସ୍କୃତି' ଶୀର୍ଷକ ପ୍ରଥମ ସ୍ମାରକୀ ବକ୍ତୃତା ପ୍ରଦାନ ଅବସରରେ କହିଛନ୍ତି। ପୁଣ୍ୟଶ୍ଳୋକ ରାଖାଲ ଚନ୍ଦ୍ର ଦାସଙ୍କର ଜୀବନାଦର୍ଶ ଦୁଇଟି ଧାରାରେ ପ୍ରବାହିତ ହେଉଥିଲା - ଆଧାମ୍ମିକତା ଓ ସମାଜସେବା ଏବଂ ଏହି ଦୁଇଟି କ୍ଷେତ୍ର ଆମ ବ୍ୟକ୍ତିଗତ ଓ ସାମୂହିକ ଜୀବନଚର୍ଯ୍ୟାକୁ ସମୃଦ୍ଧ କରୁଥିବା ୨ଟି ବଳିଷ୍ଠ ସ୍ତମ୍ଭ - ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଉପରେ ପ୍ରତିଷ୍ଠିତ ଥିଲା। ଯେମିତି ଗାନ୍ଧି -ଦର୍ଶନର ଦୁଇଟି ପ୍ରମୁଖ ଧାରା: ସତ୍ୟାଗ୍ରହ ଓ ସର୍ବୋଦୟ, ସତ୍ୟ ଓ ଅହିଂସା ଉପରେ ପ୍ରତିଷ୍ଠିତ ଥିଲା; ଠିକ୍ ସେମିତି। ମଣିଷ ସଭ୍ୟତାର ପାଦଦେଶରେ ଉପନୀତ ହେବା ସମୟରୁ ସମାଜରେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ବିଦ୍ୟମାନ। ଗାନ୍ଧିଜୀ ଯେମିତି ନିଜ ଜୀବନରେ ସତ୍ୟ ଓ ଅହିଂସାର ପ୍ରୟୋଗ କରିଥିଲେ, ପୁଣ୍ୟାତ୍ମା ରାଖାଲ ଚନ୍ଦ୍ର ଦାସ ନିଜ ଜୀବନରେ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ପ୍ରୟୋଗ କରି ଆମ ଆଗରେ ଦୃଷ୍ଟାନ୍ତ ରଖି ଦେଇଛନ୍ତି। ସମାରୋହର ଆରମ୍ଭରେ ରାଖାଲ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ମୃତି ସମିତି ଆବାହକ ସତ୍ୟପ୍ରକାଶ ଦାସ ସ୍ୱାଗତ ଭାଷଣ ଓ ଆଡ଼ଭୋକେଟ ମନୋରଂଜନ ଦାସ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ଡ.ରାମଚନ୍ଦ୍ର ପଣ୍ଡା, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ପବିତ୍ର ପାଣିଗ୍ରାହୀ, ଆଡ଼ଭୋକେଟ ପର୍ଶୁରାମ ଦ୍ୱବେଦୀ, ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କବି ହରମୋହନ ଦାଶଙ୍କ କବିତା ସଙ୍କଳନ 'ଭକ୍ତ ଅଜାମିଳ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।




# ବୃତ୍ତିଗତ ପ୍ରତିଯୋଗିତାରେ ଏଏସ୍‌ଆଇ ନରେନ୍ଦ୍ର ରାଉତ ପ୍ରଥମ



ଧାମନଗର,୨୨।୧୦(ସମିସ): କଟକରେ ଅନୁଷ୍ଠିତ ଓଡ଼ିଶା ପୁଲିସ ବୃତ୍ତିଗତ ପ୍ରତିଯୋଗିତାରେ ଧାମନଗର ଥାନା ଏଏସ୍‌ଆଇ ନରେନ୍ଦ୍ର ରାଉତ ପର୍ଯ୍ୟବେକ୍ଷଣ ବର୍ଗରେ ପ୍ରଥମ ହୋଇଛନ୍ତି। ଏହି ଅବସରରେ ସେ ଆଇନ ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଏହାସହ ଆଗାମୀ ଦିନରେ ମହାରାଷ୍ଟ୍ରରେ ହେବାକୁ ଥିବା ଜାତୀୟସ୍ତରୀୟ ପୁଲିସ ଦକ୍ଷତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶା ପୁଲିସ କର୍ମଚାରୀଙ୍କ ପାଇଁ ବୃତ୍ତିଗତ ଦକ୍ଷତା ବୃଦ୍ଧି ଏବଂ ମୂଲ୍ୟାଙ୍କନ କରିବା ପାଇଁ ଏହି ପରୀକ୍ଷା କରାଯାଇଥାଏ। ଏଥିରେ ଫିଙ୍ଗର ପ୍ରିଣ୍ଟ ଆନାଲିସିସ, କଂପ୍ୟୁଟର ଦକ୍ଷତା, ଫଟୋଗ୍ରାଫି ଓ ଭିଡିଓଗ୍ରାଫି, ଅବଜରଭେସନ ଟେଷ୍ଟ, ସାଇବର କ୍ରାଇମ ଓ ସର୍ଭେଇଲାନ୍ସ, ପୁଲିସ ଆଇନ ଓ ସ୍ଥିତି ନିୟନ୍ତ୍ରଣ, ସ୍କେଚିଂ, ମେଡିକୋ ଲିଗାଲ ନଲେଜ ଓ ପୁଲିସ ଡଗ୍ ହ୍ୟାଣ୍ଡଲିଂ ବିଭାଗରେ ଦକ୍ଷତା ସଂପର୍କିତ ପ୍ରତିଯୋଗିତା କରାଯାଇଥିଲା। ଭଦ୍ରକ ଜିଲ୍ଲା ତରଫରୁ ଶ୍ରୀ ରାଉତ ଅବଜରଭେସନ ଟେଷ୍ଟ ଦେବାକୁ ମନୋନୀତ ହୋଇଥିଲେ। ଏହି ବର୍ଗରେ ଅଂଶଗ୍ରହଣ କରିଥିବା ରାଜ୍ୟର ୩୪ ପୁଲିସ ଜିଲ୍ଲାର ପ୍ରତିଯୋଗୀଙ୍କ ମଧ୍ୟରେ ଶ୍ରୀ ରାଉତ ନିଜର ଦକ୍ଷତା ପ୍ରତିପାଦନ କରି ଶ୍ରେଷ୍ଠ ହୋଇଥିଲେ।

# ବନ୍ୟାର ସ୍ଥାୟୀ ସମାଧାନ ପାଇଁ ମନ୍ତ୍ରୀଙ୍କୁ ଭେଟିଲେ ପ୍ରତିନିଧି



ଅସୁରାଳି,୨୨।୧୦(ସମିସ): ବୈତରଣୀ ଓ କୋଚିଲା ନଦୀ ଉପକୂଳରେ ଥିବା ହସନାବାଦ, ପଧାନୀ ଓ ଅର୍ଜୁନପୁର ପଞ୍ଚାୟତ ପ୍ରତିବର୍ଷ ବନ୍ୟାରେ ବିଶେଷ ପ୍ରଭାବିତ ହେଉଛି। ପ୍ରତିବର୍ଷ ଏହି ଅଞ୍ଚଳର ପ୍ରାୟ ୨୦ ହଜାର ଲୋକ ବନ୍ୟା ଜନିତ ଦୁଃଖ ଭୋଗୁଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୪ଟି ପଞ୍ଚାୟତର ପ୍ରତିନିଧି ଗତକାଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭୁବନେଶ୍ୱର ବାସଭବନରେ ଭେଟି ଆଲୋଚନା କରିଥିଲେ। ସାକ୍ଷାତବେଳେ ବରିଷ୍ଠ ବିଜେପି ତୁଷାର ଜେନା, ନେତା ବିଦ୍ୟାଧର ରାଉତ, କୋଚିଲା ବୈତରଣୀ ସୁରକ୍ଷା ମଞ୍ଚର ସଭାପତି ଚନ୍ଦ୍ରଶେଖର ନାୟକ, ଆଇନଜୀବୀ ଦେବାଶିଷ ସାମଲ, ସମାଜସେବୀ ଆଶିଷ ଜେନା, କମଳାକାନ୍ତ ପୁହାଣ, ରଞ୍ଜନ ଭୂୟାଁ, ରୁଦ୍ର ନାୟକ, ଧରଣୀଧର ନାୟକ, ବାଦଲ ସେଠୀ ଏବଂ ଆଖୁଆପଦା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ ଉପସ୍ଥିତ ଥିଲେ। ଏହି ଅଞ୍ଚଳର ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଡିସେମ୍ବର ଶେଷ ସୁଦ୍ଧା କାମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଡିଜିଟାଲ ଯୁଗରେ ବି ଖବର କାଗଜର ସ୍ଥାନ ସ୍ୱତନ୍ତ୍ର

ବାରିକପୁର,୨୨।୧୦(ସମିସ):

ସମୟ ଥିଲା ଲୋକେ କେବଳ ଖବରକାଗଜ ମାଧ୍ୟମରେ ଦେଶ ବିଦେଶର ଖବର ଜାଣିପାରୁଥିଲେ। ଏହାଛଡା ଆଞ୍ଚଳିକ ଘଟଣା ଦୁର୍ଘଟଣା ଖବର ସହିତ ବିଭିନ୍ନ ପ୍ରକାରର ଶିକ୍ଷଣୀୟ ରୋଚକ କାହାଣୀ ମଧ ଜାଣିବାକୁ ପାଉଥିଲେ। ରାତି ପାହିଲେ ପାଠକଙ୍କ ପାଇଁ ଚା' କପ ସହିତ ପେପର ଖଣ୍ଡେ ଆବଶ୍ୟକ ରହୁଥିଲା; ହେଲେ ଆଜି ସମୟ ବଦଳି ଯାଇଛି। ଡିଜିଟାଲ ଯୁଗରେ ସମସ୍ତେ ପାଦ ଥାପିବା ପରେ ଲୋକେ ତୁରନ୍ତ କିଛି ସୂଚନା ପାଉଥିଲେ ମଧ ଖବର କାଗଜର ଚାହିଦା ପୂର୍ବ ଭଳି ଅତୁଟ ରହିଛି। ଯଦିଓ ଉଗ୍ର ଆଧୁନିକତାକୁ ଅନୁକରଣ କରୁଥିବା କେତେକ ଯୁବ ବର୍ଗ ପେପର ପଢିବା ପାଇଁ ସମୟ ନାହିଁ ବୋଲି କହୁଛନ୍ତି; ତଥାପି ଖବର କାଗଜ ଆଜି ସୁଦ୍ଧା ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ପ୍ରାୟ ୪୦ ବର୍ଷରୁ ଊର୍ଦ୍ଧ୍ୱ ଖବରକାଗଜ ପାଠକଙ୍କ ସଂଖ୍ୟା ସବୁଠି ଦେଖାଯାଇଛି। ସେମାନଙ୍କ ପ୍ରଥମ ପସନ୍ଦ ସବୁ ଦିନେ ଖବର କାଗଜ ପଢ଼ିବା। ସହର ବଜାରର ବସଷ୍ଟାଣ୍ଡ ହେଉ କିମ୍ବା ଗାଁ ଗହଳି ଦୋକାନ ବଜାର ହେଉ ସବୁଠି ଏଭଳି ପାଠକଙ୍କ ସଂଖ୍ୟା କିଛି କମ୍ ନାହିଁ। ଦୈନିକ ଜୀବନଚର୍ଯ୍ୟାରୁ ସମୟ ବାହାର କରି ଖବର କାଗଜ ନ ପଢିଲେ ସତେ ଯେମିତି ସେମାନଙ୍କ ମନ ବୁଝେନା। ଏପରିକି ୫୦/୬୦ ବର୍ଷ ପରେ ଦୃଷ୍ଟି ଶକ୍ତି ହ୍ରାସ ପାଇଥିଲେ ମଧ କେତେକ ବୟସ୍କ ପେପର ପଢ଼ିବାକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିଛନ୍ତି। ଚା' ଦୋକାନରୁ ଆରମ୍ଭ କରି ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଯାଏଁ ସବୁଠି ଦୈନିକ ଖବରକାଗଜ ଖଣ୍ଡେ ଦେଖିବାକୁ ମିଳିଥାଏ। ଏହାଛଡା ଗାଁ ଗହଳିର ଅଧିକାଂଶଙ୍କ ଘରେ ମଧ ପେପର ପହଞ୍ଚି ଯାଉଛି। ପେପର ପଢିବା ଦ୍ୱାରା ସ୍କୁଲ କଲେଜ ପିଲା ଅନେକ ସାଧାରଣ ଜ୍ଞାନ ଆହରଣ କରୁଛନ୍ତି। ଏହାଛଡା ବିଦ୍ୟାଳୟରେ ସବୁଦିନ ପେପର ପଢିବା ପାଇଁ ଏକ ସ୍ୱତନ୍ତ୍ର କ୍ଲାସ ମଧ ହେଉଛି। ତେଣୁ ଘରକୁ ଖବର କାଗଜ ଆଣିବା ଜରୁରୀ ବୋଲି ଅନେକ ପାଠକ ମତପ୍ରକାଶ କରିଛନ୍ତି।




## ସେମାନେ ଯାହା କୁହନ୍ତି....



ମୋତେ ଏବେ ୮୫ ବର୍ଷ ହେଲାଣି। ୫୦ ବର୍ଷହେଲାଣି ଖବର କାଗଜ ପଢୁଛି। ଆଖି କି ଆଉ ଭଲ ଦେଖା ଯାଉନାହିଁ; ତଥାପି ବଜାରକୁ ଆସିଲେ ଦୁଇ ଚାରିଟା ଖବର କାଗଜ ନ ପଢିଲେ ମନ ବୁଝେନା।

ରମେଶ ଚନ୍ଦ୍ର ନାୟକ, ବରିଷ୍ଠ ନାଗରିକ



ମୁଁ ହାଇସ୍କୁଲରେ ପଢିଲା ବେଳୁ ପେପର ପଢିବା ଅଭ୍ୟାସ ରହିଛି। ଏଥିରୁ ଦେଶ ବିଦେଶ ଓ ଆଞ୍ଚଳିକ ଖବର ସହିତ ନୂଆ ନୂଆ କଥା ଜାଣିବାକୁ ପଢ଼ିଥାଏ। ଏବେ ପେପର ପଢିବା ଦୈନିକ ଅଭ୍ୟାସରେ ପରିଣତ ହୋଇଛି। ଯୁଆଡ଼େ ଗଲେ ସୁଦ୍ଧା ପେପର ପଢ଼ିବାକୁ ଭୁଲେ ନାହିଁ।

ହରେକୃଷ୍ଣ ଦାସ, ଅନୁଷ୍ଠାନ ପ୍ରେମୀ



ଦୋକାନକୁ ୧୯୯୦ରୁ ପେପର ଆଣୁଛି। ଦୈନିକ ଚା' ପିଇବାକୁ ଆସୁଥିବା ଅନେକ ଗ୍ରାହକ ମଧ ପେପର ପଢନ୍ତି। କିନ୍ତୁ ଘରେ ବିରକ୍ତ ହେଉଥିଲେ ମଧ ମୁଁ ସେ କଥା ଶୁଣେନି। ତିନି/ଚାରିଟି ପେପର ନପଢିଲେ ମନ ବୁଝେ ନାହିଁ।

ଭାଗିରଥି ରାଉତ, ଚା' ଦୋକାନୀ।

■ ପାରାଦ୍ୱୀପ ତେଲ ଚୋରିରେ ଶ୍ରମିକ ନେତାଙ୍କ ସମ୍ପୃକ୍ତି

# ଏତଲା ଦେଲା ପୁଲିସ; ନ ବାନ୍ଧିବାକୁ ପଡୁଛି ଚାପ

ଭୁବନେଶ୍ୱର,୨୨।୧୦(ସମିସ): ପାରାଦୀପର ତଥାକଥିତ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନାମରେ ଏବେ ଆସିଛି ତେଲ (ଡିଜେଲ)ଚୋରି ଭଳି ସାଂଘାତିକ ଅଭିଯୋଗ। ଖୋଦ୍ ପାରାଦ୍ୱୀପ ପୁଲିସ ଥାନା ଏଏସ୍‌ଆଇ ଦୀପ୍ତିରଞ୍ଜନ ଜେନା ଅଭିଯୋଗ କରିଛନ୍ତି ଓ ମାମଲା ମଧ୍ୟ ରୁଜୁ ହୋଇଛି। ମାତ୍ର ଶ୍ରୀ ତ୍ରିପାଠୀ ଓ ତାଙ୍କର ଘନିଷ୍ଠ ୧୨ ସହଯୋଗୀଙ୍କୁ ଗିରଫ ନ କରିବାକୁ ଉପରୁ ଚାପ ପଡୁଥିବାରୁ ପୁଲିସ ହାତରେ ହାତ ବାନ୍ଧି ବସି ରହିଛି। ପୁଲିସ ନିଜେ କରିଥିବା ଏତଲା ଅନୁସାରେ ପାରାଦ୍ୱୀପ ଅଞ୍ଚଳରୁ ଦୈନିକ ହଜାର ହଜାର ଲିଟର ଡିଜେଲ ଚୋରି ଘଟଣାରେ ପ୍ରକାଶ ତ୍ରିପାଠୀ ଓ ଅନ୍ୟମାନଙ୍କର ସମ୍ପୃକ୍ତି ରହିଛି। ମାତ୍ର କୌତୂହଳର କଥା ହେଉଛି ଏହି ବ୍ୟକ୍ତିମାନେ ଶାସକ ଦଳର କର୍ମୀ ହୋଇଥିବାରୁ ସେମାନଙ୍କୁ ଗିରଫ କରିବାକୁ ପୁଲିସ ଡରୁଛି। ଏପରିକି ସେମାନଙ୍କ ନାମରେ ମାମଲା ରୁଜୁ ହୋଇଥିବାରୁ ଅଭିଯୁକ୍ତଙ୍କୁ ଆଗୁଆ ଜାମିନ ଆଣିବାକୁ ପୁଲିସ ସୁଯୋଗ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ପାରାଦ୍ୱୀପରୁ ନିୟମିତ ତେଲ ଚୋରି ସମ୍ପର୍କରେ ଅଭିଯୋଗ ହୋଇ ଆସୁଥିଲା। ଗତ୧୭ ତାରିଖରେ ଏଏସଆଇ ଦୀପ୍ତିରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ ଟିମ ପାଟ୍ରୋଲିଂ କରୁଥିବା ସମୟରେ ଟର୍ମିନାଲ ରାସ୍ତାରେ ଏକ ଟ୍ୟାଙ୍କରରୁ ତେଲ କାଢୁଥିବା କିଛି ଚୋରଙ୍କୁ ଧରିଥିଲେ। ସେଠାରୁ ୫୦ ଲିଟର ବିଶିଷ୍ଟ ୭ ପ୍ଲାଷ୍ଟିକ ଜାର ଓ ୪୦ ଲିଟରର ୩ ଟି ଜାରକିନରେ ଥିବା ୪୭୦ ଲିଟର ଡିଜେଲ ଜବତ କରିବା ସହ ରାଜେଶ ସାମଲ ଓ ବୃନ୍ଦାବନ ବେହେରାଙ୍କୁ ଗିରଫ କରିଥିଲେ। ଥାନାରେ ପଚରା ଉଚରା କରିବା ପରେ ସେମାନେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ପବିତ୍ର ପରିଜା, ରାଜେଶ ସାମଲ, ବୃନ୍ଦାବନ ବେହେରା, କିଶୋର ପାତ୍ର, ସନ୍ତୋଷ ନାୟକ, ଅଭିମନ୍ୟୁ ବେହେରା, ରତ୍ନାକରଙ୍କ ନାମ ପ୍ରକାଶ କରିଥିଲେ। ଅଭିଯୁକ୍ତ ପ୍ରକାଶ ତ୍ରିପାଠୀ ପାରାଦ୍ୱୀପର ବିଧାୟକ ତଥା ଶିଳ୍ପମନ୍ତ୍ରୀଙ୍କ ଘନିଷ୍ଠତର ବୋଲି ସମସ୍ତେ ଜାଣନ୍ତି। ପାରାଦ୍ୱୀପ ଅଞ୍ଚଳରେ ଶିଳ୍ପମନ୍ତ୍ରୀଙ୍କ ଅଘୋଷିତ ପ୍ରତିନିଧି ଭାବରେ ସେ ସବୁ କାର୍ଯ୍ୟ କରି ଆସୁଛନ୍ତି। ତେଣୁ ଏବେ ପ୍ରକାଶଙ୍କ ନାମରେ ତେଲଚୋରି ମାମଲା ଆସିବା ପରେ ମନ୍ତ୍ରୀଙ୍କ ପଦକ୍ଷେପ ଉପରେ ସଭିଙ୍କ ନଜର ରହିଛି।

## ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ପ୍ରଶମନ ସମ୍ପର୍କିତ ପ୍ରତିଯୋଗିତା

ଜଗତସିଂହପୁର,୨୨।୧୦(ସମିସ): ଅକ୍ଟୋବର ୨୯ ତାରିଖ ୧୯୯୯ ମସିହାର ପ୍ରଳୟଙ୍କାରୀ ମହବାତ୍ୟା ଓଡ଼ିଶା ଜନ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଥିଲା। ତାହାର କାରୁଣିକ ସ୍ମୃତି ସହିତ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ପ୍ରଶମନ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଜଗତସିଂହପୁର ସହରର ଦୁଇଟି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।



ଜିଲ୍ଲାସ୍ତରୀୟ ପ୍ରତିଯୋଗିତା କନିଷ୍ଠ ବିଭାଗ (ଷଷ୍ଠ -ଅଷ୍ଟମ) ଓ ବରିଷ୍ଠ ବିଭାଗ (୯ମ -୧୦ମ) ନିମନ୍ତେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ଠାରେ କନିଷ୍ଠ ବିଭାଗ ନିମନ୍ତେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ଶ୍ରୀକୃଷ୍ଣ ଏକାଡେମୀ ଠାରେ ବରିଷ୍ଠ ବିଭାଗ ନିମନ୍ତେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପାଣିରେ ବୁଡ଼ିଯିବା, ଘଡ଼ଘଡ଼ି ଓ ସର୍ପଦଂଶନରୁ ରକ୍ଷା ପାଇବା ନିମନ୍ତେ ବିଷୟବସ୍ତୁକୁ କେନ୍ଦ୍ର କରି ପ୍ରବନ୍ଧ, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ଭାଗନେଇ ସନ୍ତୋଷଜନକ ସ୍ଥାନ ଲାଭକରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ପ୍ରବନ୍ଧ କନିଷ୍ଠ ବିଭାଗରେ ବିଜୟଲକ୍ଷ୍ମୀ ନାୟକ ପ୍ରଥମ, ସୃଷ୍ଟି ମହାନ୍ତି ବିତର୍କରେ ଦ୍ୱିତୀୟ ଓ ସାଇ ଶ୍ରଦ୍ଧା ନାୟକ ଚିତ୍ରାଙ୍କନରେ ତୃତୀୟ ସ୍ଥାନ ହାସଲ କରିଥିଲେ। ବରିଷ୍ଠ ବିଭାଗରେ ବୈଶାଖୀ ତରାଇ ପ୍ରବନ୍ଧରେ ଦ୍ୱିତୀୟ, ଅନୁଷ୍କା ସ୍ୱାଇଁ ବିତର୍କରେ ତୃତୀୟ ଓ ଶ୍ରାବଣୀ ବିଶ୍ୱାଳ ଚିତ୍ରାଙ୍କାନରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଛାତ୍ରୀମାନଙ୍କର କୃତିତ୍ୱରେ ବିଦ୍ୟାଳୟର ଅଧ୍ୟକ୍ଷା ନିବେଦିତା ପଟ୍ଟନାୟକ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରୀମାନଙ୍କର ସଫଳତାରେ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ସ୍ମୃତିରଞ୍ଜନ ସ୍ୱାଇଁ ଓ କଳା ଶିକ୍ଷକ ସ୍ଥିତପ୍ରଜ୍ଞ ସ୍ୱାଇଁଙ୍କ ସହଯୋଗ ରହିଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

## ଶ୍ରୀମଦ ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପାରାଦୀପ,୨୨।୧୦(ସମିସ): ଉନ୍ନବିଂଶତମ ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ବାବା ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି, ପାରାଦୀପ ଆନୁକୂଲ୍ୟରେ ସ୍ଥାନୀୟ ଭାଗବତ ମଇଦାନ ଜିଜେଏଆଇ କଲୋନୀ ମଧୁବନ ଠାରେ ୭ ଦିନ ଧରି ଏହି ପ୍ରବଚନ କାର୍ଯ୍ୟକ୍ରମ ଚାଲିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂ ଓ କାଉନସିଲର ସୁବ୍ରତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ସପ୍ତାହବ୍ୟାପୀ ପ୍ରବଚନ, ପାରାୟଣ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପାରାଦୀପ ସମେତ ଓଡିଶାର ଭାଗବତ ଅନୁଷ୍ଠାନର କର୍ମକର୍ତ୍ତା ଓ ଭଗବତ ରସପିପାସୁ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ସୂର୍ଯ୍ୟମୁଖୀର ବାର୍ଷିକ ଉତ୍ସବ

ପାରାଦୀପ, ୨୨।୧୦(ସମିସ): କଳା, ସାହିତ୍ୟ, ସଂସ୍କୃତି, ସମାଜ ଚେତନା ଓ ପରିବେଶ ସୁରକ୍ଷା ସଂଗଠନ ସୂର୍ଯ୍ୟମୁଖୀର ବାର୍ଷିକ ଉତ୍ସବ ଓ ଉଦବେଳନର ୩୪ତମ ସଂସ୍କରଣ ଉନ୍ମୋଚନ ଉତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଅକ୍ଷୟ ରାଉତ ଓ ଶିକ୍ଷକ ନେତା ବାବୁରାମ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ସୂର୍ଯ୍ୟମୁଖୀର ସଭାନେତ୍ରୀ ହରାମଣି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସୂର୍ଯ୍ୟମୁଖୀର ପ୍ରତିଷ୍ଠାତା ସ୍ୱର୍ଗତ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସ୍ମୃତିଚାରଣ କରାଯାଇଥିଲା। ସୂର୍ଯ୍ୟମୁଖୀର ମୁଖପତ୍ର ତଥା ପରିବେଶ ପତ୍ରିକା ଉଦବେଳନର ୩୪ତମ ସଂସ୍କରଣର ଉନ୍ମୋଚନ ହୋଇଥିଲା। ଶ୍ରୀମତୀ ତୁଳସୀ ବରାଳଙ୍କୁ ଡଃ ଜ୍ୟୋତିରଞ୍ଜନ ପଟ୍ଟନାୟକ ଓ ଡଃ ବସନ୍ତ ମଞ୍ଜରୀ ଦାସଙ୍କୁ ବିଭୂତି ଭୂଷଣ ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂର୍ଯ୍ୟମୁଖୀର ସମ୍ପାଦକ ରଶ୍ମିରଞ୍ଜନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସାମ୍ବାଦିକ ପ୍ରଶାନ୍ତ ରାଉତ କବିତା ସଂଯୋଜନା କରିଥିଲେ।

**ବିଜେଡି ମହିଳା କର୍ମୀ ରଶ୍ମି ପରିଜାଙ୍କୁ ମରଣାନ୍ତକ ଆକ୍ରମଣ**

# ସଭ୍ୟସମାଜ ଲଜ୍ଜିତ, ମର୍ମାହତ: ଚିରଞ୍ଜିବ

ଜଗତସିଂହପୁର,୨୨।୧୦(ସମିସ):

ଜଗତସିଂହପୁର ସଦର ଥାନା ଅଧୀନ ପଟସରା ଗ୍ରାମର ବିଜେଡି ମହିଳା କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କ ଉପରେ ହୋଇଥିବା ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ବିଜେଡି ଉପସଭାପତି ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ। ସେ କହିଛନ୍ତି ଯେ ମହିଳାମାନଙ୍କ ଉପରେ ବଢୁଥିବା ଏହିପରି ଅପରାଧ ସଭ୍ୟ ସମାଜକୁ ଲଜ୍ଜିତ କରିଛି। କ୍ରମାଗତ ଭାବରେ ନାରୀଙ୍କ ଉପରେ ହେଉଥିବା ଅତ୍ୟାଚାର ସମସ୍ତଙ୍କୁ ବ୍ୟଥିତ କରିଛି।



ଶ୍ରୀ ବିଶ୍ୱାଳ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତା ରଶ୍ମୀ ପରିଜାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଜଣାଇଛନ୍ତି। ତାଙ୍କ ସହିତ ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ବିଜେଡି ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଯୁବନେତା ପ୍ରଶାନ୍ତ କୁମାର ମଲ୍ଲିକ, ପୂର୍ବତନ ପରିଷଦ ଦିଲ୍ଲୀପ ସିଂହ, ନିକୁଞ୍ଜ କିଶୋର ବେହେରା, ସୁବାସ ସାହୁ, ସୁନୀଲ ମାଟିଆ, ପଟସରା ପଞ୍ଚାୟତ ସରପଞ୍ଚ ପ୍ରମୁଖ ରାଉତ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ନାୟକ, ପରିଷଦ ମନୋଜ ମହାନ୍ତି, ଜଗଦାନନ୍ଦ ପଡ଼ିଆରୀ, ପୂର୍ବତନ ସରପଞ୍ଚ ଅଦୈତ୍ୟ ଜେନା, ନାରାୟଣ କାନୁନଗୋ, ସରପଞ୍ଚ ଲିପକ ସାହୁ, ଦୀପ୍ତି ଦାସ, ସୁଜିତ୍ ଘୋଷ, ତପନ ବାଘ, ସଞ୍ଜୟ ଜେନା, ରଜତ ରାଉତ, ଚିତ୍ତରଞ୍ଜନ ଦାସ, ସରୋଜ ବିଶ୍ୱାଳ, ରମାକାନ୍ତ ମହାନ୍ତି, ଶାରଦା ପ୍ରସାଦ ନନ୍ଦ, ଅନିଲ ଦାସ, ରାକେଶ ରାଉତ, ଆଶିଷ ଗୋଚ୍ଛାୟତ, ନିର୍ଲିପ୍ତ ବେହେରା, ସୁଦର୍ଶନ ଦାଶ, ସତ୍ୟ ନାରାୟଣ ଚୌଧୁରୀ, ସଞ୍ଜୀବ ମିଶ୍ର, ଜ୍ୟୋତି ରଞ୍ଜନ ତାରେଣିଆ, ପ୍ରସନ୍ନ କୁମାର ବେହେରା ପ୍ରମୁଖ ମଧ୍ୟ ପୀଡ଼ିତାଙ୍କୁ ସାକ୍ଷାତ କରି ଆଶୁ ଆରୋଗ୍ୟ କାମନା କରିଥିଲେ।

### ଅଭିଯୁକ୍ତ ଅଟକ; ପଚରାଉଚରା ଜାରି

ଜଗତସିଂହପୁର,୨୨।୧୦(ସମିସ): ମହିଳା ବିଜେଡି କର୍ମୀ ରଶ୍ମୀରଞ୍ଜିତା ପରିଜାଙ୍କୁ ଗତ ଦୀପାବଳି ରାତିରେ ମରଣାନ୍ତକ ଆକ୍ରମଣ ଘଟଣାର ଦୁଇଦିନ ପରେ ବି ପୁଲିସ କାହାରିକୁ ଗିରଫ କରିନଥିବା ସୂଚନା ମିଳିଛି। ତେବେ କିଛି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚାଲିଛି ବୋଲି ଜଣାପଡ଼ିଛି। ଉଭୟ ପକ୍ଷଙ୍କ ଏତଲା ଆଧାରରେ ସଦର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ୨ଟି ଟିମ ଗଠନ କରାଯାଇ ତଦନ୍ତ ଚାଲିଥିବା ଏସ୍‌ପି ଅଙ୍କିତ କୁମାର ବର୍ମା କହିଛନ୍ତି। ଆଇଆଇସି ସରୋଜ ସାମଲ ଏବଂ ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେଙ୍କ ନେତୃତ୍ୱରେ ଏହି ପୁଲିସ ଟିମ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ପ୍ରକ୍ରିୟାରେ ବାଧାସୃଷ୍ଟି ଆଶଙ୍କା ଥିବାରୁ ଅଧିକ କିଛି କହିବା ବର୍ତ୍ତମାନ ପାଇଁ ସମ୍ଭବ ନୁହେଁ ବୋଲି ଶ୍ରୀ ବର୍ମା କହିଛନ୍ତି। ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଜେଡି ନେତ୍ରୀ ଇପ୍ସିତା ସାହୁ, ଲେଲୀନ ମହାନ୍ତି, ସୋଫିଆ ଆଲାମ ଓ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଆହତ ମହିଳାଙ୍କୁ ମେଡିକାଲରେ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।




ମଣିଜଙ୍ଗା,୨୨।୧୦(ସମିସ): ତିର୍ତ୍ତୋଲ ବ୍ଲକ ଅଧୀନ ବୋଧେଇ ପଞ୍ଚାୟତର ନୂଆ ପୋଖରୀ ବଜାରରେ ୫୧ତମ ମା' ଶ୍ୟାମାକାଳୀ ପୂଜା ମହାସମାରୋହରେ ଆୟୋଜିତ ହୋଇଛି। ପୂଜା କାର୍ଯ୍ୟକ୍ରମ ୭ ଦିନ ଧରି ଚାଲିବ ଏବଂ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସମାରୋହ ସାଙ୍ଗକୁ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। କର୍ତ୍ତା ଭାବେ ନାରାୟଣ ପ୍ରସାଦ ଦାସ ଓ ସବିତା ମିଶ୍ର ଦାୟିତ୍ୱ ସମ୍ପାଦାନ କରୁଛନ୍ତି। ଦିଆନପୁରୁ, ବିକିପୁରୁ, ଇରିକୁଣ୍ଡଳ, କୁଲୁ ସାହି ଓ ଢ଼ିଙ୍କିଆ ଇତ୍ୟାଦି ଗ୍ରାମର ଜନସାଧାରଣ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି ବୋଲି ସଭାପତି ସରୋଜ ପାଣିଗ୍ରାହୀ, ସମ୍ପାଦକ ଅଭୟ କୁମାର ବେହେରା ଜଣାଇଛନ୍ତି।

## ବ୍ଲକ୍ ସମ୍ମୁଖରେ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା

ନାଉଗାଁ,୨୨।୧୦(ସମିସ): ଜଗତସିଂହପୁର ଜିଲ୍ଲା ଅଧୀନ ନାଉଗାଁ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିବା ଓ ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ନେଇ ବ୍ଲକ୍ ସମ୍ମୁଖରେ ୧୬ଟି ପଞ୍ଚାୟତର ଜନପ୍ରତିନିଧିମାନେ ଧାରଣାରତ ଅଛନ୍ତି। ଏପରିକି ଗତ ୧୩ ତାରିଖ ଦିନ ୧୦ ଦଫା ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ; କିନ୍ତୁ ୭ ଦିନ ବିତି ଯାଇଥିଲେ ମଧ୍ୟ ଦାବିଗୁଡିକର କୌଣସି ସୁଫଳ ନମିଳିବାରୁ ବୁଧବାର ନାଉଗାଁ ବ୍ଲକ୍ ସମ୍ମୁଖରେ



ପିଆରଆଇ ସଂଘ ସଭାପତି ଦୋଳଗୋବିନ୍ଦ ରାଉଳ ଓ ସମ୍ପାଦକ ଦିଲ୍ଲୀପ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତ ଜନ ପ୍ରତିନିଧି ମାନେ ୧୦ ଦଫା ଦାବିକୁ ନେଇ ଧାରଣା ଦେଇଛନ୍ତି। ଏପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନଥିବା ଜଣାଯାଇଛି।

## ଗାଁ ସାଥୀ ସଂଘର ବୈଠକ

ଏରସମା,୨୨।୧୦(ସମିସ): ଏରସମା ବ୍ଲକ ଗାଁ ସାଥୀ (ମେଟ୍) ସଂଘର ସାଧାରଣ ବୈଠକ ବ୍ଲକ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହେଇଯାଇଛି। ବୈଠକରେ ଗାଁ ସାଥୀମାନଙ୍କୁ ମନରେଗା ଯୋଜନାରେ ଅଗ୍ରାଧିକାର ଦେବା, ସବୁ ଗାଁ ସାଥିମାନଙ୍କ ଏନେଏମଏମଏସ କରିବା, ଗାଁ ସାଥିମାନଙ୍କୁ ନେଇ ଜବ କାର୍ଡ କେୱାଇସି କରିବା ଉପରେ ଗୁରୁତ୍ୱ ଦେଇ ଏରସମା ବିଡିଓଙ୍କୁ ଦାବିପତ୍ର ଦେବା ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ରାଜ୍ୟ ସଂଘ୍ କର୍ମକର୍ତ୍ତା ପ୍ରତାପ ଦଳେଇ, ବ୍ଲକ୍ କର୍ମକର୍ତ୍ତା ସ୍ମୃତିରଞ୍ଜନ ମହାନ୍ତି, ସୌଭାଗ୍ୟ ସ୍ୱାଇଁ ଯୋଗଦେଇ ଆଲୋଚନା କରିଥିଲେ। ବାବାଜୀ ଲେଙ୍କା, ଅଜୟ ସ୍ୱାଇଁ, କରୁଣାକର ନାୟକ, ପ୍ରଭାସିନୀ ସାହୁ, ବବୁନି ପଲେଇ, ଗୁରୁପଦ ମାଇତି ପ୍ରମୁଖ ଯୋଗଦେଇଥିଲେ।

## କାଳୀପୂଜାର ସ୍ରଷ୍ଟାଙ୍କୁ ମରଣୋତ୍ତର ସମ୍ମାନ

କୁଜଙ୍ଗ,୨୨।୧୦(ସମିସ): କୁଜଙ୍ଗ କାଳୀପୂଜା ଅବସରରେ କମିଟି ପକ୍ଷରୁ ଏହି ପୂଜାର ପରମ୍ପରା ୬୦ ବର୍ଷ ତଳେ ଆରମ୍ଭ କରିଥିବା ୪ ଜଣଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଛି। ଜୀବନାନନ୍ଦ ଅଧିକାରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂଜା ପରମ୍ପରାକୁ ଆରମ୍ଭ କରିଥିବା ପରଲୋକ ଗତ ମୁରବୀମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ସେହିପରି ଭାବେ ସ୍ୱର୍ଗତ ନରହରୀ ଦାସଙ୍କ ପୁତ୍ର ବୈକୁଣ୍ଠ ନାରାୟଣ ଦାସ, ସ୍ୱର୍ଗତ ଦୁର୍ଲଭ ସ୍ୱାଇଁଙ୍କ ପୁତ୍ର ରଂଜନ କୁମାର ସ୍ୱାଇଁ, ହାଡିବନ୍ଧୁ ଶତପଥୀଙ୍କ ପୁତ୍ର ସୁଧାଂଶୁ ଶେଖର ଶତପଥୀ, ଶଶୀଭୂଷଣ ମହାନ୍ତିଙ୍କ ପତ୍ନୀ ସୁପ୍ରଭା ମହାନ୍ତିଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କାଳିପୂଜା କମିଟି ଉପଦେଷ୍ଟା ଏଏନଡି ଯାଦବ, ରମେଶ ଚନ୍ଦ୍ର ଦାସ, ସଭାପତି ପ୍ରଶାନ୍ତ ପଟ୍ଟନାୟକ, ଉପସଭାତି ବାବାଜୀ ଚରଣ ସେଠୀ, ସମ୍ପାଦକ ରଜନିକାନ୍ତ ଗୁରୁ, ସମ୍ପାଦକ ରଂଜନ କୁମାର ସାହୁ, ସଦସ୍ୟ ନୃସିଂହ ଗୁରୁ, ଶଙ୍କର ଚରଣ ନାଥ, ବିଶ୍ୱନାଥ ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ରାଜେନ୍ଦ୍ର ନାରାୟଣ ଦାସ, ମଣ୍ଡଳ ସଭାପତି ରଂଜନ କୁମାର ବାରିକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦରରେ ହେବ ବୃହତ୍ତ ପୁଞ୍ଜି ନିବେଶ



ପାରାଦୀପ,୨୨।୧୦(ସମିସ): ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ, ଜାହାଜ ତିଆରି କାରଖାନା ସମେତ ଗଞ୍ଜାମ ଜିଲ୍ଲାର ବାହୁଦାଠାରେ ପାରାଦୀପ ବନ୍ଦର ପକ୍ଷରୁ ସାଟେଲାଇଟ୍ ବନ୍ଦର ପ୍ରକଳ୍ପକୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ମୁମ୍ବାଇରେ ଆସନ୍ତା ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ ସପ୍ତାହ ଆୟୋଜିତ ହେବାକୁ ଯାଉଛି। ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଏହି କାର୍ଯ୍ୟକ୍ରମର ଆୟୋଜନ କରୁଛି। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସାମୁଦ୍ରିକ ରାଷ୍ଟ୍ର, ୨୦୦ ଆର୍ନ୍ତଜାତିକ ବିଶେଷଜ୍ଞ ଓ ୫୦୦ରୁ ଅଧିକ ଅଗ୍ରଣୀ ସାମୁଦ୍ରିକ ଶିଳ୍ପ ଏକାଠି ହେବା ସହିତ ସାମୁଦ୍ରିକ ବିକାଶ କ୍ଷେତ୍ରର ଜ୍ଞାନ ଆଦାନପ୍ରଦାନ କରିବା ସହିତ ନିବେଶ ସୁଯୋଗ ସୃଷ୍ଟି କରିବ ବୋଲି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ପ୍ରଶାସନିକ ଭବନ ବୋର୍ଡରୁମ୍‌ରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପାରାଦୀପ ବନ୍ଦର ଏହି ମହାପର୍ବରେ ସାମିଲ ହେବାକୁ ଯାଉଛି। ଏ ଅବସରରେ ଜାହାଜ ନିର୍ମାଣ, ଜାହାଜ ମରାମତି, ବନ୍ଦର ଆଧୁନିକୀକରଣ, ସ୍ମାର୍ଟ ବନ୍ଦର ପଦକ୍ଷେପ, ବ୍ୟବସାୟରେ ବିକାଶ ଓ ସବୁଜ ହାଇଡ୍ରୋଜେନ ପ୍ରକଳ୍ପ ସମେତ ବିଭିନ୍ନ କ୍ଷେତ୍ରରେ ୧.୫ ଲକ୍ଷ କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷରିତ ହେବ। ଏଥିସହିତ ପୁରୀରେ ଏକ କ୍ରୁଜ୍ ଟର୍ମିନାଲ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ ନିମନ୍ତେ ପ୍ରାଥମିକ ପର୍ଯ୍ୟାୟରେ ପୁରୀକୁ ଗୁରୁତ୍ୱ ଦେବା ସହିତ ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଏହାକୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାର ଲକ୍ଷ୍ୟ ରହିଥିବା ନେଇ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ।

## ପ୍ରବୀଣ ଶିକ୍ଷାବିତ ଦିବାକର ସ୍ୱାଇଁଙ୍କ ପରଲୋକ

ପାରାଦୀପ/କୁଜଙ୍ଗ,୨୨।୧୦(ସମିସ): ବିଶ୍ୱାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ଦିବାକର ସ୍ୱାଇଁ(୮୭)ଙ୍କର ମଙ୍ଗରାଜପୁର ବାସଭବନରେ ବୁଧବାର ସକାଳେ ପରଲୋକ ଘଟିଛି। ଶିକ୍ଷକତା ଓ ଆୟୁର୍ବେଦ ତଥା ହୋମିଓପାଥିକ ଚିକିତ୍ସାକରି ସେ ଲୋକଙ୍କର ଅତିପ୍ରିୟ ପାଲଟିଥିଲେ। ଜଣେ ଛାତ୍ର ବାତ୍ସଲ, ମିଷ୍ଟଭାଷୀ ଓ ସ୍ନେହୀ ମଣିଷ ମଧ୍ୟ ଥିଲେ। ପ୍ରିୟ ଗୁରୁଜିଙ୍କୁ ହରାଇ ବୈଶ୍ୱାଳୀ ଗ୍ରାମରେ ପୁରାତନ ଛାତ୍ରଛାତ୍ରୀଙ୍କ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସାର୍‌ଙ୍କର ସ୍ମୃତିଚାରଣ କରି ବିରାଟ ଶୋଭାଯାତ୍ରାରେ ସାଥି କର୍ମଜୀବି ବନ୍ଧୁ ତଥା ପୁରାତନ ଛାତ୍ର ଶିକ୍ଷକ ନିଶାକର ମଲ୍ଲ, ପ୍ରବୀର ରାଉତ, ଅଭୟ ଦାସ, ବାବାଜୀ ଚରଣ ସେଠି, ମଥୁରାନନ୍ଦ ତରାଇ, ଚନ୍ଦ୍ରକାନ୍ତ ସାମଲ, ରାଜକିଶୋର ପତି, ବିଶ୍ୱାଳି ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ, ହିରନ୍ୟ ଶଗଡ଼ିଆ, ଯୁବ ସାମ୍ବାଦିକ ସତ୍ୟଶିବ ପରିଡା ଏବଂ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ହୋଇଥିବା ବେଳେ ପୁତ୍ର ଦୁଷ୍ମନ୍ତ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ଗଞ୍ଜେଇ ଜବତ; ୩ ଗିରଫ

ବାଲିକୁଦା,୨୨।୧୦(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ଫାଣ୍ଡି ଅଞ୍ଚଳରେ ଚୋରାରେ ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରବି ପରିଡା, ଅଜୟ ରାଉତ ଓ ଅନନ୍ତ ସାମଲ। ସେମାନଙ୍କ ପାଖରୁ ୬ କେଜି ୫୦୦ ଗ୍ରାମ ଗଞ୍ଜେଇ, ୩ ମୋବାଇଲ, ବାଇକ ଓ୨୦୦ ଟଙ୍କା ଜବତ କରିବାସହ ପୁଲିସ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ବାଲିକୁଦା ପୁଲିସ ପକ୍ଷରୁ ବିଶେଷ ସୂଚନା ପାଇ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଅନନ୍ତପୁର ଫାଣ୍ଡି ଅଧିକାରୀ ଭାସତ ରଞ୍ଜନ ରାୟଙ୍କ ପକ୍ଷରୁ ଟିମ ଚଢ଼ଉ କରି ଅନନ୍ତପୁରଠାରୁ ୩ ଜଣଙ୍କୁ ଗିରଫ କରିଥିଲେ।

**ସାଇବର୍ ସିକ୍ୟୁରିଟି ଅଭିଯାନ ଓ ସୁରକ୍ଷା ରଥର ଶୁଭାରମ୍ଭ**

# ସଚେତନ ହେଲେ ସାଇବର୍ ଠକେଇରୁ ବଞ୍ଚିହେବ

ଜଗତସିଂହପୁର,୨୨।୧୦(ସମିସ):

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଜିଲ୍ଲାପାଳ ଶ୍ରୀ.ଜେ ସୋନାଲ ସାଇବର ସିକ୍ୟୁରିଟି ଅଭିଯାନ ୨୦୨୫ ଏବଂ ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରିଛନ୍ତି। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ.ଜେ ସୋନାଲ ସାଇବର ଅପରାଧ ଏବେ ଶିକ୍ଷିତ, ଅଶିକ୍ଷିତ ସମସ୍ତଙ୍କୁ ତାର ଶିକାର କରୁଛି ବୋଲି କହିଥିଲେ। ସଚେତନ ରହିଲେ ହିଁ ଏହି ଠକେଇରୁ ବଞ୍ଚିହେବ। ଏଥିପାଇଁ ସେ ବିଦ୍ୟାଳୟସ୍ତରୀୟ ପାଠ୍ୟକ୍ରମରେ ଏ.ଆଇ ସଚେତନତାକୁ ସାମିଲ୍ କରିବା ପ୍ରସଙ୍ଗରେ କହିଥିଲେ। ଦିନକୁ ଦିନ ବଢୁଥିବା ବିଗତ ଦିନରେ ଆମେ କଥା ହେଉଥିବା ଭର୍ଚୁଆଲ ରିୟଲିଟି ବା ଅଗ୍ ମେଣ୍ଟେଡ ରିୟଲିଟି ଏବେ ସତ୍ୟରେ ପରିଣତ ହୋଇଛି। ସେଥିପାଇଁ ସମସ୍ତେ ସଚେତନ ରହିବାକୁ ସେ ପରାମର୍ଶ ଦେଇଥିଲେ। ସଭାରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସାଇବର ସୁରକ୍ଷାର ଶପଥ ପାଠ କରାଇଥିଲେ। ଯେଉଁଥିରେ ନିଜର



ବ୍ୟକ୍ତିଗତ ତଥ୍ୟ, ଓଟିପି ଆଦି ଅଜଣା ନମ୍ବରକୁ ସେୟାର ନ କରିବା, ଅଜଣା ଲିଙ୍କ୍ ଉପରେ କ୍ଲିକ୍ କରିବା ପୂର୍ବରୁ ତାକୁ ଯାଞ୍ଚ କରିବା, ସୋସିଆଲ ମିଡିଆରେ ସତର୍କତାର ସହ ମେସେଜ ଫରୱାର୍ଡ, ଫ୍ରେଣ୍ଡ ରିକ୍ୱେଷ୍ଟ ଏକ୍ସେପ୍ଟ, ଭିଡିଓ କଲ୍ ଆଦି ପ୍ରତି ସତର୍କ ରହିବା ପାଇଁ ଶପଥ ରହିଥିଲା। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦୀପ ସ୍ମୃତିରଞ୍ଜନ କର ମଧ୍ୟ ସାଇବର ସଚେତନ ରହିବାକୁ ଉପଦେଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଅଜିଙ୍କ୍ୟା ମାଣେ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ, ସିଭିଲ ସୋସାଇଟି, ବ୍ୟାଙ୍କ ଅଧିକାରୀ, ଶିକ୍ଷାନୁଷ୍ଠାନ, ସହରର ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ସାଇବର ସଚେତନତା ଶପଥ ପାଠ କରିଥିଲେ। ସାଇବର ଠକାମୀର ଶିକାର ହେଲେ ସର୍ବପ୍ରଥମେ ହେଲ୍ପଲାଇନ ନମ୍ବର ୧୯୩୦କୁ କଲ୍ ଏବଂ ସାଇବରପୋର୍ଟାଲରେ ରେଜିଷ୍ଟ୍ରେସନ୍ କରିବାକୁ ଅତିଥିମାନେ ଉପଦେଶ ଦେଇଥିଲେ। ସାଇବର ସଚେତନତା ସମ୍ବନ୍ଧୀୟ ବିଭିନ୍ନ ଭିଡିଓ ପ୍ରଦର୍ଶିତ ହୋଇଥିଲା। ପରେ ସାଇବର ସୁରକ୍ଷା ବସ୍‌କୁ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ତଥା ଅନ୍ୟ ସମସ୍ତ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାଛଡ଼ା ବିଭିନ୍ନ ବ୍ଲକ୍‌ରେ ଚାଲୁଥିବା ଆମ ବସ୍ ସାଇବର ସଚେତନତା ବାର୍ତ୍ତା ଥିବା ଷ୍ଟିକର ଲଗାଯାଇଥିଲା। 'ମାସ୍କଟ ସାଇରା' ବୁଲି ବୁଲି ସମସ୍ତଙ୍କୁ ସାଇବର ସଚେତନତା ଲିଫ୍ଲେଟ ବାଣ୍ଟିଥିଲା। ଅଭିଯାନ ମାସେ ପର୍ଯ୍ୟନ୍ତ ଚାଲିବ। ଅଭିଯାନର ଥିମ ରହିଛି ଷ୍ଟପ୍, ଭେରିଫାଏ, ବି ସିକ୍ୟୋର ବା ରୁହ, ଯାଞ୍ଚ କର ଓ ସୁରକ୍ଷିତ ରୁହ। ସଚେତନତା ବସ୍ ଜିଲ୍ଲାର ସମସ୍ତ ବ୍ଲକ୍ ଓ ମ୍ୟୁନିସପାଲିଟି ବୁଲି ଲୋକଙ୍କୁ ସାଇବର ଅପରାଧ ବିଷୟରେ ସଚେତନ କରାଇବ। କାର୍ଯ୍ୟକ୍ରମରେ ସାଇବର ସୁରକ୍ଷା ସମ୍ବଳିତ ଭିଡିଓ ପ୍ରଦର୍ଶିତ ହେବାସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ ପାଳିତ

କୁଜଙ୍ଗ,୨୨।୧୦(ସମିସ): ପ୍ରିୟବନ୍ଧୁ ସାରସ୍ୱତ ଏକାଡେମୀ ପକ୍ଷରୁ ବିଧାନସଭାର ପୂର୍ବତନ ଉପବାଚସ୍ପତି ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାରାୟଣ ବୀରବର ସାମନ୍ତଙ୍କ ଜୟନ୍ତୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସାମନ୍ତଙ୍କ ଭଳି ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ରାଜ୍ୟ ସରକାର ପାଳନ କରନ୍ତୁ ଓ ସମଗ୍ର ରାଜ୍ୟରେ ତାଙ୍କ ଜୀବନ ସମ୍ପର୍କରେ ବ୍ୟାପକ ଆଲୋଚନା କରନ୍ତୁ ବୋଲି ଅତିଥିମାନେ ମତାମତ କରିଛନ୍ତି। ଓଡ଼ିଶାର ଅନ୍ୟତମ ବରପୁତ୍ର ସ୍ୱର୍ଗତ ସାମନ୍ତ ରାଜ ପରିବାର ସୁଖ ଛାଡ଼ି ଏରସମା, କୁଜଙ୍ଗ ଓ ପାରାଦୀପ ଅଞ୍ଚଳରେ ବ୍ରିଟିଶ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ। କୁଜଙ୍ଗବାସୀଙ୍କୁ ଏକାଠି କରି ବ୍ରିଟିଶ ବିରୋଧରେ ସଂଗଠିତ କରିବାରୁ ତାଙ୍କୁ ବହୁବାର ଜେଲ ଯିବାକୁ ପଡିଥିଲା। ସାମନ୍ତ ଦୀର୍ଘବର୍ଷ ବର୍ତ୍ତମାନର ବିହାର ରାଜ୍ୟର ହଜାରିବାଗ ଓ କଟକ ଜେଲରେ ବନ୍ଦୀ ଜୀବନ କଟିଥିଲେ। ସ୍ୱାଧୀନତା ପରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ହୋଇଥିଲେ ମଧ୍ୟ ରାଜନୀତିରେ ସେ ବାନ୍ଧି ନ ହୋଇ ଲୋକଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ମୁଖ୍ୟଅତିଥି କବି ପୀତାମ୍ବର ତରାଇ କହିଥିଲେ। ପ୍ରିୟବନ୍ଧୁ ସଭାପତି ଡ. ରଘୁ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଶିକ୍ଷକ ନେତା ବାବୁରାମ ଚୌଧୁରୀ, ଶିକ୍ଷାବିତ ଡ. ଗଙ୍ଗାଧର ସାମନ୍ତରାୟ, ଡ. କେଶବ ଦଳାଇ, ନାରୀନେତ୍ରୀ ପ୍ରିୟମ୍ବଦା ପାଣି ଓ ଦେବୀପ୍ରସାଦ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କୁଜଙ୍ଗ ଗାନ୍ଧୀ ସାମନ୍ତ ଶୀର୍ଷକ କବିତା କବି ପ୍ରଭାତୀ ମାଝୀ, ଗୌରହରି ବାରିକ, ଶଙ୍କର ଦାସ, ଗୀତା ଦାସ ଓ ଜୟନ୍ତୀ ଦାସ ପ୍ରମୁଖ ପାଠ କରିଥିଲେ। ପାରାଦୀପ ଓ କୁଜଙ୍ଗରେ ସାମନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହିତ ତାଙ୍କ ନାମରେ ମାର୍ଗ ନାମିତ କରିବାକୁ ଦାବି ହୋଇଥିଲା। ପ୍ରକାଶ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସରକାରୀ ଜମି କିସମ ପରିବର୍ତ୍ତନକୁ ବିରୋଧ



**ଝାରସୁଗୁଡ଼ା, ୨୨।୧୦(ସମିସ)**

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ମରାକୁଟା ଗ୍ରାମବାସୀ ସରକାରୀ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ନେଇ ଝାରସୁଗୁଡ଼ା ତହସିଲଦାରଙ୍କ ନିକଟରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଝାରସୁଗୁଡ଼ା ତହସିଲ ଅଧୀନ ମରାକୁଟା ମୌଜାରେ ଗତ ଅକ୍ଟୋବର ୧୦ରେ ଝାରସୁଗୁଡ଼ା ତହସିଲ କାର୍ଯ୍ୟାଳୟ ତରଫରୁ ବିଭିନ୍ନ ନୋଟିସ ଜାରି କରାଯାଇଛି। ନୋଟିସ ଅନୁଯାୟୀ ସର୍ବସାଧାରଣଙ୍କ ପାଇଁ ଗାଁରେ ଥିବା ବିଭିନ୍ନ ସରକାରୀ ଜମି ଯଥା ରାସ୍ତା, ଧରସା, କଟା, ବସ୍ତି ସ୍ଥଳ ଆଦି ଆବେଦନକାରୀଙ୍କୁ ଦିଆଯିବା ପାଇଁ ପ୍ରସ୍ତାବ ନିଆଯାଇଛି। ଗ୍ରାମବାସୀଙ୍କର କୌଣସି ଅଭିଯୋଗ ଥିଲେ ଜଣାଇବାକୁ ମରାକୁଟା ଗାଁ ଓ ତହସିଲ କାର୍ଯ୍ୟାଳୟରେ ନୋଟିସରେ ପ୍ରକାଶ ପାଇଥିଲା। ଏଣୁ ମରାକୁଟା ପଞ୍ଚାୟତ ବାସୀ ଆଜି ଝାରସୁଗୁଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିଛନ୍ତି। ମରାକୁଟା ମୌଜାର ୨୫ ଏକର ସରକାରୀ ଜମିର କିସମ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତାବ ରହିଛି। ଜମିର କିସମ ପରିବର୍ତ୍ତନ କରାଯାଇ ଶିଳ୍ପ ପ୍ରତିଷ୍ଠାନକୁ ହସ୍ତାନ୍ତର କଲେ ଗ୍ରାମବାସୀଙ୍କ ଚଲାପଥ, ଚାରଣ ଭୂମି, ଜଳଉତ୍ସ ଆଦି ସଙ୍କୁଚିତ ହେବା ସହ ଅନେକ ରାସ୍ତାଘାଟ ଚିରଦିନ ପାଇଁ ଲୋପ ପାଇଯିବ। ଶହ ଶହ ଜମିରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଆଗରୁ ମଧ ମରାକୁଟା ଅଞ୍ଚଳରେ ବହୁ କମ୍ପାନୀ ଖୋଲା ହେବା ପରେ ଗାଁର ସରକାରୀ ଜମି ସଙ୍କୁଚିତ ହୋଇଛି। ତେଣୁ କୌଣସି ପରିସ୍ଥିତିରେ ମଧ ଶିଳ୍ପ ପ୍ରତିଷ୍ଠା ପାଇଁ ଗାଁର ସରକାରୀ ଜମିକୁ ହସ୍ତାନ୍ତର ନ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦେଇଛନ୍ତି। ଦାବିପତ୍ର ଦେବା ସମୟରେ ମରାକୁଟା ସରପଞ୍ଚ ଲିଲି ତନ୍ତୀ, ସମିତି ସଭ୍ୟା ସୁଜାତା ମେହେର, ମରାକୁଟା ନାଏବ ସରପଞ୍ଚ ଆଶିଷ ଗର୍ଡ଼ିଆଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାରଙ୍କୁ ପଚାରିବାରୁ ସେ ଆବେଦନକାରୀ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଏ ନେଇ ଆଗାମୀ ଦିନରେ ଏକ ଶୁଣାଣି କରାଯିବ ଏବଂ ସେଥିରେ ଯାହା ନିଷ୍ପତ୍ତି ହେବ ସେ ହିସାବରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି କହିଥିଲେ।

# ଜିଲ୍ଲା ପ୍ରତିଷ୍ଠା ଦିବସ 'ଦୁଲଦୁଲି' ପାଇଁ ପ୍ରସ୍ତୁତି



**ଝାରସୁଗୁଡ଼ା, ୨୨।୧୦(ସମିସ):** ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଜିଲ୍ଲା ମହୋତ୍ସବ 'ଦୁଲଦୁଲି -୨୦୨୬' ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କୁଣାଲ ମୋତିରାମ ଚହ୍ୱାଣ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅଜୟ ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବିମଳେନ୍ଦୁ ଭୋଳ ବିଗତ ବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଆସନ୍ତା ଜାନୁଆରୀ ୧ ତାରିଖରେ ଜିଲ୍ଲା ପ୍ରତିଷ୍ଠା ଦିବସ ସହ ୫ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଦୁଲଦୁଲି ବିଟିଏମ୍ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଅବସରରେ ପଲ୍ଲୀଶ୍ରୀ ମେଳା ଆୟୋଜିତ ହେବ। ମହୋତ୍ସବର ଗୋଟିଏ ଦିନ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳନା କରାଯିବାକୁ ସ୍ଥିର କରାଯାଇଛି। ପ୍ରତିଦିନ ସନ୍ଧ୍ୟାରେ ଦେଶ, ରାଜ୍ୟ ଓ ସ୍ଥାନୀୟ ଲୋକକଳା ଭିତ୍ତିକ ଓ ଶାସ୍ତ୍ରୀୟ ଦଳମାନଙ୍କୁ ଆମନ୍ତ୍ରଣ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ।

## ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ଜୟନ୍ତୀ

**ବରଗଡ଼, ୨୨।୧୦(ସମିସ):** ଗିରିଗୋବର୍ଦ୍ଧନ ପୂଜା ତିଥି ଅବସରରେ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କର ୧୪୫ ତମ ଜୟନ୍ତୀ ଗାନ୍ଧୀ ଭବନ ଠାରେ ପାଳିତ ହୋଇଛି। ରାଜ୍ୟସ୍ତରୀୟ ଘନଶ୍ୟାମ ପାଣିଗ୍ରାହୀ ସ୍ମୃତି କମିଟି ତରଫରୁ ଜୟନ୍ତୀ ସଭା ଆୟୋଜିତ ହୋଇଥିଲା। ଏଥିରେ ମନୋରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲ୍ଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡ.ଲକ୍ଷ୍ମୀଶ୍ରୀୟା ବେହେରା, ମୁଖ୍ୟ ବକ୍ତା ପୂର୍ବତନ ବାୟୁସେନା ଅଧିକାରୀ ବିଦ୍ୟୁତ ଦାଶ ଏବଂ ସ୍ମୃତି କମିଟିର ସମ୍ପାଦକ ତଥା ସଂଗ୍ରାମୀଙ୍କର ନାତି ସୁମନ୍ତ ପାଣିଗ୍ରାହୀ ମଞ୍ଚାସୀନ ଥିଲେ।. ସଭା ଡ.ସଞ୍ଜିତ ମିଶ୍ର ସଂଯୋଜନା କରିଥିଲେ। ପ୍ରଫେସର ସ୍ମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରେରଣା ଶିକ୍ଷା ସାମାଜିକ ଟ୍ରଷ୍ଟର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ।

## ଭଇଁରଖୋଲ ପଞ୍ଚାୟତସ୍ତରୀୟ ଗିରି ଗୋବର୍ଦ୍ଧନ ପୂଜା



**ଝାରସୁଗୁଡ଼ା, ୨୨।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସାଗରପାଲି ସ୍ଥିତ ନଖୁ ବାବା ମଠରେ ଭଇଁରଖୋଲ ପଞ୍ଚାୟତ ସ୍ତରୀୟ ଶ୍ରୀ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି। ଗତକାଲି ଅଧିବାସ ପୂଜା ହୋଇଥିବା ବେଳେ ଆଜି ଏକ ଭବ୍ୟ ଶୋଭାଯାତ୍ରା ସହ ହୋମ, ଯଜ୍ଞ, ମନ୍ତ୍ର ସହ ସମ୍ପୂର୍ଣ୍ଣ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଛି। ପରେ ଯାଦବ ସମାଜର ପାରମ୍ପରିକ ବାଡି ଖେଳ ଏବଂ କୃଷ୍ଣ ଗୁରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଇଁରଖୋଲ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୂଜାରେ କର୍ତ୍ତା ଭାବେ ସଂକୀର୍ତ୍ତନ ରାଉତ, ମହିମା ରାଉତ ଦାୟିତ୍ୱ ତୁଲାଇଥିଲେ। ଷଡବୈଷ୍ଣବ ଭାବରେ ଶେଷଦେବ ଭଇଁଷା, ଉତ୍ତର ଭଇଁଷା, ଅଶ୍ୱିନୀ ଗହୀର, ବିନୋଦ ଖଣ୍ଡା, ପ୍ରମୋଦ କଲସେର, ରାମନାଥ ଭଇଁଷା ଦାୟିତ୍ୱ ତୁଲାଇଥିବା ବେଳେ ବାବାଜୀ ସନ୍ତୋଷ ଦାସ ପୂଜା ଦାୟିତ୍ୱ ନିର୍ବାହ କରିଥିଲେ।

## ଶିଶୁ ସଦନରେ ଦୀପାବଳି ପାଳନ



**ଝାରସୁଗୁଡ଼ା, ୨୨।୧୦ (ସମିସ):** ବେଲପାହାଡ ସ୍ଥିତ ଠକ୍କର ବାବା ଶିଶୁ ସଦନରେ ଅନ୍ତେବାସୀ ମାନେ ଧୁମଧାମରେ ଆଲୋକର ପର୍ବ ଦୀପାବଳି ପାଳନ କରିଛନ୍ତି। ବେଲପାହାଡ ପୌରପରିଷଦ କର୍ମଚାରୀ ଶୈଳେଶ ବହିଦାର ସପରିବାର ଅନ୍ତେବାସୀଙ୍କ ସହ ଦୀପାବଳି ପାଳନ କରିଛନ୍ତି। ଉତ୍ସବ ପାଳନ ଅବସରରେ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏଥିରେ ଏସଏମ ଶୁଭମ୍, ରିତ୍ ନାଏକ, ମନିଶ ନାଏକଙ୍କ ସହ ଅନ୍ୟ ସଦସ୍ୟଙ୍କ ସହ ଠକ୍କର ବାବା ଆଶ୍ରମର କର୍ମଚାରୀ ନିରାକାର କିଶନ, ରସନନ୍ଦ ମହାପାତ୍ର, ସଚ୍ଚିଦାନନ୍ଦ ପ୍ରଧାନ, ଡଲି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ନାଗେନପାଲିରେ ମିଶନ ଶିକ୍ଷାଦାନ କାର୍ଯ୍ୟକ୍ରମ



**ବରଗଡ଼, ୨୨।୧୦(ସମିସ):** ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ୟମରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ବିଷୟରେ ରହିଥିବା ସନ୍ଦେହ ମୋଚନ ପାଇଁ ମିଶନ ଶିକ୍ଷାଦାନ କାର୍ଯ୍ୟକ୍ରମ ବରଗଡ଼ ସହର ନିକଟସ୍ଥ ନାଗେନ୍ ପାଲି ଠାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ କପିଳ ବାଗ ଏହାର ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ସାହୁ ଗାଁର ଛାତ୍ରଛାତ୍ରୀଙ୍କୁ ଏକତ୍ରିତ କରି ମାଗଣା ଶିକ୍ଷାଦାନ ପ୍ରଦାନ କରିବା ସହ ବିଭିନ୍ନ ବିଷୟରେ ରହିଥିବା ସନ୍ଦେହ ମୋଚନ କରିଥିଲେ।

## ଛିନ୍ଦେଇକେଲାରେ ଯୁବକଙ୍କ ଝୁଲନ୍ତାଶବ ଉଦ୍ଧାର

**ପାଇକମାଳ, ୨୨।୧୦(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅଧୀନ ଛିନ୍ଦେଇକେଲା ଗାଁରେ ମଙ୍ଗଳବାର ଜଣେ ଯୁବକ ଘରେ କେହି ନ ଥିବା ବେଳେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି। ମୃତକ ଜଣକ ଛିନ୍ଦେଇକେଲା ଗାଁର ହରିପ୍ରସାଦ ସୋନୀଙ୍କ ପୁଅ ଗଣେଶ ସୋନୀ (୨୨) ବୋଲି ଜଣାପଡ଼ିଛି। ମଙ୍ଗଳବାର ରାତିରେ ହରିପ୍ରସାଦ ଓ ତାଙ୍କ ପତ୍ନୀ କାଳୀପୂଜା ଦେଖିବା ପାଇଁ ଯାଇଥିଲେ। ଜାମସେଠ ପୂଜା ଦେଖି ଆସିବା ପରେ ତାଙ୍କର ଏକମାତ୍ର ପୁଅ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବର ଜାଣିବା ପରେ ପାଇକମାଳ ପୁଲିସ ସକାଳେ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ଏନେଇ ପାଇକମାଳ ଥାନାରେ ମାମଲା ରୁଜୁ ହେବା ସହ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ଏସ୍ଆଇ ବିରେନ୍ଦ୍ର ବାଗ କହିଛନ୍ତି।

## ସର୍ଗିବାହାଲରେ କାଳୀପୂଜା ଓ ଯୁଗାର ଯାତ୍ରା

**ପଦ୍ମପୁର, ୨୨।୧୦(ସମିସ):** ପଦ୍ମପୁର ଉପଖଣ୍ଡ ଅଧୀନ ସର୍ଗିବାହାଲରେ କାଳୀପୂଜା ଅବସରରେ ଯୁଗାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାନସିକ ଧାରୀ ଭକ୍ତଙ୍କ ୨୧୭ଟି ଯୁଗାର ସାମିଲ ହୋଇଥିଲା। ୨୫୧ କିଲୋଗ୍ରାମର ବୃହତ ଯୁଗାର ମାନସିକ ଶ୍ରଦ୍ଧାଳୁ ଅର୍ପଣ କରିଥିଲେ। ପୂଜା କାର୍ଯ୍ୟ ପରିଚାଳନାରେ କାଳୀପୂଜା କମିଟି ସଭାପତି ଛାୟାକାନ୍ତ ମେହେର, ଚନ୍ଦ୍ରମୋହନ ମେହେର, ଲୋଚନ ବରିହା, ଚନ୍ଦ୍ରମଣୀ ସାହୁ, ଗୋବର୍ଦ୍ଧନ ବରିହା, ଆନନ୍ଦ ବିଶ୍ୱାଳ ବିସ୍ମୟ ସାହୁ ସହଯୋଗ କରୁଛନ୍ତି।



## ଧୁତରାଷ୍ଟେସନ ପଡ଼ାରେ ଶ୍ୟାମାକାଳୀ ପୂଜା

**ଝାରସୁଗୁଡ଼ା/କିର୍ମିରା, ୨୨।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ଷ୍ଟେସନ ପଡ଼ାରେ ୨୦ ଓ ୨୧ ଅକ୍ଟୋବର ୨ ଦିନ ଧରି ମାଁ କାଳୀ ପୂଜା ମହାସମାରୋରେ ପାଳିତ ହୋଇଯାଇଛି। ଧୁତରା ଗାଁର ଟେକଚାନ୍ଦ ହଲୁଆ, କେଶବ ଚନ୍ଦ୍ର ନାଏକ, ପୁରୁଷୋତ୍ତମ କଳାର, ଦୀପକ ସିଂ, ସେରବାହାଦୂର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ହୋଇଥିଲା। କମିଟିର ସଦସ୍ୟ ବୃନ୍ଦ ସୀତାରାମ ମଲ୍ଲିକ, ନରୋତମ ସା, ପ୍ରଦୀପ ଦେ, ଖତୁ ବାଗ, ଚିକୁ ନାଏକ, ଆୟୁଷ ଡନସନା, ଅଭୟ କଳାର, ତୁଷାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ପୂଜକ ଦାଶରଥୀ ଦାସ ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ କର୍ତ୍ତା ଡମ୍ବୁରୁଧର ପୂଜାରୀ ଦାୟିତ୍ୱରେ ରହିଥିଲେ।



## ୨୮ରେ ଗୁରୁ ଭାଗବତ ପଧାନଙ୍କ 'ଯୋଗମାୟା' ପୂର୍ଣ୍ଣମାସୀ ପୁସ୍ତକ ଉନ୍ମୋଚନ

**ବରଗଡ଼, ୨୨।୧୦(ସମିସ):** ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଠାରୁ ଶିକ୍ଷାଲାଭ କରି ଗୁରୁଙ୍କ ଆଦର୍ଶ ପଟ୍ଟଶିଷ୍ୟ ଗବେଷକ ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପଧାନ (ଭାଗବତିଆ)ଙ୍କ ଦ୍ୱାରା 'ଯୋଗମାୟା' ପୂର୍ଣ୍ଣମାସୀ ପୁସ୍ତକ ରଚିତ ହୋଇଛି। ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ଆସନ୍ତା ୨୮ ତାରିଖ ମଙ୍ଗଳବାର ପୂର୍ଣ୍ଣମାସୀଙ୍କ ବାର୍ଷିକ ସ୍ନାନ ଉତ୍ସବରେ ଏହାର ଉନ୍ମୋଚନ ହେବ ବୋଲି ଗୁରୁ ଭାଗବତ ପଧାନଙ୍କ ସୂତ୍ରରୁ ପ୍ରକାଶ।

## ପରିବେଶପ୍ରେମୀଙ୍କ ନିଆରା ଦୀପାବଳି

**ପଦ୍ମପୁର, ୨୨।୧୦(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡର ନୂଆଁପାଲି ଗାଁର ପରିବେଶବିତ ମୀନକେତନ ସାହୁ ଏବଂ କେଦାରନାଥ ସାହୁ ନିଆରା ଭାବେ ଦୀପାବଳି ପାଳନ କରିଛନ୍ତି। ଏହି ଅବସରରେ ସେମାନେ ସମାଜର ବିଭିନ୍ନ ବ୍ୟକ୍ତିଙ୍କୁ ଦୁର୍ଲଭ ଅଶୋକ ଚାରା ପ୍ରଦାନ କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ। ପଦ୍ମପୁର ଯୁବରାଜ ପ୍ରତାପ ସିଂ ବରିହା, ଓମପ୍ରକାଶ ଅଗ୍ରୱାଲ, ଡ.ମାନଭଞ୍ଜନ ପଣ୍ଡା, ଡ.ରଜତ ସାହୁ, ପ୍ର. ଚିତ୍ତରଞ୍ଜନ ଦାଶ, ଅବସରପ୍ରାପ୍ତ ବିଚାରପତି ହରିହର ଶତପଥୀ, ନିରୋଜ ଦୋରା, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଡ.ସୁଦୀପ୍ତ ଦାଶ, ରାଧେଶ୍ୟାମ ପାତ୍ର, ରାଜ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତାରାଚାନ୍ଦ ସାହୁ, ଭାସ୍କର ଦାଶ, ପ୍ରାଧ୍ୟାପକ ସୁବୋଧ ତ୍ରିପାଠୀ, ଶିକ୍ଷକ ସତ୍ୟମୟ ତ୍ରିପାଠୀ, ଶିକ୍ଷକ ଚୁଡାମଣି ସାହୁ, ଭଗବାନ ମଲ୍ଲିକ, ରବୀନ୍ଦ୍ର ବରିହା ପ୍ରମୁଖଙ୍କ ବାସଭବନକୁ ଯାଇ ଅଶୋକ ଚାରା ଉପହାର ଦେଇଥିଲେ।



## ତାଲିମ ଶିବିର 'ସମ୍ଭବ'ର ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟ ଉଦ୍‌ଘାଟିତ



**ପଦ୍ମପୁର, ୨୨।୧୦(ସମିସ):** ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଜିଲ୍ଲାସ୍ତରୀୟ ପ୍ରଧାନଶିକ୍ଷକଙ୍କ ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର 'ସମ୍ଭବ' ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଇଓ ଲୋକନାଥ ଭୋଇ, ସମ୍ମାନିତ ଅତିଥି ଭାବେ ରାଜବୋରାସମ୍ବର ହାଇସ୍କୁଲ ପ୍ରଧାନଶିକ୍ଷକ ନିରାଲମ୍ବ ପଟେଲ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀ ଶୁଭମ୍ ପତି, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା, ପୁରୁଷୋତ୍ତମ ହାଇସ୍କୁଲ ରୁଚିଦାର ପ୍ରଧାନଶିକ୍ଷକ ଅଜୟ ମେହେର, ତୋରା ହାଇସ୍କୁଲର ପ୍ରଧାନଶିକ୍ଷକ ସଙ୍ଗୀତା ମିଶ୍ର, ପଣ୍ଡକିପାଲି ହାଇସ୍କୁଲର ଶିକ୍ଷକ ପୁସ୍ତମ୍ ବିଶି ଯୋଗ ଦେଇ ତାଲିମ୍ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ପୁଷ୍ପା ଦାଶ କାର୍ଯ୍ୟକ୍ରମ ପରିଚାଳନା ନିରୀକ୍ଷଣ କରିଥିଲେ। ଶିକ୍ଷକ ମାନସ ଶତପଥୀ ସଭା କାର୍ଯ୍ୟ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଗାଇସିଲେଟ୍ ବ୍ଲକ, ରାଜବୋରାସମ୍ବର, ଝାରବନ୍ଧ ଓ ପାଇକମାଳ ବ୍ଲକର ପ୍ରାୟ ୯୫ ଜଣ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

# ମହାଲକ୍ଷ୍ମୀ ପୂଜା ଅବସରରେ ଜଳନ୍ଧର ଦରବାର

**ଝାରସୁଗୁଡ଼ା, ୨୨।୧୦(ସମିସ)**



ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ରାଜପୁର ପଞ୍ଚାୟତ ଅଧୀନ ବଘରାଚକା ଗାଁରେ ଜୟ ମାଁ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀପୂଜା ହେଉଛି। ଏହି ଅବସରରେ ବିଶ୍ୱନାଥ ମେହେର ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ବୁଧବାର ଜଳନ୍ଧର ଦରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ରଜରାଜନଗର ବିଧାୟକ ଅନୁପ ସାଏ ଓ ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ରାଧେଶ୍ୟାମ ପ୍ରଧାନ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଗୌରମାଲ ସରପଞ୍ଚ ରାଜ ସାଏ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ରାଜପୁର ପୂର୍ବତନ ସମିତି ସଭ୍ୟ ଗଣେଶ ବାଗ, ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଜଳନ୍ଧର ଏକ ସୁସଜ୍ଜିତ ରଥରେ ବାହାରି ନଗର ପରିକ୍ରମା କରିଥିଲେ। ପ୍ରତ୍ୟେକ ଘର ସମ୍ମୁଖରେ ଝୋଟି କାଟି କଳସ ନଡିଆ ସହ ଦୀପ ଜାଳି ଗ୍ରାମବାସୀ ତାଙ୍କୁ ସ୍ୱାଗତ କରିଥିଲେ।

ଖୋଲା ରଙ୍ଗମଞ୍ଚ ରାଜ ଦରବାରରେ ଦେବର୍ଷି ନାରଦଙ୍କ ପରାମର୍ଶରେ କୈଳାଶ ପୁର ଆକ୍ରମଣ କରି ପାର୍ବତୀଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ କରିଥିଲେ। ପରେ ମହାପ୍ରଭୁ ମହାଦେବଙ୍କ ସହିତ ଦେବତା ଗଣ ଏବଂ ଅସୁର ମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ରାହୁକୁ ନବଗ୍ରହରେ ସ୍ଥାନ ଦିଆ ଯିବା ପରେ କୀର୍ତ୍ତି ମୁଖକୁ ପ୍ରଭୁ ମହାଦେବ ବରଦାନ ଦେଇଥିଲେ। ପରେ ବୃନ୍ଦାବତୀଙ୍କ ସତୀତ୍ୱ ନଷ୍ଟ ହୋଇଥିଲା। ମହାଦେବ ଏବଂ ଜଳନ୍ଧର ସହିତ ଯୁଦ୍ଧ ହୋଇଥିଲା। ଯୁଦ୍ଧ ହେବା ପରେ ଜଳନ୍ଧର ବଧ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଏଥିରେ ଜଳନ୍ଧର ଭୂମିକାରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଚାରପାଲି ଗାଁର ସଦାନନ୍ଦ ସାହୁ ଅଭିନୟ କରୁଛନ୍ତି। ଦେବରାଜ ଇନ୍ଦ୍ର ଭୂମିକାରେ ପଞ୍ଚଗାଁର ସମାଜସେବୀ ଖୋଲାମଞ୍ଚ କଳାକାର ଦ୍ୱିତୀୟ ଭୋଇ, ମହାମନ୍ତ୍ରୀ ଭୂମିକାରେ ମୁନେଶ ଚାନ୍ଦ ଆଚାର୍ଯ୍ୟ, ଗୁରୁ ଶୁକ୍ରାଚାର୍ଯ୍ୟ ଭୂମିକାରେ ଦଧିବଳ ସାହୁ, ରାହୁଦତ୍ତ ଭୂମିକାରେ ସୁଶୀଲ ବାଗ, ଡଗର ଭୂମିକାରେ ମନବୋଧ ବାରିକ, ନାରଦ ଓ ମହାଦେବ ଭୂମିକାରେ ଶିବ ପ୍ରଧାନ, ବିଷ୍ଣୁ ଭୂମିକାରେ ବରୁଣ ସାହୁ, ଲକ୍ଷ୍ମୀ ଭୂମିକାରେ ଶକୁନ୍ତଳା ପରିଡ଼ା ପ୍ରମୁଖ କଳାକାର ଅଭିନୟ କରିଥିଲେ। ଏଥିସହ ଅଞ୍ଚଳର କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଲକି କୁପନ୍ ଉଠାଣ କାର୍ଯ୍ୟକ୍ରମ ରହିଥିବା କମିଟି ତରଫରୁ ସୂଚନା ଦିଆଯାଇଛି। ଯାତ୍ରା ଦେଖିବା ପାଇଁ ଅଞ୍ଚଳର ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ବିଶ୍ୱନାଥ ସ୍ମାରକୀ ଟ୍ରଷ୍ଟ ଓ ଲକ୍ଷ୍ମୀ ପୂଜା କମିଟିର ସମସ୍ତ ସଦସ୍ୟ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

# ନଷ୍ଟ ହେବାକୁ ବସିଲାଣି ଗ୍ରାମୀଣ ପାର୍କ

**ସମ୍ବଲପୁର, ୨୨।୧୦(ସମିସ)**

ଗ୍ରାମାଞ୍ଚଳର ବିକାଶ ହେବ। ଏଥିପାଇଁ ପ୍ରତି ଗ୍ରାମାଞ୍ଚଳରେ ଗ୍ରାମୀଣ ପାର୍କ ନିର୍ମାଣ କରାଗଲା। ପୂର୍ବ ସରକାରଙ୍କ ଅମଳରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ଗ୍ରାମର ବିକାଶ ଦିଗରେ ଏହି ପାର୍କ ଯୋଡି ହେଲା। ଲୋକଙ୍କ ଅବସର ବିନୋଦନ ପାଇଁ ପ୍ରତି ପଞ୍ଚାୟତର ପାର୍କ ତିଆରି ହେଲା। କସରତ ଲାଗି ବ୍ୟାୟାମଶାଳା ଓ ପିଲାଙ୍କ ଖେଳ ଉପକରଣ ରହିବ। ଦୋଳି, ସିଡି ଖସଡା, ଜନ୍ତୁଙ୍କ ପ୍ରତିକୃତି ସବୁ ଆକର୍ଷଣୀୟ ଭାବେ ରଖାଯିବ। ସହର ଭ୍ରମ ସୃଷ୍ଟି ହେବା ନେଇ ପୂର୍ବ ସରକାର ଏହି ଯୋଜନାରେ ସମ୍ବଲପୁର ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳରେ ପାର୍କ ତିଆରି କରିଥିଲେ।

କିନ୍ତୁ ଏବେ ରକ୍ଷଣା ବେକ୍ଷଣ ଅଭାବରୁ ପାର୍କ ନଷ୍ଟ ହେବାକୁ ବସିଲାଣି।ଅନେକ ପାର୍କର ସ୍ଥିତି ଅତି ଶୋଚନୀୟ। ଆଉ କିଛି ଅଧପନ୍ତରିଆ ଭାବେ ପିଡିରହିଛି।ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତର ଥିବା ପାର୍କକୁ ଦେଖିଲେ ଲାଗୁଛି ଏହା ଏକ ଟାଙ୍ଗରା ମରୁଭୂମି। କେବଳ ବର୍ଷା ପାଇଁ କିଛି ଲଟାବୁଦା ସୃଷ୍ଟି ହୋଇଛି।ନହେଲେ କେଉ ଦିନରୁ ଏହାର ସଫେଇ ହୋଇନାହି। ପିଲାଙ୍କ ପାଇଁ ତିଆରି ହୋଇଥିଲା ଦୋଳି, ସିଡି ଖସଡା ବି ଆଉ ନାହିଁ। ପାଣି ସୁବିଧା ପାଇଁ ଟାଙ୍କି କରାଯାଇଛି। କିନ୍ତୁ ସେ ବି ଶେଷ ନିଃଶ୍ୱାସ ଗଣୁଛି। ପାର୍କ ଭିତରେ ଥିବା ଛୋଟ ପାଦ ଚଲା ରାସ୍ତାଟି ହିଁ କେବଳ ଭଲ ରହିଛି। କିଛି ଦିନ ଏହା ପିଲାଙ୍କ ଖେଳ ପାଇଁ ସୁବିଧା ହୋଇଥିଲା। ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ଦୟନୀୟ ଅବସ୍ଥାରେ ପଡ଼ିଛି। ସ୍ଥିତି ଏମିତି ହୋଇଛି ଯେ, ପଞ୍ଚାୟତକୁ ଆସିଥିବା ଅଳିଆ ପୃଥକୀକରଣ କେନ୍ଦ୍ର ବି ପାର୍କରେ ଲାଗି ରହିଛି। ଅର୍ଥାତ ଯେଉଠି ଖେଳକୁଦ ହେବ, ସେଠି ଅଳିଆର ଦୁର୍ଗନ୍ଧ ବାଜିବ। ଏଭଳି ଯୋଜନା କେବଳ ପ୍ରକଳ୍ପ ତିଆରି ପାଇଁ ହୋଇଥିବା ସ୍ଥାନୀୟବାସିନ୍ଦା କହିଛନ୍ତି। ନହେଲେ ଗୋଟିଏ ସ୍ଥାନରେ କିଭଳି ପାର୍କ ଓ ଅଳିଆ ପୃଥକୀକରଣ କେନ୍ଦ୍ର ରହିବ?

**ରକ୍ଷଣାବେକ୍ଷଣ ହେଉନି**
**ବିଭିନ୍ନ ପାର୍କରେ ଅନିୟମିତତା ଅଭିଯୋଗ**
**ପିଲାଙ୍କ ଖେଳ ଉପକରଣ ନଷ୍ଟ**

ସେହିଭଳି ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ପାର୍କ ସ୍ଥିତି ମଧ୍ୟ ଶୋଚନୀୟ। ଗ୍ରାମୀଣ ପାର୍କ ନାଁରେ ଅର୍ଥ ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲକ୍ଷ ଲକ୍ଷ ଟଙ୍କାର ପାର୍କ ନିର୍ମାଣରେ ଆର୍ଥିକ ଅନିୟମିତତା ହୋଇଛି। ସାହେବୀ, ବାଟଗାଁ, ଜାମୁଯୋରୀ, ସାଲେଭଟା, ନାକଟିଦେଉଳ, ଶିମିଳିପାଳ, ଡଇଁଚା, ଘୋଷରାମାଳ, ଗୋଗୁଆ, ସରାପାଲି, ବଳମ, ଗିରିଶ୍ଚନ୍ଦ୍ରପୁର, କିସିଣ୍ଡା ଏବଂ ପାଣିମୋରା ପାର୍କ କାମ ସରିଛି। ହେଲେ ପାର୍କର ଅବସ୍ଥା ଅତି ଦୟନୀୟ ହୋଇ ପଡ଼ିରହିଛି। ପାର୍କକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ବିଭିନ୍ନ ପ୍ରକାର ଗଛ ଲଗାଯିବାର ନିୟମ ରହିଥିଲା। କିନ୍ତୁ କୌଣସି ପାର୍କରେ ଗଛ ନାହିଁ। ପାର୍କ ସମ୍ମୁଖରେ କେବଳ ଫଳକ ଲଗାଯାଇଛି। ନିର୍ମାଣ କାମ କାଗଜ କଲମରେ ସୀମିତ ରହିଛି। ପାର୍କ ସବୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ତେଣୁ ସନ୍ଧ୍ୟା ହେବା ମାତ୍ରେ ଏଠାରେ ଅସାମାଜିକଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ୨୦୧୯-୨୦, ୨୦-୨୧ ଏବଂ ୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟ ଅର୍ଥ କମିଶନ ପାଣ୍ଠିରୁ ୮ ଲକ୍ଷ ଏବଂ ମନରେଗାରୁ ୫ ଲକ୍ଷ ଟଙ୍କା ଲେଖାଁଏ ପ୍ରତ୍ୟେକ ପଞ୍ଚାୟତକୁ ଯୋଗାଇ ଦିଆଯାଇଥିଲା। ଏହି ଯୋଜନାରେ ସମ୍ବଲପୁର ଜିଲ୍ଲାର ପ୍ରତି ପଞ୍ଚାୟତକୁ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ମଧ୍ୟ ଆସିଥିଲା। କିନ୍ତୁ ଏହା ସଫଳ ରୂପାୟନ ବଦଳରେ ସବୁ ଅଳିଆ ଗଦାରେ ପରିଣତ ହୋଇଛି।

## ଯାଦବ ମହାସଭା ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା

**ସମ୍ବଲପୁର, ୨୨।୧୦(ସମିସ):** ସମ୍ବଲପୁର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା ପାଳିତ ହୋଇଛି। ବୁଢ଼ାରଜା ପାହାଡ଼ ଉପରେ ଆୟୋଜିତ ସମାରୋହରେ ଚଳିତ ବର୍ଷ ସହର ମୁଦିପଡ଼ା ନିବାସୀ ମନବୋଧ ବରର୍ଡ଼ି ଓ ପାର୍ବତୀ ବରର୍ଡ଼ି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବହୁ ଶ୍ରଦ୍ଧାଳୁ ପାହାଡ଼କୁ ଆସି ଗିରି ଗୋବର୍ଦ୍ଧନ ପୂଜାରେ ସାମିଲ ହେବା ସହିତ ଭଗବାନଙ୍କ ଆର୍ଶୀବାଦ ଲାଭ କରିଥିଲେ। ସମ୍ବଲପୁର ଜିଲ୍ଲା ଯାଦବ ମହାସଭାର ସଭାପତି ଭୋଲାଶଙ୍କର ମହତମ, ସମ୍ପାଦକ ହେମନ୍ତ ଗହୀର, ଉପସଭାପତି ରାମଚନ୍ଦ୍ର ପୋଡ, ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ବାଗ, ଲକ୍ଷ୍ମୀ ବାଗ, ଗୁଣନିଧି ରାଉତ, ଲେଲୁର୍ଯ୍ୟ ନାଗ, ବିଜୟଲକ୍ଷ୍ମୀ ବେହେରା, ସୀମା ଷଣ୍ଢ, ସୁମି ମହାକୁର, ତୋଫାନ



ବେହେରା, ନରେଶ ବରର୍ଡ଼ି, କାନନ ନାଗ, ନବକିଶୋର ଜାଲ, ରାକେଶ ବାଗ, ଶେଷ କୁଆଡ଼ି, ରାଜେଶ ବାଗ, ବିଶ୍ୱାମିତ୍ର ଦୀପ, ଲୋକନାଥ ବରର୍ଡ଼ି, ଘନଶ୍ୟାମ ମହାକୁର, ଲୋକନାଥ ଅହିର, ନରସିଂହ ବରର୍ଡ଼ୀ, ଜଗଦୀଶ ମଲ୍ଲିକ, ନିଖିଲ ନାଗ, ହରିହର ଷଣ୍ଢ ଅଲେଖ ଘିବେଲା, ଅଲେଖ ଯାଦବ ପ୍ରମୁଖ ପୂଜା ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

## ସ୍କୁଟି-ବାଇକ ଦୁର୍ଘଟଣା, ଜଣେ ମୃତ

**ସମ୍ବଲପୁର, ୨୨।୧୦(ସମିସ):** କ୍ଷେତରାଜପୁର ଥାନା ଅଞ୍ଚଳରେ ଦୁର୍ଘଟଣା। ସ୍କୁଟି ନଂଓଡି୧୫ଏସି- ୯ ୯୪୯ ଓ ବାଇକ୍ ନଂଓଡି୧୫-କେ୯୦୪୮) ମଧ୍ୟରେ ଦୁର୍ଘଟଣା ହେବା ପରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି।ମୃତ ବ୍ୟକ୍ତି ଜଣଙ୍କ ହେଉଛନ୍ତି ବରେଇପାଲି ଥାନା ଅନ୍ତର୍ଗତ ମାଲିପଡ଼ାର ଅଶିତ ହରିପାଲ(୨୫)।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା, ୨୨।୧୦ (ସମିସ):** କୁଚିଣ୍ଡା ଥାନା ମହଦାଗ୍ରାମର ଗଣ୍ଡାବନ୍ଦରେ ବୁଧବାର ସନ୍ଧ୍ୟାରେ ବିଷ୍ଣୁ ମୁଣ୍ଡାଙ୍କ ପୁଅ ଠାସକର ମୁଣ୍ଡା ଶୌଚ ସାରି ପୋଖରୀରେ ହାତ ଗୋଡ ଧୋଉଥିବା ବେଳେ କୌଣସି କାରଣ ବସତଃ ପାଣିରେ ବୁଡି ମୃତ୍ୟୁବରଣ କରିଥିଲେ। ସନ୍ଧ୍ୟାରେ ଗ୍ରାମର କିଛି ବ୍ୟକ୍ତି ପୋଖରୀକୁ ଯିବା ବେଳେ ତୁଠ ପାଖରେ ପାଣିରେ ଶବ ଭାସୁଥିବା ଦେଖି ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀ ଆସି ଠାସକର ଶବ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଦମକଳ ବାହାନୀ ପହଞ୍ଚି ଶବଉଦ୍ଧାର ନକରି ଅଟକି ରହିଥିଲେ। ପୁଲିସ ନ ଆସିଲେ ଶବ ପାଣିରୁ ବାହାର କରି ହବ ନାହିଁ କହି ଦମକଳ କର୍ମଚାରୀ ପୁଲିସକୁ ଅପେକ୍ଷା କରିଥିଲେ।

## ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି

**ସମ୍ବଲପୁର, ୨୨।୧୦(ସମିସ):** କେଉଁ ଅମଳରୁ ରାସ୍ତା କଡ଼ ସରକାରୀ ଜାଗାରେ ଘର କରି ରହି ଆସୁଛନ୍ତି। ସରକାରୀ ଜମି ମାଡ଼ି ବସି ରହୁଥିବା ଭୁଲ ମଧ୍ୟ ଜାଣିଛନ୍ତି। କିନ୍ତୁ କୌଣସି ଉପାୟ ନଥିବାରୁ ସେ ଜାଗା ଛାଡ଼ି ପାରୁ ନାହାନ୍ତି। ବର୍ତ୍ତମାନ ରାସ୍ତା ପ୍ରସସ୍ତିକରଣ ହେବ, ତେଣୁ ଉକ୍ତ ସ୍ଥାନରୁ ଉଚ୍ଛେଦ ପାଇ ନୋଟିସ ଦିଆଯାଇଛି। ହେଲେ ଉପଯୁକ୍ତ ଥଇଥାନ କରିବାକୁ ବରଗାଁ ଗ୍ରାମର କିଛି ଅଧିବାସୀ ସମ୍ବଲପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କହିଛନ୍ତି, ପୂର୍ବପୁରଷ ଅମଳରୁ ପ୍ରାୟ ୧୦୦ ବର୍ଷ ହେଲାଣି ପିଢ଼ିକୁ ପିଢ଼ି ରାସ୍ତା କଡ଼ରେ ବସବାସ କରୁଛନ୍ତି। ରାସ୍ତାର ପ୍ରଶସ୍ତିକରଣ ହେଉଥିବା ସରକାରଙ୍କ ପକ୍ଷରୁ ଘର ଛାଡ଼ିବାକୁ ନୋଟିସ ଦିଆଯାଇଛି। ସେମାନେ ଦିନ ମଜୁରିଆ ଭାବେ କାମ କରି ପରିବାର ପୋଷୁଛନ୍ତି। ଉଚ୍ଛେଦ ପୂର୍ବରୁ ସେମାନଙ୍କୁ ଉପଯୁକ୍ତ ଥଇଥାନ କରିବାକୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିନରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

## ରାସ୍ତା ନିର୍ମାଣରେ ଅନିୟମିତତା | ଉପଜିଲ୍ଲାପାଳଙ୍କୁ ଦାବିପତ୍ର





**ରେଢ଼ାଖୋଲ, ୨୨।୧୦ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ୫୫ ନଂ ଜାତୀୟ ରାଜପଥ ଠାରୁ ଗାଡୁମୁଣ୍ଡା ଆରଡି ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟରେ ଠିକାଦାରଙ୍କ ମନମୁଖୀ ଏବଂ ଅନିୟମିତତାକୁ ନେଇ ବୁଧୁବାର ଦିନ ଶତାଧିକ ଗ୍ରାମବାସୀ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ରାସ୍ତା ନିର୍ମାଣରେ ଠିକା ସଂସ୍ଥା ମନମୁଖୀ କାର୍ଯ୍ୟ କରୁଛି, ରାଜସ୍ୱ ନୀରିକ୍ଷକଙ୍କ ବିନା ସହାୟତାରେ କାର୍ଯ୍ୟ ଚାଲିଛି। ଗ୍ରାମରେ ଥିବା ବିଦ୍ୟାଳୟରେ ବିନା ଅନୁମତିରେ ଠିକାଦାର ରାସ୍ତା ନିର୍ମାଣ ସାମଗ୍ରୀ ଯଥା ଚିପସ୍, ବାଲି, ଡ଼ଷ୍ଟ ଇତ୍ୟାଦି ସ୍କୁଲ ପରିସରରେ ରଖାଯାଇଛି। ଏଥିରେ ବିଦ୍ୟାଳୟରେ ଅଧୟନ କରୁଥିବା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ସହିତ କୋଳାହଳ ସୃଷ୍ଟି ହେଉଛି। ପୂର୍ବରୁ ଥିବା ପଞ୍ଚାୟତ ସମିତି କଂକ୍ରିଟ ରାସ୍ତା, ରାସ୍ତା ନିର୍ମାଣ ପାଇଁ ଲୋଡଙ୍ଗି ହାଇୱା ଗାଡି ବାରମ୍ବାର ଚାଲିବାରୁ ରାସ୍ତା ନଷ୍ଟ ହୋଇଯାଇଛି। ଗ୍ରାମର ଥିବା ନାଳ ଗୁଡିକରୁ ଶହ ଶହ ସଂଖ୍ୟାରେ ବେଆଇନ ଭାବେ ବାଲି ଖନନ କରାଯାଉଥିବାରୁ ପ୍ରାକୃତିକ ପରିବେଶ ନଷ୍ଟ ହେବାକୁ ଲାଗିଛି।ଜେଇଙ୍କ ଅନୁପସ୍ଥିତିରେ ରାତିରେ ନିମ୍ନମାନର କାର୍ଯ୍ୟ କରାଯାଉଛି।ବିନା ସୂଚନା ଫଳକରେ କାର୍ଯ୍ୟ ଚାଲିଛି। ରାସ୍ତାରେ ଥିବା ଗଛ ଏବଂ ବିଦ୍ୟୁତ୍ ପୋଲ ଗୁଡ଼ିକୁ ନ ହଟାଇ ରାସ୍ତା କାର୍ଯ୍ୟଚାଲିଥିବା ଅଭିଯୋଗ କରିଛନ୍ତି। ଉପଜିଲ୍ଲାପାଳ ଶ୍ରୀ ମହନ୍ତ ଗ୍ରାମବାସୀଙ୍କ ସମସ୍ୟା ଗୁଡ଼ିକ ସମାଧାନ ନ ହେବା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପିଣ୍ଟୁ ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନ, ବିଶ୍ୱାମିତ୍ର ବେହେରା, ବିଦେଶୀ ପ୍ରଧାନ, ନରେଶ ବେହେରା, ବିନୋଦ ବିହାରୀ ସ୍ୱାଇଁ, ମୁକ୍ତା ପ୍ରଧାନ, ଦୁତି ସାହୁ ପ୍ରମୁଖ ସମେତ ଗ୍ରାମର ଶତାଧିକ ସଂଖ୍ୟାରେ ମହିଳା ପୁରୁଷ ସାମିଲ ଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ

**ସମ୍ବଲପୁର, ୨୨।୧୦(ସମିସ):** ନାବାଳିକା ଦୁଷ୍କର୍ମକାରୀକୁ ପୋକ୍ସ କୋର୍ଟ ସମ୍ବଲପୁର ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି।ଯୁଯୁମୁରା ଥାନା ଅଞ୍ଚଳରେ ଘଟିଯାଇଥିବା ଏକ ନାବାଳିକା ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ନବୀନ ଧରୁଆ(୨୮)କୁ ଏଡିଜେ କମ୍ ସ୍ପେସାଲ ପୋକ୍ସ କୋର୍ଟ ବିଚାରପତି ଅଭିଳାଶ ସେନାପତି ବିଚାର କରି ରାୟ ଶୁଣାଇଛନ୍ତି। ୧୯ ଜଣ ସାକ୍ଷ୍ୟବୟାନ ଆଧାରରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡ ସହ ୫୦ ହଜାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ଅନୁକମ୍ପା ରାଶି ଭାବେ ୧୦ ଲକ୍ଷ ୫୦ ହଜାର ଟଙ୍କା ଦେବା ଲାଗି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାଟିକୁ ସରକାରଙ୍କ ପକ୍ଷରୁ ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ। ସୂଚନା ଅନୁସାରେ ଘଟଣାଟି ଯୁଯୁମୁରା ଥାନା ଅଞ୍ଚଳରେ ଅଗଷ୍ଟ ମାସ ୨୦୨୪ରେ ଘଟିଥିଲା। ପୀଡ଼ିତାର ବୟସ ୯ ବର୍ଷ ରହିଥିଲା। ଅଭିଯୁକ୍ତ ପୀଡିତାଙ୍କ ବଡ ମାଆ ଘରେ ରହି ପାଠ ପଢୁଥିଲା। ଘଟଣା ଦିନ ରାତିରେ ଘରକୁ ଖାଇଯିବା କହି ପୀଡ଼ିତାଙ୍କୁ ସାଙ୍ଗରେ ନେଇଥିଲା। ଘରକୁ ନେବା ବଦଳରେ ସ୍କୁଲ ଘରକୁ ନେଇ ଦୁଷ୍କର୍ମ କରିଥିଲା। ପରେ ପୀଡ଼ିତା କାନ୍ଦିବାରୁ ଘରେ ଛାଡ଼ି ଦେଇଥିଲା। ପରିବାର ଲୋକ ସବୁ କଥା ଜାଣିବା ପରେ ତା ପର ଦିନ ଯୁଯୁମୁରା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି ଚାର୍ଜ ସିଟ ଦାଖଲ କରିଥିଲେ। ବିଚାରପତି ସମସ୍ତ ସାକ୍ଷ୍ୟ ପ୍ରମାଣପରେ ଉପରୋକ୍ତ ରାୟ ଶୁଣାଣି କରିଥିଲେ।

## ସିକ୍ରାପାଲିରେ ପ୍ରସିଦ୍ଧ ଗିରିଗୋବର୍ଦ୍ଧନ ପୂଜା



**ସମ୍ବଲପୁର, ୨୨।୧୦(ସମିସ):** ଯୁଯୁମୁରା ବ୍ଲକ କୁକୁଡାପାଲି ପଞ୍ଚାୟତ ସିକ୍ରାପାଲିରେ ପ୍ରସିଦ୍ଧ ଗିରି ଗୋବର୍ଦ୍ଧନ ପୂଜାଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ପୂଜାରେ ସିକ୍ରାପାଲି ଗ୍ରାମର ଅଶୋକ ପାଣିଗ୍ରାହୀ ଓ ତାଙ୍କ ଧର୍ମପତ୍ନୀ ଫଣିତା ପାଣିଗ୍ରାହୀ କର୍ତ୍ତା ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜକ ରୋନକ କର ଓ ତାଙ୍କ ସହଯୋଗୀ ପୂଜାବିଧି ସାମାପିତ କରିଥିଲେ।ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ, ସୁସ୍ମିତା ଦେହୁରୀ, ପରକ୍ଷୀତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜନ କମିଟିର ସଭ୍ୟ କପିଳେଶ୍ୱର ମାଝୀ, ଚିନ୍ମୟ ନାୟକ, ଅଜିତ କୁମାର ସାହୁ, ପ୍ରସାନ୍ତ ଦେହୁରୀ, କୁଞ୍ଜ ବିଶ୍ୱାଳ, ସଞ୍ଜିବ ଡନସନା, ବିରେନ୍ଦ୍ର ମାଝୀଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଗ୍ରାମବାସୀ ଆୟୋଜନରେ ସହଯୋଗ କରିଥିଲେ।

## ସାମ୍ବାଦିକଙ୍କୁ ପେନସନ୍, ପ୍ରୋଟେକ୍ସନ୍ ଓ ଆକ୍ରିଡେସନ୍ ଦାବି
## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜିଲ୍ଲା ସାମ୍ବାଦିକ ୟୁନିୟନ

**ଜମନକିରା, ୨୨।୧୦(ସମିସ):** ରାଜ୍ୟରେ କାର୍ଯ୍ୟରତ ସାମ୍ବାଦି ମାନଙ୍କୁ ପେନସନ, ପ୍ରୋଟେକ୍ସନ ଓ ଆକ୍ରିଡେସନ ଦାବି ନେଇ ବୁଧବାର ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିୟନ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଦିଆଯାଇଛି। ସୂଚନା ଥାଉକି, ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ହକ ଲଢେଇ ପାଇଁ ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ବାରମ୍ବାର ଲଢେଇ କରି ଆସୁଛି। ଏପରିକି ଗତ ସେପ୍ଟେମ୍ବର ୨୨ ତାରିଖରେ ରାଜ୍ୟର ଶହ ଶହ ସାମ୍ବାଦିକ ବିଧାନସଭା ସମ୍ମୁଖରେ ଧାରଣା ଦେଇଥିଲେ। ସାମ୍ବାଦିକ ସଂଘ ତରଫରୁ ଏକ ଟିମ୍ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମଧ୍ୟ ସ୍ମାରକପତ୍ର ପ୍ରଦାନ କରିଥିଲେ। ହେଲେ ଏକ ମାସ ହୋଇ ଯାଇଥିଲେ ମଧ୍ୟ ସରକାର କୌଣସି ଦାବିକୁ ଗୁରୁତର ସହ ନ ନେଇ ନିରବ ରହିଗଲେ। ତେଣୁ ସାମ୍ବାଦିକମାନଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିକୁ ଆଖି ଆଗରେ ରଖି ବୁଧବାର ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିୟନ ତରଫରୁ ଚିଠି ପଠାଯାଇଛି।

## ବାମରାରେ ଜ୍ୟୋତି କଳସ ପରିକ୍ରମା





**କୁଚିଣ୍ଡା, ୨୨।୧୦(ସମିସ):** ହରିଦ୍ୱାରର ଶାନ୍ତିକୁଞ୍ଜରୁ ଆରମ୍ଭ ହୋଇଥିବା ଜ୍ୟୋତି କଳସ ରଥ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ବାମରାକୁ ଆସି ପରିକ୍ରମା କରିଥିବା ବେଳେ ଉକ୍ତ ରଥକୁ ଅଞ୍ଚଳରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମଙ୍ଗଳବାର ଜ୍ୟୋତି କଳସ ବାମରାରେ ଆସି ପହଞ୍ଚିଥିବା ବେଳେ ଗାୟତ୍ରୀ ପରିବାର ସନ୍ୟୋଜକ ସତ୍ୟଜିତ ସରାଫ ଓ ବିନୟ ପଣ୍ଡା ରଥକୁ ସ୍ୱାଗତ ଜଣାଇ ଗାୟତ୍ରୀ ମନ୍ଦିରକୁ ଆଣିଥିଲେ। ପରେ ଉକ୍ତ ରଥ ଟାଙ୍ଗରମୁଣ୍ଡାରେ ପହଞ୍ଚିବା ପରେ ସେଠାରୁ ପରିକ୍ରମା କରିବା ପରେ ପୁଣି ଗୋବିନ୍ଦପୁର ଜଗନ୍ନାଥ ମନ୍ଦିରକୁ ପହଞ୍ଚିଥିଲା। ସେଠାରେ ଶ୍ରଦ୍ଧାଳୁମାନେ ଜ୍ୟୋତି କଳସ ଦର୍ଶନ କରିଥିଲେ। ସେହିପରି ବୁଧବାର ଦିନ ଉକ୍ତ ଜ୍ୟୋତି କଳସ ବାମରା ଅଞ୍ଚଳରେ ପରିକ୍ରମା କରିଥିଲା।

## ଦିବ୍ୟାଙ୍ଗଙ୍କ ସହ ଦୀପାବଳି ପାଳିଲା 'ସ୍ୱଇଚ୍ଛା'



**ସମ୍ବଲପୁର, ୨୨।୧୦(ସମିସ):** ବୁର୍ଲା ସ୍ଥିତ ବାକ ଏବଂ ଶ୍ରବଣ ବାଧିତ ତଥା ଦିବ୍ୟାଙ୍ଗ ବିଦ୍ୟାଳୟରେସ୍ୱଇଚ୍ଛା ପରିବାରର ସ୍ୱେଚ୍ଛାସେବୀ ପକ୍ଷରୁ ଆଲୋକର ପର୍ବ ଦୀପାବଳି ପାଳନ କରାଯାଇଛି। ଏହି ଅବସରରେ ପିଲା ମାନଙ୍କ ଦ୍ୱାରା ରଙ୍ଗ ବେରଙ୍ଗର ଝୋଟି ସହ ବିଦ୍ୟାଳୟକୁ ଦୀପ ଦ୍ୱାରା ସଜାଯାଇଥିଲା। କୁନି କୁନି ଛାତ୍ରଛାତ୍ରୀ ଗୀତଗାଇ ସଙ୍ଗୀତର ତାଳେ ତାଳେ ନୃତ୍ୟ କରିଥିଲେ। ଛାତ୍ରଛାତ୍ରୀ ବିଭିନ୍ନ ରକମର ବାଣ ଫୁଟାଇ ଆଲୋକର ପର୍ବ ଦୀପାବଳିକୁ ସ୍ୱାଗତ କରିଥିଲେ।ଅନୁଷ୍ଠାନର ନିଆରା ପ୍ରୟାସ ଛାତ୍ର ଛାତ୍ରୀଙ୍କ ମନରେ ଖୁସିର ଲହରି ସୃଷ୍ଟି ହୋଇଥିଲା। ସ୍ୱଇଚ୍ଛା ପରିବାରର ଦିଲୀପ ପଣ୍ଡା, ଆର୍ତ୍ତତ୍ରାଣ ଶତପଥୀ, ଅଭିଷେକ ଲିମା, ସଞ୍ଜୟ ଜେନା, ମାନସ ଶତପଥୀ, ସାନ୍ତନ୍ଷ ପଣ୍ଡା, ସୁଶାନ୍ତ ଦଣ୍ଡସେନା, ଦୁର୍ଗା ପଟ୍ଟନାୟକ, ଅମନ ଛୁରିଆ ଏବଂ ଘନଶ୍ୟାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଟଙ୍କା ଦେଇ ଏସ୍ଏମସିରେ ନିଯୁକ୍ତି ଘଟଣା**

# ନ୍ୟାୟ ଦାବିରେ ଥାନା ଘେରିଲେ ମହିଳା

**ସମ୍ବଲପୁର, ୨୨।୧୦(ସମିସ)**

ଟଙ୍କା ଦେଲେ ସମ୍ବଲପୁର ମହାନଗର ନିଗମରେ(ଏସ୍ଏମସି) ଚାକିରି ମିଳୁଛି। ଏସ୍ଏମସିରେ ସଫେଇ କର୍ମଚାରୀ ପାଇଁ ଜଣଙ୍କ ପିଛା ୧୨ ହଜାର ଟଙ୍କା ଏକ ସଂସ୍ଥା ନେଇ ମିଛ ଚାକିରି ଦେଉଥିଲା। ଅନେକ ଲୋକଙ୍କୁ ଠକିଥିବା ଅଭିଯୋଗ ହୋଇଛି। ଏଥିପାଇଁ ବୁଧବାର ବୁର୍ଲା ଥାନା ଚିପଲିମା ଅଞ୍ଚଳରୁ ମହିଳାମାନେ ୪ ଜଣ ଅଭିଯୁକ୍ତଙ୍କୁ କାବୁ କରିଛନ୍ତି।ଏଥିରେ ଜଣେ ମହିଳାଙ୍କ ସହ ୩ ଜଣ ବ୍ୟକ୍ତି ରହିଛନ୍ତି। ପୁଲିସକୁ ଖବର ଦେଲ ପରେ ବୁର୍ଲା ପୁଲିସ ୪ ଜଣଙ୍କୁ ଥାନାରେ ଅଟକ ରଖିଛି।ଏମାନଙ୍କ ଦ୍ୱାର ଉକ୍ତ ମହିଳାମାନେ ସଫେଇ କର୍ମାଚାରୀ ଭାବେ ଏସ୍ଏମସିରେ ନିଯୁକ୍ତି ପାଇଁ ୧୨ ହଜାର ଟଙ୍କା ଦେଇଛନ୍ତି। ତେଣୁ ଆଜି ସେମାନଙ୍କ କାବୁ କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ପରେ ନ୍ୟାୟ ଦାବିରେ ମହିଳାମାନେ ସନ୍ଧ୍ୟାରୁ ଥାନା



ଘେରଉ କରିଥିଲେ। ରାତି ୧୦ଟା ପର୍ଯ୍ୟନ୍ତ ମଧ୍ୟ ପ୍ରାୟ ଦୁଇ ଶହ ମହିଳା ଥାନା ସମ୍ମୁଖରେ ରହିଥିଲେ। ଖବର ପାଇଁ ସମ୍ବଲପରୁ ଏସ୍ପି ଥାନାକୁ ଯାଇଥିଲେ। ଖବର ଲେଖିବା ପର୍ଯ୍ୟନ୍ତ ଅଟକ ବ୍ୟକ୍ତିଙ୍କ ପରିଚୟ ପୁଲିସ ପକ୍ଷରୁ ମିଳିପାରିନଥିଲା। ସୂଚନା ଅନୁସାରେ ସମ୍ବଲପୁର ମହାନଗର ନିଗମରେ ସଫେଇ, ପରିଚ୍ଛନତା ଓ ଅନ୍ୟାନ ଶୌଚାଳୟ ସମ୍ବନ୍ଧିତ କାମ ପାଇଁ କୌଣସି ସଂସ୍ଥା କିମ୍ବା ଅନଧିକୃତ ବ୍ୟକ୍ତି ଟଙ୍କା ନେଇ ନିଯୁକ୍ତି ଦେଉଥିଲେ। ପ୍ରାୟ ୫ ଶହରୁ ଅଧିକ ଲୋକଙ୍କୁ ଏହି ସଂସ୍ଥା ଠକିଥିବା ଅଭିଯୋଗ ହୋଇଛି। ଜଣକ ପିଛା ୧୨ ହଜାର ଟଙ୍କା ନେଇ ନିଯୁକ୍ତି ଦେଉଥିଲେ। ଏପରିକି ନିଯୁକ୍ତିର ତାରିଖ ସହ ୟୁନିଫର୍ମ ମଧ ଯୋଗାଇ ଦେଉଥିଲେ। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା। ଏଥିପାଇଁ ମଧ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱଷ୍ଟୋକ୍ତି ଜାରି କରାଯାଇଥିଲା।ଏଭଳି ଠକାମୀର ଶିକାର ନ ହେବାକୁ ଏସ୍ଏମସି ବାରଣ କରିଛି। ସଫାଇ, ପରିଚ୍ଛନତା ଓ ଅନ୍ୟାନ ଶୌଚାଳୟ ସମ୍ବନ୍ଧିତ କାର୍ଯ୍ୟରେ ନିଯୁକ୍ତି ଦେବା ନାମରେ କୌଣସି ଟଙ୍କା ନିଆଯାଉନାହିଁ ବୋଲି

**ଜଣେ ମହିଳା ସମେତ ୩ ଯୁବକ ଅଟକ**

କହିଥିଲା। ଲୋକଙ୍କ ପାଖରୁ ଟଙ୍କା ସଂଗ୍ରହ କରି ନିଯୁକ୍ତି କରିବା ପାଇଁ କାହାକୁ ଅନୁମତି ଦିଆଯାଇନାହି।ଏସ୍ଏମସିରେ ସମସ୍ତ ନିଯୁକ୍ତି ବା ଠିକା କାର୍ଯ୍ୟ ଅଧିକାରୀକ ନୋଟିସ, ଏସ୍ଏମସି ୱେବସାଇଟ, ସୂଚନାପଟ କିମ୍ବା ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ହୋଇଥାଏ। ଯଦି କେହି ଏଭଳି ଠକାମୀର ଶିକର ହୋଇଥିବେ ତାହାଲେ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।

## ରେଳ ଓଭର ବ୍ରିଜ ନିର୍ମାଣରେ ନିୟୋଜିତ ଶ୍ରମିକଙ୍କ ଆତ୍ମହତ୍ୟା

**କେସିଙ୍ଗା, ୨୨।୧୦ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ରାଜଲକ୍ଷ୍ମୀ କନଷ୍ଟ୍ରକସନ ଦ୍ୱାରା ଚାଲିଥିବା ରେଳ ଓଭର ବ୍ରିଜ ନିର୍ମାଣ କାମରେ ନିୟୋଜିତ ଥିବା ଜଣେ ଶ୍ରମିକ ବୁଧବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ସାହାପୁର ଗ୍ରାମର ସୁରେନ୍ଦ୍ର ନାଏକଙ୍କ ପୁଅ ତାପସ ନାଏକ (୨୫) କେସିଙ୍ଗାରେ ଚାଲିଥିବା ରେଳ ଓଭର ବ୍ରିଜ ନିର୍ମାଣ କାମରେ ଶ୍ରମିକ ଭାବରେ କାମ କରୁଥିଲେ। ହେଲେ ବୁଧବାର ଅପରାହ୍ନରେ ସେ ତାଙ୍କ ରୁମ୍‌ରେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହା ଏକ ପ୍ରେମ ଜନିତ ଆତ୍ମହତ୍ୟା ବୋଲି ଶୁଣିବାକୁ ମିଳୁଛି। ଘଟଣା ଜଣା ପଡ଼ିବା ପରେ ତାଙ୍କ ସାଥୀ ତାପସଙ୍କୁ କେସିଙ୍ଗା ମେଡିକାଲକୁ ଆଣିଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେସିଙ୍ଗା ମେଡିକାଲରେ ପୁଲିସ ସୁରକ୍ଷାରେ ଶବ ରହିଛି। ରାତି ହୋଇ ଯାଇଥିବାରୁ ଗୁରୁବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ସ୍ଥାନୀୟ ପୁଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି।

### ଟିକାକରଣରେ ଅବହେଳା

## ଭୁତଗୁଡା ଗାଁର ୧୩ ଗାଈଗୋରୁ ମୃତ

**ଥୁଆମୂଳରାମପୁର, ୨୨।୧୦ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ପାଡେପଦରପଞ୍ଚାୟତର ଦୁର୍ଗମ ଭୁତଗୁଡା ଗାଁରେ ଆରମ୍ଭ ହୋଇଛି ଗାଈଗୋରୁ ମଡକ। ଏକ ସପ୍ତାହ ମଧ୍ୟରେ ମଲେଣି ୧୪ ଗାଈଗୋରୁ ଓ ମଇଁଷି। ଦୁର୍ଗନ୍ଧରେ ଫାଟିପଡୁଛି ସମଗ୍ର ଅଞ୍ଚଳ। ଯାହା ପରିବେଶ ଦୂଷିତ ହେବା ସହିତ ମଣିଷ ପାଇଁ ବିଭିନ୍ନ ରୋଗର ଆଶଙ୍କା ରହିଛି। ଯାହାକୁ ନେଇ ଚିନ୍ତାରେ ଭୁତଗୁଡା ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ। ନିଜ ଜିଲ୍ଲା ନିଜ ବ୍ଲକରେ ଉପଲବ୍ଧ ଏହି ସେବା ଏହି ଅଞ୍ଚଳ ପାଇଁ ଅପହଞ୍ଚ। ଉପଯୁକ୍ତ ସମୟରେ ଏଭଳି ଗୃହପାଳିତ ପ୍ରାଣୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ସମୟରେ ଟୀକାକରଣ ବ୍ୟବସ୍ଥା ରହିଥିବା ବେଳେ ପ୍ରାଣୀ ଚିକିତ୍ସାଳୟରେ ନିଯୁକ୍ତ ଚିକିତ୍ସକ ତଥା କର୍ମଚାରୀଙ୍କ ଘୋର ଅବହେଳା ଏବଂ ଗାଈଗୋରୁ ମାଲିକଙ୍କ ମଧ୍ୟରେ ସଚେତନତା ଅଭାବ ରହିଛି। ଯାହାର ଫଳସ୍ୱରୂପ ଏଭଳି ସାଂଘାତିକ ପରିଣାମ ଭୋଗିବାକୁ ପଡୁଛି। ବୁଧବାର ପଡୋଶୀ ନବରଙ୍ଗପୁର ଜିଲ୍ଲା ନିକଟ ତେନ୍ତୁଳି ଖୁଣ୍ଟିରୁ ପ୍ରାଣୀ ଚିକିତ୍ସକ ପହଞ୍ଚି ଗ୍ରାମର କିଛି ଗାଈଗୋରୁଙ୍କୁ ଟୀକାକରଣ କରି ଫେରିଥିବା ସୂଚନା ଦେଇଛନ୍ତି ସୁବାସ ମାଝୀ।

### ମେଲବାହାଲିରେ ହାତୀ ଉପଦ୍ରବ

## ଦଳି ଚକଟି ନଷ୍ଟ କଲେ ଧାନ ଫସଲ



**ଲାଞ୍ଜିଗଡ଼, ୨୨।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ବିଜେପୁର ସେକ୍ସନ ମେଲବାହାଲି ଗାଁ ମାନପଟା ପଡ଼ାରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ନିକଟସ୍ଥ ସର୍ଗିଗୁଡା ଜଙ୍ଗଲରେ ୫ ଟିକିଆ ହାତୀପଲ ରହିଥିବା ବେଳେ ମଙ୍ଗଳବାର ରାତିରେ ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତର ମେଲବାହାଲି ଗାଁ ମାନପଟାପଡ଼ାର ହରି ମାଝୀଙ୍କ ୧ ଏକରରୁ ଉକରର ଧାନ ଫସଲକୁ ଦଳି ଚକଟି ନଷ୍ଟ କରି ଦେଇଛନ୍ତି। ଏମାନେ ବହୁ କଷ୍ଟରେ ଧାର ଉର୍ଦ୍ଧ୍ୱାର କରି ଧାନ ଚାଷ କରିଥିଲେ। ହେଲେ ଧାନ କ୍ଷେତକୁ ହାତୀ ନଷ୍ଟ କରିଦେଇଥିବାରୁ ହରି ମାଝୀଙ୍କ ପରିବାର ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବର୍ତ୍ତମାନ ସର୍ଗିଗୁଡା ଜଙ୍ଗଲରେ ହାତୀପଲ ରହିଥିବା ଜଣାପଡ଼ିଛି। ଏନେଇ ବିଜେପୁର ବନପାଳ ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ ଏସମ୍ପର୍କରେ ମୁଁ ଜାଣି ନାହିଁ ଏବେ ଆପଣଙ୍କ ଠାରୁ ଶୁଣୁଛି। ମୁଁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବି ଓ ଯାହା କ୍ଷୟକ୍ଷତି ହୋଇଛି ଆକଳନ କଲା ପରେ ସରକାରଙ୍କ ଯାହା ସୁବିଧା ମିଳିବା କଥା ଯୋଗାଇ ଦିଆଯିବ ବୋଲି ବିଜେପୁର ବନପାଳ ଶ୍ରୀ ଶବର ପ୍ରକାଶ କରିଛନ୍ତି।

## ଶୋ'ରୁମରୁ ବାଇକ୍ ଚୋରି

**ଧର୍ମଗଡ଼, ୨୨।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସହରସ୍ଥିତ ୟମାହା ଶୋ'ରୁମରୁ ଗୋଟିଏ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରିରଖିଛି। ଅଭିଯୋଗ ଅନୁସାରେ ମଙ୍ଗଳବାର ରାତ୍ର ୨ ଟା ରେ ଗୋଟିଏ ବୋଲେରୋରେ ଆସି ୫ ଜଣ ଦୁର୍ବୃତ୍ତ ୟମାହା ଶୋ'ରୁମର ସଟର ତାଲା ଭାଙ୍ଗି ଗୋଟିଏ (ଏଫଜେଡ) ବାଇକ୍ ଚୋରି କରିଥିବା କ୍ରିଷ୍ଣା ମୋଟର୍ସର ମାଲିକ କୃଷ୍ଣ ମୋହନ ନାଏକ ଧର୍ମଗଡ଼ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ଧର୍ମଗଡ଼ ପୁଲିସ ଥାନା କେଶ ନମ୍ବର ୩୦୭/୨୫ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଡଗ ସ୍କ୍ୱାର୍ଡ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଥିବା ତଦନ୍ତକାରି ପୁଲିସ ଅଫିସର ଲୋରିସ ପ୍ରଧାନ ସୂଚନା ଦେଇଛନ୍ତି।

### ନୂଆପଡ଼ା ଉପନିର୍ବାଚନ

## କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ ମିଥ୍ୟା ସତ୍ୟପାଠ ଦାଖଲ ଅଭିଯୋଗ

**ନୂଆପଡ଼ା, ୨୨।୧୦(ସମିସ)**

ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ-୭୧ ପାଇଁ କଂଗ୍ରେସ ତରଫରୁ ନାମାଙ୍କନ ପତ୍ର ଦାଖଲ କରିଥିବା ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ନିଜ ସତ୍ୟପାଠାରେ ତଥ୍ୟ ଲୁଚାଇଥିବା ସହ ମିଥ୍ୟା ସତ୍ୟ ପାଠ ଦାଖଲ କରିଥିବା ନେଇ ବିଜେପି ପକ୍ଷରୁ ଅଭିଯୋଗ ଅଣାଯାଇଛି। ଏ ନେଇ ମଙ୍ଗଳବାର ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ଅଭିଯୋଗ ଅଣାଯାଇଛି। ସନ୍ଧ୍ୟାରେ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଆହୂତ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି କମଲେଶ ଦୀକ୍ଷିତ, ଭଟଲି ବିଧାୟକ ଇରାଶିସ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ନିଜ ନାମାଙ୍କନପତ୍ରରେ ଦେଇଥିବା ସତ୍ୟପାଠରେ ଆପରାଧିକ ତଥ୍ୟ ଲୁଚାଇଛନ୍ତି। କମଲେଶ ଦୀକ୍ଷିତ ନିର୍ବାଚନ ଆୟୋଗରୁ ହସ୍ତଗତ କରିଥିବା ତଥ୍ୟ ମୁତାବକ, ୨୦୨୪ ନିର୍ବାଚନ ସତ୍ୟପାଠରେ ଘାସିରାମଙ୍କ ନାମରେ ୧୯ଟି ଆପରାଧିକ ମାମଲା ଥିଲା ହେଲେ ୨୦୨୫ ର ବର୍ତ୍ତମାନର ଉପନିର୍ବାଚନରେ ଦେଇଥିବା ତଥ୍ୟରେ ୧୨ଟି ଆପରାଧିକ ମାମଲା ରହିଛି। ୭ଟି ମାମଲା ସମ୍ପର୍କରେ କିଛି ଦର୍ଶାଇ ନାହାନ୍ତି। ତାଙ୍କ ନାମରେ ୧୦/୨୦୧୮ ଓ ୨୬/୨୦୨୨ରେ ହୋଇଥିବା ମାମଲା ଏବେ ବି କୋର୍ଟରେ ବିଚାରାଧୀନ ରହିଥିବା ବେଳେ ସେ ସମ୍ପର୍କରେ ସେ କିଛି ବି ଜଣାଇ ନାହାନ୍ତି। ତେଣୁ ଜିଲ୍ଲା ରିଟର୍ଣ୍ଣିଙ୍ଗ ଅଧିକାରୀ ଘାସିରାମଙ୍କ ପ୍ରାର୍ଥୀ ପତ୍ରକୁ ନାକଚ କରନ୍ତୁ ବୋଲି ଦାବି କରିଛନ୍ତ।

### ନୂଆପଡ଼ାରେ ରାଜନୀତିର ସଜ୍ଞା ବଦଳି ଗଲା

## ସବୁ ଦିନ ନିର୍ଦ୍ଦିଷ୍ଟ ଲୋକ ରାଲିରେ ଆସୁଛନ୍ତି

**ନୂଆପଡ଼ା, ୨୨।୧୦ (ସମିସ):** ରାଜନୀତି କହିଲେ ନୀତି ଆଦର୍ଶ କଥା କହୁଥିଲେ ବିଭିନ୍ନ ଦଳର ନେତା ଏବଂ କର୍ମୀମାନେ। ଏଥିପାଇଁ ବିଶେଷ କରି ରାଷ୍ଟ୍ରୀୟ ଦଳ ଗୁଡିକ ତୃଣମୂଳସ୍ତରରେ ନିଜ ନିଜର କର୍ମୀଙ୍କୁ ପ୍ରାଥମିକ ସଦସ୍ୟତା ନେବାକୁ ମଧ୍ୟ ନିର୍ଦ୍ଦେଶ କରୁଥିଲେ। ଦଳରେ ଆଗକୁ ଯିବାକୁ ହେଲେ କିମ୍ବା ପ୍ରାର୍ଥୀ ହେବାକୁ ହେଲେ ନିର୍ଦ୍ଦିଷ୍ଟ ସମୟ ଧରି ଦଳର ସେବା କରିବାକୁ ପଡ଼ିଥାଏ ବୋଲି ତାଙ୍କର ଏଜେଣ୍ଡାରେ ରଖିଥାନ୍ତି। ହେଲେ ନୂଆପଡ଼ା ଜିଲ୍ଲାରେ ଉପନିର୍ବାଚନ ପରିପ୍ରେକ୍ଷୀରେ ଜୟ ଢୋଲକିଆ ଦଳ ଡେଇଁ ବିଜେପିରେ ରାତାରାତି ପ୍ରାର୍ଥୀ ହୋଇଯିବା ପରେ ସବୁ ନିୟମ ବଦଳି ଗଲା। ଦଳରେ ଜଣେ ଥାଉ ବା ନଥାଉ ଯେ କେହି ବି ଆସି ପ୍ରାର୍ଥୀ ହୋଇପାରିବ। ଏହାକୁ ଦେଖି ସାଧାରଣ ଭୋଟର ରାଜନୀତିର ସଜ୍ଞା ବଦଳି ଯାଇଛି ବୋଲି ଚର୍ଚ୍ଚା କରୁଛନ୍ତି।

## ସହର ଭିତରେ ଟ୍ରାଫିକ୍ ସମସ୍ୟା ବଢୁଛି

ନୂଆପଡ଼ା ଏକ ଛୋଟିଆ ସହର। ସହରର ମୁଖ୍ୟ ଏକତା ଛକ ନିକଟରେ ଏକ ଟ୍ରାଫିକ୍ ପୋଷ୍ଟ ସ୍ଥାପନ କରାଯାଇଛି। ହେଲେ ଉପନିର୍ବାଚନ ଯେତିକି ପାଖେଇ ଆସୁଛି ଭିଡ ଜମିବାକୁ ଲାଗୁଛି।ଦୈନିକ ଶତାଧିକ ଗାଡି ମୋଟର ସହରକୁ ପ୍ରବେଶ କରୁଛି। ଟ୍ରାଫିକ୍ ସମସ୍ୟା ବଢ଼ିଚାଲିଛି। ସହରରେ ଆଉ ସହଜରେ ଗାଡ଼ି ଏବଂ ଘର ଭଡା ମିଳିବା କଷ୍ଟ ହେଲାଣି। ଘର ଗୁଡିକର ଭଡା ତିନିଗୁଣା ବଢ଼ିଯାଇଛି।ଦାମି ଗାଡି ଗୁଡିକରେ ହାଇ ପ୍ରୋଫାଇଲ ନେତାଙ୍କ ଆବା ଗମନ ହେତୁ ରାସ୍ତାରେ ଭିଡ଼ ଦେଖିବାକୁ ମିଳୁଛି।

## ଦଳ ଡେଉଁଛନ୍ତି ବଡ ନେତା

ସତେକି ନୂଆପଡ଼ାରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ସ୍ୱର୍ଗବାସ ପରେ ଏକ ପ୍ରକାର ରାଜନୈତିକ ବନ୍ୟା ଆସିଲା ଭଳି ଅନୁଭୂତ ହେଉଛି। ଯେଉଁ ଦିନଠାରୁ ତାଙ୍କର ବିୟୋଗ ହେଲା ସେବେ ଠାରୁ ଏଠାରେ ଏକ ଭିନ୍ନ ରାଜନୀତିର ଯୋଗ ହୋଇଗଲା। ବିଧାୟକଙ୍କ ସ୍ୱର୍ଗବାସ ପରେ ତାଙ୍କ ପୁଅ ଜୟ ଢୋଲକିଆ ଦଳ ଡେଇଁ ହଠାତ ବିଜେପିକୁ ଚାଲିଗଲେ। ତାହା ପୁଣି ଗତ ୧୧ତାରିଖ ଦିନ ଦଳରେ ରାଜଧାନୀରେ ଯୋଗ ଦେବାପରେ ୧୫ତାରିଖ ଦିନ ବିଧାନସଭା ଉପନିର୍ବାଚନ ସକାଶେ ଦଳୀୟ ଟିକେଟ ମିଳିଗଲା। ଏହା ପରେ ସବୁ ପ୍ରକାର ରାଜନୈତିକ ବିଶେଷଜ୍ଞମାନଙ୍କର ଗଣିତ ଫେଲ ମାରିଗଲା।ଦଳର ନେତା କର୍ମୀମାନେ ସତେ କି ବନ୍ୟା ଆସିଲା ଭଳି ବିଭିନ୍ନ ରାଜନୈତିକ ଦଳକୁ ଡିଆଁ ଡିଇଁ ଆରମ୍ଭ କରିଦେଲେ। ଖୋଦ ସ୍ୱର୍ଗତ ଢୋଲକିଆଙ୍କ ବ୍ୟକ୍ତିଗତ ସଚିବ ସକାଳେ କଂଗ୍ରେସର ରାଜ୍ୟ ସଭାପତିଙ୍କ ସହ ଦଳରେ ମିଶିଥିବା ନେଇ ମାଳାପିନ୍ଧିଯିବା ପରେ ସନ୍ଧ୍ୟାରେ ପୁଣି ବିଜେପିର ମାଳା ପିନ୍ଧି ଦେଲେ। ପରଦିନ ଦେଖିଲା ବେଳକୁ ଢୋଲକିଆଙ୍କ ପରିବାରକୁ ଅର୍ଥାତ ବିଜେପିକୁ ଫେରିଆସିଥିବା ପ୍ରକାରାନ୍ତରେ ପ୍ରକାଶ କରିଥିଲେ। ଗୋଳମାଳିଆ ହେଲା ବିଜେପି ନେତାମାନଙ୍କ ଦଳ ବଦଳ ପ୍ରଭାବ ସାଧାରଣ ଜନତା ଏବଂ କର୍ମୀମାନଙ୍କୁ ମଧ୍ୟ ପ୍ରଭାବିତ କରୁଛି। ନାମାଙ୍କନ ପତ୍ର ଦାଖଲ ସହ ବିଭିନ୍ନ ଶକ୍ତି ପ୍ରଦର୍ଶନ କରୁଥିବା ଦଳୀୟ ଶୋଭାଯାତ୍ରା ଗୁଡିକରେ ଯୋଗ ଦେଉଥିବା କର୍ମୀ, ଲୋକମାନଙ୍କୁ ପଚାରିଲେ କୌଣସି ଏକ ନିର୍ଦ୍ଦିଷ୍ଟ ଦଳର ପରିଚୟ ଦେଇପାରୁନାହାନ୍ତି। ନେତାମାନେ ତ ଦଳ ବଦଳୁଛନ୍ତି ଆମେ କାହିଁକି ଗୋଟିଏ ଦଳରେ ରହିବୁ ବୋଲି କହୁଛନ୍ତି। କିଛି ଲୋକଙ୍କୁ ସବୁ ଦଳର ଶୋଭାଯାତ୍ରାରେ ମଧ୍ୟ ଦେଖିବାକୁ ମିଳୁଛି।

### ବିଦ୍ୟାଳୟ ଜମି ମାଲିକାନା ଦାବି

## କଣ୍ଟାବାଡ଼ ଦେଇ ସ୍କୁଲ ରାସ୍ତା ଅବରୋଧ

**କୋକସରା, ୨୨।୧୦(ସମିସ):** କୋକସରା ଗୋଷ୍ଠି ଶିକ୍ଷା ବିଭାଗ ଅଧୀନରେ ଥିବା କନ୍ଦାବୁଟ୍ରା ପଞ୍ଚାୟତ ଡୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାଗାକୁ ଗ୍ରାମର ଜନୈକ ବ୍ୟକ୍ତି ଚକ୍ରଧର ପାଣିଗ୍ରାହୀ ନିଜର ମାଲିକାନା ଦାବି କରିଛନ୍ତି। ସେ



**ବରଗଛ ମୂଳେ ସ୍କୁଲ ଛାତ୍ରଛାତ୍ରୀ**

କଣ୍ଟାବାଡ଼ ଦେଇ ସ୍କୁଲ ରାସ୍ତାକୁ ଅବରୋଧ କରିବା ଫଳରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇ ନ ପାରିବାରୁ ସ୍କୁଲ ବନ୍ଦ ରହିଥିଲା।ବୁଧବାର ବିଦ୍ୟାଳୟ ଖୋଲିବା ପରେ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଶବର ଓ ସହ ଶିକ୍ଷକ ମାନେ ଆସି ବିଦ୍ୟାଳୟ ରାସ୍ତା ବନ୍ଦ ଥିବା ଦେଖିବାକୁ ପାଇଥିଲେ। ଏହା ପରେ ସ୍କୁଲ ପରିଚାଳନା କମିଟି କୁ ଖବର ଦେଇଥିଲେ। ଏବଂ ଅନ୍ୟ ଉପାୟ ନ ପାଇ ବିଦ୍ୟାଳୟ ସମ୍ମୁଖରେ ଥିବା ଏକ ବରଗଛ ମୂଳେ ଛାତ୍ରଛାତ୍ରୀଙ୍କୁ ବସାଇଥିଲେ। କମିଟି ସଦସ୍ୟ ମାନେ ଆସି ବାଡ଼ ଦେଇଥିବା ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ, ତେବେ ସେ ବିଦ୍ୟାଳୟ ଜାଗା ବାବଦରେ ୯୦ ହଜାର ଟଙ୍କା ଦେବାପରେ କଣ୍ଟାବାଡ ହଟାଇବି ବୋଲି ଅଡ଼ି ବସିଥିଲେ। ଏନେଇ ପ୍ରଧାନଶିକ୍ଷକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସ୍କୁଲ କମିଟି ପକ୍ଷରୁ କୋକସରା ବ୍ଲକ ଉପାଧ୍ୟକ୍ଷଙ୍କୁ ସୂଚନା ଦେବାପରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ବିଆରସିସି ତୋଫାନ ମାଝୀ ପହଞ୍ଚି ଦିର୍ଘ ସମୟ ଧରି ଚକ୍ରଧର ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଶ୍ରୀଅଗ୍ରୱାଲ ଟଙ୍କା ଆସନ୍ତାକାଲି ସୁଦ୍ଧା ଦିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ରାଜି ହେବାସହ କଣ୍ଟାବାଡ ହଟାଇ ସ୍କୁଲ ରାସ୍ତା ଅବରୋଧ ହଟାଇବା ପରେ ବିଦ୍ୟାଳୟରେ ପାଠପଢ଼ା ସ୍ୱାଭାବିକ ହୋଇଛି।

## ଯାଦବ ସମାଜର ଜୋନାଲସ୍ତରୀୟ ବନ୍ଧୁମିଳନ

**ଗୋଲାମୁଣ୍ଡା, ୨୨।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଯାଦବ ସମିତି ଆନୁକୂଲ୍ୟରେ ଦଶପୁର ଜୋନାଲସ୍ତରୀୟ ବନ୍ଧୁମିଳନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସଭାପତି ଗିରିଧାରୀ ତେଜିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ସମାଜର ସଭାପତି ନୃପରାଜ ଯାଦବ, ସମ୍ମାନିତ ଅତିଥି ଜିଲ୍ଲା ଉପସଭାପତି ଅରୁପା ନାଗ, ଧର୍ମଗଡ଼ ବ୍ଲକ ସଭାପତି ଶଙ୍କର ପ୍ରସାଦ ଜୋଏଡ, ଜୁନାଗଡ଼ ବ୍ଲକ ସଭାପତି ଗୌରହରି ବାଗ, ଜୁନାଗଡ଼ ବ୍ଲକ ଯାଦବ ମହିଳା ସେଲ ସଭାନେତ୍ରୀ ସଙ୍ଗିତା ଖର୍ସେଲ ଓ ମୁଖ୍ୟବକ୍ତା ନୂଆପଡ଼ା ଜିଲ୍ଲା ସଭା ନେତ୍ରୀ ମମତା ମଞ୍ଜରୀ ଥପା ଗୋଲାମୁଣ୍ଡା ବ୍ଲକ ଯାଦବ ଉପ ସଭାପତି ରେବା କଟା, ସହ ସମ୍ପାଦକ ସଦାଶିବ ବେମାଲ, ଶିକ୍ଷାବିତ୍ ତରଙ୍ଗ ଚଣ୍ଡୀ, ଯୁବ ସାମ୍ବାଦିକ ବ୍ରହ୍ମାପ୍ରସାଦ କାଣ୍ଡ, କେଗାଁ ଜୋନାଲ ସଭାପତି ଦିନରାମ କେତକୀ, ଗୋଲାମୁଣ୍ଡାର ସମାଜସେବୀ ରାଜେଶ ବରର୍ତ୍ତି, ନର୍ଲା ଯାଦବ ସମାଜର ସଭାପତି, ସମ୍ପାଦକ ପ୍ରମୁଖ ଯୋଗଦେଇ ସମାଜ ସଂକ୍ରାନ୍ତିୟ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ୨୭ଟି ଆଞ୍ଚଳିକ ଯାଦବ ସମିତିର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ଗୋଲାମୁଣ୍ଡା ବ୍ଲକ ଯାଦବ ସମିତିର ସମ୍ପାଦକ ପରୀକ୍ଷିତ ଖର୍ସେଲ ମଞ୍ଚ ପରିଚାଳନା କରିଥିଲେ। ଦଶପୁର, ଚିଚିଆ ଓ ଟେମରି ପଞ୍ଚାୟତରୁ ପ୍ରାୟ ହଜାରେ ଯାଦବ ପୁରଷ ଓ ମହିଳା ବନ୍ଧୁମିଳନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଦୁର୍ଗମ ଫୁଲଡୁମେରରେ ଦୀପାବଳି ପାଳିଲା ବ୍ଲକ୍ ପ୍ରଶାସନ

**ଲାଞ୍ଜିଗଡ଼, ୨୨।୧୦ (ସମିସ):** ନିୟମଗିରି ପର୍ବତର ପାଦଦେଶରେ ଥିବା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ଫୁଲଡୁମେର ଗାଁରେ ଆଲୋକର ପର୍ବ ଦୀପାବଳି ପାଳନ କରିଛି ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଶଶାଙ୍କ ପାତ୍ର, ଉପାଧ୍ୟକ୍ଷ ସଞ୍ଜିବ କୁମାର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ କୁମାର ସାହୁ ଫୁଲଡୁମେର ଠାରେ ପହଞ୍ଚିବା ପରେ ଗାଁର ସମସ୍ତ ଆଦିବାସୀ ମହିଳା ଓ ପୁରୁଷ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେ ସମସ୍ତେ ମିଶି ହର୍ଷ ଉଲ୍ଲାସର ସହିତ ଦୀପାବଳି ପାଳନରେ ସାମିଲ ହୋଇଥିଲେ।

## ନିଶାଦେଇ ରେଳଯାତ୍ରୀଙ୍କଠାରୁ ଲୁଟ୍

**କେସିଙ୍ଗା, ୨୨।୧୦(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ରେଳ ଷ୍ଟେସନ ଜିଲ୍ଲାର ପ୍ରମୁଖ ରେଳ ଷ୍ଟେସନ ହୋଇଥିବାରୁ ରେଳ ଯାତ୍ରୀ ବିଭିନ୍ନ ସ୍ଥାନକୁ ଯାତାୟତ ପାଇଁ ଭିଡ଼ ଜମାଇଥାଆନ୍ତି। ଷ୍ଟେସନ ପରିସରରେ ଭିଡ଼କୁ ଦେଖିଦୁର୍ବୃତ୍ତ ଲୋକଙ୍କ ଠାରୁ ଚୋରି ଡକାୟତି କରିବା ପାଇଁ ସଦାବେଳେ ଚାହିଁ ରହିଛନ୍ତି। ଚୋରମାନେ କେତେବେଳେ ଚୋରି କରିବାରେ ସଫଳ ହେଉଛନ୍ତି ତ କେତେବେଳେ ବିଫଳ ହେଉଛନ୍ତି। କେସିଙ୍ଗା ରେଳ ଷ୍ଟେସନରେ ଆର୍‌ପିଏଫ ଅଛନ୍ତି ହେଲେ ନ ଥିଲା ସଙ୍ଗେ ସମାନ। କେବଳ ଟ୍ରେନ ଆସିଲେ ପ୍ଲାଟଫର୍ମରେ ଠିଆ ହୋଇ ନିଜର ଉପସ୍ଥିତି ଜାହିର କରୁଛନ୍ତି। କେସିଙ୍ଗା ରେଳ ଷ୍ଟେସନରେ ଦୁଇଦିନ ତଳେ ଯାତ୍ରୀଙ୍କୁ ନିଶା ଦେଇ ଲୁଟ ଘଟଣା ଦେଖିବାକୁ ମିଳିଥିଲା। ପ୍ରାପ୍ତସୂଚନା ଅନୁଯାୟୀ ବିଳମ୍ବିତ ରାତିରେ କିଛି ଲୋକ ବାହାର ରାଜ୍ୟରୁ ଆସି କେସିଙ୍ଗା ଷ୍ଟେସନରେ ଓହ୍ଲାଇ ନିଜ ଗ୍ରାମ ମୋଟେର ଯିବା ପାଇଁ ଷ୍ଟେସନରେ ବସ୍‌କୁ ଅପେକ୍ଷା କରିଥିଲେ। ସେହି ସମୟରେ କୌଣସି



ଦୁର୍ବୃତ୍ତ ଉକ୍ତ ୩ଜଣ ଯାତ୍ରୀଙ୍କୁ ନିଶାଯୁକ୍ତ ଜଳଜିରା ପିଇବାକୁ ଦେଇଥିଲା। ଉକ୍ତ ଯୁବକମାନେ ନିଶା ଯୁକ୍ତ ଜଳଜିରା ପିଇ ବେହୋଶ ହୋଇ ଯାଇଥିଲେ ପରେ ଦୁର୍ବୃତ୍ତମାନେ ଯାତ୍ରୀମାନଙ୍କ ଠାରୁ ହଜାର ହଜାର ଟଙ୍କା ସହିତ ମୋବାଇଲ ନେଇ ଚମ୍ପଟ ମାରିଥିଲେ। ପରେ ଖବର ପାଇ ସକାଳେ କେସିଙ୍ଗା ପୁଲିସ ଷ୍ଟେସନ ପହଞ୍ଚି ବେହୋସ୍ ହୋଇ ପଡ଼ିଥିବା ଜଣେ ଯୁବକକୁ ମେଡିକାଲ ଆଣି ଚିକିତ୍ସା କରିଥିବା ଦେଖାଯାଇ ଥିଲା। ଏତେ ପରିମାଣରେ ଜଳ ଜିରା ରେ ନିଶା ଦ୍ରବ୍ୟ ମିଳାଯାଇଥିଲା ଯେ ଯୁବକମାନଙ୍କୁ ସକାଳ ୭ ପର୍ଯ୍ୟନ୍ତ ହୋସ ଆସିନଥିଲା ଓ ଯୁବକମାନେ ନିଜର ନାଆଁ ମଧ୍ୟ କହିପାରୁନଥିଲେ। ସେଥିପାଇଁ ସେମାନଙ୍କର ନାଆଁ ମେଡିକାଲରେ ଲିପିବଦ୍ଧ ହୋଇ ନ ଥିବା ଜଣାପଡ଼ିଛି। ତେଣୁ କେସିଙ୍ଗା ରେଳ ଷ୍ଟେସନକୁ କିମ୍ବା ରେଳ ଷ୍ଟେସନରୁ ଯିବା ଆସିବା କରୁଥିବା ରେଳଯାତ୍ରୀମାନେ କୌଣସି ଅଜଣା ବ୍ୟକ୍ତିଙ୍କ ଠାରୁ କିଛି ଖାଇବା ପିଇବା ଗ୍ରହଣ ନ କରିବା ପାଇଁ 'ସକାଳ' ପକ୍ଷରୁ ରେଳ ଯାତ୍ରୀମାନଙ୍କୁ ନିବେଦନ କରାଯାଉଛି।

### କାଣ୍ଡେଲ ଅଞ୍ଚଳରେ ଚାଷ ନଷ୍ଟ କରୁଛି ବାର୍‌ହା

## ଧାନ ଓ ମକା ଫସଲ ସହାୟତା ପାଇଁ ଚାଷୀଙ୍କ ଦାବି





**କେସିଙ୍ଗା, ୨୨।୧୦(ସମିସ)**

ସଞ୍ଜ ହେଲେ ଗାଁରେ ପଡୁଛି ତାଟି କବାଟ। ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି ଗାଁ ଲୋକେ। କେସିଙ୍ଗା ବ୍ଲକ କାଣ୍ଡେଲ ଅଞ୍ଚଳରେ ବାର୍‌ହା ଉପଦ୍ରବ ଦେଖିବାକୁ ମିଳିଛି। ବ୍ଲକର କାଣ୍ଡେଲ ପଞ୍ଚାୟତରେ ବାର୍‌ହାପଲ ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ରାତି ହେଲେ ୨୦ରୁ ଉର୍ଦ୍ଧ୍ୱ ବାରହା ଚାଷ ଜମିରେ ପଶି ଏକର ଜମିରେ ଚାଷ କରାଯାଇଥିବା ମକା ଫସଲ ସବୁ ନଷ୍ଟ କରିବା ସହ ଅମଳ ବେଳକୁ ଧାନ ଫସଲକୁ ମଧ୍ୟ ନଷ୍ଟ କରୁଛନ୍ତି।ସୂଚନା ଅନୁସାରେ ଗତ କିଛି ମାସ ମଧ୍ୟରେ ଗ୍ରାମର ଗୋବର୍ଦ୍ଧନ ଗଉଡ, ଗାନି ଗଉଡ, କିର୍ତ୍ତନ ଗଉଡ, ଧନଞ୍ଜୟ ଗଉଡ, ରାମଚନ୍ଦ୍ର ମହଲାଙ୍କ ଭଳି ଅନେକ ଚାଷୀଙ୍କ ଧାନ ଫସଲ ବାର୍‌ହା ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଓଡ଼ିଶା ସରକାରଙ୍କ ବନବିଭାଗ ପୋର୍ଟାଲ 'ଅନୁକମ୍ପା'ରେ କ୍ଷତିପୂରଣ ସହାୟତା ଯୋଗାଇ ଦେବାକୁ ଅନଲାଇନ ଆବେଦନ କରିଥିଲେ। ଆବେଦନପତ୍ର ପାଇ କେସିଙ୍ଗା ବନବିଭାଗ ରେଞ୍ଜର ମନିଶ ନିଆଲ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ବାର୍‌ହା ଯୋଗୁଁ ଫସଲ ନଷ୍ଟ ହୋଇଥିବା ସ୍ୱୀକାର କରିଛନ୍ତି।ଏପଟେ ଚାଷୀମାନେ ନିଜ ଅମଳ ଫସଲ ନଷ୍ଟ ହୋଇଥିବା ଯୋଗୁଁ ସହାୟତା ରାଶିକୁ ହିଁ ଭରସା କରି ଦିନ ଗଣୁଛନ୍ତି। ଏପଟେ ଗତ୫ ଦିନ ତଳେ ସଞ୍ଜିବ ମହଲା ଏବଂ ଡମ୍ବରୁଧର ମହଲାଙ୍କ ଅମଳ ଧାନ ଫସଲ ବାରହା ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ନିଜ ଜମିରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ବାର୍‌ହା ଆତଙ୍କରେ ନାକେଦମ ଗାଁ ଲୋକେ। ସନ୍ଧ୍ୟା ହେଲେ ହିଁ ଘାରୁଛି ବାରହା ଭୟ। ପ୍ରତିଦିନ ରାତିରେ ବାରହାପଲ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି କରୁଛନ୍ତି। ବାରହା ପଲଙ୍କ ଉପଦ୍ରବରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପଟେ ରାତି ହେଲେ ବାରହା ପଲ ଗାଁ ପାଖାପାଖି ବୁଲୁଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ବାରହା ପଲଙ୍କୁ ଘଉଡେଇବା ସହ କ୍ଷତିପୂରଣ ଦେବାପାଇଁ ଚାଷୀମାନେ ପ୍ରଶାସନକୁ ନିବେଦନ କରିଛନ୍ତି। ଯଥା ଶୀଘ୍ର ବାରହା ପଲଙ୍କୁ ଠାବ କରି ସେମାନଙ୍କୁ ଜଙ୍ଗଲ ଆଡକୁ ଘଉଡାଇବା ସହିତ ଆବେଦନକାରୀଙ୍କୁ ସହାୟତା ରାଶି ଦିଆଯାଉ ବୋଲି କ୍ଷତିଗ୍ରସ୍ତମାନେ ଦାବି କରିଛନ୍ତି।

### ସାଇବର୍ ସୁରକ୍ଷା ଅଭିଯାନ-୨୦୨୫

## ସଚେତନ ରୁହନ୍ତୁ, ଠକାମୀରେ ପଡ଼ିଲେ ପୁଲିସକୁ ଜଣାନ୍ତୁ

**ଭବାନୀପାଟଣା, ୨୨।୧୦ (ସମିସ):** ଭବାନୀପାଟଣାସ୍ଥିତ ଟାଉନ ହଲରେ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା -୨୦୨୫ର ଶୁଭାରମ୍ଭ ହୋଇଯାଇଛି। କଳାହାଣ୍ଡି ଏସ୍‌ପି ନାଗରାଜ ଦେବର କୋଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଲୋକସଭା




ସାଂସଦ ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥ, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର କଲାଇ ଭାନନ, ଅତିରିକ୍ତ ଏସପି ସୁଧାଂଶୁ ଶେଖର ମିଶ୍ର, ଷ୍ଟେଟ ବ୍ୟାଙ୍କ (ରିଜିଓନାଲ) ଅଫିସ ମୁଖ୍ୟ ଆର ରାଜେନ୍ଦ୍ର ପଟନାୟକ, ଜିଲ୍ଲା ଶିକ୍ଷାଅଧିକାରୀ ରାଧାକାନ୍ତ ଛତ୍ରି ପ୍ରମୁଖ ଯୋଗଦେଇଥିଲେ।ସଚେତନତା ମାଧ୍ୟମରେ ସାଇବର ଅପରାଧକୁ ରୋକାଯାଇ ପାରିବ ବୋଲି ଅତିଥିମାନେ କହିଥିଲେ।କଳାହାଣ୍ଡି ଜିଲ୍ଲାକୁ ଆସନ୍ତା ବର୍ଷ ସୁଦ୍ଧା ସାଇବର କ୍ରାଇମ ଶୂନ୍ୟ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଲୋଭ ଏବଂ ଭୟ ଦ୍ୱାରା ଅପରାଧ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଜନସାଧାରଣ ଏଥିପ୍ରତି ସଚେତନ ହେବାର ଜରୁରୀ ହୋଇପଡ଼ିଥିବା କୁହାଯାଇଛି। ପ୍ରାୟତଃ ଜିଲ୍ଲାରେ ସାଇବର ଅପରାଧର ଶିକାର ହୋଇ ବହୁ ଶିକ୍ଷିତ ଓ ଅଶିକ୍ଷିତ ବ୍ୟକ୍ତି ପ୍ରମାଦଗଣୁଛନ୍ତି। ତଥାପି ଉକ୍ତ ଅପରାଧ ଓ ଅପରାଧୀଙ୍କ ପିଛାକରି ପୋଲିସ ଦେଢ଼ କୋଟି ଟଙ୍କା ଉଦ୍ଧାର କରିବାରେ ସଫଳ ହୋଇଛନ୍ତିବୋଲି ଏସପି ଅଭିଭାଷଣରେ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଏକ ସାଇବର ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଯାହାକି ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳ ବୁଲି ଲୋକଙ୍କୁ ସାଇବର ଠକେଇ ଓ ତାହାର ସୁରକ୍ଷା ଉପରେ ସଚେତନତା କରିବ। ଆଜିର କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗୁଣି, ବିଜ୍ଞ, ସାହିତ୍ୟିକଙ୍କ ସମେତ ପୌରାଞ୍ଚଳର କାଉନସିଲର ପ୍ରମୁଖ ଯୋଗ ଦେଇଥିଲେ। ଅଣୁ ନାଟକ ପରିବେଷଣ କରିଥିଲେ ପୁଲିସ ବିଭାଗ କର୍ମଚାରୀ ଓ ସୌରଭ ମହାପାତ୍ର ଓ ସାଥୀ। ସାଇବର୍ କ୍ରାଇମ ଡ଼ିଏସପି ଅଲକା ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିଦ୍ଧାନ୍ତ ନନ୍ଦ ସଂଯୋଜନା କରିଥିଲେ।

# ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ଗାଡ଼ି ଲୋକାର୍ପିତ



**ବରଗଡ଼, ୨୨।୧୦(ସମିସ):** ବରଗଡ଼ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ ଓ ସ୍ୱଚ୍ଛ ରଖିବା ପାଇଁ ପୌର ପରିଷଦ ପକ୍ଷରୁ ୩୦ଟି ନୂଆଁ ଟାଟା ଏସ୍ ଓ ୧୦ଟି ଟ୍ରାକ୍ଟର (ସୁଖା ଓ ଓଦା ଅଳିଆ ପରିବହନ ଗାଡି) ଲୋକାର୍ପିତ ହୋଇ ଯାଇଛି। ଏହି ଲୋକାର୍ପଣ ଉତ୍ସବ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ପ୍ରିୟ ତାଣ୍ଡି, ଜ୍ୟୋତ୍ସ୍ନା ପାଇକ, କବିତା ବେହେରା, ନିତୁ ମହାନା, ସାରଳା ବଗର୍ତ୍ତି, ପ୍ରଭାସିନୀ ମୁଣ୍ଡା, ସୁନନ୍ଦା ପଣ୍ଡା, ଦୀପାଞ୍ଜଳି ବାଗ, ଖିତେଶ୍ୱର କୁମ୍ଭାର, ମନୋଜ ସିଂ, ଅକ୍ରୁର ବାରିକ, ବେଦମତି ସେଠ୍, ଆଇନଜୀବୀ ଈଶ୍ୱର ବାଗ, ଶ୍ରୀନିବାସ ମଲ୍ଲିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବରଗଡ଼ ସହରର ପରିମଳ ବ୍ୟବସ୍ଥା ଶୋଚନୀୟ ହୋଇ ପଡ଼ିଥିବା ବେଳେ ଏହି ନୂତନ ଗାଡି ଗୁଡିକ ଲୋକାର୍ପିତ ହେବା ସହରର ସ୍ୱଚ୍ଛତାରେ ସହାୟକ ହେବ ବୋଲି ପୌର ପରିଷଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସାୱନ୍ ଉତ୍ସବରେ ବରଗଡ଼ ଛାତ୍ରୀଙ୍କ କୃତିତ୍ୱ



**ବରଗଡ଼, ୨୨।୧୦(ସମିସ):** ରାଉରକେଲା ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହାପି ମୋମେଣ୍ଟସ ଅଫ୍ ଇଣ୍ଡିଆ ତରଫରୁ ଦଶମ ସାୱନ୍ ଉତ୍ସବ ୨୦୨୫ ପାଳିତ ହୋଇଯାଇଛି। ସେକ୍ଟର ୨ ସ୍ଥିତ ସେହେନାଇ ମଣ୍ଡପ ଠାରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବୈଷ୍ଣବୀ ପ୍ରଧାନ ସମ୍ବଲପୁରୀ ନୃତ୍ୟରେ ପ୍ରଥମ ଓ ମଡେଲିଂ ସୋ'ରେ ଦ୍ୱିତୀୟ ସ୍ଥାନ ଏବଂ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧା ପ୍ରଧାନ ମଡେଲିଂରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ପ୍ରଧାନଶିକ୍ଷକ ସୁଦୀପ ରଥ, ଡ.ଡୋଳାମଣି ଶତପଥୀ, ସୁଦର୍ଶନ ବାରିକ ପ୍ରମୁଖ ବୈଷ୍ଣବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ୍ୟ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା ଶ୍ରଦ୍ଧାଙ୍କୁ ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଆବର୍ଜନା ମୟ ବରଗଡ଼ ସହର

**ବରଗଡ଼, ୨୨।୧୦(ସମିସ)**

ଏକ ସ୍ୱଚ୍ଛ ସହର ଭାବେ ବରଗଡ଼ର ବେଶ୍ ନାଁ ରହି ଆସିଛି। ସ୍ୱଚ୍ଛତା ହେତୁ ପଡୋଶୀ ଜିଲ୍ଲା କିମ୍ବା ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଦେଶୀ ବିଦେଶୀ ପର୍ଯ୍ୟଟକଙ୍କ ରହଣୀ ନିମନ୍ତେ ବରଗଡ଼ ପ୍ରଥମ ପସନ୍ଦ ରହିଆସିଥିଲା। ପୁଣି ବରଗଡ଼ର ଭୌଗଳିକ ସ୍ଥିତି ଅନ୍ୟ ସହର ଠାରୁ ଖୁବ ସୁନ୍ଦର ଥିବାରୁ ଲୋକଙ୍କୁ ସର୍ବଦା ଏହି ସହର ଆକର୍ଷିତ କରିଆସିଛି। ପୂର୍ବରେ ଦନ୍ତା ନଦୀ ଓ ପଶ୍ଚିମରେ ଜୀରା ନଦୀ ରହିଥିବା ବେଳେ ବରଗଡ଼ର ଚତୁର୍ଦ୍ଦିଗକୁ ଘେରି ରହିଛି ହୀରାକୁଦ ନଦୀବନ୍ଧର ମୁଖ୍ୟ କେନାଲ ଓ ସଖା କେନାଲ ସମୂହ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର



ବରଗଡ଼ ସହର ଏବେ ମଇଳା ଆବର୍ଜନାର ସହର ହେବାକୁ ଲାଗିଲାଣି। ମୁଖ୍ୟତଃ ସରକାରୀ ବସଷ୍ଟାଣ୍ଡ, ବରଗଡ଼ ସବ୍ ଜେଲ, ଥାନା ମଧ୍ୟରେ ଶକ୍ତି ନଗର ଗଜଲକ୍ଷ୍ମୀ ମଣ୍ଡପ ରାସ୍ତା, କଲ୍ୟାଣ ମଣ୍ଡପ, ସାପ୍ତାହିକ ଗଣ ଇସ୍ତାହାର ପ୍ରେସ ଆଦି ସ୍ଥାନ ଅଳିଆ ଆବର୍ଜନା ଘେରରେ ରହିଛି। ଏପରିକି ବିଜେପି ନେତା ସୁରେଶ୍ୱର ଶତପଥୀଙ୍କ ଗଳିରେ କୁଢ଼ କୁଢ଼ ଅଳିଆ ଆବର୍ଜନା ମାସ ମାସ ଧରି ପଡ଼ିରହୁଛି। ଏହାସତ୍ତ୍ୱେ ନେତା, ମନ୍ତ୍ରୀ, ପୌରପରିଷଦ ଅଧିକାରୀ ଭଳି କୌଣସି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିରେ ଏସବୁ ନ ପଡ଼ିବା କ୍ଷୋଭର ବିଷୟ। ବରଗଡ଼ର ପୂର୍ବ ଅବସ୍ଥା ଫେରାଇ ଆଣିବାକୁ ହେଲେ ପ୍ରଥମେ ସ୍ୱଚ୍ଛତା ରଖିବା ସମସ୍ତ ଅଧିକାରୀ ତଥା ଜନସାଧାରଣଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ସହ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ରାସ୍ତାରେ ମଇଳା ଆବର୍ଜନା ନ ପକାଇବାକୁ ସଚେତନତା ସୃଷ୍ଟି କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ସାମ୍ବାଦିକ ରମେଶଙ୍କୁ ଶ୍ରଦ୍ଧାଞ୍ଜଳି

**ପଦ୍ମପୁର, ୨୨।୧୦(ସମିସ):** ରମେଶ ବାରିକ ଥିଲେ ଗ୍ରାମାଞ୍ଚଳର ନିରୀହ ଜନତାର ସ୍ୱର। ଜଣେ ସାମ୍ବାଦିକ, ଜନନେତା ତଥା ସମାଜସେବୀ ଭାବେ ଅଞ୍ଚଳରେ ସେ ବେଶ୍ ପରିଚିତ ଥିଲେ। ବୁଧବାର ସ୍ଥାନୀୟ ପଦ୍ମପୁର ଡାକ ବଙ୍ଗଳାରେ ସ୍ୱର୍ଗତ ସାମ୍ବାଦିକ ରମେଶ ବାରିକଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ସାମ୍ବାଦିକ ଲାଲବିହାରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଅଞ୍ଚଳର ବରିଷ୍ଠ ବ୍ୟକ୍ତି ମାନେ ଯୋଗ ଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ସାମାଜିକ କର୍ମୀ ନିରୋଜ ଦୋରା, ଆଇନଜୀବୀ ସନ୍ତୋଷ ଶତପଥୀ, ସାମ୍ବାଦିକ ରତ୍ନମଣି ଶତପଥୀ, ପ୍ରଦୀପ୍ତ ଦାଶ, ସୁଦାମ ପଧାନ, ବିଷ୍ଣୁ ପ୍ରସାଦ ବାଜପେୟୀ, କିରଟୀ ସାହୁ, ଅଶ୍ୱିନୀ ଧରୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ହିନ୍ଦୀ ବିଭାଗର ଜାତୀୟ ସେମିନାର ଉଦ୍‌ଯାପିତ

**ବରଗଡ଼, ୨୨।୧୦ (ସମିସ):** ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ହିନ୍ଦୀ ବିଭାଗ ଦ୍ୱାରା ଆୟୋଜିତ ୨ ଦିନିଆ ଜାତୀୟ ସେମିନାର ଉଦ୍‌ଯାପିତ ହୋଇଯାଇଛି। ସେମିନାରର ଦ୍ୱିତୀୟ



ଦିନର ପ୍ରଥମ ଅଧିବେଶନରେ 'ହିନ୍ଦୀ ସାହିତ୍ୟର ବିବିଧ ବିମର୍ଶ' ଶୀର୍ଷକ ଆଲୋଚନା ହୋଇଥିଲା। ବରଗଡ଼ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ହିନ୍ଦୀ ବିଭାଗର ବିଭାଗ ମୁଖ୍ୟ ରଞ୍ଜିତା ନାୟକ ଅଧ୍ୟକ୍ଷତା କରିଥିଲେ। ବକ୍ତାମାନଙ୍କ ମଧ୍ୟରେ ଝାରସୁଗୁଡା ସ୍ନାତକୋତ୍ତର ମହିଳା ମହାବିଦ୍ୟାଳୟ ହିନ୍ଦୀ ବିଭାଗ ମୁଖ୍ୟ ଡ.ମିନ୍ ସୀନା, ପ୍ର.ଘନଶ୍ୟାମ ଦାସ କଲେଜ କଟାପାଲିର ଅଧ୍ୟାପିକା ଡ.ସୁଷମା ଭୋଇ, ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ମୁଖ୍ୟ ଡ.ରୂପଧର ଗୋମାଙ୍ଗୋ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ନମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଡ.ଦୟାନିଧି ସା ଅଧିବେଶନକୁ ପରିଚାଳନା କରିଥିଲା ବେଳେ ଅଧ୍ୟାପକ ଅଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଡ.ନକୁଳ ସେଠ ଶେଷ ଅଧିବେଶନରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷା ତଥା ସେବା ନିବୃତ୍ତ ପ୍ରଫେସର ଡ.କମଳପ୍ରଭା କପାନି ଏବଂ ମୁଖ୍ୟ ବକ୍ତାରୂପେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରର ପ୍ରାକ୍ତନ ହିନ୍ଦୀ ବିଭାଗ ମୁଖ୍ୟ ତଥା ସେବା ନିବୃତ୍ତ ପ୍ରଫେସର ଡ.ସଦନ ପାଉଲ୍ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡ.ଉମେଶ ଚନ୍ଦ୍ର ମହାପାତ୍ର ବରେଣ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ହିନ୍ଦୀ ବିଭାଗ ମୁଖ୍ୟ ଡ.କ୍ରିଷ୍ଣାରାଣୀ ସାସ୍ମଲ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ବିଭାର ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ-ସଂଯୋଜିକା ସହକାରୀ ପ୍ରଫେସର ଡ.ବାନୁଜା ମେହେର କାର୍ଯ୍ୟକ୍ରମ ସଫଳତାର ବିସ୍ତୃତ ବିବରଣୀ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ରୋଜି ଖାମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୋନାଲସ୍ତରୀୟ କଳା ଉତ୍ସବ ପ୍ରତିଯୋଗିତାରେ କ୍ରିଷ୍ଣା ବିକାଶର ସଫଳତା



**ବରଗଡ଼, ୨୨।୧୦(ସମିସ):** ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜୋନାଲ ସ୍ତରୀୟ କଳା ଉତ୍ସବ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ବରାହଗୁଡା ସ୍ଥିତ କ୍ରିଷ୍ଣା ବିକାଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଦଳଗତ ଲୋକନୃତ୍ୟ ଓ ମୂର୍ତ୍ତି କଳା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। କୃତୀ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ କଳାଉତ୍ସବରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ଏହି ସଫଳତାରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ଡି.ମୂରଲୀ କ୍ରିଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ଖୁସି ବ୍ୟକ୍ତ କରିବା ସହ ସମସ୍ତ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିବିଏସ୍‌ସି ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ସମସ୍ତ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବୁଗବୁଗା, ଚନ୍ଦ୍ରମଣିପୁର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ



**ଅତାବିରା, ୨୨।୧୦(ସମିସ):** ଗରିଆଟିକ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଗବୁଗା କ୍ଲଷ୍ଟରର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି. ନନ୍ଦିଘୋଷ ଭୁଏଙ୍କ ସମେତ କ୍ଲଷ୍ଟର ଅଧୀନ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଦୀପ୍ତିମୟୀ ସେଠ୍ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କର, ସହକାରୀ ଶିକ୍ଷକ ତରଣିସେନ ପଧାନ, ଦିନେଶ ମହାକୁର, ପିଙ୍କି ପଧାନ ସହଯୋଗ କରିଥିଲେ।



**ଝାରବନ୍ଧ:** ଚନ୍ଦ୍ରମଣିପୁର କ୍ଲଷ୍ଟରର ଚତୁର୍ଥ ମାସିକ ବୈଠକ ଅନଗୁଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏବିଇଓ ଦୟାନିଧି କୈବର୍ତ୍ତ, ସିଆରସିସି ରାଜେନ୍ଦ୍ର ମହାକୁର ଯୋଗ ଦେଇଥିଲେ। ଶିକ୍ଷକ ଦୁଃଖନାଶନ ସାହୁ, ଜଗନ୍ନାଥ ସିଦାର, ପଦ୍ମିନୀ ତାର୍କି ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପ୍ୟାରୀମୋହନ ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସୌଦାମିନୀ ଦାଶଙ୍କ ପରଲୋକ

**ବରଗଡ଼, ୨୨।୧୦ (ସମିସ):** ବରଗଡ଼ ଖଜୁରଟିକ୍ରା ନିବାସୀ ସୌଦାମିନୀ ଦାଶ (୮୦)ଙ୍କ ଗତକାଲି ପରଲୋକ ହୋଇ ଯାଇଛି। ତାଙ୍କ ଦେହାନ୍ତର ଖବର



ପାଇବା ପରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ସମାଜସେବୀ ନିମାଇ ମହାପାତ୍ର, ସୁନିଲ ପୁରୋହିତ, ଦଧିବାମନ ଶତପଥୀ, ବାବୁଲୁ ଗୌନ୍ତିଆ, ସୁରେଶ୍ୱର ଶତପଥୀ, ସୁକାନ୍ତ ଦାଶ, ବେଣୁଧର ଦାଶ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ ପାଇଁ ପହଞ୍ଚିଥିଲେ। ବରଗଡ଼ ଶ୍ମଶାନ ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ସୁଧୀର ଦାଶ ମୁଖାଗ୍ନି ଦେଇଥିଲେ।

# ବରଗଡ଼ ରୋଡ୍ ରେଲଷ୍ଟେସନକୁ ଧନୁଯାତ୍ରା ରାଜ ଦରବାର ରୂପ ଦେବାକୁ ଦାବି

**ବରଗଡ଼, ୨୨।୧୦(ସମିସ):** ଭାରତୀୟ ରେଳ ଏବେ ବିଭିନ୍ନ ରେଲଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଯୋଜନାରେ ସାମିଲ କରି ନୂତନ କାୟାକଳ୍ପ କରୁଛି। ଏହି ଯୋଜନା ଅନୁଯାୟୀ ବିଭିନ୍ନ ପ୍ରକାର ଯାତ୍ରୀ ସୁବିଧା ଯୋଗାଇବା ସହିତ ଷ୍ଟେସନକୁ ନୂତନ ରୂପ ଦିଆଯାଉଛି। ଏଥିରେ ମୁଖ୍ୟତଃ ସ୍ଥାନୀୟ ଅଞ୍ଚଳର ବିଶେଷତାକୁ ଧ୍ୟାନରେ ରଖି ସାଜସଜ୍ଜା ପ୍ରସ୍ତୁତ କରାଯାଉଛି। ଧନୁଯାତ୍ରା ବିଶ୍ୱ ସ୍ତରରେ ବରଗଡ଼ ତଥା ରାଜ୍ୟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ପୁରୀ ରଥଯାତ୍ରା, କଟକ ବାଲିଯାତ୍ରା ପରି ବରଗଡ଼ ଧନୁଯାତ୍ରା ଓଡ଼ିଶାର ଅନ୍ୟତମ ବୃହତ୍ତମ ଯାତ୍ରା। ରାଜ୍ୟର କଳା, ପରମ୍ପରା, ଐତିହ୍ୟର ବରଗଡ଼ ଧନୁଯାତ୍ରା ଏକ ମାନକ ଦଣ୍ଡ। ତେଣୁ ବରଗଡ଼ ରୋଡ ରେଲଷ୍ଟେସନ କୋଠାକୁ ନୂତନ ରୂପରେଖ ଦେଲା ବେଳେ ଧନୁଯାତ୍ରା ରାଜଦରବାରକୁ ଏହାର ବିଷୟରୂପେ ପ୍ରସ୍ତୁତ କରିବା ନିହାତି ଆବଶ୍ୟକ। ଏହି ଷ୍ଟେସନ କୋଠା ଧନୁଯାତ୍ରା ରାଜଦରବାର ରୂପରେ ନିର୍ମିତ ହେଲେ ବରଗଡ଼ ବାସୀଙ୍କ ପାଇଁ ସ୍ୱାଭିମାନର ବିଷୟ ହେବା ସହ ବାହାର ଯାତ୍ରୀମାନଙ୍କ ପାଇଁ ମଧ୍ୟ ଆକର୍ଷଣର ମାଧ୍ୟମ ହେବ। ଏବେ ଏହି ଷ୍ଟେସନର ନିର୍ମାଣ କାର୍ଯ୍ୟ ଚାଲିଥିବା ଏସମସ୍ତ ବିଷୟକୁ ଧ୍ୟାନ ଦେବାକୁ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘ ଅନୁରୋଧ କରିଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଓ ସମ୍ବଲପୁରର ମଣ୍ଡଳ ପ୍ରବନ୍ଧକ ତଥା ଧନୁଯାତ୍ରା ମହୋତ୍ସବ କମିଟିର ସଭାପତି (ବରଗଡ଼ ଜିଲ୍ଲାପାଳ) ଓ ସମ୍ପାଦକଙ୍କୁ ଏଥିପାଇଁ ଅନୁରୋଧ କରାଯାଇଛି।

# ଜାମଡୋଲ କାଳୀପୂଜାରେ ମହିଷାସୁର ରାଜଦରବାର ଉଦ୍‌ଘାଟିତ

**ଭେଡେନ, ୨୨।୧୦(ସମିସ):** ଭେଡେନ ବ୍ଲକ ଅଧୀନ ଭେଡେନ ପଞ୍ଚାୟତ ସ୍ଥିତ ଜାମଡୋଲ ଗାଁରେ ୪୯ ତମ କାଳୀପୂଜା ଚାଲିଛି। ଏହି ଅବସରରେ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହିଷାସୁର ରାଜ ଦରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରରେ ରୁଦ୍ରଦେବ ସାହୁ ଓ ଯାସୁସ ଦଳେଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭେଡେନ ସରପଞ୍ଚ ଅକ୍ଷୟ ନାଏକ ମହିଷାସୁର ରାଜଦରବାରକୁ ଉଦ୍‌ଘାଟନ କରିଥିଲେ। ରାଜଦରବାରର ପ୍ରଥମ ସନ୍ଧ୍ୟାରେ ଦୈତ୍ୟ ନିପାତ ପାଇଁ ଇନ୍ଦ୍ର ଅର୍ଜୁନଙ୍କୁ ସ୍ୱର୍ଗ ଆମନ୍ତ୍ରଣ କରିବା, ମହିଷାସୁର ଜନ୍ମ ବୃତ୍ତାନ୍ତ, ମହିଷାସୁର କଠୋର ତପସ୍ୟା କରି ବ୍ରହ୍ମାଙ୍କ ଠାରୁ ବରପ୍ରାପ୍ତ ହେବା, ଜେନାବଳୀପୁରରେ ମହିଷାସୁରର ରାଜ୍ୟାଭିଷେକ, ନାରଦଙ୍କ ପରାମର୍ଶରେ ସ୍ୱର୍ଗାଧିକାର ପାଇଁ ମହିଷାସୁର ଇନ୍ଦ୍ରଙ୍କ ନିକଟକୁ



ଦୂତ ପ୍ରେରଣ ଆଦି ସବୁ ଦୃଶ୍ୟ ପରିବେଶିତ ହୋଇଥିଲା। ଦର୍ଶକଙ୍କ ଦ୍ୱାରା ସମସ୍ତ ଦୃଶ୍ୟ ତଥା କଳାକାରଙ୍କ ଅଭିନୟ ବେଶ୍ ଆଦର ଲାଭ କରିଥିଲା। ବିଶିଷ୍ଟ ମଞ୍ଚ କଳାକାର ଗୋପାଳ ପଣ୍ଡା ମହିଷାସୁର ଭୂମିକାରେ ଅଭିନୟ କରୁଛନ୍ତି। କମିଟିର ସଭାପତି ଉମାକାନ୍ତ ଭୋଇ, ଠାକୁର ଦଳେଇ, ଅମିତ ପଣ୍ଡା, ଘାସିରାମ କର୍ମୀ, ପିଣ୍ଟୁ ପାତ୍ର, ରବୀନ୍ଦ୍ର ସାହୁ, ବିରେନ୍ଦ୍ର ଭୋଇ, ଶମ୍ଭୁ ପଧାନ, ମିହିର ପାତ୍ର, ରବୀନ୍ଦ୍ର ପଧାନ, ଶିବ ପାତ୍ର, ବିକି ଭୋଇ, ବିଜୟ ପଧାନ, ଆନନ୍ଦ ପଣ୍ଡା, ଚକ୍ର ଦଳେଇ, ବାସୁଦେବ ଭୋଇ, ଗୋପାଳ ଭୋଇଙ୍କ ସମେତ କମିଟିର ସମସ୍ତ ସଦସ୍ୟମାନେ ସହଯୋଗ କରୁଛନ୍ତି।



# କିରୋସିନି ଧରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା

**ବରଗଡ଼, ୨୨।୧୦(ସମିସ)**

କିରୋସିନି ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ମହିଳା ବୁଧବାର ଧାରଣା ପ୍ରଦର୍ଶନ କରିଛନ୍ତି। ଖବର ପାଇବା ପରେ ତୁରନ୍ତ ଟାଉନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା ଥାନାକୁ ନେଇଛି। ମହିଳା ଜଣକ ଭଟଲି ବ୍ଲକ ଚଡେଇ ଗାଁର ବୋଲି ସୂଚନା ରହିଛି। ତାଙ୍କୁ ବିନା ନୋଟିସରେ ତାଙ୍କ ଜମିରେ କୁଟୀରଶିଳ୍ପ ତିଆରି ହୋଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏନେଇ ତହସିଲ ଅଫିସ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବାରମ୍ବାର ଦୌଡ଼ିଲେ ମଧ୍ୟ କୌଣସି ସମାଧାନ ହେଉ ନାହିଁ। ଶେଷରେ ଅନୋନ୍ୟପାୟ ହୋଇ ଆଜି ମହିଳା ଜଣକ କିରୋସିନି ଜାର୍ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

# ଭେଡେନ ବଣିକ ସଂଘ ତରଫରୁ ନିଲୁ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି


**ଭେଡେନ, ୨୨।୧୦(ସମିସ):** ଭେଡେନ ଅଞ୍ଚଳର ଲୋକପ୍ରିୟ ଯୁବ ବ୍ୟବସାୟୀ ନିଲୁ ମେହେରଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆଜି ଭେଡେନ ବଣିକ ସଂଘ ସ୍ଥାନୀୟ ବସଷ୍ଟାଣ୍ଡ ଠାରେ ବଣିକ ସଂଘର ସଭାପତି ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଅନୁଷ୍ଠିତ ସଭାରେ ଅଶୋକ ଅଗ୍ରୱାଲ, ରାଜେଶ ବରେଇ, କିଶୋର



ମେହେର, ସାନନ୍ଦ ବେହେରା, ମହେନ୍ଦ୍ର ମେହେର, ଶ୍ରୀକାନ୍ତ ସାହୁ, ତେଜରାଜ ମେହେର, ଅଶୋକ ଗୁପ୍ତା, ଗୁଡ୍ଡୁ ଅଗ୍ରୱାଲ, ସୋମନାଥ ସାହୁ, ପ୍ରମୋଦ ମେହେର, ଗୋପାଳ ବେହେରା, ଆନନ୍ଦ ଅଗ୍ରୱାଲ, ରିଙ୍କୁ ଦେହେରି, ସୁଜୟ ମେହେର, କିଶୋର ମେହେରଙ୍କ ବଣିକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଉପଖଣ୍ଡ ଡାକ୍ତରଖାନା ଆଶୁ ଚିକିତ୍ସା ବିଭାଗ କୋଠା ନିମ୍ନମାନର

# ଚଟାଣ ଟାଇଲ୍ସ ଉଠି ଗାତ ହେଲାଣି



**ଚମ୍ପୁଆ, ୨୨।୧୦(ସମିସ):** ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଆଶୁ ବହିର୍ବିଭାଗରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଚଟାଣରେ ପଡିଥିବା ଟାଇଲସ୍‌ଗୁଡିକ ଭାଙ୍ଗି ଉଠିଗଲାଣି। ଯାହାଫଳରେ ଏଠାକୁ ଆସୁଥିବା ରୋଗୀମାନେ ଅନେକ ସମୟରେ ଝୁଣ୍ଟି ହୋଇ ଖଣ୍ଡିଆ ଖାବରା ମଧ ହେଉଛନ୍ତି। ବିଜେଡି ସରକାରଙ୍କ ସମୟରେ ଆମ ଡାକ୍ତରଖାନା ଯୋଜନାରେ ଏଠାରେ ନୂତନ ବହିର୍ବିଭାଗ, ଟିକେଟ ଓ ଔଷଧ କାଉଣ୍ଟର ଭଳି ଅନେକ କାର୍ଯ୍ୟ କରାଯାଇଥିଲା। ସେହି ସମୟରେ ଆଶୁ ଚିକିତ୍ସା ବିଭାଗର ଚଟାଣ ମାର୍ବଲ କାମ ଚମ୍ପୁଆ ପିଡବ୍ଲୁଡି ବିଭାଗ କରିଥିଲା। ନିର୍ମାଣ ୨ ବର୍ଷ ଭିତରେ ଚଟାଣରେ ପଡିଥିବା ଟାଇଲ୍ସଗୁଡିକ ସ୍ଥାନେ ସ୍ଥାନେ ଭାଙ୍ଗି ଉଠି ଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥ ପାଣିରେ ପଡୁଥିବା ଅଭିଯୋଗ ହେଉଥିଲା ବେଳେ ଏନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର କାମ କରି ଅର୍ଥ ହଡପ କରାଯାଉଥିବା ନେଇ ଅଭିଯୋଗ ହେଉଛି। ଜଣେ ଏସଡିଓ କେତେଜଣ ସୀମିତ ଠିକାଦାରଙ୍କ ହାତବାରିସି ସାଜିଥିବା ନେଇ ଆଲୋଚନା ହେଉଛି। ଏନେଇ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ ଉମାକାନ୍ତ ସାହୁ କହିଛନ୍ତି, ଏସଡିଓ ମାରାଣ୍ଡି ବାବୁଙ୍କୁ ଏ ବାବଦରେ ଅନେକ ଥର କହିଲିଣି କିନ୍ତୁ ସେ ଶୁଣୁନାହାନ୍ତି। ଆପଣ କହି କରି ଚେଷ୍ଟା କରନ୍ତୁ ବୋଲି କହିଥିଲେ। ଅପରପକ୍ଷରେ, ସମ୍ପୃକ୍ତ ସହକାରୀ ଯନ୍ତ୍ରୀଙ୍କ ସହ ଏ ବାବଦରେ ଯୋଗାଯୋଗ ହୋଇପାରୁ ନାହିଁ।

ଉଲ୍ଲେଖଯୋଗ୍ୟ କି, ଡାକ୍ତରଙ୍କ ସରକାରୀ କ୍ୱାର୍ଟରର ଛାତ ଗ୍ରିଡିଂ କଲାପରେ ମଧ ଛାତରୁ ପାଣି ଗଳି ଘରର ବିଦ୍ୟୁତ ଉପକରଣଗୁଡିକ ସର୍ଟ ହେଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏନେଇ ମାରାଣ୍ଡି ବାବୁଙ୍କୁ ଅବଗତ କରାଯାଇଥିଲେ ମଧ ଫଳ ଶୂନ। ଅନ୍ୟ କଣ୍ଟ୍ରାକ୍ଟରଙ୍କୁ କାମ ଦେବାକୁ କହିଲେ ମନା କରୁଛନ୍ତି। ତାଙ୍କ କଣ୍ଟ୍ରାକ୍ଟର ପୀରତିକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି। ଏସବୁର ବିଧିବଦ୍ଧ ତଦନ୍ତ କରାଗଲେ ଅନେକ ତଥ୍ୟ ସାମ୍ନାକୁ ଆସିପାରନ୍ତା ବୋଲି ଚର୍ଚ୍ଚା ହେଉଛି।

# ନଦୀକୂଳିଆ ଗାଁକୁ ବ୍ୟାପିଲା ବାଲି ସତ୍ୟାଗ୍ରହ



**ଆନନ୍ଦପୁର, ୨୨।୧୦ (ସମିସ):** ଆନନ୍ଦପୁର ଉପଖଣ୍ଡର ଅନ୍ୟତମ ଜୀବନଧାରା ରେମାଳ ନଦୀର ଗତିପଥ ପରିବର୍ତ୍ତନ ହେଉଛି। ଏହାକୁ ନେଇ ପରିବେଶବିତ୍ ମହଲରେ ଚିନ୍ତା ପ୍ରକାଶ ପାଇଛି। ବିନା ପରିବେଶ ମଞ୍ଜୁରୀରେ ଖନନ କରିବା ଦ୍ୱାରା ଏହାର ଗତିପଥ ପରିବର୍ତ୍ତନ ହେଉଥିବାର ଅନୁମାନ ହୋଇଛି। ଏହାର ପ୍ରଭାବ ସିଧାସଳଖ ନଦୀକୂଳିଆ ଗାଁ ଉପରେ ପଡିବ ବୋଲି ଯଜ୍ଞପ୍ରସାଦ ସାହୁ ଅଭିଯୋଗ କରି ନିଆରା ଢଙ୍ଗରେ ଏହାର ପ୍ରତିବାଦ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ବାଲି ସତ୍ୟାଗ୍ରହ ଗାଁ ଗାଁକୁ ବ୍ୟାପିଲାଣି। ଘଷିପୁରା ତହସିଲ ଅଧୀନ କାଠପାଳ ଘାଟଠାରେ ରେମାଳ ନଦୀରେ ଆଜି ସତ୍ୟାଗ୍ରହ ଆରମ୍ଭ ହୋଇଛି।

**ରେମାଳ ନଦୀର ସୁରକ୍ଷା ପାଇଁ ବାଲିରେ ବସିଲେ**

ଦୁର୍ନୀତିମୁକ୍ତ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆଜି ସକାଳୁ ଯୁବକମାନେ ନଦୀ ବାଲିରେ ନିଜ ଶରୀରକୁ ଅଧା ପୋତି ବାଲି ଲୁଟ୍ ବିରୋଧରେ ବିକ୍ଷୋଦଗାର୍ କରିଥିଲେ। ଯୁବ ପରିବେଶବିତ୍ ନୀଳାଚଳ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସତ୍ୟାଗ୍ରହରେ ମଞ୍ଚର ଆବାହକ ଯଜ୍ଞପ୍ରସାଦ ସାହୁ ନଦୀର ସୁରକ୍ଷା ସଂପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ଦରଡିପାଳ, କାଠପାଳ, କଂସ, କେନ୍ଦୁଆ ଓ କେଶଦୁରାପାଳ ଆଦି ସ୍ଥାନରୁ ବେଆଇନ ଭାବେ ବାଲି ଲୁଟ୍ ହେଉଛି। ତେବେ ପ୍ରଶାସନ କୌଣସି ପଦକ୍ଷେପ ନନେବା ପରିବେଶବିତଙ୍କୁ ବିସ୍ମିତ କରିଛି। ଆଜିର ସତ୍ୟାଗ୍ରହରେ ସତ୍ୟବ୍ରତ ଜେନା ବକ୍ତବ୍ୟ ରଖିଥିଲେ। ବାବନ ଜେନା, ବେଣୁଧର ଜେନା, ଲୋଚନ ନାହାକ, ସାଧୁ ଜେନା, ପାଣ୍ଡବ ଜେନା, ରାଜେନ୍ଦ୍ର ରାଉତ, ନିତ୍ୟାନନ୍ଦ ଜେନା, ଶଙ୍କର୍ଷଣ ଜେନା, ଭଗବାନ ଜେନା, ମାଧବାନନ୍ଦ ଜେନା, ନିଶିକାନ୍ତ ଜେନା, ହଟକେଶ୍ୱର ଜେନା, ଚିନ୍ତାମଣି ଜେନା, ସୁରେନ୍ଦ୍ର ଜେନା, ଟୁଙ୍ଗରି ଜେନା, ରଘୁନାଥ ଜେନା, କାର୍ତ୍ତିକ ଜେନା, ହାଡିବନ୍ଧୁ ଜେନା, ମଧୁ ଜେନା, ଅଭିମନ୍ୟୁ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ମଦ ପିଇବାକୁ ବାରଣ କରିବାରୁ ବାପ ଘରେ ଝିଅର ଆତ୍ମହତ୍ୟା

**ତୁରୁମୁଙ୍ଗା, ୨୨।୧୦(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ଫାଣ୍ଡି ଦାମାହୁଡା ପଞ୍ଚାୟତ ବଡ଼ପଶି ଗାଁରେ ମଙ୍ଗଳବାର ରାତିରେ ଘଟିଛି ଅଭାବନୀୟ ଘଟଣା। ମଦ ନିଶାରେ ଝିଅ ଚୁର ହୋଇ ଘରେ ପାଟିତୁଣ୍ଡ କରିବାରୁ ମା' ଆକଟ କରିଥିଲେ। ଏଥିରେ ଝିଅ ଉତକ୍ଷିପ୍ତ ହୋଇ ଘରେ ଥିବା କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ରେଣୁ ଜେରାଇ (୨୨)। ସେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଗୁହାଳଚଟୁଆ ଗ୍ରାମରେ ଦାରା ସିଂ ସିର୍କାଙ୍କୁ ବିବାହ କରିଥିଲେ। ୧୦ ମାସର ଶିଶୁକନ୍ୟା ସହ ଏକ ବର୍ଷ ହେବ ମା ସୁକୁମାରି ଜେରାଇଙ୍କ ଘରେ ରହିଆସୁଥିଲେ। ସାହାରପଡା ଫାଣ୍ଡି ଅଧିକାରୀ ପାର୍ତ୍ତ ଓରାମ ମାଜିଷ୍ଟ୍ରେଟ ସାହାରପଡା ଅତିରିକ୍ତ ତହସିଲଦାର ଚରଣ ନାଏକଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରିବା ପରେ ପାଟଣା ମେଡ଼ିକାଲରେ ବ୍ୟବଚ୍ଛେଦ ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପୁଲିସ ପକ୍ଷରୁ ସାଇବର ଅପରାଧ ସଚେତନତା



**ବେଲବାହାଲି, ୨୨।୧୦(ସମିସ):** ଦିନକୁ ଦିନ ବଢୁଛି ସାଇବର ଠକେଇ। ଏହାର ଶିକାର ହେଉଛନ୍ତି ସାଧାରଣ ଜନତା। ସାଇବର ଠକେଇ ସମ୍ବନ୍ଧରେ ଜନସଚେତନତା ନିମନ୍ତେ ପୁଲିସ ଆରମ୍ଭ କରିଛି ସାଇବର ସୁରକ୍ଷା ଅଭିଯାନ। ରାମଚନ୍ଦ୍ରପୁର ପୁଲିସ ଗାଁ ଗାଁରେ ଏଲଇଡି ଗାଡ଼ି ମାଧ୍ୟମରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ସାଇଁକୁଳ ପରେ ପୁରୁଣାବାନ୍ଧଗୋଡା ପଞ୍ଚାୟତ ନାନୀକାବାହାଲି ବସ୍ତିରେ ବିଭିନ୍ନ ସଚେତନ ବାର୍ତ୍ତାର ଭିଡିଓକୁ ପ୍ରଦର୍ଶିତ କରି ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ବର୍ତ୍ତମାନ ସମୟରେ ପ୍ରତ୍ୟେକ ଲୋକ ମୋବାଇଲ ବ୍ୟବହାର କରୁଥିବାରୁ ସାଇବର ଅପରାଧୀମାନେ ନିରୀହ ଲୋକଙ୍କୁ ଠକିବାରେ ସଫଳ ହୋଇଛନ୍ତି। ଏହାଦ୍ୱାରା ନିମିଷକ ମଧ୍ୟରେ ବ୍ୟାଙ୍କ୍ ଏକାଉଣ୍ଟରୁ ଲକ୍ଷାଧିକ ଟଙ୍କା ହଡ଼ପ ହୋଇଯାଉଛି। ସଚେତନତା ଦ୍ୱାରା ସାଇବର ଠକେଇ କିଛି ମାତ୍ରାରେ କମ୍ ହୋଇ ପାରିବ ବୋଲି ଥାନାଧିକାରୀ ମନୋଜ ସ୍ୱାଇଁ ପ୍ରକାଶ କରିଛନ୍ତି। ପୁଲିସ୍‌ର ଏପରି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

**ନଦୀପଠାରୁ ବେଆଇନ୍ ମାଟି ଉଠାଣ**

## ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତା ଅବରୋଧ



**ବେଲବାହାଲି,୨୨।୧୦(ସମିସ):** ଆନନ୍ଦପୁର ତହସିଲ ଅଧୀନ ହରିଡ଼ାପାଳ ପଞ୍ଚାୟତ ଅନ୍ତର୍ଗତ ଟୋଲଙ୍କପଡା ଗ୍ରାମରେ ନିର୍ମାଣ କରାଯାଉଥିବା ରାସ୍ତାକାମ ପାଇଁ ବେଆଇନ୍ ଭାବେ କୁସେଇ ନଦୀ ପଠାରୁ ଜେସିବି ମେସିନ୍ ଲଗାଇ ଏକାଧିକ ଟ୍ରାକ୍ଟର ସାହାଯ୍ୟରେ ମାଟି ଖୋଳି ନିଆଯାଉଛି। ତେବେ, ଏହାକୁ ବେଆଇନ ଦର୍ଶାଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ଗ୍ରାମବାସୀ ଏହାର ପ୍ରତିବାଦ ସ୍ୱରୂପ ବେଲବାହାଲିଠାରୁ ହରିଡ଼ାପାଳକୁ ସଂଯୋଗ କରୁଥିବା ରାସ୍ତାଟିକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ ଓ ମାଟି ଉଠାଉଥିବା ଲୋକଙ୍କ ମଧ୍ୟରେ ଏକପ୍ରକାର ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଆନନ୍ଦପୁର ଅତିରିକ୍ତ ତହସିଲଦାର ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବାସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅତିରିକ୍ତ ତହସିଲଦାର ମାଟି ଉଠାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଠିକାଦାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଲା ପରେ ଗ୍ରାମବାସୀ ପ୍ରତିବାଦରୁ ଓହରି ଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବେଲବାହାଲିଠାରୁ ହରିଡ଼ାପାଳ ପର୍ଯ୍ୟନ୍ତ ରାସ୍ତାକାମ ଚାଲିଥିବାବେଳେ ଠିକାଦାର ପକ୍ଷରୁ କିଛି ଲୋକ ଲଗାଇ ବେଆଇନ୍ ଭାବେ ମେସିନ୍‌ରେ ଗାଁ ନିକଟ କୁଶେଇ ନଦୀ ପଠାରୁ ମାଟି ଖୋଳିନେଇ ରାସ୍ତାକାମରେ ବ୍ୟବହାର କରାଯାଉଛି। ମାଟି ଖୋଳାଯାଇଥିବା ସ୍ଥାନଟିକୁ ଗାଁଲୋକେ ଶ୍ମଶାନ ଭାବେ ବ୍ୟବହାର କରିଥାନ୍ତି। ଗ୍ରାମବାସୀଙ୍କ ଏହି ଗୋରୁଗାଈ ମଧ ଏହି ସ୍ଥାନରେ ଚରିଥାନ୍ତି। ମାଟି ଖୋଳିବା ପରେ ନଦୀ ସୁରକ୍ଷାବନ୍ଧ ଦୁର୍ବଳ ହୋଇ ଆଗକୁ ବନ୍ୟା ସମୟରେ ଗାଁ ପ୍ରତି ବିପଦ ରହିଥିବା ଆଶଙ୍କା କରି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ବନ୍ୟା ପ୍ରବଣ ଅଞ୍ଚଳ ଭାବେ ବେଶ୍ ଜଣାଶୁଣା ଏହି ଅଞ୍ଚଳରେ ବର୍ଷା ଦିନେ କୁଶେଇ ନଦୀ ଆଡ଼ିବନ୍ଧ ଦେଇ ଏହି ରାସ୍ତାରେ ଘାଇ ହୋଇ ଅନେକ କ୍ଷୟକ୍ଷତି କରିଥାଏ। ଏହାକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାସ୍ତାର ପ୍ରଶସ୍ତୀକରଣ ପାଇଁ ୨ କୋଟି ୪୦ ଲକ୍ଷ ବ୍ୟୟ ଅଟକଳରେ ଟେଣ୍ଡର ମାଧ୍ୟମରେ ରାସ୍ତାକାମ ଆରମ୍ଭ ହୋଇଛି। ନଦୀବନ୍ଧ କଡ଼ରୁ ମାଟି ଖୋଳିବା ଫଳରେ ଗୋଟିଏ ବନ୍ୟା ଆସିଲେ ରାସ୍ତା ଧୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି।



## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ତୁରୁମୁଙ୍ଗା, ୨୨।୧୦(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଗାଳଫୁଲା ଗ୍ରାମରେ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଳଫୁଲା ଗ୍ରାମର ଅମୀନ ନାଏକ (୫୯)। ସେ ବୁଧବାର ୧୦ଟା ସମୟରେ ଗାଁ ପାଖରେ ଥିବା ଉକ୍ତ ପୋଖରୀକୁ ଗାଧୋଇବାକୁ ଯାଇଥିବା ସମୟରେ ଗୋଡ଼ ଖସିଯିବାରୁ ପୋଖରୀ ଭିତରେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ପାଟଣା ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ଓ ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝୀ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ୩୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



**ବେଲବାହାଲି,୨୨।୧୦(ସମିସ):** ଘସିପୁରା ବ୍ଲକ ଖଲଣା ପଞ୍ଚାୟତ ଆଗର୍ଦ୍ଦାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ଟ୍ରଷ୍ଟି ପୂର୍ଣ୍ଣମାସୀ ମହାରଣାଙ୍କ ଅଧ୍ୟକ୍ଷତାରେ ପ୍ରଧାନଆଚାର୍ଯ୍ୟା ପ୍ରେମଲତା ସାହୁ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚରଣ ପରିଡ଼ା ଯୋଗ ଦେଇଥିଲେ। ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକ ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚରଣ ପରିଡ଼ା ମୂଲ୍ୟାଙ୍କନ କରିଥିଲେ। ଅନୁଷ୍ଠାନର ସମସ୍ତ ଶିଶୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିଶୁ ମନ୍ଦିରର ସହକାରୀ ପ୍ରଧାନ ଆଚାର୍ଯ୍ୟା ମିଲାନୀସ୍ମିତା ନାୟକ, ଆଚାର୍ଯ୍ୟା ସସ୍ମିତା ପରିଡ଼ା, ସ୍ମୃତିଶ୍ରୀ ରାଉତ, ଅନିତା ଓଝା, ପୁଷ୍ପାଞ୍ଜଳି ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ଆଚାର୍ଯ୍ୟ ଦୁଷ୍ମନ୍ତ ପାଗଡ, ସେବିକା ଲୀଳାବତୀ ସାହୁଙ୍କ ସମେତ ଅଭିଭାବକ, ଅଭିଭାବିକା ସହଯୋଗ କରିଥିଲେ।

## ବାନ୍ଦନା ପରବ୍ ଭେଟ୍‌ଘାଟ୍-୨୦୨୫

**ଚମ୍ପୁଆ,୨୨।୧୦(ସମିସ)**

କୁଡୁମି ସମ୍ପ୍ରଦାୟର ପ୍ରମୁଖ ପର୍ବ ଭାବରେ ବାନ୍ଦନା ପର୍ବ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଚମ୍ପୁଆସ୍ଥିତ ଜଡିପଦା ଗ୍ରାମରେ ସ୍ୱପ୍ନପୁରୀ ଯୁବକ ସଂଘ ଦ୍ୱାରା ବାନ୍ଦନା ପରବ ଭେଟଘାଟ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଝାଡଖଣ୍ଡ ସରାଇକେଲା ଅଞ୍ଚଳର ସନ୍ତୋଷ ମାହାତ ଝୁମର ଗ୍ରୁପ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବାଦ୍ୟ ଓ କୁଡୁମାଲି ସଙ୍ଗୀତର ମୂର୍ଚ୍ଛନାରେ ଏହି ବାନ୍ଦନା ପରବ ଭେଟଘାଟ ୨୦୨୫ ଶେଷ ହୋଇଛି। କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରାୟ ୩ ହଜାର ଦର୍ଶକ ଝୁମର କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

ପ୍ରକାଶ ଥାଉ କି, କୃଷିଭିତ୍ତିକ ଏହି ପର୍ବ ସାମ୍ପ୍ରଦାୟିକ ତଥା ପାରମ୍ପରିକ ସଦଭାବନାର ସନ୍ଦେଶ ପ୍ରଦାନ କରୁଥିବା ବେଳେ କୁଡୁମି ସମ୍ପ୍ରଦାୟର ଆବାଳବୃଦ୍ଧବନିତା ୩ ଦିନ ଧରି ଏହି ପର୍ବକୁ ଭକ୍ତି ସହକାରରେ ପାଳନ କରିଥାନ୍ତି। ଏହି ପର୍ବରେ ବଳଦକୁ ପ୍ରାଥମିକତା ଦିଆଯାଉଛି। ପ୍ରଥମ ଦିନରେ ଗୋଠାଣି ପୂଜା ଓ ଅଣ୍ଡା ମଡା ସହିତ ଧିଙ୍ଗମାନି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଗ୍ରାମର ଦେହୁରୀ ଗୋରୁ ଗୋଠରେ ପୂଜାର୍ଚ୍ଚନା କରିବା ପରେ ଦେବସ୍ୱରୂପ ଅଣ୍ଡା



ପ୍ରାରମ୍ଭରେ ମୁଖ୍ୟଅତିଥି ବାବେ ଅଗ୍ନିଚରଣ ମହାନ୍ତ, ସମ୍ମାନିତ ଅତିଥି ଭାବେ ବିରଞ୍ଚି ନାରାୟଣ ମହାନ୍ତ ଓ ବହୁ ଅତିଥି ଏଥିରେ ଯୋଗଦେଇଥିଲେ। ଚଳିତ ବର୍ଷ ରଜ କୁଇନ ହୋଇଥିବା ଜଡିପଦା ଗ୍ରାମର ସ୍ୱର୍ଣ୍ଣପ୍ରଭା ମହାନ୍ତକାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ। କମିଟି ପକ୍ଷରୁ ଉପସ୍ଥିତ ଅତିଥି ଅଧିକାରୀଙ୍କୁ ପ୍ରଭୁ ଜଗନ୍ନାଥଙ୍କ ଫଟୋକୃତି ପ୍ରଦାନ କରାଯାଇଥିଲା। ଚୁଡାମଣି ମହାନ୍ତ, ରାଜେଶ ମହାନ୍ତ, ନରୋତ୍ତମ ମହାନ୍ତ, ରସିକଲାଲ ମହାନ୍ତ, ପାଣ୍ଡୁ ମହାନ୍ତ ପ୍ରମୁଖ ସଦସ୍ୟମାନେ ମଡା କାର୍ଯ୍ୟକ୍ରମରେ ଯେଉଁ ବଳଦ ଅଣ୍ଡା ମାଡିଥାଏ ସେହି ବଳଦର ମାଲିକ ଉକ୍ତ ବର୍ଷର ଭାଗ୍ୟବାନ ମଣିଷ ଭାବେ ଗଣାଯାଇଥାଏ। ଅନ୍ୟପକ୍ଷରେ, ଏହି ଦିନ ମହିଳାମାନେ ଗୁହାଳରେ ଅଖଣ୍ଡ ଦୀପ ଲଗାଇ ଜାଗର ପାଳିଥାନ୍ତି। ଶେଷ ତଥା ଅନ୍ତିମ ଦିନରେ ଗୁହାଳରେ ପୂଜା କରାଯାଇ ବୁଢୀବନ୍ଦନା କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ସ୍ପ୍ରଦାୟର ଯୁବକ ସଂଘ ଦ୍ୱାରା ପାରମ୍ପରିକ ଓ ସାଂସ୍କୃତିକ ସହଯୋଗପୂର୍ଣ୍ଣ ବାତାବରଣ ନିମନ୍ତେ ବାନ୍ଦନା ପରବ ଭେଟଘାଟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

### କାଳୀପୂଜା ପାଇଁ ଉତ୍ସବମୁଖର ଯୋଡ଼ା ସହର

# ସ୍ୱର୍ଗଦ୍ୱାର ପଡ଼ିଆରେ ମା'ଶ୍ୟାମାକାଳୀଙ୍କ ଆକର୍ଷଣୀୟ ସାଜସଜ୍ଜା

**ଯୋଡ଼ା, ୨୨।୧୦(ସମିସ)**





ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ପରେ ଯୋଡ଼ାରେ ଏବେ କାଳୀପୂଜା ନିମନ୍ତେ ସହର ଉତ୍ସବ ମୁଖର ହୋଇ ଉଠିଛି। ପବିତ୍ର ଦୀପାବଳିରୁ ମା'କାଳୀଙ୍କ ମୃଣ୍ମୟ ମୂର୍ତ୍ତିର ପୂଜାର୍ଚ୍ଚନା ଭକ୍ତିମୟ ପରିବେଶରେ ଆରମ୍ଭ ହୋଇଛି। ଯୋଡ଼ା ବନେଇକଳା ସାର୍ବଜନୀନ କାଳୀପୂଜା କମିଟି ପକ୍ଷରୁ ଦ୍ୱିତୀୟ ବର୍ଷ ପାଇଁ ଶାସ୍ତ୍ରୀନଗର ସ୍ୱର୍ଗଦ୍ୱାର ଖେଳ ପଡିଆରେ ମା'କାଳୀପୂଜା ଅନୁଷ୍ଠିତ ହେଉଛି। ଯୋଡ଼ା ବନେଇକଳା ଶାସ୍ତ୍ରୀନଗର ସ୍ୱର୍ଗଦ୍ୱାର ପଡ଼ିଆରେ କମିଟି ପକ୍ଷରୁ ଶ୍ୟାମା କାଳୀଙ୍କ ମୃଣ୍ମୟ ମୂର୍ତ୍ତି, ତୋରଣ କରାଯାଇଥିବା ବେଳେ ତ୍ରିନାଥ ମନ୍ଦିରଠାରୁ ଟଲକ ହଟିଂ, ବନେଇକଳା ଛକ ନିକଟରୁ ପୂଜା ପଡିଆ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ରଙ୍ଗବେରଙ୍ଗର ଆଲୋକମାଳା ଓ ଉଜ୍ଜ୍ୱଳ ତୋରଣ ରାତ୍ରିକାଳୀନ ଅନ୍ଧାରକୁ ସମ୍ପୂର୍ଣ୍ଣ ଆଲୋକିତ କରିରଖିଛି। ସୋମବାର ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା, ଘଟସ୍ଥାପନ, ଅଧିବାସ ଅନୁଷ୍ଠିତ ହୋଇଥିବା ବେଳେ ରାତ୍ର ସମୟରେ ଚକ୍ଷୁଦାନ, ସ୍ନାନ, ଷୋଡଶ ଉପଚାର, ପୂଜା ମନ୍ତ୍ର ବହନ, ଆରତି, ପୁଷ୍ପାଞ୍ଜଳି ଆଦି କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସୂର୍ଯ୍ୟପୂଜା, ପଞ୍ଚାଙ୍ଗ, ଠାକୁରାଣୀ ସ୍ନାନ, ଷୋଡଶ ଉପଚାର ପୂଜା, ଚଣ୍ଡୀ ହବନ, ବିଲ୍ୱପତ୍ର ସମର୍ପଣ, ସର୍ବସମୂହ ପଣାହାଣ୍ଡି, ଆରତି ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତି ହେବ ବୋଲି କମିଟିର ବରିଷ୍ଠ ଉପଦେଷ୍ଟା ଗୋପାଳଚନ୍ଦ୍ର ସାହୁ, ବିମଳ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ଯୋଡା ଓ ଏହାର ଆଖପାଖ ଅଞ୍ଚଳରେ ଶତାଧିକ ଭକ୍ତ ମା'ଙ୍କ ଆଶିଷ ଲାଭ କରିବା ସହ ପ୍ରସାଦ ସେବନ କରିଛନ୍ତି। ୫ ଦିନ ବ୍ୟାପି ପାଳନ ହେଉଥିବା ଏହି ପୂଜା ଓ ୯ ଦିନ ବ୍ୟାପି ମେଳା ଅବସରରେ ଭଜନ ସମାରୋହ ଓ ରଙ୍ଗାରଙ୍ଗ ମେଲୋଡି, ଅପେରା, ପାଲା, ମିନାବଜାର, ଦୋଳି ପ୍ରଭୃତି ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଖୁବ ଯାକଜକମରେ ମେଳା ଓ ପୂଜା କାର୍ଯ୍ୟକ୍ରମ ଚାଲିଛି। ପୂଜାକୁ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ଲଟେରୀ ମାଧ୍ୟମରେ ବିଜେତାଙ୍କୁ ପୁରସ୍କୃତ କରାଯାଉଛି। ପ୍ରଥମ ପୁରସ୍କାର ସ୍କୁଟି, ଦ୍ୱିତୀୟ ପୁରସ୍କାର ରେଫ୍ରିଜେରେଟର, ତୃତୀୟ ପୁରସ୍କାର ୱାସିଙ୍ଗ ମେସିନ ସହ ୧୦ଟି ସ୍ୱାନ୍ତନାମୂଳକ ପୁରସ୍କାର ରହିଛି। ଅପେରା ଗ୍ରାଣ୍ଡ ମହଲ ଦ୍ୱିତୀୟ ଦିନରେ ଜୋରଦାର ଗହଳି ଦେଖିବାକୁ ମିଳିଛି।

ଠିକ୍ ସେହିପରି ଯୋଡା ବସ୍‌ଷ୍ଟାଣ୍ଡଠାରେ ସର୍ବପୁରାତନ କାଳୀପୂଜା ୫୧ ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜା କମିଟି ପକ୍ଷରୁ କାଳୀ ପୂଜା ଖୁବ୍ ଜାକଜକମରେ ପାଳନ ହେଉଛି। କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା ରହିଥିବା ବେଳେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଯୋଡ଼ା ସହରର ସବୁଠାରୁ ପୁରୁଣା ପୂଜା ଅନୁଷ୍ଠାନ ହୋଇଥିବାରୁ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଯୋଡାସ୍ଥିତ ରଣାଶାଳ ଘାଟିଠାରେ ଥିବା କାଳୀ ମନ୍ଦିରରେ ମଧ ପୂଜା ଚାଲିଛି। ଦୈନିକ ପ୍ରସାଦ ସେବନ, ଭଜନ କାର୍ଯ୍ୟକ୍ରମ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯୋଡ଼ା ସହରରେ କାଳୀ ପୂଜା ଖୁବ ଧୁମଧାମରେ ପାଳନ ହେଉଛି।

# ୩ ମୋବାଇଲ ଲୁଟିଆଙ୍କୁ ଧରି ପୁଲିସ ଜିମା



ବାଲେଶ୍ୱର,୨୨।୧୦(ସମିସ): ମାଡ଼ ମାରି ମୋବାଇଲ ଛିନତାଇ କରି ଖସି ପଳାଉଥିବା ୩ ଯୁବକଙ୍କୁ ଧରି ଛେଚିବା ପରେ ସଦର ଥାନା ପୁଲିସକୁ ଜିମା ଦେଇଛନ୍ତି ଗ୍ରାମବାସୀ। ସଦର ଥାନା ଅନ୍ତର୍ଗତ ଜଗନାଥ ପାଟଣାର ଅକ୍ଷୟ ଦାସଙ୍କ ପୁଅ-ଝିଅ ଗତକାଲି ଅପରାହ୍ଣରେ ନିକଟସ୍ଥ ସେମାନଙ୍କ ସାଙ୍ଗ ଘରକୁ ଯାଉଥିବାବେଳେ ଏକ ବାଇକରେ ୩ ଜଣ ଯୁବକ ଆସି ସେମାନଙ୍କୁ ଅଟକାଇଥିଲେ। ନିସ୍ତୁକ ମାଡ଼ ମାରି ସେମାନଙ୍କଠାରୁ ମୋବାଇଲ ଫୋନ ଛଡ଼ାଇ ସମ୍ପୃକ୍ତ ୩ ଯୁବକ ଶାସଙ୍ଗ ଦେଇ ନିମିକି ସଡ଼କ ଅଭିମୁଖେ ପଳାଇ ଯାଇଥିଲେ। ଏହି ଘଟଣା ଓ ୩ ଲୁଟିଆଙ୍କ ସମ୍ପର୍କରେ ସବୁଆଡ଼କୁ ସଙ୍ଗେ ସଙ୍ଗେ ଖବର ଚାଲିଯିବା ଫଳରେ ଶାସଙ୍ଗ, ନୂଆପୁର ପ୍ରଭୃତି ଗାଁର ଲୋକେ ରାସ୍ତା ଉପରକୁ ବାହାରି ଆସି ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ଲୋକମାନେ ଗୋଡ଼େଇ ଗୋଡ଼େଇ ତିନି ଯୁବକଙ୍କୁ ନୂଆପୁର ଛକରେ କାବୁ କରିଥିଲେ। ତିନିଜଣଙ୍କୁ ମାଡ଼ ମାରିବା ପରେ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ସମ୍ପୃକ୍ତ ଯୁବକ ତିନି ଜଣଙ୍କ ମଧ୍ୟରୁ ୨ ଜଣ ଆଲଦିଆ ଓ ଜଣେ ଗୁଡୁପାହି ଅଞ୍ଚଳର ବୋଲି ସଦର ଥାନା ପୁଲିସ ପଚରାଉଚୁରା ପରେ ଜାଣିବାକୁ ପାଇଛି। ୩ ଜଣଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି।

# ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ପୁଷ୍ପ ପ୍ରଦର୍ଶନୀ

ବାଲେଶ୍ୱର,୨୨।୧୦(ସମିସ): ରସାଳପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଆଜି ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ରାଜା ବଗିଚାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଂପାଦିକା ପୂର୍ବାଶା ରାୟ ଏହି ପ୍ରଦର୍ଶନୀକୁ ଉଦଘାଟନ କରିଥିବା ବେଳେ ଅନ୍ୟତମ ଅତିଥିଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଜିଲ୍ଲା ସଂଯୋଜକ ଶିକ୍ଷା ସାରଥୀ ଶମ୍ଭୁନାଥ ଯାଦବ, ସମାଜସେବୀ ଜ୍ୟୋତିର୍ମୟୀ ଶତପଥୀ ଓ ଗୀତାଞ୍ଜଳି ଶତପଥୀ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ମିଲି ଗୁରୁମା ଓ ପ୍ରତିମା ଗୁରୁମା କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲା ବେଳେ ଜୟସ୍ମିତା ଗୁରୁମା ଧନ୍ୟବାଦ ଦେଇଥିଲେ। ଝୁନୀ ଗୁରୁମା ପଞ୍ଚାଙ୍ଗ ବୋଲିଥିଲେ ଓ ବିନୀତା ଗୁରୁମା' ଅମୃତ ବଚନ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିତା ଗୁରୁମା, ପ୍ରଦୀପ ଗୁରୁଜୀ, ସୁପ୍ରଭାତ ଗୁରୁଜୀ, ଜ୍ୟୋତି ଗୁରୁମା, ମନୀଷା ଗୁରୁମା, ପ୍ରଜ୍ଞାଶ୍ରୀ ଗୁରୁମା, ସୁକନ୍ୟା ଗୁରୁମା, ନନ୍ଦିନୀ ଗୁରୁମା, ରଶ୍ମିତା ଗୁରୁମା, ସରୋଜିନୀ ଗୁରୁମା ଓ ସେବୀକା ରଞ୍ଜିତା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିଶୁ ବାଟିକାର ୭୫ଜଣ ଶିଶୁ ଭାଇଭଉଣୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।



# କାଳୀପୂଜା ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ବାଲିଆପାଳ, ୨୨।୧୦ (ସମିସ): ଜାମକୁଣ୍ଡା ଛକ ବଣିକ ସଂଘ ପକ୍ଷରୁ ଅନୁଷ୍ଠିତ ସାର୍ବଜନୀନ ମା' କାଳୀପୂଜା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ କୁନି ପ୍ରତିଭା ମାନଙ୍କୁ ନେଇ ନୃତ୍ୟ ସଂଗୀତ ପ୍ରତିଯୋଗୀତା କରାଯାଇ କୁନି ପ୍ରତିଭାମାନଙ୍କୁ ମାନପତ୍ର, ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବଣିକ ସଂଘ ସଭାପତି ଦାମୋଦର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରି ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ ଏବଂ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାର କୃତି ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଅଜୟ କୁମାର ସାହୁ, ବିଜୁ କୃଷକ ଜନତା ଦଳ ଜିଲ୍ଲା ସଭାପତି ଅଜୟ ସାମଲ, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବଣିକ ସଂଘର ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ଶିବ ସାହୁ, କାହ୍ନୁ ଚରଣ ନାୟକ, ମିଟୁ ଜେନା, ବଂଶୀଧର ସାହୁଙ୍କ ସହିତ ଅନ୍ୟ ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଳ ଷ୍ଟେସନରେ ଖାଦ୍ୟ ନାମରେ ବିକ୍ରି ହେଉଛି ଜହର

ବାହାନଗା, ୨୨।୧୦(ସମିସ)





ବାଲେଶ୍ୱର ରେଳ ଷ୍ଟେସନରେ ବିଭିନ୍ନ ନାମୀଦାମୀ କମ୍ପାନୀର ଖାଦ୍ୟ ସାମଗ୍ରୀର ପ୍ୟାକେଟରୁ ଏକ୍ସପାୟାରୀ ତାରିଖ ଏବଂ ଦରକୁ ଲିଭାଇ ଖାଦ୍ୟ ନାମରେ ଜହର ବିକ୍ରି କରୁଥିଲେ ଅସାଧୁ ବ୍ୟବସାୟୀ। ଏ ନେଇ ଭିଡିଓ ସହ ବାଲେଶ୍ୱର ଏସ୍‌ପିଙ୍କ ନିକଟରେ ଅଭିଯୋଗ ପରେ ଏସପିଙ୍କ କଡା କାର୍ଯ୍ୟାନୁଷ୍ଠାନ। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଳବାଇ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ରେଳବାଇ ଥାନା ପୁଲିସ ଘଟଣାର ତଦନ୍ତ କରି ୨ ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

ଦୀର୍ଘଦିନ ଧରି ବାଲେଶ୍ୱର ରେଳ ଷ୍ଟେସନରେ ଯାତ୍ରୀ ମାନଙ୍କୁ ଖରାପ ଖାଦ୍ୟ ସାମଗ୍ରୀ ଚଢା ଦରରେ ବିକ୍ରି ହେଉଥିବା ନେଇ ଯାତ୍ରୀମାନେ ଅଭିଯୋଗ କରି ଆସୁଥିଲେ। ଏମିତି କି ପ୍ରତିଦିନ ଅସାଧୁ ବ୍ୟବସାୟୀମାନେ ବିଭିନ୍ନ ନାମୀ ଦାମୀ ବ୍ରାଣ୍ଡର ଖାଦ୍ୟ ସାମଗ୍ରୀର ଏକ୍ସପାୟାରୀ ତାରିଖ ଏବଂ ଦରକୁ ଲିଭାଇ ଖାଦ୍ୟ ସାମଗ୍ରୀକୁ ଚଢା ଦରରେ ବିକ୍ରି କରି ଆସୁଥିଲେ। ବାଲେଶ୍ୱର ରେଳବାଇ ଥାନା ଅଧୀନରେ ପ୍ରତିଦିନ ଏଭଳି ଚାଲି ଆସୁଥିବା ବେଳେ ରେଳବାଇ ଥାନା ପୁଲିସ ସ୍ଥାଣୁ ପାଲଟିଥିଲା। ଯାତ୍ରୀଙ୍କୁ ବିଭିନ୍ନ ନାମୀ ଦାମୀ ବ୍ରାଣ୍ଡର ଅବଧି ସରିଯାଇଥିବା ମିଠା ଦହି ପ୍ୟାକେଟ କିଣାଯାଇ ତାହାର ଅବଧି ତାରିଖକୁ ଲିଭାଇ ବିକ୍ରି କରାଯାଉଥିବା ନେଇ ଯାତ୍ରୀମାନେ ଅଭିଯୋଗ କରିଆସୁଥିଲେ। ପରେ ଜୈନିକ ଯାତ୍ରୀ ଷ୍ଟେସନ ପରିସରରେ ଥିବା ତ୍ରିନାଥ ମନ୍ଦିର ନିକଟରେ ବୁଲୁଥିବା ସମୟରେ ମନ୍ଦିର ବାହାରେ ୧୦ରୁ ଉର୍ଦ୍ଧ ଲୋକ ବସି ବିଭିନ୍ନ ନାମୀଦାମୀ କମ୍ପାନୀର ଶହଶହ ମିଠା ଦହି ପ୍ୟାକେଟ ଗୁଡିକରୁ ଏକ୍ସପାୟାରୀ ତାରିଖ ଏବଂ ଦରକୁ ଛୁରିରେ ଲିଭାଉଥିବାର ଦେଖିବାକୁ ପାଇଥିଲେ। ଖାଦ୍ୟ ନାମରେ ଲୋକଙ୍କୁ ଜହର ବିକ୍ରି କରାଯାଉଥିବାର ଦେଖି ତାହାର ଭିଡିଓ ଉତ୍ତୋଳନ କରିବା ସହ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବାଲେଶ୍ୱର ଏସପି ଘଟଣାକୁ ଗୁରୁତର ଭାବେ ନେବା ସହ ବାଲେଶ୍ୱର ରେଳବାଇ ଥାନାକୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବାଲେଶ୍ୱର ରେଳବାଇ ଥାନା ପୁଲିସ ତନାଘନା ସହ ଯାଞ୍ଚ ଆରମ୍ଭ କରିଥିଲେ। ପରେ ଷ୍ଟେସନ ପରିସରରେ ଥିବା ତ୍ରିନାଥ ମନ୍ଦିର ପରିସରରୁ ଟାଉନ ଥାନା ଶୋଭାରାମପୁର ଅଞ୍ଚଳର ଗଙ୍ଗାଧର ଦାସ (୬୮) ଏବଂ ଖନ୍ତାପଡା ଥାନା ଖନ୍ତାପଡ଼ା ଗ୍ରାମର ଅଭିଷେକ ମୁଦୁଲିଙ୍କୁ ଅଟକ ରଖିବା ସହ ସେମାନଙ୍କ ବ୍ୟାଗକୁ ଯାଞ୍ଚ କରିଥିଲେ। ପରେ ସେମାନଙ୍କ ନିକଟରୁ ଏକ୍ସପାୟାରୀ ତାରିଖ ଏବଂ ଦର ଲିଭାଯାଇଥିବା କିଛି ଦହି ପ୍ୟାକେଟକୁ ଜବତ କରିଥିଲା ରେଳବାଇ ପୁଲିସ। ଉଭୟଙ୍କୁ ପଚରାଉଚୁରାରେ ସେମାନେ ଏହି ଦହି ପ୍ୟାକେଟରୁ ତାରିଖ ଏବଂ ଦରକୁ ଛୁରି ସାହାଯ୍ୟରେ ଲିଭାଇ ଅଧିକ ମୂଲ୍ୟରେ ବିକ୍ରି କରୁଥିବାର ସ୍ୱୀକାର କରିଥିଲେ। ପରେ ରେଳବାଇ ଥାନା ପୁଲିସ ଉଭୟଙ୍କ ନାମରେ ଜିଆରପି ଥାନାରେ ଏକ ମାମଲା ରୁଜୁ କରି ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ସେପଟେ ପ୍ରତିଦିନ ଅସାଧୁ ବ୍ୟବସାୟୀମାନେ ଅଧିକ ଲାଭ ଆଶାରେ ଏଭଳି କାର୍ଯ୍ୟରେ ଲିପ୍ତ ଯୋଗୁଁ ଯାତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନ ଉଠିଥିବା ବେଳେ ନିୟମିତ ଯାଞ୍ଚ କରାଯାଇ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।

**● ବାଲେଶ୍ୱର ରେଳଷ୍ଟେସନରୁ ୨ ଗିରଫ**

**● ଏକ୍ସପାଏରୀ ଦହି ପ୍ୟାକେଟ ଜବତ**

# ଦୃଷ୍ଟିହୀନ ବିଦ୍ୟାଳୟରେ ବିଶ୍ୱ ଧଳାବାଡ଼ି ଦିବସ




ବାଲେଶ୍ୱର,୨୨।୧୦(ସମିସ): ଜାତି ସଂଘ ଦ୍ୱାରା ୧୯୮୨ ମସିହାକୁ ଆନ୍ତର୍ଜାତିକ ଦୃଷ୍ଟିହୀନ ବର୍ଷରୂପେ ଘୋଷଣା ପରଠାରୁ ପ୍ରତିବର୍ଷ ଅକ୍ଟୋବର ୧୫ରୁ ୨୨ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ "ଧଳା ବାଡି ସପ୍ତାହ ରୂପେ ପାଳନ କରାଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ସମାଜର ଦୃଷ୍ଟିବାଧିତ ବ୍ୟକ୍ତିର ମୁଖ୍ୟ ସମସ୍ୟା। "ଚଳନ ଶୀଳତା' ସମ୍ବନ୍ଧରେ ସଚେତନ କରାଇବା। ଏଥିପାଇଁ ରାଣୀପାଟଣା ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଧଳାବାଡ଼ି ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀ ହାତରେ ଧଳାବାଡ଼ି ଧରି ସଚେତନତା ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରାକୁ ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ, ମେଜର କର୍ଣ୍ଣେଲ କେ ମହାପାତ୍ର ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସହଯୋଗ ପ୍ରଦାନ ଉଦ୍ଦେଶ୍ୟରେ ଧଳାବାଡ଼ି ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀ ସହର ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶାସକ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ଧଳାବାଡି ଦିବସ ପାଳନର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ରୋଟାରିଆନ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ସାମୁହିକ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ସ ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷକ ସୁନୀଲ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ନବୀନ ବେହେରା ଧନ୍ୟବାଦ ଦେଇଥିଲେ। ପଦାରବିନ୍ଦ ମହାପାତ୍ର, ସବିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଧଳାବାଡ଼ି ଦିବସ ପାଳନରେ ସକ୍ରିୟ ସହଯୋଗ କହିଥିଲେ।

# ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ବାଲେଶ୍ୱର,୨୨।୧୦(ସମିସ): ରାଜ୍ୟରେ କାର୍ଯ୍ୟରତ ଆଶା କର୍ମଚାରୀମାନଙ୍କ ନ୍ୟାଯ୍ୟ ଦାବି ପୂରଣ ପାଇଁ ଆଜି ରାଜ୍ୟ ଆଶା କର୍ମୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଜିଲ୍ଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଅଖିଳ ଭାରତୀୟ ଆଶା କର୍ମଚାରୀ ମହାସଂଘର ନିଷ୍ପତ୍ତି କ୍ରମେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଶା କର୍ମୀମାନଙ୍କର ବିଭିନ୍ନ ସମସ୍ୟା ନେଇ ସାରା ଦେଶରେ ଆଦି ଦିନରେ ସ୍ମାରକପତ୍ର ପ୍ରଦାନ କରାଯାଉଛି। ଏହି କ୍ରମରେ ଆଜି ଆଶାକର୍ମୀ ସଂଘର ବାଲେଶ୍ୱର ଶାଖା ପକ୍ଷରୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ବିଶେଷକରି ଦାବିଗୁଡିକ ମଧ୍ୟରେ ଭାରତୀୟ ସ୍ୱାସ୍ଥ୍ୟ ମିଶାନ ସ୍ଥାୟୀ କରାଯାଇ ଆଶାକର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯାଉ,ଆଶା କର୍ମୀଙ୍କୁ ସରକାରୀ ମାନ୍ୟତା ପର୍ଯ୍ୟନ୍ତ ମାସିକ ୧୮ ହଜାର ଟଙ୍କା ବେତନ ପ୍ରଦାନ କରାଯାଉ, ସମସ୍ତ ଆଶା କର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଅର୍ନ୍ତଗତ ଇଏସଆଇ ଓ ଇପିଏଫଓ ସ୍କିମରେ ଅର୍ନ୍ତଭୁକ୍ତ କରାଯାଉ, ପ୍ରତିମାସ ୧୦ତାରିଖରେ ଏହି ରାଶି ପ୍ରଦାନ କରାଯିବା ସହ ପ୍ରତି ପିଏଚସି ଓ ସିଏଚସିରେ ଆଶା ଗୃହ ନିର୍ମାଣ କରାଯାଉ, ଯୋଗ୍ୟତା ଭିତିରେ ଆଶାକର୍ମୀମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ଏଏନଏମ ପଦବୀକୁ ପଦୋନ୍ନତି କରାଯାଉ, ଆଶାକର୍ମୀମାନଙ୍କୁ ବର୍ଷକୁ ଦୁଇହଳ ୟୁନିଫର୍ମ ପ୍ରଦାନ ସହିତ ରିପୋର୍ଟ ସମ୍ପାଦନ ପାଇଁ ରେଜିଷ୍ଟର ଯୋଗାଇ ଦିଆଯାଉ,ଆଶାକର୍ମୀମାନଙ୍କୁ ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଉ, ଅବସରକାଳୀନ ସହାୟତା ରାଶି ଏକକାଳୀନ ୧୦ଲକ୍ଷ ଟଙ୍କା ପ୍ରଦାନ ସହିତ ମାସିକ ଭତ୍ତା ୫ହଜାର ଟଙ୍କା ପ୍ରଦାନ କରାଯାଉ, ଆଶାକର୍ମୀମାନଙ୍କ କାର୍ଯ୍ୟସମ୍ପାଦନ ପାଇଁ ଗୁଣବତା ସମ୍ପନ୍ନ ମୋବାଇଲ କିମ୍ବା ଟାବଲେଟ ଆଦି ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘର ବାଲେଶ୍ୱର ଶାଖା ସଭାପତି ସୀତାରାଣୀ ଦାସ,ସାଧାରଣ ସମ୍ପାଦକ ଜାନକୀ ରାଉଳ, ଶକୁନ୍ତଳା ଗୋଚ୍ଛାୟତ, ଅପର୍ଣ୍ଣା ପ୍ରଧାନ, ନିର୍ମଳା ଜେନା, ରଞ୍ଜନା ପ୍ରଧାନ, ବନଜା ସେଠୀ, ଭାରତୀ ନାୟକ, ଭାପିମଣୀ ତରେଇ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଓୟୁଜେର ଦାବିପତ୍ର

ବାଲେଶ୍ୱର,୨୧।୧୦(ସମିସ): ରାଜ୍ୟର ସାମ୍ବାଦିକଙ୍କ ସର୍ବନିମ୍ନ ୩ ଦଫା ଦାବି ପେନସନ, ପ୍ରୋଟେକ୍ସନ ଓ ଏକ୍ରିଡେସନ ପାଇଁ ବିଧାନସଭା ଆଗରେ ଓଡ଼ିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ପ୍ରତିବାଦ ସଭା କରାଯାଇଥିଲା। ରାଜ୍ୟର ୩୦ଟି ଜିଲ୍ଲାରୁ ପ୍ରତିନିଧିମାନେ ଧାରଣାରେ ଅଂଶ ଗ୍ରହଣ କରିଥିଲେ। ଆଜି ତାହାର ଏକମାସ ଅତିକ୍ରାନ୍ତ କରିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିର ଏକ ମାସ ପରେ ଦାବି ପୂରଣ ହେବା ନ ହେବା ନେଇ କୌଣସି ପଦକ୍ଷେପ ନିଆନଯିବାର ଆଶଙ୍କା ପ୍ରକାଶ କରି ଆଜି ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ଦିନ କଥା ମନେ ପକାଇ ଇ-ମେଲ କରାଯାଇଛି ବୋଲି ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଓ ସାଧାରଣ ସଂପାଦକ ବିବେକାନନ୍ଦ ଦାସ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ଆମ କୁନି ପିଲା ପ୍ରଶିକ୍ଷଣ ଶିବିର



ବାଲିଆପାଳ, ୨୨।୧୦ (ସମିସ): ଏହି ବ୍ଲକରେ ସମନ୍ୱୟ ଶିଶୁ ବିକାଶ ବିଭାଗ ପକ୍ଷରୁ ଆମକୁନି ପିଲା ପ୍ରଶିକ୍ଷଣ ଶିବିର ଭାରପ୍ରାପ୍ତ ସିଡ଼ିପିଓ ଅରସ୍ମିତା ଜେନାଙ୍କ ତତ୍ତ୍ୱାବଧାନରେ ବୁଧବାର ପୂର୍ବାହ୍ନରେ ବ୍ଲକ ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାଶ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରୋଗ୍ରାମ ଅଫିସର୍ ସ୍ୱପ୍ନା ପ୍ରହରାଜ ଯୋଗଦେଇ ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଅନ୍ତର୍ଭୁକ୍ତ ଥିବା ନବଜାତ ଶିଶୁ ଠାରୁ ତିନି ବର୍ଷ ପିଲାଙ୍କ ଶାରୀରିକ, ମାନସିକ ଏବଂ ଦୈହିକ କ୍ଷେତ୍ରରେ ଗୁରୁତ୍ୱ ଏବଂ ଯତ୍ନ ନିଆଯିବାର ଆବଶ୍ୟକତା ରହିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଏହି କୁନି କୁନି ପିଲାଙ୍କ ଅଭିଭାବକମାନଙ୍କୁ ଏ କ୍ଷେତ୍ରରେ ଅଧିକ ଶିକ୍ଷା ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଶିବିରରେ ବାଲିଆପାଳ ବ୍ଲକରୁ ଚାରିଟି କମ୍ୟୁନିଷ୍ଟ ସେଣ୍ଟରେ ଥିବା ସାତଟି ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କର୍ମୀ ଯୋଗଦେଇ ଥିଲେ। ସୁପରଭାଇଜର କନକଲତା ବାରିକ, ଜ୍ୟୋସ୍ନାରାଣୀ ଜେନା, ଅଞ୍ଜଳି ମୁର୍ମୁ, ଅର୍ଚ୍ଚନା ସିଂ, ସୁମିତ୍ରା ପାତ୍ର, ଉର୍ମିଳା ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଟୋକୁ ପିଟିଲା ଟ୍ରକ; ଅଳ୍ପକେ ବର୍ତ୍ତିଲେ ୪ ଯାତ୍ରୀ

ସୋର, ୨୨।୧୦ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ପୋଲ ଉପରେ ଯାତ୍ରୀବାହୀ ଅଟୋକୁ ଏକ ଅଜଣା ଟ୍ରକ ଧକ୍କା ଦେବା ଫଳରେ ଅଟୋରେ ଥିବା ଚାରିଜଣ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ଆଜି ସକାଳେ ଜୟନ୍ତୀ ମଳିକ, ତାଙ୍କ ଭଉଣୀ ଲକ୍ଷ୍ମୀ ମଳିକ ଦୁଇ ପୁଅ ମୁନା ମଳିକ ଓ ସୁମନ୍ତ ମଳିକ ଏକ ଅଟୋରେ ବାପା ଘର ଘାସୁଆରୁ ଦାଣ୍ଡ ହରିପୁର ଅଭିମୁଖେ ଯାଉଥିବା ବେଳେ ଦହିସଡା ପୋଲ ଉପରେ ଏକ ଅଜଣା ଟ୍ରକ ସେମାନଙ୍କୁ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଅଟୋରେ ଥିବା ସମସ୍ତ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ସୁମନ୍ତ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

# ରେମୁଣା ଗୋଲେଇରେ ଟ୍ରାଫିକ ସମସ୍ୟା ଜଟିଳ

ବାଲେଶ୍ୱର,୨୨।୧୦(ସମିସ)



ବାଲେଶ୍ୱରର ଅନ୍ୟତମ ପ୍ରମୁଖ ସ୍ଥାନ ହେଉଛି ରେମୁଣା ଗୋଲେଇ। ଏହି ରେମୁଣା ଗୋଲେଇ ସହରକୁ ପ୍ରବେଶ କରିବାର ଅନ୍ୟଏକ ପ୍ରମୁଖ ସ୍ଥାନ। ଏହି ସ୍ଥାନ ଦେଇ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲା ସମେତ ପଶ୍ଚିମବଙ୍ଗ, ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ରେମୁଣାରୁ ବାଲେଶ୍ୱର ଆଦି ବିଭିନ୍ନ ସ୍ଥାନରୁ ସହରକୁ ପ୍ରବେଶ ରହିଛି। ଏହି ପ୍ରବେଶପଥ ଏବେ ଲୋକମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହାଛଡା ଏହି ରେମୁଣାକୁ ଫକୀରମୋହନ ମେଡିକାଲ କଲେଜ ମଧ୍ୟ ସ୍ଥାନାନ୍ତରିତ ହୋଇଛି ଯାହା ଫଳରେ ଲୋକମାନଙ୍କର ଗହଳି ଅଧିକ ରହୁଛି। ହେଲେ ଏଠାରେ ମୁଖ୍ୟ ସମସ୍ୟା ହେଉଛି ଟ୍ରାଫିକ ସମସ୍ୟା।

ଏପରିକି ରାସ୍ତା କଡରେ ବର୍ଷ ବର୍ଷଧରି ବେଆଇନ ଭାବେ ଯାନବାହାନ ପାର୍କିଂ ହେଉଛି। ପୂର୍ବରୁ ଏଠାରେ ବଡବଡ ଦୁର୍ଘଟଣାମାନ ମଧ୍ୟ ଘଟିବାର ନଜିର ରହିଛି। ବର୍ଷବର୍ଷ ଧରି ଏଠାରେ ବ୍ରିଜ ତଳେ ରାଜପଥର ଦୁଇପାଶ୍ୱର୍ରେ ବଡବଡ ଗାଡିମାନ ଛିଡା ହୋଇରହୁଥିବା ବେଳେ ଭଙ୍ଗାଗାଡି ଗୁଡିକର ଗୋଦାମ ଘର ମଧ୍ୟ ପାଲଟିଛି। ସନ୍ଧ୍ୟା ପରେ ଏଠାରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ ଜମୁଥିବା ବେଳେ ରାସ୍ତାକଡରେ ଯାଉଥିବା ଲୋକମାନେ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏଠାରେ ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଜବରଦଖଲ। ପ୍ରଶାସନ ପକ୍ଷରୁ ବାରମ୍ବାର ସେଠାରେ ଜବରଦଖଲ ଉଚ୍ଛେଦ କରାଯାଉଥିବା ବେଳେ ପୁନର୍ବାର ପୂର୍ବଭଳି ସ୍ଥିତିରେ ରହୁଛି। ଯାହାଫଳରେ ସନ୍ଧ୍ୟା ହେଲେ ସେଠାରେ ଲୋକମାନଙ୍କ ଭିଡ ଜମୁଥିବା ବେଳେ ଗାଡିଗୁଡିକ ରାସ୍ତା ଉପରେ ରହୁଥିବା ଦେଖିବାକୁ ମିଳିଛି। ରେମୁଣା ଗୋଲୋଇରୁ ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥ ମନ୍ଦିର ସମେତ ସେଠାରେ ବହୁ ପର୍ଯ୍ୟଟନ ସ୍ଥଳୀ ରହିଥିବା ବେଳେ ବାଲଗୋଲପୁର ଶିଳ୍ପାଂଚଳ, ଗଣେଶ୍ୱରପୁର ଶିଳ୍ପାଂଚଳ, ସୋମନାଥପୁର ଶିଳ୍ପାଂଚଳ ଆଦିକୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ଗାଡି ଗୁଡିକ ଯିବା ଆସିବା କରୁଛି। ଅନ୍ୟପଟେ ଏଠାକୁ ମେଡିକାଲ କଲେଜ ଉଠିଆସିଥିବା ବେଳେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଆମ୍ବୁଲାନସ ମଧ୍ୟ ଯିବା ଆସିବା କରୁଥିବାବେଳେ ଏଠାରୁ ୧୬ନମ୍ବର ଜାତୀୟ ରାଜପଥ ମଧ୍ୟ ସଂଯୋଗ ହୋଇଛି। ତେବେ ଏହି ଗୋଲେଇରେ ଟ୍ରାଫିକ ବ୍ୟବସ୍ଥା ନଥିବା ଏକ ବଡ ସମସ୍ୟା ଭାବେ ଉଭା ହୋଇଛି। ଦୀର୍ଘଦିନ ହେବ ଏହି ରେମୁଣା ଗୋଲେଇ ସମ୍ପ୍ରସାରଣ ହେବା ପାଇଁ ପ୍ରସ୍ତାବ ରହିଥିବା ବେଳେ ତାହା ଆଜି ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇପାରୁ ନଥିବା ବେଳେ ତାହା ଏକ ବଡ ସମସ୍ୟା ଭାବେ ଦେଖାଦେଇଛି। ଏ ନେଇ ବାଲେଶ୍ୱର ବାସିନ୍ଦା ଗିରିଜା ଶଙ୍କର ଦାସ କହିଛନ୍ତି ଯେ, ରେମୁଣା ଗୋଲେଇରେ ନିହାତି ଏକ ଟ୍ରାଫିକ ପୋଷ୍ଟର ଆବଶ୍ୟକ୍ୟତା ରହିଛି। ରେମୁଣା ଅଂଚଳ ବ୍ୟସ୍ତବହୁଳ ହୋଇପଡ଼ିଥିବା ବେଳେ ତାହା ମଧ୍ୟ ଜାତୀୟ ରାଜପଥକୁ ସଂଯୋଗ କରୁଛି। ବିଶେଷ କରି ରାତିରେ ସେଇ ସ୍ଥାନ ଅତ୍ୟନ୍ତ ବିପଦଜନକ ହେଉଥିବା ବେଳେ ପୁଲିସର ପାଟ୍ରୋଲିଂ ମଧ୍ୟ ନାହିଁ। ରାତିରେ ଉକ୍ତ ସ୍ଥାନଟି ଅନ୍ଧକାର ରହୁଥିବା ବେଳେ ଏହାର ସୁଯୋଗନେଇ ଛିନ୍ତାଇ ଠାରୁ ଆରମ୍ଭ କରି ବହୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏହାଛଡା ରାତିରେ କଲିକତା ହେଉ କିମ୍ବା ଅନ୍ୟ କୌଣସି ସ୍ଥାନରୁ ଲୋକେ ଆସୁଥିବା ବେଳେ ସେଇ ରେମୁଣା ଗୋଲେଇରେ ଓହ୍ଲେଇବାକୁ ପସନ୍ଦ ମଧ୍ୟ କରୁ ନାହାନ୍ତି। ଏହା ଛଡା ମେଡିକାଲ ସେଠାକୁ ଉଠି ଆସିବା ଫଳରେ ଅଟୋ ଗାଡି ଗୁଡିକ ବହୁ ଅସୁବିଧା ସୃଷ୍ଟି କରୁଛନ୍ତି। ଏଣୁ ସେଠାରେ ଗୋଟିଏ ଟ୍ରାଫିକ ପୋଷ୍ଟ ଯାହାକି ଇଲେକଟ୍ରୋନିକ୍ସ ଲାଇଟ ବ୍ୟବସ୍ଥା କରାଯାଇ ଗଲେ ଏହିସବୁ ସମସ୍ୟାରୁ ସମାଧାନ ହୋଇପାରିବ ବୋଲି କହିଛନ୍ତି।

# ଚକ୍ଷୁ ପରୀକ୍ଷାକେନ୍ଦ୍ର ଉଦ୍‌ଘାଟିତ



ବାଲେଶ୍ୱର,୨୨।୧୦(ସମିସ): ବାଲେଶ୍ୱର ଲାୟନସ ଚକ୍ଷୁ ହସପିଟାଲ ଓ ଶ୍ରୀ ଜାନକୀନାଥ ମନ୍ଦିର ସେବା ଟ୍ରଷ୍ଟର ମିଳିତ ସହଯୋଗରେ ବାହାନଗା ପଂଚାୟତ ସମିତି ଅନ୍ତର୍ଗତ ଜୁଣିଆସ୍ଥିତ ଶ୍ରୀଶ୍ରୀ ଜାନକୀନାଥ ମନ୍ଦିର ପରିସରରେ ଏକ ଚକ୍ଷୁ ପରୀକ୍ଷା କେନ୍ଦ୍ର ଉଦଘାଟିତ ହୋଇଛି। ବାଲେଶ୍ୱର ଚକ୍ଷୁ ହସପିଟାଲର ପ୍ରତିଷ୍ଠାତା ନିରଞ୍ଜନ ଖଣ୍ଡେଲୱାଲ ଏହି କେନ୍ଦ୍ରକୁ ଉଦଘାଟନ କରିଥିଲେ। ଏହି ସମୟରେ ବାଲେଶ୍ୱର ଲାୟନସ କ୍ଲବର ସଭାପତି ଶ୍ରୀ ଖଣ୍ଡେଲୱାଲ,ରାଜେଶ ଖଣ୍ଡେଲୱାଲ, ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ରାଜେନ୍ଦ୍ର ଗୁପ୍ତା, ଅନିଲ ଖଣ୍ଡେଲୱାଲଙ୍କ ସମେତ ବାଲେଶ୍ୱର ଲାୟନସ ହସପିଟାଲର ପ୍ରଶାସକ ପ୍ରିୟଦର୍ଶୀ ସିଂ ସାମନ୍ତ, ଦେବବ୍ରତ ନନ୍ଦ ଓ ଚକ୍ଷୁ ଚିକିତ୍ସିକା ପ୍ରେରଣା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ରାଜପଥ ମରାମତି, ସ୍ଥାନୀୟ ଲୋକଙ୍କ ପାଇଁ ଟୋଲ୍ ଉଚ୍ଛେଦ ଦାବି

# ବିଜେଡି ପକ୍ଷରୁ ଧାରଣା, ବିକ୍ଷୋଭ ପ୍ରଦର୍ଶନ

ପାଲଲହଡ଼ା,୨୨ ।୧୦(ସମିସ)



ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ମନମୁଖି କାର୍ଯ୍ୟ ବିରୋଧରେ ପାଲଲହଡ଼ା ବିଜେଡି ପକ୍ଷରୁ ଖମାର ଟୋଲ ପ୍ଲାଜାଠାରେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି । ସକାଳ ୯ଟାରୁ ଦଳୀୟ ନେତା ଏବଂ କର୍ମୀ ଟୋଲ ଗେଟ ସମ୍ମୁଖରେରେ ଧାରଣାରେ ବସିବା ଫଳରେ ସମସ୍ତ ଯାନବାହାନ ଦେୟମୁକ୍ତ ଭାବେ ଟୋଲ ଗେଟର ପାଶ୍ୱର୍ବର୍ତ୍ତୀ ରାସ୍ତାରେ ଯାତାୟାତ କରିଥିଲେ ।

ଜାତୀୟ ରାଜପଥର ପାଲଲହଡ଼ାରୁ ପିଟିରି ପର୍ଯ୍ୟନ୍ତ ରାସ୍ତାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ସମ୍ପୂର୍ଣ୍ଣ କରିବା, ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ମିଟର ମୋରାମ ବେସ୍ ନିର୍ମାଣ, ପାଲଲହଡ଼ାରେ ଏନ୍‌ଏଚ୍‌ଏଆଇର ସବ୍‌ଡିଭିଜନାଲ ଅଫିସ କାର୍ଯ୍ୟକ୍ଷମ କରିବା, ଖମାର ଟୋଲ ଗେଟ ଉଚ୍ଛେଦ ଅଥବା ପାଲଲହଡ଼ା ଓ କଣିହାଁ ବ୍ଲକର ସମସ୍ତ ଚାରିଚକିଆ ଯାନକୁ ଦେୟମୁକ୍ତ କରିବା ସହ ବିଭାଗ ପକ୍ଷରୁ କୁହାଯାଉଥିବା ୧୪୯ ନମ୍ବର ଜାତୀୟ ରାଜପଥ ମରାମତି ନିମନ୍ତେ ହୋଇଥିବା ୧୦ କୋଟି ଟଙ୍କା ବ୍ୟୟର ଭିଜିଲାନ୍ସ ତଦନ୍ତ ଆଦି ଦାବି ରହିଛି । ଗତ ୧୫ ତାରିଖ ପାଲଲହଡ଼ା ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବି ପୂରଣ ନ ହେଲେ ୨୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଟୋଲ ପ୍ଲାଜା ନିକଟରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ ପାଇଁ ଚେତାବନୀ ଦିଆଯାଇଥିଲା । ତେବେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେହିପରି ପାଲଲହଡ଼ା ସଦରମହକୁମାର ଚତୁର୍ପାର୍ଶ୍ୱରେ ୨୦ କିମି ମଧ୍ୟରେ ୩ଟି ଟୋଲ ଗେଟ ନିର୍ମାଣ କରି ଜାତୀୟ ରାଜପଥ ପ୍ରାଧିକାରଣ କର୍ତ୍ତୃପକ୍ଷ ବେଆଇନ ଭାବେ ଟୋଲ ଆଦାୟ କରୁଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେବା ସହ ଅଧିକ ଖର୍ଚ୍ଚାନ୍ତ ହେଉଥିବା ପୂର୍ବତନ ବିଧାୟକ ପାଲ ଅଭିଯୋଗ କରିଛନ୍ତି । ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସମ୍ପାଦକ ମୁକେଶ କୁମାର ପାଲଙ୍କ ନେତୃତ୍ୱରେ ଖମାର ଡାକବଙ୍ଗଳାଠାରୁ ଶହ ଶହ ବିଜେଡି କର୍ମୀ ଶୋଭାଯାତ୍ରାରେ ବାହାରି ଟୋଲ ଗେଟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି । ବିକ୍ଷୋଭରେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ନରେନ୍ଦ୍ର ଭୁକ୍ତା, ଲକ୍ଷ୍ମୀଧର ବିଶ୍ୱାଳ, ସୁବାସ ମହାନ୍ତି, ବ୍ଲକ ବିଜେଡି ସଭାପତି ରଞ୍ଜିତ ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ, ଜିଲ୍ଲାପରିଷଦ ସଭ୍ୟ ଯୋଗଦେଇଛନ୍ତି । ଅନ୍ୟପଟେ ସନ୍ଧ୍ୟାରେ ଏନ୍‌ଏଚ୍‌ଏଆଇର ସହକାରୀ ପ୍ରକଳ୍ପ ଅଧିକାରୀ ଦିବ୍ୟାଂଶୁ ମୀନା, ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର, ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନର କୌଣସି ବାଟ ବାହାରି ନାହିଁ । ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ପୂର୍ବତନ ବିଧାୟକ ପାଲ କହିଛନ୍ତି ।

## ହିମିତିରା ଓ ଅଙ୍ଗପଡ଼ାରେ କାଳୀପୂଜା




କିଶୋରନଗର,୨୨ ।୧୦(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହିମିତିରା ଓ ଅଙ୍ଗପଡ଼ା ଗ୍ରାମରେ ମା' କାଳୀପୂଜା ଅନୁଷ୍ଠିତ ହୋଇଛି । ୨୦ ତାରିଖ ହିମିତିରା ନାଳରୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ପବିତ୍ର ଜଳ ଉଠାଇ କଳସ ଯାତ୍ରା ପରେ ମା'ଙ୍କ ପୂଜା କରାଯାଇଥିଲା । ୨୧ ତାରିଖ ସାଂସ୍କୃତିକ କାର୍ଯ୍ୟକ୍ରମ ଅପେରା ପରିବେଷଣ ହୋଇଥିଲା । ବୁଧବାର ମା'ଙ୍କ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ହିମିତରା ପୂଜା କମିଟି ସଭାପତି ବିଜୟ ପ୍ରଧାନ, ସମ୍ପାଦକ ବାବ୍ରୁବାହାନ ବେହେରାଙ୍କ ତତ୍ତ୍ୱାବଧାନ ତଥା କାଳୀପୂଜା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହୋଇଛି । ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଉଭୟ ଗ୍ରାମର ପୂଜା ମଣ୍ଡପ ପରିଦର୍ଶନ କରି ମା'ଙ୍କ ଦର୍ଶନ କରିଥିଲେ ।

## ଜାମୁନାଳିରେ ପୁଲିସ ସହିଦ ଦିବସ ପାଳିତ



କିଶୋରନଗର,୨୨ ।୧୦(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଜାମୁନାଳି ହାଇସ୍କୁଲ ପରିସରରେ ହଣ୍ଡପା ଥାନା ପୁଲିସ ପକ୍ଷରୁ ସହିଦ ଦିବସ ପାଳିତ ହୋଇଛି । ଜାମୁନାଳି ପଞ୍ଚାୟତ ନାଗାଝରଣ ଗ୍ରାମର ଏସଓଜି ଯବାନ ଚନ୍ଦ୍ରକାନ୍ତ ପ୍ରଧାନ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସହିଦ ହୋଇଥିଲେ । ବିଦ୍ୟାଳୟ ପରିସରରେ ଥିବା ତାଙ୍କ ଫଟୋରେ ମାଲ୍ୟାପଣ କରାଯାଇଥିଲା । ଏ ନେଇ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ବିନୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉଡିଆ ଯୋଗଦେଇ ଚନ୍ଦ୍ରକାନ୍ତଙ୍କ ଯୋଗୁଁ ଆଜି କିଶୋରନଗର ବ୍ଲକ ଗର୍ବିତ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ହଣ୍ଡପା ଥାନା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ, ଶିକ୍ଷକ ଶ୍ୟାମସୁନ୍ଦର ମାଝୀ, ଟଙ୍କଧର ପ୍ରଧାନ, ପ୍ରମୋଦ କୁମାର ସାମଲ, ଅଶୋକ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ମଞ୍ଜୁଲତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ପରେ ସମସ୍ତ ଅତିଥି ଚନ୍ଦ୍ରକାନ୍ତଙ୍କ ଘରକୁ ଯାଇ ତାଙ୍କ ମା'ଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପ୍ରସ୍ତୁତି ବୈଠକ



ଅନୁଗୋଳ,୨୨ ।୧୦(ସମିସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ବୁଧବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯିବ । ସପ୍ତାହର ପ୍ରଥମ ଦିନ ଅକ୍ଟୋବର ୨୭ ତାରିଖ ପୂର୍ବାହ୍ନ ୧୧ଟାରେ ସମସ୍ତ ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀମାନେ ଶପଥପାଠ କରିବେ । ଦୁର୍ନୀତି ବିରୋଧରେ ବ୍ୟାପକ ସଚେତନତା କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ରାଲି, ୱାକାଥନ, ପଥପ୍ରାନ୍ତ ନାଟକ, ଗ୍ରାମସଭା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସଚେତନତା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବ । ପ୍ରତି ବ୍ଲକ ଓ ପଞ୍ଚାୟତ ସ୍ତରରେ ସମ୍ପୃକ୍ତ ବିଡିଓଙ୍କ ତତ୍ତ୍ୱାବଧାନରେ ସଚେତନତା ରାଲି ଓ ଗ୍ରାମସଭା କରାଯିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତାକୁ କେବୁଲ ଅପରେଟର ଓ ସିନେମା ହଲଗୁଡ଼ିକରେ ପ୍ରସାରଣ କରିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ସାମଲ, ଅନୁଗୋଳ ବିଡିଓ ଡ. ବିଶ୍ୱଭୂଷଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ୍ ଧଳ, ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାକ୍ରା, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ୍, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଏଲ୍‌ଡିଏମ୍ ଚୌଧୁରୀ ଦୀପକ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

### ପ୍ରଧାନ ଆଇ କେୟାରରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ମାମଲା

## ପ୍ରତି ପୀଡ଼ିତଙ୍କୁ ମିଳିବ ୧ ଲକ୍ଷ ଟଙ୍କା କ୍ଷତିପୂରଣ

ଅନୁଗୋଳ,୨୨ ।୧୦(ସମିସ): ଅମଲାପଡ଼ାସ୍ଥିତ ପ୍ରଧାନ ଆଇ କେୟାରରେ ଗତ ବର୍ଷ ଜୁନ ୨୦ ତାରିଖ ହୋଇଥିବା ତ୍ରିଟିପୂର୍ଣ୍ଣ ମୋତିଆବିନ୍ଦୁ ଅସ୍ତ୍ରୋପଚାର ମାମଲାରେ ରାଜ୍ୟ ସରକାର ୧୩ ଜଣ ପୀଡ଼ିତଙ୍କୁ ଲକ୍ଷେ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ରାଜ୍ୟ ମାନବିକ ଅଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଦିନ ପ୍ରଧାନ ଆଇ କେୟାରରେ ଡା. ଚନ୍ଦ୍ରଶେଖର ପ୍ରଧାନ ଓ ବିଶ୍ୱଜିତ୍ ଦେ ୧୩ ଜଣ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରିଥିଲେ । ହେଲେ ଅସ୍ତ୍ରୋପଚାର ପରଦିନ ରୋଗୀମାନଙ୍କ ଆଖି ଜୋର୍‌ରେ ବିନ୍ଧିବାରୁ ସେମାନେ କ୍ଲିନିକ୍‌କୁ ଆସିଥିଲେ । ଡା. ପ୍ରଧାନ ଭୟଙ୍କର ଚକ୍ଷୁ ସଂକ୍ରମଣ ହୋଇଥିବା ଜାଣି ରୋଗୀମାନଙ୍କୁ ସମ୍ବଲପୁର ନେଇ ଚିକିତ୍ସା କରାଇଥିଲେ । କିନ୍ତୁ ଅସ୍ତ୍ରୋପଚାର ଏଭଳି ତ୍ରୁଟିପୂର୍ଣ୍ଣ ଥିଲା ଯେ ରୋଗୀମାନଙ୍କ ଅବସ୍ଥାରେ ବେଶୀ ଉନ୍ନତି ଆସି ନ ଥିଲା । ରୋଗୀମାନେ ବିଭିନ୍ନ ଘରୋଇ ହସ୍ପିଟାଲ ଯାଇ ଯେତେ ଅର୍ଥଶ୍ରାଦ୍ଧ କଲେ ମଧ୍ୟ କୌଣସି ଲାଭ ହୋଇ ନ ଥିଲା । ଘଟଣା ପ୍ରଘଟ ହେବା ପରେ ରାଜ୍ୟରେ ଚହଳ ସୃଷ୍ଟି ହୋଇଥିଲା । ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉକ୍ତ କ୍ଲିନିକ୍‌କୁ ସିଲ୍ କରି ଦିଆଯାଇଥିଲା । ଘଟଣା ସମ୍ପର୍କରେ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇ ଦୃଷ୍ଟି ଆକର୍ଷଣ କରିଥିଲେ । କମିଶନ ମାମଲାର ବିଚାର କରି କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଅନୁଗୋଳ ସିଡିଏମଓ ଡା. ମଦନ ମୋହନ ପ୍ରଧାନ କହିଛନ୍ତି ଯେ ପ୍ରତି ପୀଡ଼ିତଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ନିର୍ଦ୍ଦେଶ ଆସିଛି । ୧୩ ଜଣ ପୀଡ଼ିତଙ୍କୁ ବ୍ୟାଙ୍କ୍ ନଥିପତ୍ର, ଆଧାର କାର୍ଡ ଆଦି ଦେବାକୁ ଚିଠି କରାଯାଇଛି । ଉପଯୁକ୍ତ ଦଲିଲ ସରକାରଙ୍କୁ ପ୍ରଦାନ କରାଯିବା ପରେ ପୀଡ଼ିତଙ୍କ ଆକାଉଣ୍ଟକୁ କ୍ଷତିପୂରଣ ଟଙ୍କା ପଠାଯିବ ବୋଲି ସିଡିଏମ୍‌ଓ ଡା. ପ୍ରଧାନ କହିଛନ୍ତି ।

## ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ




ଅନୁଗୋଳ,୨୨ ।୧୦(ସମିସ): ସ୍ଥାନୀୟ କଲେଜପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ ଶିଶୁମାନଙ୍କ ପ୍ରତିଭାର ବିକାଶ ପାଇଁ ସୁରଭି ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଇଓ ଅଶୋକ କୁମାର ପ୍ରଧାନ, ଏବିଇଓ ପ୍ରଦ୍ୟୁମ୍ନ ମିଶ୍ର, ସଂସାର ଭୋଇ ଏବଂ କଲେଜପଡ଼ା ସ୍କୁଲ ପ୍ରଧାନଶିକ୍ଷକ ମନୋଜ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବିତର୍କ, ନୃତ୍ୟ, ସଙ୍ଗୀତ, କ୍ୱିଜ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

## ୨୯ରେ କେନ୍ଦୁପତ୍ର କର୍ମଚାରୀ ସଂଘର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଘେରାଉ

### ଯୋଗଦେବେ ରାଜ୍ୟର ୧୦ ହଜାର କେନ୍ଦୁପତ୍ର ତୋଳାଳି



ଅନୁଗୋଳ,୨୨ ।୧୦(ସମିସ): ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନ କ୍ରମେ ଅନୁଗୋଳ ଡିଭିଜନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବିଭିନ୍ନ ଦାବି ନେଇ ସଂଘ ପକ୍ଷରୁ ଅକ୍ଟୋବର ୨୯ ତାରିଖ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ମୁଖ୍ୟତଃ ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରି ସରକାର ଘୋଷଣା କରିଥିବା ସର୍ବନିମ୍ନ ମଜୁରି ଅନୁପାତରେ ଧାର୍ଯ୍ୟ କରିବା, କନ୍ୟା ବିବାହ ସହାୟତା, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ ପ୍ରତି ମଜୁରି ବୃଦ୍ଧି ତଥା ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କ ଯଥାକ୍ରମେ ମଜୁରି ୪୬୦ ଟଙ୍କା ଓ ୬୦୦ ଟଙ୍କା ପ୍ରଦାନ, ତୋଳାଳିମାନଙ୍କ ପତ୍ର ଦର ବୃଦ୍ଧି, କାର୍ଯ୍ୟ ଦିବସ ବୃଦ୍ଧି, ଜିଏସଟି ଅର୍ଥ ଫେରସ୍ତ, ବୋନସ ବୃଦ୍ଧି ଆଦି ଦାବିରେ ଏହି ସମାବେଶ ତଥା ଧାରଣା ଆୟୋଜିତ ହେବ । ଏଥିରେ ସାରା ରାଜ୍ୟରୁ ୧୦ ହଜାର ତୋଳାଳି ଯୋଗଦେବେ । ଅନୁଗୋଳ ଡିଭିଜନରୁ ୫୦୦ ତୋଳାଳି ଏବଂ ଶ୍ରମିକ ଯୋଗଦେବେ ବୋଲି କୁହାଯାଇଛି । ବୈଠକରେ ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ସମ୍ପାଦକ ମନୋଜ ସାହୁ, ଡିଭିଜନ ସମ୍ପାଦକ ରତ୍ନାକର ପ୍ରଧାନ, ସୁମିତ ପଟେଲ, ବିନୋଦ ଜେନା, ସୁରେଶ ଚନ୍ଦ୍ର ସାମଲ, ଜଗବନ୍ଧୁ ମହାନ୍ତ, ଫକୀର ପ୍ରଧାନ, ପ୍ରସନ୍ନ ସାହାଣୀ, ରଞ୍ଜନ ପ୍ରଧାନ, ଅଖିଳ ସାମଲ, ମାଧବ ସାହୁ, ସତ୍ୟାନନ୍ଦ ସାହୁ, ପ୍ରଶାନ୍ତ ପ୍ରଧାନ, ଅଜୟ ପଟନାୟକ, ଦୀନବନ୍ଧୁ ଦେହୁରୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ପୁରୁଷୋତ୍ତମ ସାହୁ, ସନ୍ତୋଷ ସାହୁ, କୋକିଳ ସାହୁ, ରୀନା ବେହେରା, ମାନସ ନାୟକ, ସୁକାନ୍ତି ସାହୁ, ଉର୍ମିଳା ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ୫୦ ଷ୍ଟ୍ରିଟଲାଇଟ ଅଚଳ; ନିମ୍ନମାନର ଅଭିଯୋଗ


**ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ**

ବଇଣ୍ଡା,୨୨ ।୧୦(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଛକରେ ଜାତୀୟରାଜପଥ ବିଭାଗ ପକ୍ଷରୁ ଫ୍ଲାଏଓଭର ବ୍ରିଜରେ ୧୧୦ଟି ଷ୍ଟ୍ରିଟଲାଇଟ ଲଗାଯାଇଛି । ଲାଇଟଗୁଡ଼ିକ ଅଗଷ୍ଟ ମାସରେ ଲଗା ଯାଇଥିବା ବେଳେ ସେଥିରୁ ୫୦ଟି ଅଚଳ ହୋଇପଡ଼ିଛି । ଅତି ନିମ୍ନମାନର ଲାଇଟ ଲଗାଯାଇଥିବାରୁ ସେଗୁଡ଼ିକ ଅଚଳ ହୋଇ ପଡୁଥିବା ବଇଣ୍ଡା ଗ୍ରାମବାସୀ ବୁଧବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ବଇଣ୍ଡାଠାରେ ଜାତୀୟ ରାଜପଥ କାମ କରୁଥିବା ଠିକାସଂସ୍ଥା ଅତି ନିମ୍ନମାନର ଲାଇଟ ଲଗାଇଛି । ଯେଉଁଦିନ ଲାଇଟ ଲଗାଗଲା ସେହିଦିନ ହିଁ ୩ଟି ଅଚଳ ହୋଇପଡ଼ିଥିଲା । ପରବର୍ତ୍ତୀ ସମୟରେ ୫୦ ଲାଇଟ ଅଚଳ ହୋଇପଡ଼ିଲାଣି । ଏପରିକି ପ୍ରତେକ ଦିନ ସନ୍ଧ୍ୟା ୬ଟାରୁ ଲାଇଟଗୁଡ଼ିକୁ ବିଦ୍ୟୁତ ସଂଯୋଗ ଦିଆଯାଉଥିବା ବେଳେ ରାତି ୧୧ଟାରେ ବନ୍ଦ କରି ଦିଆଯାଉଛି । ଫଳରେ ରାତି ୧୧ଟା ପରେ ଏହି ଓଭରବ୍ରିଜ ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଉଛି । ଅନ୍ଧାରର ସୁଯୋଗ ନେଇ କିଛି ଦୁର୍ବୃତ୍ତ ବିଭିନ୍ନ ଗାଡ଼ି ଅଟକାଇ ଲୁଟପାଟ କରୁଛନ୍ତି । ଏ ନେଇ ବଇଣ୍ଡା ଗ୍ରାମବାସୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ ଉକ୍ତ ଲାଇଟର ସମ୍ପୂର୍ଣ୍ଣ ଦାୟିତ୍ୱ ଠିକାସଂସ୍ଥାର ବୋଲି ସେମାନେ କହୁଛନ୍ତି । ତୁରନ୍ତ ଅଚଳ ଲାଇଟଗୁଡ଼ିକକୁ ଖୋଲି ନୂତନ ଲାଇଟ ଲଗାଇବା ସହ ୧୨ ଘଣ୍ଟା ଆଲୋକିତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ବିଦ୍ୟୁତ ବିଭାଗ ଏସଡିଓ ଅକ୍ଷୟ କୁମାର ସାହୁ କୁହନ୍ତି, ଫ୍ଲାଏ ଓଭର ବ୍ରିଜରେ ଲାଗିଥିବା ଷ୍ଟ୍ରିଟଲାଇଟର ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାସଂସ୍ଥା ଏଆଇପିଏଲର । ଯାହା ଅସୁବିଧା ଉକ୍ତ ଠିକାସଂସ୍ଥା ସମାଧାନ କରିବେ । ଅନ୍ୟପଟେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଠିକାସଂସ୍ଥାର ପରିଚାଳକ ତ୍ରିଲୋଚନ ବେହେରା କହିଛନ୍ତି ।

### ହଜିଯାଇଥିବା ମୋବାଇଲ୍ ହସ୍ତାନ୍ତର ମେଳା

## ୧୦୧ ସ୍ମାର୍ଟ ଫୋନ୍ ଉଦ୍ଧାର, ମାଲିକଙ୍କୁ ହସ୍ତାନ୍ତର



ଅନୁଗୋଳ,୨୨ ।୧୦(ସମିସ): ଅନୁଗୋଳ ଜିଲ୍ଲା ପୁଲିସ ପକ୍ଷରୁ ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନିଖୋଜ କିମ୍ବା ହଜିଯାଇଥିବା ମୋବାଇଲ୍ ହସ୍ତାନ୍ତର ମେଳା ୨.୦ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ନିଖୋଜ କିମ୍ବା ହଜିଯାଇଥିବା ୧୦୧ଟି ସ୍ମାର୍ଟ ଫୋନ୍ ଉଦ୍ଧାର କରାଯାଇ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଛି । ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ।

ଏହି ନିଖୋଜ କିମ୍ବା ହଜିଯାଇଥିବା ଅଭିଯୋଗକୁ ଗମ୍ଭୀରତାର ସହ ନେଇଥିଲା ଅନୁଗୋଳ ପୁଲିସ । ଅନୁଗୋଳ ଏସ୍‌ପି ଭାବେ ରାହୁଲ ଜୈନ ଯୋଗଦେବା ପରେ ଏ ସମ୍ପର୍କରେ ସିଧାସଳଖ ଅଭିଯୋଗ କରିବାକୁ ଏକ ହ୍ୱାଟ୍ସଆପ ନମ୍ବର ଜାରି କରିଥିଲେ । ଫଳରେ ଲୋକେ ତୁରନ୍ତ ଏବଂ ସହଜରେ ମୋବାଇଲ ଚୋରି ଆଉ ହଜିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ଗୁରୁତ୍ୱର ସହ ତଦନ୍ତ କରିଥିଲା । ଗତ ଜୁନ ୧୭ ତାରିଖ ପ୍ରଥମ ପର୍ଯ୍ୟାୟରେ ୧୨୫ ମୋବାଇଲ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୧୦୧ଟି ଫୋନ୍ ଉଦ୍ଧାର କରି ବୁଧବାର ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି ପୁଲିସ । ଏହି କାର୍ଯ୍ୟକ୍ରମରେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସପି ରାହୁଲ ଜୈନ ଉପସ୍ଥିତ ଥିଲେ । ଥାନା ଅଧିକାରୀ ଓ ଅନୁଗୋଳ ଜିଲ୍ଲା ପୁଲିସ ସାଇବର ସେଲ କର୍ମଚାରୀଙ୍କ ପ୍ରୟାସ ଯୋଗୁଁ ମୋବାଇଲ୍ ଫୋନଗୁଡ଼ିକୁ ଉଦ୍ଧାର ହୋଇପାରିଥିବା ଆଇଜି ଓ ଏସ୍‌ପି କହିଛନ୍ତି ।


### କୋଇଲା ଚୋରି ବନ୍ଦ ଓ ଉଚ୍ଚସ୍ତରୀୟ ତଦନ୍ତ ଦାବି


## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ତାଳଚେର,୨୨ ।୧୦(ସମିସ): ତାଳଚେର ଅଞ୍ଚଳରେ ଦିନକୁ ଦିନ କୋଇଲା ଚୋରି ବଢ଼ିବାରେ ଲାଗିଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦୈନିକ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । କୋଇଲା ଚୋରି ରୋକିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଘଣ୍ଟପଡ଼ା ଟ୍ରକ୍ ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ଏମ୍‌ସିଏଲ୍ ଓ କୋଲ୍ ୱାସେରୀ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ସରକାର କୋଟି କୋଟି ଟଙ୍କା କ୍ଷତି ସହୁଛନ୍ତି । ଦୈନିକ ହଜାର ହଜାର ଟନ୍ କୋଇଲା କେବଳ ଗ୍ଲୋବାଲ୍ କୋଲ୍ ୱାସେରୀକୁ ଯାଉଛି । ଯାହାର ସଠିକ୍ ତଦାରଖ କରାଯାଉ ନାହିଁ । ନିୟମ ମୁତାବକ ପ୍ରତି ୧୦ ଚକିଆ ଟ୍ରକ୍‌ରେ ୧୮ ଟନ୍ ଓ ୧୨ ଚକିଆ ଟ୍ରକ୍‌ରେ ୨୨ ଟନ୍ କୋଇଲା ପରିବହନ କରାଯିବା କଥା । କିନ୍ତୁ ଏହି ନିୟମକୁ ଉଲ୍ଲଘଂନ କରି ଅଧିକ କୋଇଲା ଟ୍ରକ୍‌ରେ ପରିବହନ କରାଯାଉଛି । ସାଧାରଣ ଗାଡ଼ି ମାଲିକଙ୍କ ଗାଡ଼ି ୱେ ବ୍ରିଜ୍‌ରେ ଓଜନ କଲା ବେଳେ ଏମ୍‌ସିଏଲ୍ ଓ ମାଇନିଂ ବିଭାଗ ରହି କରୁଛନ୍ତି । କିନ୍ତୁ ୱାସେରୀ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହେଉଛି । ରୋଡ୍ ସେଲର ନିୟମ ଅନୁସାରେ ୨୪ ଘଣ୍ଟା ଲୋଡିଂ ହେବା ବ୍ୟବସ୍ଥା ରହିଛି । କିନ୍ତୁ ସାଧାରଣ ଟ୍ରକ୍ ମାଲିକଙ୍କ ପାଇଁ ଏହି ନିୟମ ୧୨ ଘଣ୍ଟା (ସକାଳ ୬ରୁ ସନ୍ଧ୍ୟା ୬) ହୋଇଥିବା ବେଳେ ୱାସେରୀ ପାଇଁ ୨୪ ଘଣ୍ଟା ଲୋଡିଂ ଓ ପରିବହନ କରାଯାଉଛି । ରୋଡ୍ ସେଲରେ ସାଧାରଣ ଟ୍ରକ୍ ମାଲିକଙ୍କ ପାଇଁ ପରଚି ସିକ୍ୟୁରିଟି ଗାର୍ଡ ଯାଞ୍ଚ କରି ଗାଡ଼ି ଲୋଡିଂ ପାଇଁ ପଠାଯାଉଛି । କିନ୍ତୁ ୱାସେରୀ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଉଛି । ଗ୍ଲୋବାଲ୍ କୋଲ୍ ୱାସେରୀ ପ୍ରତି ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କର ଏତେ ଅନୁକମ୍ପା କାହିଁକି ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏସ୍‌ଆଇଟି କିମ୍ବା ସିବିଆଇ ଦ୍ୱାରା ଏହାର ତଦନ୍ତ କରାଗଲେ ଅନେକ ସତ୍ୟ ପଦାକୁ ଆସିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବିପତ୍ରର ନକଲ ତାଳଚେର ଉପଜିଲ୍ଲାପାଳ, ଅନୁଗୋଳ ଏସ୍‌ପି, ତାଳଚେର ଉପ-ଖଣି ନିର୍ଦ୍ଦେଶକ, ତାଳଚେର ଏସ୍‌ଡିପିଓ, ତାଳଚେର/କୋଲିୟରୀ/ବିକ୍ରମପୁର ଥାନାକୁ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ରାଜକିଶୋର ସାହୁ, ଅଶୋକ ଦାସ, ବାପୁନ ସାହୁ, ଜିନେଶ ସାହୁ, ଆରବ୍ୟ ସାହୁ, ଅଜିତ୍ ସାହୁ, ପରେଶ ପ୍ରଧାନ, ଶିଳା ସାହୁ, ସଞ୍ଜୟ ସ୍ୱାଇଁ, ଲିପୁ ଦେହୁରୀ, ଅନିଲ ପ୍ରଧାନ, ପ୍ରକାଶ ସାହୁ, ଦୀପକ ଦେହୁରୀ, ଅଶ୍ୱିନୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।




ବ୍ୟାସନଗର ସହରର ବିଭିନ୍ନ ପୂଜା ମଣ୍ଡପରେ ମା' କାଳୀଙ୍କ ପୂଜା

## ଦୁର୍ଘଟଣାରେ ଜଣେ ମୃତ; ଦୁଇ ଗୁରୁତର

**ସୁକିନ୍ଦା, ୨୨।୧୦(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର ଗ୍ରାମ ନିକଟ ରାସ୍ତାରେ ଏକ ଦୁର୍ଘଟଣା ଘଟି ତିନିଜଣ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବାବେଳେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ରାଜଗୋଲା ଗ୍ରାମ ମାଗୁଣି ଚରଣ ପ୍ରଧାନଙ୍କ ପୁଅ ସନ୍ତୋଷ କୁମାର ପ୍ରଧାନ(୩୬) ବୁଧବାର ସନ୍ଧ୍ୟାରେ ବାଇକ୍‌ରେ ସୁକିନ୍ଦା ଯାଉଥିବା ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକରେ ଆସୁଥିବା ଅତା ଗ୍ରାମ ଦିପୁ ମଲିକ(୨୧) ଓ ଜେନାପୁର ଗ୍ରାମ କ୍ଷୀରୋଦ ଜେନା(୪୫)ଙ୍କ ସହ ହରିପୁର କଲେଜ ଛକରେ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ତିନି ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସନ୍ତୋଷଙ୍କୁ ଟାଟା ମେଡିକା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଟାଟା ମେଡିକା ହସ୍ପିଟାଲରେ ଚିକିତ୍ସା ଚାଲୁଥିବା ସମୟରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ସମୂହ ଦୀପଦାନ

**କୁନ୍ଦଳ, ୨୨।୧୦(ସମିସ)**



ବଡ଼ଚଣା ସ୍ୱାଧୀନତା ସଂଗ୍ରାମୀମାନଙ୍କର ସ୍ମୃତିରେ ସମୂହ ଦୀପଦାନ ଉତ୍ସବ ପଲେଇ ବାରବାଟୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମୀ ଏକାଡେମୀ ବନ୍ଦରେଶ୍ୱର, ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦ, ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ମାନଧାତ ସ୍ମୃତି ପରିଷଦ ବିକ୍ରମତିରଣ ମିଳିତ ଆନୁକୂଲ୍ୟରେ ଏହି ନିଆରା ସମୂହ ଦୀପଦାନ ଉତ୍ସବକୁ ଅତିରିକ୍ତ ପୁଲିସ ଅଧିକ୍ଷକ ତଥା ସଂଗ୍ରାମୀ ଦାୟାଦ ଜୟନ୍ତ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏକାଡେମୀର ଉପଦେଷ୍ଟା ଶ୍ରୀକାନ୍ତ ସାମଲଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ସ୍ତମ୍ଭକାର ତଥା ପ୍ରାଧ୍ୟାପକ ଯତିନ୍ଦ୍ର ରାଉତ ଆମ ଅଞ୍ଚଳର ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଘର ସାଧାରଣ ସମ୍ପାଦକ ବିଜୟ ତ୍ରିପାଠୀ ନିଶା ନିବାରଣ ଓ ମୋବାଇଲ ଗେମ୍ ଠାରୁ ନିଜକୁ ଦୁରେଇ ରଖି ଭବିଷ୍ୟତ ଗଠନ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଡଭୋକେଟ ପ୍ରଫୁଲ୍ଲ କୁମାର ପ୍ରଧାନ, ଚଣ୍ଡିଖୋଲ ବାର୍ ଆସୋସିଏସନ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାଶ, ସମାଜସେବୀ ଦେବଦତ୍ତ ସାମଲ, ପ୍ରତାପ ଚନ୍ଦ୍ର ଧଳ, ସଂଗ୍ରାମୀ ଦାୟାଦ, ଶିକ୍ଷକ ଶୁଭେନ୍ଦୁ ପରିଡ଼ା, ଦାୟାଦ ପରୀକ୍ଷିତ ସାମନ୍ତରାୟ, ଶିକ୍ଷକ ଶରତ ସାମଲ, ଗୋପାଳପୁର ସରପଞ୍ଚ ପ୍ରତିନିଧି ଚିନ୍ମୟ ଶାନ୍ତି, କାର୍ଯ୍ୟକ୍ରମର ଭିତ୍ତିସ୍ଥାପକ ସୁଧାଂଶୁ ଦାଶ, ସୁଶାନ୍ତ ନାୟକ, ସତ୍ୟାନନ୍ଦ ଦାଶ, ବିଶ୍ୱରଞ୍ଜନ ଦାଶ, ଅକ୍ଷୟ ପାଣ୍ଡେ ପ୍ରମୁଖ ଯୋଗଦେଇଥିବା ବେଳେ ପୂର୍ବତନ ସମିତି ସଭ୍ୟ ଦିଲିପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉମେଶ ସାମଲ, ରଞ୍ଜିତ ଦାସ, ନରେଶ ପ୍ରଧାନ, ଜୀବନଜ୍ୟୋତି ସିଂହ, ରାହୁଲ ଜେନା, ଚନ୍ଦନ ପୁଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଅଶୋକ ସାମଲ, ବିଜୟ ସ୍ୱାଇଁ, କେତୁ ଜେନା, ପ୍ରଦୀପ୍ତ ମଲିକ, ଦୀନବନ୍ଧୁ ସାହୁ, ଜଗନ୍ନାଥ ବେହେରା, ଆଶୁତୋଷ ମହାରଣା, ଶିକ୍ଷକ ଲୋଟନ ପ୍ରଧାନ, ସନ୍ଦୀପ ପୁଟିଆ, ମଧୁ ବେହେରା, ପଙ୍କଜ ପୁଟିଆ, ରବିନାରାୟଣ ସାହୁ, ଜଗନ ବେହେରା, ମାନସ ଶାନ୍ତି, ଶକ୍ତିମୟ ସାହୁ, ସୁଶାନ୍ତ ବେହେରା, ଶ୍ରୀକାନ୍ତ ସାହୁ, ସୂର୍ଯ୍ୟପ୍ରକାଶ ସାହୁ, ସୁବ୍ରତ ସାମଲ, ରାଜ କିଶୋର ମଲିକ, କାର୍ତ୍ତିକ ଚନ୍ଦ୍ର ସାହୁ, ରବି ଜେନା, ଶତ୍ରୁଘ୍ନ ମଲିକ, ପପୁ ମଲିକ, ରଜତ ସ୍ୱାଇଁ, ସୁନୀଲ ମଲିକ, ସୁବ୍ରଜ୍ୟୋତି ଓଝା, ରଞ୍ଜିତ ବେହେରା ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ସ୍ତ୍ରୀ ହତ୍ୟାକାରୀ ସୁନାରାମ କୋର୍ଟଚାଲାଣ

**ଯଖପୁରା/ଦାନଗଦି, ୨୨।୧୦(ସମିସ):** ମଦ ନିଶାରେ ନିଜ ପତ୍ନୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୁକ୍ତ ସୁନାରାମ ସୋରେନକୁ କୋର୍ଟଚାଲାଣ କରାଯାଇଛି। ଗତକାଲି ଯଥପୁରା ପୁଲିସ୍ କଳିଙ୍ଗନଗର ଥାନା ଅନ୍ତର୍ଗତ ମହୁଲମୂଳଠାରୁ ତାକୁ ଧରି ହେପାଜତକୁ ଆଣିଥିଲା। ମଙ୍ଗଳବାର ରାବଣାଠାରେ ଥିବା ଇଟା ଫ୍ୟାକ୍ଟ୍ରିରେ ଏହି ହତ୍ୟାକାଣ୍ଡ ଘଟିଯାଇଛି। ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମି ଜିଲ୍ଲାର ପର୍ଦ୍ଦୁଡ଼ିହି ଥାନା ଅନ୍ତର୍ଗତ ଗିରିଜାଟୋଲା ଗ୍ରାମର ବିଶ୍ୱନାଥ ସୋରେନ୍‌ଙ୍କ ପୁଅ ଶ୍ରୀରାମ ସୋରେନ(୪୨)। ନିଜ ସ୍ତ୍ରୀ କର୍ପୁର ସୋରେନକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ସହିତ ନିଜ ୭ ବର୍ଷର ଝିଅର ମୁଣ୍ଡକୁ ହାଣି ଦେଇଥିଲା। ଇଟା ଫ୍ୟାକ୍ଟ୍ରି ମାଲିକଙ୍କ ଅଭିଯୋଗ କ୍ରମେ ଘଟଣାସ୍ଥଳରେ ଯଖପୁରା ପୁଲିସ ପହଞ୍ଚି ଘଟଣା ସମ୍ପର୍କରେ ଅନୁସନ୍ଧାନ ଚଳାଇ ମୁଖ୍ୟ ଅଭିଯୁକ୍ତ ଙ୍କୁ ଟମକା ଥାନା ଅନ୍ତର୍ଗତ ମହୁଲମୂଳ ଛକ ନିକଟରୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

## ଗାଡି ଧକ୍କାରେ ଜଣେ ମୃତ

**ବଡଚଣା, ୨୨।୧୦(ସମିସ):** ଅଜଣା ଗାଡ଼ି ଧକ୍କାରେ ୫୩ ନମ୍ବର ଜାତୀୟ ରାଜପଥର ବେଣାପୁର ଛକ ନିକଟରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଡକାଇ ବଡ଼ଚଣା ଡାକ୍ତରଖାନା ପଠାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଡ଼ଚଣା ପୁଲିସ ମୃତଦେହକୁ ଜବତ ପୂର୍ବକ ଏନେଇ ଏକ ଅପମୃତ ମାମଲା ରୁଜୁ କରିଥିଲେ। ପରେ ମୃତ ଶରୀରକୁ ବ୍ୟବଚ୍ଛେଦ କରାଯାଇ ସଂରକ୍ଷିତ କରି ରଖାଯାଇଥିବା ଜଣାଯାଇଛି।

## ଶୋ'ରୁମରେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**କବାଟବନ୍ଧ/ବ୍ୟାସନଗର, ୨୨।୧୦(ସମିସ):** କୋରେଇ ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟା ଠାରେ ଥିବା ହୁଣ୍ଡାଇ ଶୋରୁମରେ ମଙ୍ଗଳବାର କାର୍ଯ୍ୟରତ ଜନୈକ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନସ୍ଥ ଅରିମୂଳ ହତାସାହି ଗ୍ରାମର ସ୍ୱର୍ଗତ ଅଶ୍ୱିନୀ ବେହେରାଙ୍କ ଏକମାତ୍ର ପୁଅ ଅତୁଲ ବେହେରା ଓରଫ ସିପୁନ (୨୨) ଦୀର୍ଘ ଦିନ ହେବ କୋରେଇ ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟା ନିକଟରେ ଥିବା ହୁଣ୍ଡାଇ ଶୋରୁମରେ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ କାର୍ଯ୍ୟସ୍ଥଳରେ ତାଙ୍କୁ ଦିଆଯାଇଥିବା କାର୍ଯ୍ୟ ସମ୍ପାଦନ କରୁଥିବା ସମୟରେ ସିପୁନ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ତୁରନ୍ତ କର୍ମଚାରୀମାନେ ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ ଏବଂ ପରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲ। ସେଠାରେ ସିପୁନର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ କଟକର ଏକ ଘରୋଇ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ବୁଧବାର ଅପରାହ୍ନ ପ୍ରାୟ ୨ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ସିପୁନ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ହୁଣ୍ଡାଇ ଶୋରୁମ ପରିସରରେ କାର୍ଯ୍ୟ କରୁଥିବା ଅବସ୍ଥାରେ ସିପୁନଙ୍କ ମୃତ୍ୟୁକୁ ନେଇ ଅନେକ ଗୁମର କଥା ଶୁଣିବାକୁ ମିଳୁଛି। ସିପୁନ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ସହାୟକ କର୍ମଚାରୀ ମାନେ ଶୋରୁମରେ ବ୍ୟବହାର ହେଉଥିବା ଏୟାର କମ୍ପ୍ରେସର ପାଇପକୁ ତାଙ୍କ ମଳଦ୍ୱାରରେ ଭର୍ତ୍ତି କରି ଦେଇଥିଲେ। ଫଳରେ ତାଙ୍କର ବ୍ଲାଡ଼ର୍ ଫାଟିଯିବା ସହିତ ଫୁସଫୁସ ଏବଂ ପେଟ ଭିତର ଅନେକ ଅନ୍ତ ନାଡ଼ି ଫୁଲି ଯାଇଥିଲା। ତେବେ କେଉଁ କାରଣ ପାଇଁ ସିପୁନଙ୍କ ସହକର୍ମୀମାନେ ସିପୁନଙ୍କ ସହିତ ଏଭଳି ପୈଶାଚିକ କାର୍ଯ୍ୟ କଲେ ତାକୁ ନେଇ ସନ୍ଦେହଜାତ ହୋଇଛି। ସିପୁନର ମୃତ୍ୟୁ ପରେ ବୁଧବାର କର୍ତ୍ତୃପକ୍ଷ ହୁଣ୍ଡାଇ ଶୋରୁମ ବନ୍ଦ ରଖିଛନ୍ତି। ତେବେ ଏନେଇ କୋରେଇ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ଠାରୁ ଖବର ପାଇଛନ୍ତି। ମାତ୍ର ଏନେଇ କୌଣସି ବିଧିବଦ୍ଧ ଏତଲା ମୃତକଙ୍କ ପରିବାର ପକ୍ଷରୁ କୋରେଇ ଥାନାରେ ହୋଇ ନଥିବା ପ୍ରକାଶ କରିଛନ୍ତି। ତେବେ ଏନେଇ କଟକ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ମଙ୍ଗଳାବାଗ ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ପ୍ରେସ୍ କ୍ଲବ ଚଣ୍ଡିଖୋଲର ନୂତନ କର୍ମକର୍ତ୍ତା

**ବଡ଼ଚଣା, ୨୨।୧୦(ସମିସ):** ଚଣ୍ଡିଖୋଲ ପ୍ରେସ୍ କ୍ଲବର ଏକ ସାଧାରଣ ପରିଷଦ ବୈଠକ କାର୍ଯ୍ୟକାରୀ ସଭାପତି ବେଣୁଧର ପଣ୍ଡା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଗମୀ ତିନିବର୍ଷ ପାଇଁ ପ୍ରେସ୍ କ୍ଲବ ଚଣ୍ଡିଖୋଲର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ନିର୍ବାଚନ ଅଧିକାରୀ ଶିବରାମ ସାହୁଙ୍କ ପରିଚାଳନାରେ ସଭାପତି ଭାବେ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାବେ ଦିଲ୍ଲୀପ କୁମାର ମହାନ୍ତି, ଉପସଭାପତି ପ୍ରଶାନ୍ତ କୁମାର ଜେନା ଓ ସମରେନ୍ଦ୍ର ମାହାଲା, ସମ୍ପାଦକ ଭାବରେ ହେମନ୍ତ ଜେନା, ସହ ସମ୍ପାଦକ ଭାବରେ ସେକ୍ ସବିରୁଦ୍ଦିନ୍, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ଭାବରେ ସୁରେନ୍ଦ୍ର ସାମଲ ମନୋନୀତ ହୋଇଥିବା ବେଳେ ଆବାହକ ସଞ୍ଜୟ କୁମାର ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଭ୍ୟ ଭାବରେ ମୋହନ ଖିଲାର, ପ୍ରତାପ କୁମାର ରାଉତରାୟ, ମହେଶ୍ୱର ରାଉତ, ଭାରତ ଭୂଷଣ ପଣ୍ଡା, ମନୋଜ ସାହୁ ଓ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଭାବରେ ଅଭିମନ୍ୟୁ ଧଳ, ନରେନ୍ଦ୍ର କୁମାର ରାଉତ, ଶିବରାମ ସାହୁ, ଦେବବ୍ରତ ଦେବତା ପ୍ରମୁଖ ମନୋନୀତ ହୋଇଛନ୍ତି। ଶେଷରେ ମସିର ଆଲାମ୍ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରତାପ କୁମାର ଗୋଚ୍ଛାୟତ, ଦିଲ୍ଲୀପ କୁମାର ସାହୁ, ବସନ୍ତ ପଲେଇ, ସୁଲତାନ ସୈଫୁଲା ପ୍ରମୁଖ ଉପସ୍ଥିତ ଥିଲେ।



## ଯୁବତୀଙ୍କୁ ଅପହରଣ ଉଦ୍ୟମ ପଣ୍ଡ; ଜଣେ ଗିରଫ

**ଧର୍ମଶାଳା, ୨୨।୧୦(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟାମାଳିଆ ଏବଂ ଥାନୁଆଳ ରାସ୍ତାର ମଧ୍ୟ ଭାଗରେ ଜଣେ ଯୁବତୀଙ୍କୁ ଦୁର୍ବୃତ୍ତମାନେ ସିନେମା ଷ୍ଟାଇଲରେ କାର୍‌ରେ ଅପହରଣ କରିନେଉଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବତୀ ଜଣକ ଉଦ୍ଧାର ହୋଇଛନ୍ତି। ଜାରକା ସ୍ଥିତ ଏକ ସୁନା ଗହଣା ଦୋକାନରେ କାମ କରୁଥିବା ମୁରାରୀପୁର ଗ୍ରାମର ଦୁଇ ଜଣ ମହିଳା ୱାର୍କର କାମ ସାରି ଏକ ସ୍କୁଟିରେ ଫେରୁଥିବା ସମୟରେ ରାତି ପ୍ରାୟ ୮ ଟା ସମୟରେ ଏକ ବାଇକ୍ ତାଙ୍କୁ ପିଛା କରି ରାସ୍ତାରେ ଅଟକାଇଥିଲା। ପରେ ଏକ ଧଳା ରଙ୍ଗର କାରରେ ତିନି ଜଣ ଯୁବକ ଆସି ପହଞ୍ଚି ଦୁଇ ମହିଳାଙ୍କ ମଧ୍ୟରୁ ଜଣଙ୍କୁ କାର୍ ମଧ୍ୟକୁ ଟେକି ନେଇ ଥିଲେ। ଏହି ସମୟରେ ସାଥୀରେ ଥିବା ମହିଳା ଜଣଙ୍କ ଚିତ୍କାର କରିବାରୁ ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ବାଇକ୍ ଆରୋହୀ ପହଞ୍ଚିବା ସହ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ପହଞ୍ଚି ଯୁବତୀ ଜଣଙ୍କୁ ଉଦ୍ଧାର କରିଥିଲେ। ଅପହରଣକାରୀ ଜଣେ ଯୁବକଙ୍କୁ କାବୁ କରିବା ସହ ତା' ବାଇକ୍‌କୁ ଜବତ କରିଥିଲେ। ଧର୍ମଶାଳା ପୁଲିସ ସେଠାରେ ପହଞ୍ଚି ଅଟକଥିବା ଯୁବକକୁ ଥାନାକୁ ଆଣିବା ସହ ବାଇକ୍‌କୁ ଜବତ କରିଛି। ପୁଲିସ ସମ୍ପୃକ୍ତ ଯୁବକକୁ ପଚରା ଉଚରା କରିବା ପରେ ଆଜି ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ଜଣକ ସ୍ଥାନୀୟ ଥାନୁଆଳ ଗ୍ରାମର ଜିତେନ୍ଦ୍ର ଡୋରା। ଏନେଇ ଉଦ୍ଧାର ହୋଇଥିବା ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୬୬୪/୨୫ରେ ଏକ ମାମାଲା ରୁଜୁ କରି ତଦନ୍ତ କରୁଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଯୁବକମାନଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି ଏବଂ ଏହି ଘଟଣାରେ ଗିରଫ ହୋଇଥିବା ଯୁବକକୁ ଆସନ୍ତାକାଲି କୋର୍ଟଚାଲାଣ କରାଯିବ ସେ କହିଛନ୍ତି।

## ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଆକାଶଦୀପ



**ଧର୍ମଶାଳା, ୨୨।୧୦(ସମିସ):** ପ୍ରାଚୀନ ଶୈବପୀଠ ବାବା ଗୋକର୍ଣ୍ଣେଶ୍ୱର ମନ୍ଦିରରେ ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆକାଶଦୀପ ଉତ୍ତୋଳନ କରାଯାଇଛି। ଗୋକର୍ଣ୍ଣେଶ୍ୱର ମନ୍ଦିରରେ କେଉଁ ଆବାହନ କାଳରୁ ଆକାଶଦୀପ ଉତ୍ତୋଳନ ପରମ୍ପରା ରହିଆସିଛି। ଏହି କ୍ରମରେ ପ୍ରତ୍ୟେକ ଦିନ ପ୍ରାତଃରେ ଏକ କଳସରେ ଦୀପ ଲଗାଇ ବାଉଁଶ ଜରିଆରେ ଆକାଶ ଦୀପ ଉତ୍ତୋଳନ କରାଯାଉଛି। ଏହା କାର୍ତ୍ତିକ ମାସ ଶେଷ ପର୍ଯ୍ୟନ୍ତ ଜାରି ରହିବ ବୋଲି ମନ୍ଦିର ପୂଜକ ସୋମନାଥ ପାଢ଼ୀ ସୂଚନା ଦେଇଛନ୍ତି।

## ଇଟା ଫ୍ୟାକ୍ଟ୍ରିରେ ଚୋରା ଖଣିଜ ପଦାର୍ଥକୁ ନେଇ ସନ୍ଦେହ

**ଯାଜପୁର, ୨୨।୧୦(ସମିସ)**



ଯାଜପୁର ଜିଲ୍ଲାରୁ ଏବଂ ଜିଲ୍ଲା ବାହାରୁ ଖଣିଜ ପଦାର୍ଥ ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଖଣି ବିଭାଗ ପକ୍ଷରୁ ଠିକଣା ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଏହି ଚୋରି କାରବାର ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ସେଥିପାଇଁ ବିଭିନ୍ନ ସ୍ଥାନରୁ ଏଭଳି ଖଣିଜ ପଦାର୍ଥ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ ଆଦମପୁର ନିକଟରେ ଥିବା ଏକ ସିମେଣ୍ଟ ଇଟା ଫ୍ୟାକ୍ଟ୍ରିରେ ଗତକାଲି ଠାରୁ ଗୋଟିଏ ଟ୍ରିପ ଖଣିଜ ପଦାର୍ଥ ଢଳା ଯାଇଥିବା ଦେଖିବାକୁ ମିଳିଛି। ଏହା ଚୋରା କ୍ରୋମାଇଟ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଖବର ନେବାରେ ଜଣାଯାଏ ଯେ ଗତ ଦୁଇ ଦିନ ପୂର୍ବରୁ ଏକ କ୍ରୋମାଇଟ ବୋଝେଇ ଟ୍ରକ୍ ଏହି ଥାନା ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତର ହିଙ୍ଗୁଳା ପଡ଼ିଆରେ ଠିଆ ହୋଇଥିଲା। ମାଲ ବୋଝେଇ ଗାଡ଼ିଟି କାହିଁକି ପଡ଼ିଆରେ ଏତେ ଦିନ ଧରି ଛିଡା ହୋଇଛି। ଲୋକେ ସନ୍ଦେହ କରିବାରୁ ଗତକାଲି ରାତିରେ ଅଚାନକ ଗାଡ଼ିକୁ ନେଇ ଆଦମପୁର ସ୍ଥିତ ଜନୈକ ଇଟା ଫ୍ୟାକ୍ଟ୍ରି ଭିତରେ ତରବରିଆ ଭାବେ ଜେସିବି ଦ୍ୱାରା ଅନଲୋଡ୍ କରି ଗାଡ଼ିଟି ଚାଲିଯାଇଛି ବୋଲି ଜଣାପଡ଼ିଛି। ଆଜି ସକାଳେ ଘଟଣା ସମ୍ପର୍କରେ ଫ୍ୟାକ୍ଟ୍ରିର ମାଲିକ ସହିତ ଯୋଗାଯୋଗ କରାଯିବାରୁ ମାଲିକ ଜଣଙ୍କ ବାହାରେ ଥିବା ଘଟଣା ବିଷୟରେ ଅବଗତ ନଥିବା ଏବଂ ସନ୍ଧ୍ୟାରେ ଫ୍ୟାକ୍ଟ୍ରି ଗଲେ ବୁଝିବି ନେଇଉତ୍ତର ମିଳିନାହିଁ।

## ବଡ଼ଚଣାରେ ଚାଉଳ ଯୋଗାଣ ବିଳମ୍ବ

## ମଧ୍ୟାହ୍ନ ଭୋଜନ ବାଧାପ୍ରାପ୍ତ

**କୁନ୍ଦଳ, ୨୨।୧୦(ସମିସ):** ବଡ଼ଚଣା ବ୍ଲକରେ ମଧ୍ୟାହ୍ନ ଭୋଜନ ପାଇଁ ଉଦ୍ଦିଷ୍ଟ ଚାଉଳ ଯୋଗାଣରେ ବିଳମ୍ବ ଘଟିଛି। ବିଦ୍ୟାଳୟ ମାନଙ୍କରେ ଚାଉଳ ନଥିବାରୁ ବାଧ ହୋଇ ବଜାରରୁ ଚଢ଼ା ମୂଲ୍ୟରେ କିଣି ରୋଷେଇ କରାଯାଉଥିବା ଘଟଣା ସାମ୍ନାକୁ ଆସିଛି। ଦଶହରା ଛୁଟି ପରେ ପରେ ଯୋଗାଣକାରୀ ସଂସ୍ଥା ଚାଉଳ ଯୋଗାଇ ଦେବାରେ ଥିଲା। ଅକ୍ଟୋବର ୮ ତାରିଖରୁ ବିଦ୍ୟାଳୟ ଖୋଲିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବ୍ଲକର କୌଣସି ବିଦ୍ୟାଳୟରେ ଚାଉଳ ଯୋଗାଇ ଦିଆଯାଇନଥିବାରୁ ମଧ୍ୟାହ୍ନ ଭୋଜନ ବାଧାପ୍ରାପ୍ତ ହୋଇଛି। ବଡ଼ଚଣା ବ୍ଲକରେ ପ୍ରାଇମେରି ଓ ଅପରପ୍ରାଇମେରି ସ୍କୁଲ ସଂଖ୍ୟା ୨୪୬ ହୋଇଥିବା ବେଳେ ୬୨ ଗୋଟି ଉଚ୍ଚ ବିଦ୍ୟାଳୟ ରହିଛି। ପ୍ରତ୍ୟେକ ବିଦ୍ୟାଳୟରେ ସମାନ ଅବସ୍ଥା ଲାଗିରହିଥିବା ଜଣାପଡ଼ିଛି। ଖବର ନେବାରୁ ଜଣାଯାଏ ଇତି ମଧ୍ୟରେ ଯୋଗାଣକାରୀ ସଂସ୍ଥା ବଦଳିଯାଇଛି। ଯେଉଁ ସଂସ୍ଥା ଯୋଗାଇବା ଦାୟିତ୍ୱ ନେଇଛନ୍ତି ସେ କାହିଁକି ଏ ପର୍ଯ୍ୟନ୍ତ ବିଦ୍ୟାଳୟ ମାନଙ୍କରେ ଚାଉଳ ଯୋଗାଉ ନାହାଁନ୍ତି। ଯଦି ଯୋଗାଇବାରେ ତାଙ୍କର କ୍ଷମତା ନାହିଁ ତେବେ ପ୍ରଶାସନ ସେପରି ସଂସ୍ଥାକୁ କାହିଁକି ଚୟନ କରିଛନ୍ତି ବୋଲି ପ୍ରଶ୍ନ ଉଠିଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ। ତେବେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।